Digital Copy from the Author

ମୋ' ପିଲାଦିନ

ମଞ୍ଜୁବାଳା ଦାସ

ପାଠିକା

Digital Copy from the Author

ମୋ' ପିଲାଦିନ

ଲେଖିକା : **ମଞ୍ଜୁବାଳା ଦାସ**

ପ୍ରକାଶିକା : ପାଠିକା, ୧୨-ମୈତ୍ରୀଜନପଦ, ନହରକଣ୍ଟା
ଭୁବନେଶ୍ୱର - ୭୫୨୧୦୧

ପ୍ରଥମ ପ୍ରକାଶ : ୧୪ ଅପ୍ରେଲ୍, ୨୦୧୪

ଅକ୍ଷର ସଜ୍ଜା : ସୂର୍ଯ୍ୟମଣି ସାହୁ

ପ୍ରଚ୍ଛଦ : ବିଭୂତିଭୂଷଣ ପରିଜା – ୯୪୩୮୫୨୬୮୨୪
ନିରଞ୍ଜନ ମହାରଣା

ମୂଲ୍ୟ : **ଟ. ୧୨୦/-** (ଶହେ କୋଡ଼ିଏ ଟଙ୍କା ମାତ୍ର)

MO PILA DINA

(My Childhood)

Writer : **Manjubala Das**

Published by : **Pathika**, 12, Maitree Janapada
Naharkanta, Bhubaneswar - 752101

First Edition : 14 April, 2014

Type Setting : Suryamani Sahoo

Cover Design : Bibhuti Bhusan Parija – 9438526824
Niranjan Moharana

Price : **Rs. 120/-** (Rupees One Hundreds Twenty only)

Digital Copy from the Author

ମୋ' ବାପା
ଆଦର୍ଶ ଶିକ୍ଷକ ସ୍ୱର୍ଗତ ହରମୋହନ ଦାସ
ମୋ' ବୋଉ
ସ୍ନେହମୟୀ ଧୀରପ୍ରିୟା ଦାସ
ମୋ' ଜେଜେମା'
ପ୍ରଖର ସ୍ମୃତଶକ୍ତିଧାରଣୀ, ପୁରାଣ କାହାଣୀ
ଢଗଢମାଳିର କୁହୁକମୁଣି ସ୍ୱର୍ଗତା ଇଚ୍ଛାମଣି ଦାସ
ଯେଉଁମାନେ କି "ମୋ' ପିଲାଦିନ" କୁ ସୁଖମୟ,
ମଧୁମୟ ଗୀତିମୟ ଓ ସ୍ୱପ୍ନମୟ କରି ତୋଳିଛନ୍ତି –
ସେମାନଙ୍କ ପାଦତଳେ
ମୋର ଏଇ "ମୋ' ପିଲାଦିନ" ।

– "ମଞ୍ଜୁନା"

Digital Copy from the Author

Digital Copy from the Author

କଥା କେଇପଦ

ସଞ୍ଜ ସକାଳର କାଜର ପରି ଶୁଭ୍ର ସ୍ବଚ୍ଛ "ମୋ' ପିଲାଦିନ" । ମୋ' ପିଲାଦିନ ସତରେ କେତେ ସୁଖମୟ କେତେ ମଧୁମୟ ! କେତେ ସରଳ. କେତେ ନିଷ୍କପଟ ! ତା'ର ଅଭୁଲା ସ୍ମୃତି ମୋତେ ଏବେ ବି ବାଉଳା କରେ । ମୋ' ଜନ୍ମଭୂମି ଗାଁ' ଓ ମୋର ପିଲାଦିନ ପରସ୍ପର ସହିତ ଏମିତି ଜଡ଼ିତ ଯେ ମୋ' ଗାଁ'କୁ ଛାଡ଼ି ମୋ' ପିଲାଦିନର କଳ୍ପନା କରିହୁଏନା ।

ସବୁଜବଳୟଘେରା ମୋ' ଗାଁ', ତା'ର ଦୂର ଦିଗ୍‌ବଳୟ, ତା'ର ସଞ୍ଜ ସକାଳ, ପ୍ରଶାନ୍ତ ଆକାଶ, ଜହ୍ନତାରାର ରୋଶଣି, ଚଢ଼େଇମାନଙ୍କର କିଚିରିମିଚିରି କାକଳୀ, ବିସ୍ତୀର୍ଣ୍ଣ ସବୁଜ ଶସ୍ୟକ୍ଷେତ୍ର, ତା'ର ବଣବୁଦା, ତୋଟାମାଳ, ନଈପୋଖରୀର କାଚକେନ୍ଦୁ ଜଳ, ହେନା, ମଲ୍ଲୀ, ମଧୁମାଳତୀର ମହକ, ଭିଜାମାଟିର ବାସ୍ନା ଏବେ ବି ମୋତେ ଆନମନା କରେ । ଗାଁ' ଦାଣ୍ଡର ଧୂଳିଘର, ନଡ଼ିଆ ସଢ଼େଇ ଚୁଲି, ମିଛିମିଛିକା ଭାତଡିଅଣ ରନ୍ଧା, ଅସଂଖ୍ୟ ପ୍ରକାର ଖେଳ, ଖରାବେଳର କୋଳିତୋଳା, ଆମ୍ବ ସାଉଁଟା, ଖଟାପାଣି, ବଣଭୋଜି, ରଜଦୋଳି, କୁଆଁର ପୁନେଇ, ଖୁଦୁରୁକୁଣୀର ମଧୁର ସ୍ମୃତି ଆଜି ବି ଅପାଶୋରା । ମୋ' ଗାଁ'ର ପୁନିଅଁପରବ, ଯାନିଯାତ୍ରା, ମୋ' ସମ୍ପର୍କୀୟମାନଙ୍କର ସ୍ନେହ ମମତା ଆଜି ମୋର ସାଇତା ସ୍ମୃତି ।

ମୋ' ଜୀବନର ସବୁ ପାହାଚରେ "ମୋ' ପିଲାଦିନ" ମୋ' ସହ ଛାଇ ପରି ରହିଛି । ସାଂସାରିକ ଜୀବନ ଜଞ୍ଜାଳ ଚେଷ୍ଟାକରିଛି ମୋ' ପିଲାଦିନକୁ ଛଡ଼େଇ ନେବାକୁ । କିନ୍ତୁ ପାରିନି । ମୋ' ଭିତରେ ପିଲାମନଟିଏ କେଉଁଠି ନା କେଉଁଠି ଲୁଚି ରହିଛି । କେଉଁଠି ବାଲି ଦେଖିଲେ, ନଡ଼ିଆ ସଢ଼େଇଟି ହାତକୁ ଆସିଲେ, ମୁଁ ବସିପଡ଼ି ବାଲି ଘର ତୋଳେ । ଚୁଲି ପକାଏ । କୋକିଗୀତ କରେ । ପିଲାଦିନର ସ୍ମୃତିକୁ ସାଉଁଟିବାରେ ଲାଗେ । ଗାଁ'କୁ ଗଲେ ମୁଁ ଖୋଜେ ଅତୀତର ସେହି ଧାଡ଼ିଧାଡ଼ି ଚାଳଘର,

Digital Copy from the Author

ଆଉ ତାକୁ ଆବୋରି ରହିଥିବା ଗଛଗହଳିର ଘନସବୁଜିମା । କିନ୍ତୁ କାହିଁ ସେ ସବୁ ? ଖୋଜେ ମୋ' ଆତ୍ମୀୟ ଓ ସମ୍ପର୍କୀୟମାନଙ୍କର ଅଭୁଲା ସ୍ନେହ ମମତାକୁ । ହେଲେ କାହାନ୍ତି ସେମାନେ ??? ମନ ବାହୁନି ଉଠେ ।

ମୁଁ ଜଣେ ବିଶିଷ୍ଟ ଲେଖିକା ବା ବଡ଼ ମଣିଷ ନୁହେଁ ଯେ ମୋ' ଆତ୍ମଜୀବନୀ ଲେଖିବାର ଧୃଷ୍ଟତା କରିବି । ନିଜ କଥା ଅତିରଞ୍ଜିତକରି ଲେଖି ବିଜ୍ଞାପିତ ହେବା ଉଦ୍ଦେଶ୍ୟ ମୋର ନାହିଁ । ମୋ' ପିଲାଦିନର ବୁଡ଼ିଯାଉଥିବା ପରମ୍ପରା, ରୀତିନୀତି, ପୁନିଅପରବ, ସ୍ନେହସମ୍ପର୍କକୁ ଧରି ରଖିବାର ଏହା ଏକ ପ୍ରୟାସ ମାତ୍ର । କିଛି କେଉଁଠୁ ପଢ଼ିନି, କି ଶୁଣିନି, କି ସଂଗ୍ରହ କରିନି । ମୋ' ମନରେ ସାଇତା ଥିବା ଏକଦମ୍ ସତକଥା କେଇପଦ ଲେଖିଛି । ମୁଁ କିଛି ଜାଣିନି; ଛୁଟିରେ ଘରେ ବସିଛି । ଦିନେ ପିଲାଦିନ କଥା ଭାରି ମନେପଡ଼ିଲା । କଲମ ବାଧକଲା ସେ ସ୍ମୃତିଗୁଡ଼ିକୁ ଲେଖିବା ପାଇଁ । ପିଲାଦିନର ସ୍ମୃତି ସବୁ କଲମ ମୂନରେ ରୂପ ଦେବାପାଇଁ ଏ ମୋର ଆତ୍ମାର ଆହ୍ୱାନ । ଏହା ଭୁଲ୍ କି ଠିକ୍, ସାହିତ୍ୟ, କି ଅସାହିତ୍ୟ ପାଠକେ ବିଚାର କରିବେ ।

ସମୟ ସ୍ରୋତରେ କୁଟାଖିଅ ପରି ଭାସିଭାସି ଆସି ଏବେ ଜୀବନର ଅପରାହ୍ଣରେ ପହଞ୍ଚିଛି । ଚାକଚକ୍ୟଭରା ରାଜଧାନୀରେ ସ୍ୱାମୀ, ପୁଅ, ବୋହୂଙ୍କୁ ନେଇ ଯେତେ ଭୋଗବିଳାସରେ ରହିଲେ ବି, ମୋ' ଗାଁ, ମୋ' ପିଲାଦିନ ମୋତେ ହାତଠାରି ଡାକନ୍ତି । ମୋ' ପିଲାଦିନର ସୁଖ ନିକଟରେ ଆଜିର ଆଧୁନିକ ବିଳାସ, ସାଂସାରିକ ଜୀବନ ହାର୍ ମାନେ । ଜୀବନରେ ସବୁଠୁ ପ୍ରିୟତମ ମୋର ସେଇ ପିଲାଦିନ । ଯଦି ଈଶ୍ୱର ଆସି ମୋତେ କିଛି ବରଦାନ ଦେବାକୁ ଚାହାନ୍ତି, ମୁଁ କେବଳ ଏତିକି ମାଗିବି – 'ଫେରାଇ ଦିଅ ପ୍ରଭୁ "ମୋ' ପିଲାଦିନ", ଫେରାଇ ଦିଅ ।' ମୋ' ପିଲାଦିନକୁ ବହୁତ ଭଲପାଏ ବୋଲି ତ ମୋ' ହୃଦୟରେ ପ୍ରତି ମୁହୂର୍ତ୍ତରେ ଝଙ୍କୃତ ହୁଏ ଏଇ ଗୀତ ପଦକ –

'ଏ ଦୌଲତ୍ ଭି ଲେଲୋ, ଏ ଶୋହରତ୍ ଭି ଲେଲୋ,
ଭଲେ ଛିନ୍ ଲୋ ମୁଝ୍‌ସେ ମେରୀ ଜୱାନି,
ମଗର୍ ମୁଝ୍‌କୋ ଲୌଟାଦୋ ବଚ୍‌ପନ୍ କା ଶାୱନ୍,
ଔର୍ କାଗଜ୍ କି କସ୍ତି, ବାରିସ୍ କା ପାନୀ ।'

❑❑❑

Digital Copy from the Author

ପୃଷ୍ଠାରେ ପୃଷ୍ଠାରେ –

		ପୃଷ୍ଠା
❧	ଜନନୀ ଜନମ ଭୂଇଁ ଏଇ ମୋର ଗାଁ’	୦୯
❧	ସେଇଠି ଅଛି ମୋ’ ଷଠୀଘର	୧୪
❧	ଏଇଟି ଆମର ବାଡ଼ିବଗିଚା	୨୦
❧	କିଇସି କଥା ?... ବେଙ୍ଗୁଲୀ କଥା...	୨୬
❧	ମୋ’ ପେଏଁକାଳି ବଜେଇ ଦେ...	୩୩
❧	କିଆ କରଡ଼ି... ଆ’ ଦଉଡ଼ି.:.	୩୬
❧	ଆଜି ମାଛ ଝୋଳ, କାଲି ପଙ୍କୁଆଣି	୪୧
❧	ଅନ୍ନପୂର୍ଣ୍ଣା ଦେଇ ଆଉରି ଘୂରେ	୪୪
❧	କଲମ ଉଜ୍ଜ୍ୱଳ ହେଉ	୪୬
❧	ବମ୍ବେଇ ମିଠେଇବାଲାର ଘଣ୍ଟି ଟିଂ ଟିଂ	୫୩
❧	ଆବୁ ତାବୁ ଗିରି ସୂତା... ମା’ ବୋଇଲେ ପଢ଼ ପୁତା...	୫୬
❧	ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ପ୍ରେରଣା	୭୪
❧	ମୁଁ ନେହେରୁଙ୍କୁ ଦେଖିଛି	୭୫
❧	ଯାହାଙ୍କ ପାଇଁ ମୁଁ ମଣିଷ	୭୬
❧	ଆମେ ଯାହାର ଜୀବନନାଟିକା	୮୪
❧	କୋଳଟି ତା’ର ସରଗ ମୋର	୯୨

Digital Copy from the Author

❧	ସେମାନେ ଥିଲେ ମୋର ଦିଗବାରେଣୀ	୯୯
❧	ଭାଇ ଭଉଣୀ... କହ କାହାଣୀ	୧୦୩
❧	କାଉ କା' କା' କଲାଣି କୁଣିଆ ଆସିବେ	୧୦୮
❧	ନଇ ପାରିହେଲେ ମାମୁଘର ଗାଁ' ଦିଶେ	୧୧୩
❧	ଉଡ଼ିଉଡ଼ି ଯିବୁ ପତ୍ର ମୋହର	୧୧୮
❧	ଆଇଲା ଧୂମାଳ, ବୁଢ଼ୀକୁ ସମାଳ...	୧୨୧
❧	ଘରପୋଡ଼ିଠାରୁ ବିପତ୍ତି ନାହିଁ	୧୨୩
❧	ଜଳ ବିହୁନେ ଜୀବନ	୧୨୪
❧	ଆସ ଲୋ ! ପୋଖରୀପାଣି ଯିବା	୧୨୫
❧	ଆମର ଅପଢ଼ ପଢ଼ିଛି	୧୨୬
❧	ମଲୁ, ବଇଦ, ହୁକୁମ ଓ ବିଶ୍ୱାସ	୧୨୮
❧	କାଟ କାଟ ବୋଲି କାହାର ଆଜ୍ଞା...	୧୩୧
❧	ମାଛଗାଁ କେନାଲରେ କଲେଜ ଛାତ୍ରୀର ଶବ	୧୩୨
❧	ଝିଅଟିଏ ବୋଲି ସିନା	୧୩୪
❧	ମନେପଡ଼େ ସେଇ ହଳଦୀକାଠୁଆ	୧୩୭
❧	ନୂଆବୋହୂଟି ! ନଈକି ଗାଧୋଇ ଯିବୁନାହିଁଟି...	୧୩୯
❧	ଆମ ବେଳର ପୁନିଅ ପରବ	୧୪୨
❧	ସକାଳୁ ସଞ୍ଜଯାଏ ବାରପାଇଟି	୧୫୦
❧	ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମୋତେ	୧୫୫
❧	ବାଲୁତ ବେଳର ହେ ମୋର ସାଥୀ ଅୟୁତ ଦଣ୍ଡବତ	୧୫୮

❑❑❑

Digital Copy from the Author

ଜନନୀ ଜନମ ଭୂଇଁ ଏଇ ମୋର ଗାଁ

ମନେପଡ଼େ ପିଲାଦିନ । ମନରେ, ହୃଦୟରେ ଆଙ୍କି ହୋଇଯାଏ ମୋ' ଜନମଭୂଇଁ, ମୋ' ଗାଁ' ମୁଥାପଦାର ଶାନ୍ତ ସୁନ୍ଦର ଛବି । ସବୁଜିମାଘେରା ଆମ ଗାଁ ମୁଥାପଦା ଓଡ଼ିଶାର ବାଣୀକ୍ଷେତ୍ର ଜଗତସିଂହପୁର ଜିଲ୍ଲାରେ ଅବସ୍ଥିତ । ମା' ଶାରଳା ପୀଠ, ଆଦିକବିଙ୍କ ଜନ୍ମସ୍ଥାନ ଝଙ୍କଡ଼ ମଣ୍ଡଳ ମଧ୍ୟରେ ଆମ ଗାଁ' । ରାହାମା ରେଳ ଷ୍ଟେସନରୁ ଦୁଇ କିଲୋମିଟର ପୂର୍ବକୁ ୧୩ ନମ୍ବର କେନାଲ ବନ୍ଧ ଦେଇଗଲେ ପଡ଼େ ଆମ ଗାଁ' । କଟକ, ପାରାଦ୍ୱୀପ ରାସ୍ତାରେ ରାହାମାବଜାର ପୂର୍ବରୁ ତାଳପଡ଼ା ଗାଁ'ପଟେ ରବୀନ୍ଦ୍ର ସରଣୀ ଦେଇ ଦୁଇ କିଲୋମିଟର ଗଲେ ବି ପଡ଼େ ଆମ ଗାଁ' ମୁଥାପଦା । ବିଶ୍ୱକବି ରବୀନ୍ଦ୍ର ସରଣୀ ରବୀନ୍ଦ୍ରନାଥ ଠାକୁରଙ୍କ ନାମ ଅନୁସାରେ ନାମିତ । ପଣ୍ଡୁଆରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଜମିଦାରି ଥିଲା ।

ସେ ମଝିରେମଝିରେ ପଣ୍ଡୁଆ ଆସୁଥିଲେ; ଏଇଠି 'କବିତା' ଲେଖିଥିଲେ । ଆମ ଗାଁ'ର ଉତ୍ତର ଦିଗରେ ବହିଯାଇଛି ଶୀର୍ଣ୍ଣସ୍ରୋତା ବୁଡ଼ନଈ । ଦକ୍ଷିଣ ପାର୍ଶ୍ୱରେ ତାଳଦଣ୍ଡା କେନାଲର ୧୩ ନମ୍ବର ଶାଖା କେନାଲ । ଭରାଳୋ ଚନ୍ଦ୍ରଧ୍ୱଜପୁର, ନିଶ୍ଚିନ୍ତକୋଇଲି ଆମର ପଡ଼ିଶା ଗାଁ' । ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ରର ସବୁଜ ପଣତ ବିଛେଇ ହୋଇପଡ଼ିଛି ଆମ ଗାଁ'ର ଦକ୍ଷିଣ ଚକ୍ରବାଳ ଛୁଇଁ ।

ଆମ ଗାଁ' ଭିତରକୁ ପ୍ରବେଶ କଲେ ପ୍ରଥମେ ରହିଛନ୍ତି ବାବା କ୍ଷେତ୍ରପାଳ । କେଉଁ ଅନାଦି କାଳରୁ ବରଗଛ ଓସ୍ତଗଛ ଓ ତା' ସହ ନାମହୀନ ବୃକ୍ଷସବୁ ଛନ୍ଦାଛନ୍ଦି ହୋଇ ରହିଛନ୍ତି । କ୍ଷେତ୍ରପାଳ ବରଗଛରେ କାହିଁ କେଉଁ ଅମଳରୁ ଲଟେଇ ରହିଛି ଗୋଟାଏ ଅଜଣା ପ୍ରକାର ଲଟା । ସେ ଫୁଲ ମୁଁ ମୋ' ଜୀବନକାଳ ଭିତରେ ଆଉ କେଉଁଠି ଦେଖିନି । ଗାଁ'କୁ ପଶିବା ପୂର୍ବରୁ ସତେ ଯେମିତି ମିଠାମିଠା ବାସ୍ନା ପରଶି ଦେଇ ସେ ଆମକୁ ଓ ଆମ ଅତିଥିମାନଙ୍କୁ ସୁରଭି ଶୀତଳ ସ୍ୱାଗତ ଜଣାଏ । ସେହି ପବିତ୍ର ବୃକ୍ଷଛାୟାରେ ବିଜେ କରିଛନ୍ତି ବାବା କ୍ଷେତ୍ରପାଳ । ଆମ ଗାଁ' ଓ ନିଶ୍ଚିନ୍ତ କୋଇଲି ଗ୍ରାମବାସୀଙ୍କର

Digital Copy from the Author

ଆରାଧ୍ୟ ଦେବତା । ଭାଙ୍ଗ, ଗଞ୍ଜେଇ ତାଙ୍କର ପ୍ରସାଦ । ସକାଳେସଞ୍ଜେ ଧୂପଦୀପ ଦେଇ ତାଙ୍କର ଆରାଧନା କରାଯାଏ । ତାଙ୍କ ସମ୍ମୁଖ ପଡ଼ିଆରେ ବହୁ ବର୍ଷ ଧରି ବାରୁଣୀଯାତ୍ରା ହେଉଥିଲା । ବଡ଼ବଡ଼ ଅପେରା ଦଳ ଆସି ଖୋଲା ମଞ୍ଚରେ ଅପେରା ପରିବେଷଣ କରୁଥିଲେ । ଆଜିକାଲି ଆଉ ବାରୁଣୀଯାତ୍ରା ହେଉନି । ବାପା ଥିଲାବେଳେ ରଜ ତିନି ଦିନ ବାଦିପାଲାର ଆୟୋଜନ କରୁଥିଲେ । ପରମ୍ପରାକୁ ବଜାୟ ରଖିବା ପାଇଁ ଏବେ ମଧ୍ୟ ଆମ ଗାଁ ଲୋକେ ପ୍ରତିବର୍ଷ ପାଲା ବା ରାମଲୀଳାର ଆୟୋଜନ କରି ଚାଲିଛନ୍ତି ।

କ୍ଷେତ୍ରପାଳଙ୍କ ନିକଟରେ ପ୍ରାଥମିକ ବିଦ୍ୟାଳୟ ଓ ଗଣେଶ୍ୱର ଉଚ୍ଚ ବିଦ୍ୟାଳୟ । ପିଲାଦିନେ ଆମେ ସ୍କୁଲକୁ ଆସିଲେ ଆଗ କ୍ଷେତ୍ରପାଳଙ୍କ ପାଖରେ ମୁଣ୍ଡିଆମାରୁ । ଗାଁ'ରୁ କେଉଁଆଡ଼େ ଗଲାଆସିଲା ବେଳକୁ କ୍ଷେତ୍ରପାଳଙ୍କୁ ପ୍ରଣାମ କରି ଯାତ୍ରା ଆରମ୍ଭ କରୁ ।

ଗାଁ'ର ଶେଷ ମୁଣ୍ଡରେ ବିଜେ ହୋଇଛନ୍ତି ଆମ ଗ୍ରାମଦେବତୀ ମା' ମଙ୍ଗଳା । ପୁରୁଷପୁରୁଷ ଧରି ଗାଁ'ଲୋକମାନେ ମଙ୍ଗଳାଙ୍କୁ ପୂଜାକରି ଆସୁଛନ୍ତି । ପ୍ରତିଦିନ ସେ ହଳଦୀ ପାଣିରେ ଗାଧାନ୍ତି । ଚଡ଼ାଗୁଡ଼ ତାଙ୍କର ପ୍ରସାଦ । ସେହି ଚୁଡ଼ାଗୁଡ଼ କି ସୁମିଷ୍ଟ ସତେ ! ନନାଙ୍କ ପଛରେ ଆମେ ପିଲାଦିନେ ଗୋଡ଼ାଉ ପ୍ରସାଦ ପାଇବା ଲାଗି । ଗାଁ'ଲୋକ ପାଳିକରି ଭୋଗ ଦେଇଥା'ନ୍ତି । ପଣାସଂକ୍ରାନ୍ତିରେ ପଣା ଭୋଗ ହୁଏ । ପଣା ପାଇବା ପାଇଁ ସମସ୍ତେ ଗ୍ଲାସ୍ ଓ ଗଡୁଧରି ବସିଥାନ୍ତି । ପରିବାର ଲୋକସଂଖ୍ୟା ଅନୁସାରେ ପଣା ବଣ୍ଟାଯାଏ । ସେହିବର୍ଷ ଯାହାର ପୁଅ କି ଝିଅ ହୋଇଥାଏ, ସେ ଗୁଡ଼ ଦିଏ । ପୁଅ ହେଲେ ୧ କେଜି, ଝିଅହେଲେ ଅଧକେଜି । ପାର୍ବଣକୁ ଜନ୍ତାଳ ହୁଏ । ଚିଙ୍ଗୁଡ଼ି ପଡ଼ି ଯେଉଁ ଘାଣ୍ଟ ତରକାରି ହୁଏ, ତା'ର ସ୍ୱାଦ କେଉଁଠି ମିଳେନି । ପଞ୍ଚୁକରେ ରାହାସ ହୁଏ ଆମ ଗାଁ'ରେ । ବାହୁଙ୍ଗୀ ଟଙ୍ଗା ହୋଇ ଛାମୁଣ୍ଡିଆ ବନ୍ଧାହୁଏ ଗାଁ'ଦାଣ୍ଡରେ । ଚଉରାମୂଳେ ଲମ୍ବା ବାଉଁଶ ପୋତା ହୋଇ ଆକାଶଦୀପ ଟଙ୍ଗାଯାଏ । ମୋ' ମା' କୁହେ ରାତି ଅଧରେ ସମସ୍ତେ ଶୋଇଗଲା ପରେ ବାବାକ୍ଷେତ୍ରପାଳ ଓ ମା' ମଙ୍ଗଳା ଗାଁ' ବୁଲନ୍ତି । ଗୋଟେ ବଡ଼ ଆଲୁଅ ଗାଁ'ଦାଣ୍ଡରେ ଚାଲୁଥିବାର ଲୋକେ ଦେଖନ୍ତି ବୋଲି କୁହନ୍ତି । ଚାଳଘରେ ରହୁଥିବା ମା' ମଙ୍ଗଳାଙ୍କ ପାଇଁ ଆମ ଗାଁ' ପିଲାମାନେ ଏବେ ମନ୍ଦିରଟିଏ ତୋଳୁଛନ୍ତି ।

ଆମ ଗାଁ'ର ଉତ୍ତରପୂର୍ବ କୋଣରେ ବୁଡ଼ନଈର ଆରପଟେ ଶ୍ରୀ ଶ୍ରୀ ବ୍ରଜବିହାରୀଙ୍କ ମନ୍ଦିର । ଶ୍ରୀମନ୍ଦିର ଢାଞ୍ଚାରେ ଗଣେଶ୍ୱର ଦାସଙ୍କ ବ୍ୟକ୍ତିଗତ ଉଦ୍ୟମରେ ଏହି ମନ୍ଦିର

Digital Copy from the Author

ନିର୍ମିତ । ଏହାର ଚାରିପାଖରେ ବିଭିନ୍ନ ଫୁଲଫଳରେ ଭରା ବିରାଟ ବଗିଚା । ନାରିକେଳ, ଜାମୁଡୋଳ, ଆମ୍ବ, ପଣସ, ସପେଟା, ଗୋଲାପଜାମୁ, ଫାର୍ସାକୋଳି, ଓଉ, ଆଦି ଅନେକ ଫଳ ଗଛ ଓ ମାଳତୀ, ଗଙ୍ଗଶିଉଳି, ଚମ୍ପା, ମଲ୍ଲୀ, ଟଗର ଆଦି ଅସଂଖ୍ୟ ଫୁଲରେ ଭରା ଏଇ ବଗିଚା । ଏମିତି ବଗିଚା ଆମ ଅଞ୍ଚଳରେ ଅନ୍ୟନ୍ୟ । ଗୋଟିଏ ପାର୍ଶ୍ୱରେ ପୁଷ୍କରିଣୀ, ସିମେଣ୍ଟ ପାହାଚ ରହିଛି । ବର୍ଷସାରା ବିଭିନ୍ନ ପର୍ବପର୍ବାଣି, ଦେବସ୍ନାନ ପୂର୍ଣ୍ଣିମା, ଗୋବର୍ଦ୍ଧନ ପୂଜା, ଚନ୍ଦନଯାତ୍ରା, ଅଷ୍ଟପ୍ରହରୀ ଆଦି ବହୁ ଆଡ଼ମ୍ବରରେ ପାଳିତ ହୁଏ । ବିଭିନ୍ନ ଅଞ୍ଚଳରୁ ଲୋକମାନେ ଦେଖିବାକୁ ଆସନ୍ତି । ପିଲାଦିନେ ଏସବୁ ଖୁବ୍ ଉପଭୋଗ କରିଛି ମୁଁ । ଆମ ଆଖପାଖ ପାଞ୍ଚସାତ ଖଣ୍ଡ ଗାଁରେ ଏହାକୁ ଠାକୁରହୁଡ଼ା କହନ୍ତି । ଗଣି ଜେଜେ (ଗଣେଶ୍ୱର ଦାସ)ଙ୍କ ପାଖରେ ମୋ' ମୁଣ୍ଡ ନଇଁଯାଏ; କେତେ ବୁଦ୍ଧି, ଦୂରଦୃଷ୍ଟି ଆଉ ଭକ୍ତିଭାବ ନଥିଲା ତାଙ୍କର ! ଆମ ଗ୍ରାମର ଏହା ଏକ ଅମୂଲ୍ୟ କୀର୍ତ୍ତି ହୋଇରହିଛି ।

ଆମ ଗାଁଟି ଖୁବ୍ ଛୋଟ; ସତରେ ଛୋଟ ମୋର ଗାଁଟି । ପଚିଶଟି ପରିବାରକୁ ନେଇ ଆମ ଗାଁ' ମୁଥାପଦା । ମଝିରେ ଗାଁଦାଣ୍ଡ । ଦୁଇପଟେ ଧାଡ଼ି ଧାଡ଼ି ଘର । ଅଧିକାଂଶ ଚାଳଛପର ମାଟିଘର । ଉଚ୍ଚପିଣ୍ଡା । କରଣ ବସ୍ତି । ଅଳ୍ପ କେତେଘର ଅନ୍ୟ ଜାତିର । ସମସ୍ତେ ଗୋଟିଏ ପରିବାର ପରି ଚଳନ୍ତି । ତରକାରିଶାଗ, ପିଠାପଣା ଦିଆନିଆ ହୁଏ । କାହା ବାଡ଼ିରେ ଫଳ ପନିପରିବା ହେଲେ, ପୋଖରୀରୁ ମାଛ ଧରାହେଲେ, ସମସ୍ତଙ୍କ ଘରେ ବଣ୍ଟାଯାଏ । ସମସ୍ତେ ପରସ୍ପରର ସୁଖଦୁଃଖର ସାଥୀ । ମୋ' ଗାଁରେ ଜାତିଆଣ ଭେଦଭାବ ନାହିଁ । ସମସ୍ତେ ମିଳିମିଶି ଏକାଠି ଖେଳୁ । ଏକାଠି ଖୁଦୁରୁକୁଣୀ ପୂଜୁ । ରଜ ପାଳୁ । ସତରେ –

'ମୋ' ଗାଁର ସବୁରି ଘରେ ଆପଣା ପର ବିଚାର ନାହିଁ,
ସବୁରି ସାଥେ ଖେଳେ ମୁଁ ହସି ସଭିଏଁ ମୋର ଭଉଣୀ ଭାଇ ।'

ଆମ ଗାଁ' ଲୋକମାନେ ଭଦ୍ର । ଶିକ୍ଷିତ । ଶାନ୍ତିପ୍ରିୟ । ଛୋଟ ଗାଁଟି ହେଲେ ମଧ୍ୟ ଶିକ୍ଷା, ସଂସ୍କୃତି, କଳା, ବ୍ୟବସାୟ କ୍ଷେତ୍ରରେ ଆମ ଅଞ୍ଚଳରେ ଏହାର ସ୍ଥାନ ସ୍ୱତନ୍ତ୍ର । ଆମ ଗାଁର ମଙ୍ଗଳା ପାଠାଗାର, ମୁଥାପଦା ପ୍ରାଥମିକ ବିଦ୍ୟାଳୟ, ପ୍ରଭାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଣେଶ୍ୱର ଉଚ୍ଚ ବିଦ୍ୟାପୀଠ, ଶ୍ରୀ ଅରବିନ୍ଦ ପାଠଚକ୍ର ଆଦି ଅନୁଷ୍ଠାନ ରହିଛି । ୧୯୨୧ ମସିହାରୁ ବିଶ୍ୱନାଥ ଦାସଙ୍କ ସହଯୋଗରେ

Digital Copy from the Author

ପ୍ରାଥମିକ ବିଦ୍ୟାଳୟ ଓ ପ୍ରଭାକର ଦାସଙ୍କ ଉଦ୍ୟମରେ ପ୍ରଭାକର ମଧ୍ୟ ଇଂରାଜୀ ଓ ଗଣେଶ୍ୱର ବିଦ୍ୟାପୀଠ ସ୍ଥାପିତ ହୋଇଅଛି । ଘରେଘରେ ଶିକ୍ଷକ, ଅଧ୍ୟାପକ, ପ୍ରଶାସକ, ଇଂଜିନିୟର, ଉଚ୍ଚ ପଦସ୍ଥ ଅଫିସର, ବ୍ୟାଙ୍କ ମ୍ୟାନେଜର, ବଡ଼ବଡ଼ ବ୍ୟବସାୟୀ, ସଫଳ କୃଷକ ଆମର ଗାଁ'ର ନାମକୁ ଉଜ୍ଜ୍ୱଳ କରିଛନ୍ତି । ନାରୀଶିକ୍ଷାର ବିକାଶରେ ଆମ ଗାଁ' ଆମ ଅଞ୍ଚଳରେ ଅଗ୍ରଣୀ ଭୂମିକା ନେଇଛି ।

ଆମ ଗାଁ'ରେ ଗଣେଶ୍ୱର ଦାସଙ୍କର ବଡ଼ ଗୋଦାମ ଥିଲା । ଆଖପାଖ ପଚାଶ ଷାଠିଏ ଖଣ୍ଡ ଗାଁ'ରୁ ଅଧିକାଂଶ ଛୋଟ ଦୋକାନୀ ଓ ଲୋକମାନେ ଆବଶ୍ୟକ ଜିନିଷ କିଣି ନେଉଥିଲେ । ଆମ ଅଞ୍ଚଳରେ ପ୍ରଥମକରି ସେ ଗ୍ରାମକୁ ଆମର ଡିଜେଲଚାଳିତ ଧାନକଳ ଆଣି ପକାଇଥିଲେ । ଆଖପାଖ ଗାଁ'ରୁ ଧାନ କୁଟିବାକୁ ଆମ ଗାଁ'କୁ ଆସୁଥିଲେ । ପରେ ଆମ ଅଞ୍ଚଳର ପ୍ରଥମ ଇଞ୍ଜିନିୟର ରମେଶଚନ୍ଦ୍ର ମହାପାତ୍ର ଆମ ଗ୍ରାମକୁ ବିଜୁଳି ଆଣିବାରେ ବିଶେଷ ସହାୟକ ହୋଇଥିଲେ । ଏବେ ଧନିଦାଦା ଆଉ ମାର୍କଣ୍ଡ ଭାଇଙ୍କର ଏମିତି ଦି'ଟା ଧାନକଳ ଅଛି, ଯାହା ଉପରେ ପାଖ ଗାଁ'ଲୋକେ ଧାନକୁଟିବା ପାଇଁ ନିର୍ଭର କରନ୍ତି ।

କଳା ସଂସ୍କୃତି କ୍ଷେତ୍ରରେ ଆମ ଗାଁ' ଥିଲା ଅନନ୍ୟ । ମୋ' ଗାଁ'ର ସମସ୍ତେ, ଯାହାକୁ କହନ୍ତି ଗୋଡ଼ିମାଟି ବି କଳା ପ୍ରିୟ । ବର୍ଷସାରା ଆମ ଗାଁ'ଦାଣ୍ଡରେ ନାଟ, ପାଲା, ଦାସକାଠିଆ, ଦକ୍ଷିଣୀନାଚ, କଣ୍ଢେଇନାଚ, ରାହାସଯାତ୍ରା, ରାମନାମୀ ଆୟୋଜିତ ହୋଇଥାଏ । ଆମେସବୁ ଭାଇଭଉଣୀ ମିଶି ଡ୍ରାମାରେ ନିଜେ ଅଭିନୟ କରିଥାଉ । ପୂର୍ବରୁ ଆମ ଗ୍ରାମରେ ରତ୍ନାକର ଦାସଙ୍କ ନେତୃତ୍ୱରେ ଏକ ସଂକୀର୍ତ୍ତନ ଦଳ ଓ ନାଟ୍ୟ ସଂସଦ ଥିଲା । ଆମ ଅଞ୍ଚଳରେ କଳା ସଂସ୍କୃତିର ପ୍ରଚାରରେ ଆମ ଗାଁ'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଶିକ୍ଷା, ସଂସ୍କୃତି, କଳା, ବ୍ୟବସାୟର କେନ୍ଦ୍ରସ୍ଥଳ ମୋ' ଗାଁ' ମୁଆପଦା । ଏହାରି କୋଳରେ ମୁଁ ଜନ୍ମ । ଏହାରି ମାଟି ପାଣି ପବନରେ ମୁଁ ବଢ଼ିଛି । ଏହାରି ଛାତିରେ ପାଦଦେଇ ମୁଁ ଚାଲି ଶିଖିଛି । ଏ ଗାଁ' ଗାଡ଼ିଆର ଶାମୁକା ଦାଢ଼ରେ ମୋ' ନାହି କଟା ହୋଇଛି । ଏହାରି ବାଡ଼ିର ଚେର, ଲଟାପତ୍ର ଖାଇ ମୋର ରୋଗ ଭଲ ହୋଇଛି । ଏହାର ସୁନ୍ଦର ଆକାଶ, ସଞ୍ଜସକାଳର ଦୃଶ୍ୟ, ସବୁଜ ବନାନୀ, ପକ୍ଷୀର କାକଳୀ, ଜ୍ୟୋସ୍ନାଧୁଆ ମୋ' ଗାଁ' ଦାଣ୍ଡ ପୋଖରୀର କାଚକେନ୍ଦୁ ଜଳ, ମାଇଲ୍‌ମାଇଲ୍

Digital Copy from the Author

ବ୍ୟାପୀ କାଶତଣ୍ଡୀ ଫୁଲର ସମ୍ଭାର, ମଲ୍ଲୀ, ମଧୁମାଳତୀର ମହକ, ଦୂର ଦିଗ୍‌ବଳୟ ମୋତେ ପ୍ରକୃତିପ୍ରେମୀ କରିଛି । ମୋ' ଚାରିପାଖର ମଣିଷମାନଙ୍କର ଅଫୁରନ୍ତ ସ୍ନେହମମତା ମୋତେ ଭଲପାଇବା ଶିଖାଇଛି । ଏହାର କଳା ସଂସ୍କୃତି ଓ ଆଧ୍ୟାତ୍ମିକ ପରିବେଶ ମୋତେ କଳା ସଂସ୍କୃତି ପ୍ରତି ରୁଚି ରଖିବାରେ ଉତ୍ସାହିତ କରିବା ସହ ମୋ' ଭିତରେ ଆଧ୍ୟାତ୍ମିକ ଭାବନା ସୃଷ୍ଟିକରିଛି । ଏଇ ମାଟିରେ ମୋ' ଜୀବନର ମୂଳଦୁଆ ପଡ଼ିଛି । ପିଲାଦିନେ ପଢ଼ିଥିବା ବିଦ୍ୟୁତ୍‌ପ୍ରଭା ଦେବୀଙ୍କ କବିତା ମୋତେ ମୋ' ଗାଁ'କୁ ଭଲପାଇବା ଶିଖାଇଛି :

"ଧରାରେ ଯେଦିନ ପାଦ ଦେଇ ଆମେ କାନ୍ଦିଲୁ କୁଆଁକୁଆଁ,
ଗଢ଼ା ହେଲା ଏଇ ଜନମ ମାଟିରେ ଜୀବନର ମୂଳଦୁଆ ।"

ଆଜି ସମୟର ସ୍ରୋତ ଆମକୁ ଆମ ଗାଁ'ରୁ ବିଚ୍ଛିନ୍ନ କରିଦେଇଛି । ଆମେ ସମସ୍ତେ ନିଜନିଜ ଜଞ୍ଜାଳରେ ଏତେ ବ୍ୟସ୍ତ ଯେ ଗାଁ' କଥା ଭାବିବାକୁ ଆମ ପାଖରେ ସମୟ ଟିକେ ନାହିଁ । ଆମ ଗାଁ' ମୁଆପଦାର ପୁଅବୋହୂ, ଝିଅଜୋଇଁ ଓ ତାଙ୍କର ପିଲାମାନେ ଯିଏ ଯେଉଁଠି ଥାଆନ୍ତୁ ପଛକେ, ବର୍ଷକରେ ଦିନେ ଜାନୁୟାରୀ ମାସ ଦ୍ୱିତୀୟ ରବିବାର ଦିନ ଏକାଠି ହେଉଛୁ । ସେଦିନକୁ "ଆମ ଗାଁ' ମୁଆପଦା ଦିବସ" ରୂପେ ପାଳନ କରୁଛୁ । ସେଦିନ ଆମେ ଆମ ଗାଁ'ର ଭଲମନ୍ଦ, ତା'ର ଅତୀତର ମଧୁର ସ୍ମୃତି ଆଲୋଚନା କରିବା ସହ ଗାଁ'ର ଉନ୍ନତିମୂଳକ କାର୍ଯ୍ୟକ୍ରମ ବିଷୟରେ ବିଭିନ୍ନ ପଦକ୍ଷେପ ନେଉଛୁ । ଯିଏ ଯେଉଁଠି ଥିଲେ ବି, ଯେତେ ବିଳାସବ୍ୟସନପୂର୍ଣ୍ଣ ଜୀବନ ବିତେଇଲେ ବି, ଗାଁ' ପ୍ରତି ମୋହ ସମସ୍ତଙ୍କ ଭିତରେ ଅଛି । ସମସ୍ତେ ବର୍ଷକରେ ଥରେ ମୁଆପଦା ମହୋତ୍ସବରେ ଯୋଗ ଦେଇଥାନ୍ତି । କବି ବିଦ୍ୟୁତ୍‌ପ୍ରଭାଙ୍କ ଭାଷାରେ – "ଆଜି ଯେତେ ଭୋଗୁ ବିଳାସ ବ୍ୟସନ ହୋଇ ସଦା ପୋଥି କୀଟ; ଟାଣେ କିନ୍ତୁ ସେ ପ୍ରିୟପଲ୍ଲୀର ଶାନ୍ତ ମଧୁର ପୀଠ ।"

ମୋ' ଜନ୍ମଭୂଇଁ, ମୋ' ଗାଁ' ନିକଟରେ ମୁଁ ସଦା ଋଣୀ । ଜନ୍ମ ଜନ୍ମାନ୍ତରରେ ତା' ଋଣ ଶୁଝିହେବନି । ସେ ମୋର ଚିର ଅଭୁଲା, ଚିର ନମସ୍ୟା ।

'ଜନନୀ ଜନମ ଭୂଇଁ ଏଇ ମୋର ଗାଁ'
ଭୁଲିନାହିଁ ନ ଭୁଲିବି କେବେ ତା'ର ନାଆଁ ।'

❑❑❑

Digital Copy from the Author

ସେଇଠି ଅଛି ମୋ' ଷଠୀଘର

ସେଦିନ ଥାଏ ମହାବିଷୁବ ସଂକ୍ରାନ୍ତି । କୃତ୍ତିକା ନକ୍ଷତ୍ରଯୁକ୍ତ ଚୈତ୍ର ଶୁକ୍ଳ ତୃତୀୟା । ଏହି ପବିତ୍ର ଦିନରେ ମୋର ଜନ୍ମ ଏକ ଚାଳ ଛପର ମାଟିଘରେ । ମନେଅଛି ମୋ' ଗାଁ ମୁଥାପଦାରେ ଆମର ସେ ପୁରୁଣାଖଞ୍ଜା, ଯେଉଁଠି ବିତିଛି "ମୋ' ପିଲାଦିନ" । ଚାରିପଟେ ଘର, ମଝିରେ ବଡ଼ ଦୁଆର, ଅଗଣା, ଶୋଇବା ଘର, ରୋଷେଇ ଘର, କ'ଣ ଘର, ବାଟ ଘର ଓ ଲଙ୍ଘାକୁ ନେଇ ଆମ ଖଞ୍ଜା । ରୋଷେଇ ଘରକୁ ଭିତରଘର କହନ୍ତି । ଚତୁର୍ମାସ୍ୟାରେ ରନ୍ଧାହୁଏ ରୋଷେଇ ଘରେ, ଅନ୍ୟଦିନେ ଦୁଆର ଚୁଲିରେ ଭାତ ତରକାରି ରନ୍ଧାହୁଏ । ସେଇଠି ଅଛନ୍ତି ଇଷାଣ (ଦେଇପିଣ୍ଡି) । ବୋଉ ଗାଧେଇ ଦେଇପିଣ୍ଡିରେ ଫୁଲ ପାଣିଦିଏ । ପୁନିଅପରବରେ ଦେଇପିଣ୍ଡିରେ ରୋଷେଇ ହୋଇଥିବା ଖାଦ୍ୟ ଆଗ ଭୋଗ ହୁଏ । ଅଗାଧୁଆ କେହି ପଶନ୍ତିନି ସେ ଘରେ । ତା' ପାଖଘରକୁ କହନ୍ତି କଣଘର । ସେ ଘରେ ମୋର ଜନ୍ମ । ସେଇଠି ମୋ' ଷଠୀଘର ଅଛି । କାନ୍ଥରେ ମାଟିରେ କୋଠି କଟାହୋଇ ସେଥିରେ କଉଡ଼ି ମରାହୋଇଥିଲା । ମୋ' ଜେଜେମା', ବୋଉ ମତେ ଦେଖାଇ ଦିଅନ୍ତି – 'ଏଇ ଦେଖ ତୋ' ଷଠୀଘର ।'

"ମାଟିର ସେଇ ସରଗ ମୋର ସେଇଠି ଅଛି ମୋ' ଷଠୀଘର ।"

ମୋତେ କାଇଁକି କେଜାଣି ମୋ' ଷଠୀଘରକୁ ଦେଖିବାକୁ ଭଲ ଲାଗେ । ପ୍ରାୟ ଅନେକ ସମୟରେ ସେ ଘରକୁ ଯାଇ ଷଠୀଘରକୁ ହାତମାରି ଦେଖେ । ସମୟର କରାଳ ସ୍ରୋତରେ ମାଟିରେ ମିଶିଯାଇଛି ମୋ' ଷଠୀଘର ଓ ମୋର ସେଇ ମାଟିକାନ୍ଥ

Digital Copy from the Author

ନଡ଼ାଛପର ଆମ ଘର; ଯେଉଁଠି ବିତିଥିଲା ମୋର ମଧୁମୟ ପିଲାଦିନ । ମୂଳଦୁଆ ପଡ଼ିଛି । ଗାଁ'କୁ ଗଲେ ଯେମିତି ହେଲେ ସେ ମୂଳଦୁଆ ଉପରକୁ ମୁଁ ଉଠେ । ପ୍ରଣାମ କରେ । ମୋ' ମନ ପରଦାରେ ଭାସିଉଠେ ସେ ଘରେ ହଜିଲା ଦିନର ସ୍ମୃତି ।

ଆମର ସେ ପୁରୁଣା ଖଞ୍ଜାରେ ତିନୋଟି ପରିବାର ରହୁଥିଲେ । ଅଲଗା ରୋଷେଇ ହେଉଥିଲା ଅବଶ୍ୟ । ମୋ' ଜେଜେବାପା ଗୋପାଳ ଦାସ, ତାଙ୍କ ଦୁଇ ଭାଇ ଭଗବାନ ଦାସ ଓ ଗୋବିନ୍ଦ ଦାସ । ମୋ' ଜନ୍ମ ବେଳକୁ ମୋ' ଜେଜେବାପା ଗୋପାଳ ଦାସ ସ୍ୱର୍ଗବାସୀ ହୋଇସାରିଥିଲେ । ଆମ ପରିବାରରେ ମୋ' ଜେଜେମା' ଇଛାମଣି ଦାସ, ମୋ' ବାପା ହରମୋହନ ଦାସ, ମୋ' ବୋଉ ଧୀରପ୍ରିୟା ଦାସ, ଆମେ ପାଞ୍ଚ ଭାଇଭଉଣୀ ଅଞ୍ଜୁ, ତପନ, ବିନି, ଜିନୁ ଓ ମୁଁ । ସେଇ ଘରେ ରଞ୍ଜୁ ବୋଲି ଗୋଟିଏ ଭଉଣୀକୁ ମୁଁ ହରାଇଛି । ଗୋବିନ୍ଦ ଜେଜେ ଓ ତାଙ୍କ ସ୍ତ୍ରୀ ହାରାମଣି (ଆମର ଗଗଅପା) ଭଗବାନ ଜେଜେ ଓ ତାଙ୍କ ପୁଅ ନରୋତ୍ତମ ଦାସ, (ମୋ' ଦାଦା) ଖୁଡ଼ୀ ଲୋଭାବତୀ ଦାସ, ତାଙ୍କ ପୁଅ ଜିତେନ୍ଦ୍ର (କାଳିଆ) ପରେ ଆସିଲେ ତାଙ୍କ ଯାଆଁଳା ପୁଅ ବାବୁଲ, ଖୋକ (ତନ୍ମୟ, ଚିନ୍ମୟ) । ୧୪ ଜଣ ଆମେ ସେ ଘରେ ଏକାଠି ରହୁଥିଲୁ । ପୁଣି କୁଣିଆମଇତ୍ର ଅଧିକାଂଶ ସମୟରେ ଆସି ରହୁଥିଲେ । ଏକାଠି ଏତେ ଲୋକ ରହିବାରେ ଥିଲେ ଏକ ଭିନ୍ନ ଅନୁଭବ ।

ମୁଁ ମୋ' ବାପା ବୋଉଙ୍କର ବଡ଼ଝିଅ, ମୋ' ଜେଜେମା'ର ଗେହ୍ଲା ନାତୁଣୀ, ବାପା ଦାଦାଙ୍କ ପିଢ଼ିର ପ୍ରଥମ ସନ୍ତାନ । ସେଥିସକାଶେ ସବୁ ସ୍ନେହ ମମତା ଅଜାଡ଼ି ହୋଇ ପଡ଼ିଥିଲା ମୋ' ଉପରେ । ଖୁବ୍ ସୁଖମୟ, ମଧୁମୟ ଥିଲା ମୋର ପିଲାଦିନ । ମନଭରି ଉପଭୋଗ କରିଥିଲି ମୋର ପିଲାଦିନକୁ । ଦୁଃଖ, ଲୁହ, ଅଭାବ କିଛି ବି ସ୍ପର୍ଶ କରି ନଥିଲା ମୋତେ । ଅତି ଅଲିଅଳରେ ବିତିଥିଲା ମୋ' ପିଲାଦିନ । କେତେ ଅସୁମାରି ସ୍ମୃତି ସବୁ ସାଇତା ହୋଇ ରହିଛି ମୋ' ମନଗହନ ତଳେ ।

ଆମ ଖଞ୍ଜାର ଚାରିପଟେ ଘର, ମଝିରେ ବଡ଼ ଖୋଲା ଦୁଆର । ଏଇ ଦୁଆରକୁ ନେଇ ମୋର କେତେ ମଧୁର ସ୍ମୃତି । ଆଜି ବି ସ୍ମୃତି ମୋତେ ବାଉଳା କରେ । ବଡ଼ ଦୁଆର ଉପରେ ଖୋଲା ଆକାଶ । ସଞ୍ଜହେଲେ ବେଳବୁଡ଼ିଲେ ପୂର୍ବପଟରେ ଖୁଡ଼ୀ ଚୁଲି ଲଗାଇ ରୋଷେଇ କରେ, ପଶ୍ଚିମପଟେ ବୋଉ । ଦୁଆର

Digital Copy from the Author

ମଝିରେ ମା' ହେଁସ ମସିଣା ପାରି ଦେଇଥାଏ । ମଝିରେ ଜେଜେମା', ଦୁଇ ପାଖରେ ଆମେ ପିଲାମାନେ ଶୋଇଶୋଇ କେତେ ଗୀତ, କେତେ ଗପ ତା'ଠୁ ଶୁଣୁ । ଜେଜେ ମା'ର ସିଏ ମୁଣ୍ଡ ତ ନୁହେଁ ଗପର ଗୋଟାଏ ଖଣି । ରାଜାପୁଅ, ମନ୍ତ୍ରୀପୁଅ, ବୁଢ଼ୀ ଅସୁରୁଣୀ, ବିଲୁଆ ନନା, ଚୁଆଁଚୁଇଁ, ବେଙ୍ଗ ବେଙ୍ଗୁଲି, କୁହୁକ ରାଇଜ କଥା, କେତେ ଗପ, ଗପ ଭିତରେ ଗୀତ, ପୁଣି ଗୀତ ଭିତରେ ଗପ । ସବୁଦିନେ ନୂଆନୂଆ ଗପ ଶୁଣି ଆମେ କେତେ ଖୁସି ହେଉ କହିଲେ ନସରେ ।

ଗପଠାରୁ ମୋତେ ଆହୁରି ବେଶି ଆକର୍ଷିତ କରୁଥିଲା ରାତିର ଆକାଶ । ଦୁଆରେ ଶୋଇ ଆକାଶକୁ ଚାହିଁବାରେ ମୋତେ ଅଫୁରନ୍ତ ଆନନ୍ଦ ମିଳେ । ଅନ୍ଧାର ରାତିର ଗାଢ଼ କଳାରଙ୍ଗର ଆକାଶ; ତା' ମଧ୍ୟରେ ମିଟିମିଟି କରୁଥିବା ଅଗଣିତ ତାରାଙ୍କ ରୋଶଣି ମୋତେ ବିମୁଗ୍ଧ କରେ । ତାରା ଗଣିବାରେ ହଜିଯାଏ ମୁଁ । ଖୋଜେ ପ୍ରଶ୍ନବାଚୀ ଚିହ୍ନ ଆକାରର ସପ୍ତର୍ଷି ମଣ୍ଡଳକୁ; ତା' ମଧ୍ୟ ଦେଇ ଖୋଜେ ଧ୍ରୁବତାରାକୁ । କେଉଁଠି ତାରାଟିଏ ଚାଲିବାର କି ଖସିବାର ଦେଖିଲେ ପାଟିକରେ, "ଏଇ ଦେଖ ତାରା ଖସିଲା" । ମା' ସାଙ୍ଗେସାଙ୍ଗେ କହେ – 'ରାମ ରାମ କହିଦେ । ତାରା ଖସିବା, ତାରା ଚାଲିବା ଦେଖନ୍ତିନି ।' ମୁଁ ମା' କଥା ମାନିଯାଏ । ସନ୍ଧ୍ୟାତାରା ଓ କୁଆଁତାରାର ଦୃଶ୍ୟ ଆଜି ବି ମନରେ ଲାଖିରହିଛି ।

ଜହ୍ନ ରାତିରେ ଆକାଶର ସୁନ୍ଦର ଛବି ମୋତେ ବିମୋହିତ କରେ । କଳା ବାଦଲ କୋଳରେ ଜହ୍ନର ଲୁଚକାଳି ଖେଳ ଦେଖିଲେ କି ମଜାଲାଗେ ସତରେ ! ବାଦଲ ଭିତରେ ପଶିପଶି ଜହ୍ନମାମୁ ଯାଉଥିବାର ଦୃଶ୍ୟ ମନରେ କେତେ ପ୍ରଶ୍ନବାଚୀ ସୃଷ୍ଟିକରେ । ମା'କୁ ପଚାରେ – "ଜହ୍ନମାମୁ କୁଆଡ଼େ ଯାଉଛି ?"

ମା' କହେ – "ସେ ମାମୁ ଘରକୁ ଯାଉଛି ।"

ମୁଁ କହେ – "କେତେବେଳେ ପହଞ୍ଚିବ ?"

ସେ କହେ – "ସକାଳେ ।"

ଆମ ପିଲାଦିନେ ବିଜୁଳି ଆଲୁଅ ନଥିଲା । ଖରାଦିନେ ଗରମରୁ ରକ୍ଷା ପାଇବା ପାଇଁ ଦୁଆରେ ନଡ଼ିଆ ବାହୁଙ୍ଗା ଛାମୁଡ଼ିଆ ହୁଏ । ତା' ତଳେ ଦୁଆରେ ଆମେ

Digital Copy from the Author

ଶୋଉ । ଭାରି ମଜା ଲାଗେ । ଥଣ୍ଡା ବି ଲାଗେ । ମାଆ ରାତିସାରା କେଁ କେଁ କରି ବିଞ୍ଚଣା ବୁଲାଉଥାଏ । ଶୀତଦିନେ ଚୁଲିପାଖରେ ନିଆଁ ପୋଉ । ଚୁଲି ପାଖରେ ବସି ଖାଉ । ଲଣ୍ଠନ ଲଗାଇ ଦୁଆରେ ବସି ପାଠପଢୁ । ଆମର ଘଣ୍ଟା ନଥିଲା । ଦୁଆରେ ପଡ଼ିଥିବା ଚାଳର ଛାଇରୁ ସ୍କୁଲ୍ ଯିବା ସମୟ ଜାଣିପାରୁ । ଛାଇ ସେଇଠି ହେଲେ ସ୍କୁଲ ବାହାରୁ ।

ବର୍ଷାଦିନେ ବାରଣ୍ଡାରେ ବସି ଦୁଆରେ ବର୍ଷାକୁ ଉପଭୋଗ କରୁ । ନଳା ମୁହଁ ଦେଇ ଦୁଆରର ପାଣି ବାଡ଼ିଆଡ଼କୁ ଚାଲିଯାଏ । ଟପରଟପର ହୋଇ ଯେତେବେଳେ ମେଘ ବର୍ଷିଯାଏ ମୁଁ ଗୀତ ବୋଲେ –

'ମେଘ ବରଷିଲା ଟପର ଟପର କେଶୁର ମାଇଲା ଗଜା ।
ସାରୁଗଛ ମୂଳେ ବେଙ୍ଗଟିଏ ବସି ଆପେ ବୋଲାଉଛି ରାଜା ॥'

ବେଶି ବର୍ଷା ହେଲେ ଓଳିରୁ ପାଣି ଗଡ଼ିପଡ଼େ । ଓଳିତଳେ ନାଲି ରଙ୍ଗର ପାଣି, ଚା'ପରି ଦେଖାଯାଏ । ତାଟିଆ ଆଣି ପାଣି ନେଇଆସୁ । 'ଦେଖ ଚା' ଦେଖ ଚା' – ସମସ୍ତଙ୍କୁ ଦେଖାଏ । ଓଳି ତଳୁ ବର୍ଷା ପାଣି ପଡ଼ି କେତେ ଫୋଟକା ସୃଷ୍ଟିହୁଏ, । ଭାସି ଯାଇ ଅଳ୍ପ ସମୟ ପରେ ଫାଟିଯାଏ । ବଡ଼ବଡ଼ ଫୋଟକା କେତେ ସମୟ ରହୁଛି, କେତେ ବାଟ ଯାଉଛି ଦେଖେ । ବହୁତ ମଜାଲାଗେ –

'କେତେ ମଜା ଲାଗେ ଓଳିରୁ ବରଷା ପଡ଼େ ଝରି
ଫୁଟି ଭାସିଯାଏ ପାଣିରେ ଫୋଟକା ଅସୁମାରି ।'

ବେଳେବେଳେ ବର୍ଷା ବେଶି ହେଲେ କି ନଳା ମୁହଁ ବନ୍ଦ ହୋଇଗଲେ ଦୁଆରେ ପାଣି ଭର୍ତ୍ତି ହୋଇଯାଏ । ଇଚ୍ଛାହୁଏ ସେଥିରେ ପଶି ଖେଳିବାକୁ । ମା' ଛାଡ଼େନି । କାଗଜ ଡଙ୍ଗା ଦାଦା ତିଆରି କରିଦିଅନ୍ତି । ଭସାଉ । ଦାଣ୍ଡପିଣ୍ଡାକୁ ଯାଇ ଦାଣ୍ଡଗୋହରୀରେ ବହିଯାଉଥିବା ପାଣି ସୁଅରେ କାଗଜ ଡଙ୍ଗା ଭସାଇ ଗୀତ ଗାଉ –

'ଭାସିଯାଆ ମୋର କାଗଜ ଡଙ୍ଗା ଭାସିଯାଆ,
ବାଟଯାକ କେତେ ନୂଆନୂଆ ସାଥୀ ଭେଟୁଥାଆ ।'

Digital Copy from the Author

ଦାଣ୍ଡ ପିଣ୍ଡାରେ ଦାଦା, ସୁଲଅପା, ମା', କମଳାଅପା ଇତ୍ୟାଦି ତାସ୍ ଖେଳନ୍ତି । ଆମେ ସବୁ ଟିକିଟିକି ତାସ୍ ମୁଠାରେ ତାସ୍‌ଖେଳୁ । ଟିକି ତାସ୍‌ମୁଠା ମୋତେ ଭାରି ଭଲ ଲାଗେ । ମୁଢ଼ି ନଡ଼ିଆ ଚୋବାଉ । ଖୁଡ଼ୀ ଭଲ ଚାଉଳଭଜା, କଖାରୁମଞ୍ଜି ଭଜା କରେ । ଆମ ପିଲାମାନଙ୍କୁ ଦିଏ । ଆମେ ବସି ଚୋବାଉ । ଭଗବାନ ଜେଜେଠୁ ମୁଁ ବଗ ବିଲୁଆ, କଙ୍କଡ଼ା ଗପ ଶୁଣେ । ବେଳେବେଳେ ଦାଦା ହାରମୋନିୟମ୍ ଧରି ବଢ଼ିଆ ଗୀତ ଗାଆନ୍ତି । ଆମେ ଚାରିପଟେ ବସି ଶୁଣୁ । ବେଳେବେଳେ ହାରମୋନିୟମ୍ ଆଣି ମୁଁ ଟିକିଏ କେଁ କେଁ କରିଦିଏ ।

ଆମ ଖଞ୍ଜାକୁ ଲାଗି ଚାଳିଆଘର ଥାଏ । ଗୋଟେ ଗୁହାଳ ଆଉ ଗୋଟିଏ ଢିଙ୍କିଶାଳ । ଢିଙ୍କିଶାଳରେ ଅନେକ କାମ ହୁଏ । ଢିଙ୍କିଶାଳରେ ଢିଙ୍କି ପଡ଼ିଥାଏ । ମୋର ଅତି ପିଲାବେଳେ ମୁଁ ଦେଖିଛି କୁଟୁଣୀ ଆସି ଧାନ କୁଟି ଦେଉଥିଲେ । ପାରିଶ୍ରମିକ ଚାଉଳ ନେଉଥିଲେ । ପରେ ଗାଁରେ କଳ ହେଲା ପରେ ଧାନ କଳରେ କୁଟାହୁଏ । କିନ୍ତୁ ଓଷାବାର, ପୁନିଅ ପରବ, ବାହାଘର ଆଦିରେ ଢିଙ୍କିରେ ଅରୁଆ ଧାନ, ଚୂନା କୁଟାଯାଏ । ଖୁଦୁରୁକୁଣୀ ଓଷା ଢିଙ୍କିଶାଳରେ ହିଁ ହୁଏ । ଢିଙ୍କି ପୂଜା ହୁଏ । ନିରୋଳା ଯାଗାଟିଏ ବୋଲି ଢିଙ୍କିଶାଳେ ଝିଅ ବୋହୂମାନେ ବସି ଦୁଃଖସୁଖ ହୁଅନ୍ତି । ବୁଣାବୁଣି କରନ୍ତି ।

ଆମ ଘର ପିଢ଼ାରେ ମାଡ଼ିଥାଏ ଲାଉ, କଖାରୁ, ପାଣିକଖାରୁ, କେତେବେଳେ ବି ଶିମ୍ବଲଟା । ଚାଳ ଦେଖାଯାଏନି । ସତରେ ଯେମିତି ସବୁଜ ରଙ୍ଗ ଛପର ହୋଇଛି । ଆମେ ଫୁଲ ଦେଖୁ, ଫଳ କେତେଟା ହେଲା ଗଣୁ । ପାଣିକଖାରୁ ଓ ଲାଉ ପିଢ଼ାରେ ଶୋଇଥାନ୍ତି । ଦେଖିବାକୁ ଭଲଲାଗେ । ବର୍ଷାଦିନେ ଓଦା ଚାଳବାଟେ ଧୂଆଁ ବାହାରେ । ଦେଖି ମଜାଲାଗେ । ବର୍ଷକରେ ଥରେ ଫଗୁଣ ଚୈତ୍ର ମାସରେ ଘର ଛପର ହୁଏ । ଘର ଛପର ଦିନ ରାତିରୁ ଛପରାଳି ଆସି ଘର ଓଲାରି ଦିଅନ୍ତି । ଦୁଃଖଲାଗେ ଆମ ଘର କାହିଁ ଭାଙ୍ଗିଦେଲେ । ଚାରିଆଡ଼େ ଅଳିଆ ହୋଇଯାଏ ।

ଘର ଛପର ଦିନ ଆମର ରୋଷେଇ ବନ୍ଦ ହୁଏ । ପଖାଳ ଖାଉ । ଆମର ଗୋଟିଏ ମାଣ୍ଡୁଘର ଥାଏ । ସେଇଠି ସବୁ ଜିନିଷ ରଖିଥାଉ । ଓଲରା ହେବା ପରେ ଅନ୍ୟ ଘର ଭିତରୁ ଆକାଶ ଦେଖାଯାଉଥାଏ । ଖରା ପଡ଼ିଥାଏ । ଦେଖୁ । ଉପରବେଳ ସୁଦ୍ଧା ଘର ଛପର ହୋଇଗଲେ ନୂଆ ଛଣ ଛପର ଭଲ ଦେଖାଯାଏ । ଚାଳରେ

Digital Copy from the Author

ଆମ୍ବଡାଳ ଖୋସି ଜଟିଆଭାଇ ଶିଡ଼ିଲଗାଇ ସେଇଠୁ ହଳଦୀ ପାଣି ଢାଳେ । ମା' ସେହି ହଳଦୀ କାହାଳ ପାଣିକୁ କୁଲାରେ ଘରକୁ ଛାଟେ । ଆମକୁ ଏସବୁ ଦେଖିବାକୁ ମଜାଲାଗେ ।

ଆମ ଘର କାନ୍ଥ, ଦୁଆର ପିଣ୍ଡା ଗୋବର ଓ ବନ ମାଟିରେ ଲିପାପୋଛା ହୁଏ । ବୋଉ ଖୁଡ଼ୀ ଲିପନ୍ତି । ଦଶହରା, ମାଣବସା ଆଦି ପର୍ବପର୍ବାଣିରେ ପୂରା କାନ୍ଥ ଲିପାହୁଏ । ଗୋବର ମାଟି ଲିପା କାନ୍ଥରେ ଚିତା ଲେଖାହୁଏ । ଭାରି ସୁନ୍ଦର ଦେଖାଯାଏ କାନ୍ଥ । ମାଣବସାର ଆଠଦଶ ଦିନ ଆଗରୁ କାନ୍ଥରେ ଚିତା ଲେଖା ଆରମ୍ଭ ହୋଇଯାଏ । ଆଙ୍ଗୁଠିରେ ଛାଟି ଧାନଶିଶା ଚିତା ପକାନ୍ତି । ଉପର ଧାଡ଼ିରେ ବୋଉ ଆଉ ଖୁଡ଼ୀ ଫୁଲ ପତର ଲେଖନ୍ତି । ମୁଁ ବେଳେବେଳେ ତା' ଉପରେ ଚିତା ପକାଏ । ଦଶହରାରେ କଳସ, କଦଳୀ ଗଛ ଚିତା ଲେଖା ହୁଏ ।

ମୁଁ ଜନ୍ମ ହୋଇଥିବା ଚାଳଛପର ମାଟିଘରକୁ ନେଇ କେତେ ସ୍ମୃତି ସାଇତା ହୋଇରହିଛି । ମୋ' ଜନ୍ମରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଆମେ ସେଇ ମାଟିଘରେ ରହୁଥିଲୁ । ତା'ପରେ ବାପା କୋଠାଘର କଲେ । ମୋ' ଷଠୀଘର ଥିବା ପୁରୁଣା ଖଞ୍ଜାରୁ ଜିନିଷ ପତ୍ର ଆଣି ଆମେ କୋଠାଘରେ ରହିଲୁ । ଦାଦା ସେ ଘରେ ରହୁଥିଲେ । ସେମାନେ ବି କଟକରେ ଘର କରି ପଳାଇ ଆସିଲେ । ମହାବାତ୍ୟାରେ ସେ ଘର ଭାଙ୍ଗିଗଲା । ଧୂଳିସାତ ହୋଇଗଲା ମୋର ପ୍ରିୟ ପିଲାଦିନର ଘର । ମାଟିରେ ମିଶିଗଲା ମୋ' ଷଠୀଘର । ମୁଁ ଗାଁ'କୁ ଗଲେ ସେ ମୂଳଦୁଆ ଉପରେ ବସେ । ପ୍ରଣାମ କରେ । ଝୁରିହୁଏ ମୋ' ପିଲାଦିନର ଅନେକ ମଧୁର ସ୍ମୃତି ବିଜଡ଼ିତ ମୋ' ଘରକୁ । ଆଜି ଚାକଚକ୍ୟପୂର୍ଣ୍ଣ ସହରରେ ରହିଲେ ବି ମନେପଡ଼େ ମୋ' ଗାଁ', ମୋ' ଘର ଓ ମୋର ଷଠୀଘର ।

'ଯେତେ ଦେଖୁ ଆଜି ପ୍ରବାସେ, ସୁଚାରୁ
ଧବଳ ପ୍ରସୂତ ଗୃହ,
ନୟନେ ନାଚଇ ଚିର ଅଭୁଲା ସେ
ଗାଁ' ଷଠୀ ଘର ମୁହଁ ।'

❑❑❑

Digital Copy from the Author

ଏଇଟି ଆମର ବାଡ଼ିବଗିଚା

ଗାଁ'ରେ ଘରଟିଏ ଯେମିତି ନିହାତି ଆବଶ୍ୟକ; ତା' ସାଙ୍ଗକୁ ବାଡ଼ିର ଆବଶ୍ୟକତା ମଧ୍ୟ ସେତିକି । ଆମ ଗାଁ'ରେ ସମସ୍ତଙ୍କ ଘର ପଛପଟକୁ ଲାଗି ବାଡ଼ିଥାଏ । ଘରକୁ ଘର ଯେମିତି ଲାଗିଥାଏ, ସେମିତି ସମସ୍ତଙ୍କ ବାଡ଼ିକୁ ବାଡ଼ି ମଧ୍ୟ ଲାଗିଥାଏ । ମଝିରେ ବାଡ଼ ଥାଏ । ଆମ ବାଡ଼ିରେ ଥାଏ ବାଉଁଶବୁଦା, ଆମ୍ବ, ପଣସ, ପିଜୁଳି, କଦଳୀ, ନଡ଼ିଆ, ସଜନା, ବରକୋଳି ଆଦି କେତେ ଗଛବୃଛ । ତା'ସହ ବାରମାସୀ ଫୁଲ – ଟଗର, କନିଅର, ମନ୍ଦାର, ଋତୁକାଳୀନ ଗେଣ୍ଡୁ, ହରଗଉରା, ଆଦି ଫୁଲଗଛ । ଏହି ଫୁଲର ବାସ୍ନାରେ ମହକି ଉଠୁଥାଏ ବାଡ଼ିଘର ।

Digital Copy from the Author

କିଛି ଜାଗାରେ ପଟାଳି କରି ଲାଗିଥାଏ, ଖଡ଼ା, ଲେଉଟିଆ, କୋଶଳା ଆଦି ଶାଗ । କଞ୍ଚାଲଙ୍କା ଗଛଟି ଆଠକାଳି ବାରମାସି ଥାଏ । ପଖାଳ ଖାଇଲାବେଳେ ବାଡ଼ିରୁ ଲଙ୍କା ଛିଡ଼ାହୋଇ ଆସେ । ଆଃ କି ସୁଆଦ ତା'ର ! ବର୍ଷାଦିନେ ଜହ୍ନି, କାକୁଡ଼ି, ଛଚିନ୍ଦା, ଭେଣ୍ଡି, କଲରା ଇତ୍ୟାଦି ଲାଗିଥାଏ ।

ମୋର ବେଶି ଆକର୍ଷଣ କାକୁଡ଼ି ଭାଡ଼ି ଉପରେ । ଫୁଲଫୁଟି କଷି ଧରିଲା ମାତ୍ରେ ସବୁଦିନେ ଯାଇ କାକୁଡ଼ିଭାଡ଼ି ତଳେ ଗଳିକରି ଦେଖେ । କାକୁଡ଼ିକଷି ଟିକେ ବଡ଼ ହେଲେ ଛିଣ୍ଡାଇ ଖାଇଦିଏ । କଷି କାକୁଡ଼ି ଭାରି ଭଲ ଲାଗେ । ସେ ବାଡ଼ି ଓ ବର୍ଷାଦିନିଆ କାକୁଡ଼ିର ଯେଉଁ ବାସ୍ନା, ଏବେ ମିଳିବ କେଉଁଠୁ ? ଭାଡ଼ିତଳେ ସଂଖ୍ୟାଧିକ କାକୁଡ଼ି ଓହଳିଗଲେ ଭଲଲାଗେ ଦେଖିବାକୁ । ପିଲାମାନେ ବୁଲିବୁଲି କାକୁଡ଼ି ଚୋରି କରନ୍ତି । ମୁଁ କେବେ ଚୋରି କରିନି । ସମସ୍ତଙ୍କ ବାଡ଼ିରେ କିଛି ପନିପରିବା ଲଗାଯାଇଥାଏ । ହାଟକୁ ଯିବାକୁ ବିଶେଷ ପଡ଼େନି । ବାପା ହାଟରୁ ସବୁପ୍ରକାର ପରିବା ଆଣିଲେ ବି ବାଡ଼ି ପନିପରିବାର ସୁଆଦ ନିଆରା ।

ଦିନେଦିନେ ବୋଉ ନହେଲେ ଜେଜେ ମା' ଯାଇ ବାଡ଼ିରୁ ଶାଗ, କଖାରୁଫୁଲ, କଖାରୁଡଙ୍କ, ଭେଣ୍ଡି, ଛଚିନ୍ଦ୍ରା, କାକୁଡ଼ି ତୋଳି ଆଣନ୍ତି । ଭଲ ଲାଗେ ଦେଖିବାକୁ । ବାରପ୍ରକାର ଶାଗରେ ବୋଉ ଚୂନାପକା ଶାଗ (ମିଶାମିଶି ଶାଗ) କରେ । ସବୁଠୁ ପ୍ରିୟ ଶାଗ ସେ ମୋର । କଖାରୁଡ଼ଙ୍କ ରାଇ, ଖଡ଼ା ଛଚିନ୍ଦ୍ରା ରାଇ, କଖାରୁ ଫୁଲ ଭଜା, ସାରୁ ସଜନା ପତ୍ର ବଡ଼ି ତରକାରି । ସଜନା ଛୁଇଁ ବଡ଼ି ତରକାରିର ସ୍ୱାଦ ପାଟିରୁ ଛାଡ଼େନି । ଗାଁ' ତରକାରି ଶାଗ ଉପରେ ଏ ପର୍ଯ୍ୟନ୍ତ ମୋର ଲୋଭ । ଆଧୁନିକ ତରକାରିରେ ମୋର ରୁଚି ନଥାଏ ।

ଆମ ବାଡ଼ିର ଶେଷମୁଣ୍ଡ ପର୍ଯ୍ୟନ୍ତ ସାରୁ ଲଗାଯାଇଥାଏ । ଓଲୁଅ ବି ଲଗାଯାଏ । ବାଡ଼ କଡ଼ରେ ଦେଶୀଆଳୁ (ମାଟି ଆଳୁ) ଲଗାଯାଇଥାଏ । ସାରୁ, ଓଲୁଅ, ମାଟିଆଳୁ ଖୋଳା ହେଲେ ମୁଁ ଯାଇ ଦେଖେ । ମାଟିର ଏତେ ଭିତରକୁ ଯାଇ ଏତେ ବଡ଼ବଡ଼ ଦେଶୀଆଳୁ କେମିତି ହୋଇଛି ଆଶ୍ଚର୍ଯ୍ୟ ଲାଗେ । ଉପରେ ଆଳୁଲଟାରେ ଆଳୁମାନ୍ତରା ଥାଏ । ମା' ତୋଳି ଆଳୁମାନ୍ତରା ପୋଡ଼ିକି ମୋତେ ଖାଇବାକୁ ଦିଏ । ଭଲ ଲାଗେ । କହେ – 'ଆଳୁମାନ୍ତରା ଖାଇଲେ ଝାଡ଼ା ଠିକ୍ ହେବ, ଖାଇଦେ' । ଆଳୁ ପତର ଆମେ ପାଟିରେ ଦେଇ ବାଜା ବଜାଉ ।

Digital Copy from the Author

ସମସ୍ତଙ୍କ ବାଡ଼ିରେ ଓ ଆମ ବାଡ଼ିରେ କଦଳୀ ଗଛ ଥାଏ । କଦଳୀ ପତ୍ରରେ ତ ପର୍ବପର୍ବାଣି ଶ୍ରାଦ୍ଧ ଇତ୍ୟାଦିରେ ପତର ପକାଇ ଖାଇବାକୁ ଭଲ ଲାଗେ । କଦଳୀ ପାଟୁକା ନେଇ ଖୁଦୁରୁକୁଣୀରେ ଫୁଲଗୁନ୍ଥୁ । ମଞ୍ଜା ରାଇ ଓ କଦଳୀ ଭଣ୍ଡା ତରକାରି ଭାରି ସୁଆଦିଆ । ବାଡ଼ିରେ ଅନେକ ଗଛବୃକ୍ଷ ଆମର ଭାରି ଦରକାରରେ ଆସେ ।

ପିଲାଦିନେ ମୋତେ ଗଛ ଲଗାଇବାକୁ ଭଲ ଲାଗେ । ମୋତେ ଚିନାବାଦାମ ଖାଇବାକୁ ଭଲ ଲାଗୁଥିଲା । ଥରେ ଗୋଟିଏ କଞ୍ଚା ବାଦାମ ମଞ୍ଜି ପୋତିଲି । ପାଣି ଦେଲି । ସବୁଦିନେ ଯାଇ ଦେଖେ । ତିନିଚାରି ଦିନ ପରେ ଯେତେବେଳେ ଗଜା ବାହାରି ବୀଜପତ୍ର ମେଲିଲା, କି ଖୁସି ! ସେ ଖୁସି କୋଟିଏ ଟଙ୍କା ଦେଲେ ବି ମିଳିବନି । ବାଦାମ ଗଛ ବୁଦାଟିଏ ହେଲା । ସେ ଗଛକୁ ଦେଖି ସତେଯେମିତି ମୋ' ପେଟ ପୂରିଗଲା । ବାଦାମ ଖାଇବି କ'ଣ ? ସେତେବେଳେ ଆମର ବାଦାମ ଚାଷ ହେଉ ନଥିଲା । ଆମେ ଚିନାବାଦାମ ଗଛ ଦେଖିନଥିଲୁ ।

ମୁଁ କଖାରୁ ଗଛ ଲଗାଇଛି । କଖାରୁ ଗଛ ହେଲେ ମୋତେ ଏତେ ଆନନ୍ଦ ଲାଗେ, କହିଲେ ନସରେ । ଯେତେବେଳେ ଫୁଲ ଫୁଟେ, ଆହୁରି ଖୁସିଲାଗେ । ଆମେ ପଞ୍ଚମ ଶ୍ରେଣୀରେ ପରାଗ ସଙ୍ଗମ ପଢ଼ିଥାଉ । ମୁଁ ଅଣ୍ଡିରା ଫୁଲ ଛିଣ୍ଡାଇ ମାଈ ଫୁଲ ଉପରେ ଝାଡ଼ିଦିଏ । ବଡ଼ବଡ଼ ବୋଇତି କଖାରୁ ବାଡ଼ିରେ ଆଉ ଚାଳ ଉପରେ ଗଡୁଥିବାର ଦେଖିଲେ ମଜାଲାଗେ । ସବୁଦିନେ ମୁଁ କଖାରୁକୁ ଗଣେ । ସେତେବେଳର ସେ ଖୁସି ଅନୁଭବୀ ହିଁ ଜାଣେ । ଆମ ବାଡ଼ିରେ ମୁଁ ଈଶ୍ୱରଜଟା, ଗେଣ୍ଡୁ ଆଉ ହରଗଉରା ଗଛ କେତେ ଲଗାଇଥିଲି । ମୋତେ ବହୁତ ଭଲ ଲାଗେ ମଣ୍ଡା, ହରଗଉରିଆ ଫୁଲ । ବିଭିନ୍ନ ରଙ୍ଗର ଫୁଲ ସୁନ୍ଦର ଦିଶୁଥିଲା । ମୋ' ସାଙ୍ଗମାନଙ୍କୁ ମୋ' ଗଛ ଆଣି ଦେଖାଏ । ସେମାନେ ମଧ୍ୟ ଲଗାନ୍ତି । ଗଛ ଲଗାଇବାରେ କି ଆନନ୍ଦ ! ଆମ ବାଡ଼ିରେ ପିଜୁଳି ଗଛର ଡାଳ ଭୂଇଁକି ଲାଗିଥାଏ । ମୋଟା ଡାଳ । ଗଛଯାକ ପିଜୁଳି ଭର୍ତ୍ତି । ଗଛ ଉପରେ ବସି ପଢ଼ିବାକୁ ଭଲ ଲାଗେ । ଆମ ବାଡ଼ିରେ ବସି ପଢ଼ିଲେ ପାଠ ମନେରହିଯାଏ । ଡଲିକୁ ଡାକି ଠାକୁର ବାଡ଼ିକୁ ନେଇ ସାଙ୍ଗ ହୋଇ ପଢୁ । ଗଛବୃକ୍ଷ ଭିତରେ ବସିଲେ ଦିବ୍ୟ ଆନନ୍ଦ ମିଳେ ।

Digital Copy from the Author

ଆମ ବାଡ଼ିର ଗୋଟିଏ ଅଂଶରେ ଶୀତଦିନେ ଖଳା ହୁଏ । ତାକୁ ଖଳାବାଡ଼ି ବୋଲି କହନ୍ତି । ଧାନ ଅମଳ ପୂର୍ବରୁ ଅରମା ଘାସ ସଫାସଫି ହୋଇ ଲିପାପୋଛା ହୁଏ । ବୋଉ ଯାଇ ଚିତା ଲେଖେ । ଧାନ କଟା ହୋଇ ହଳା ଆସେ । ହଳା ଖଳାରେ ଗଦା ହୁଏ । ଏକାଠି ସଜେଇ ବଡ଼ବଡ଼ ଗଦା କରନ୍ତି । ଛଣକୁ ଅଲଗା ଗଦା କରନ୍ତି । ଛଣ ନେଇ ଆମେ ପିଲାମାନେ କୁଡ଼ିଆ ଘର କରି ଖେଳୁ । ବେଙ୍ଗେଲା ପଡ଼ି ସରିଲେ କୁଟା ଗଦାହୁଏ । କୁଟା ଗଦାକୁ ଚଢ଼ି ନାଚିବାକୁ ମଜା ଲାଗେ । ମା' କହେ, 'ଦେହ କଣ୍ଡି ହେବ' । କୁଟା ଗଦା ଉପରୁ ଆସିଲେ ମା' ଝାଡ଼ିଝୁଡ଼ି ଦିଏ ।

ହଳାରୁ ଧାନ ଅମଳ କରିବାକୁ ହେଲେ ବେଙ୍ଗେଲା ପକାଯାଏ । ଖଳାରେ ଗୋଟିଏ ମେରି ଖୁଣ୍ଟି ପୋତା ହୋଇଥାଏ । ଯେଉଁଦିନ ବେଙ୍ଗେଲା ପକାଇବାର ଥାଏ, ତା' ପୂର୍ବଦିନଠୁ ଗାଁ' ସାଇପଡ଼ିଶାରୁ ବଳଦ ମାଗିବାକୁ ପଡ଼ିଥାଏ । ସାତଆଠଟି ବଳଦ ଦରକାର ହୁଏ । ମେରିଆ ବଳଦ ମେରି ପାଖରେ ବୁଲେ । ତା' ପାଖକୁ ଲାଗି ପାଞ୍ଚଛଅଟି ବଳଦ ଥାଆନ୍ତି । ସବୁ ବଳଦକୁ ଦାଉଣିରେ ଯୋଚି ବେଙ୍ଗେଲା ପକାଯାଏ । ଶେଷ ବଳଦକୁ ଡାହାଣିଆ କୁହାଯାଏ । ସେ ବଳିଷ୍ଠ ଓ ଚଞ୍ଚଳ ହୋଇଥାଏ । ତଳେ ମେରି ଚାରିପଟେ ଗୋଲାକାର ହୋଇ ଧାନ ଗଦା ହୋଇଥାଏ । ପାଟିକରି ଟାକରା ଫୁଟାଇ ଜଣେ ବଳଦଙ୍କ ସାଙ୍ଗରେ ବୁଲୁଥାଏ ପାଞ୍ଚଣ ଧରି । ଜଟିଆ ଭାଇ କି ଦାଦା ବେଙ୍ଗେଲା ପକାଇଲା ବେଳେ ମୁଁ ତାଙ୍କ ସାଙ୍ଗରେ ବୁଲିଛି । ମୁଣ୍ଡ କ'ଣ ହେଲେ ପଳାଇ ଆସେ ।

ଧାନ ଝଡ଼ିଗଲେ ଉପରୁ କୁଟା କାଢ଼ି ଧାନ ଅମଳ କରାଯାଏ । ତାକୁ ଉଡ଼ାଯାଏ । ଧାନ ଉଡ଼ାଇ ପରିଷ୍କାର ହେଲା ପରେ ତାକୁ ଅମାର, ଖଣି, କାଣ୍ଡିରେ ରଖାଯାଏ । ଯା'ର ବେଶି ଅମଳ ହୁଏ, ସେ କାଣ୍ଡିପକାଏ । କୁଟା ଗଦା ବହୁତ ବଡ଼ ବଡ଼ । ଯିଏ ଯେତେ ବଡ଼ କାଣ୍ଡି ପକାଇଥାନ୍ତି ସେ ସେତେ ବଡ଼ ଧନୀଲୋକ । ଅହନ୍ତା ସାଧିବାକୁ ବେଳେବେଳେ ଶତ୍ରୁ ଲୋକ କାଣ୍ଡିରେ ନିଆଁ ଲଗାଇ ଦେଉଥିଲେ । ପୁଅ ପାଇଁ କନିଆ ଖୋଜାହେଲେ ସେମାନେ ପାଳଗଦା ଓ କାଣ୍ଡିରୁ ଜାଣୁଥିଲେ ପୁଅଘର କେତେ ଧନୀ ସେ ।

Digital Copy from the Author

ଶୀତଦିନେ ଖଳାରେ ବସି ଆମେ ଖରାପୋଉଁ । ପାଠପଢୁ । ପଖାଳ ଆଣି ସାଙ୍ଗମାନେ ଏକାଠି ବସି ଖାଉ । କିଏ ପଖାଳ କଂସା, କିଏ ଶାଗ, କିଏ ବଡ଼ିଚୂରା, ଭଜା, ଆଳୁଭଜା; ଯାହାଘରେ ଯାହାଥାଏ ଆଣି ସାଙ୍ଗ ହୋଇ ଖାଉ । ବହୁତ ମଜା ଲାଗେ । ବୋଉ, ଖୁଡ଼ୀ, ଝିଅବୋହୂମାନେ ଖଳାରେ ବସି ବୁଣାବୁଣି କରନ୍ତି ଓ ଗପସପ ହୁଅନ୍ତି ।

ଧାନ ଅମଳ ସରିଲେ ଖଳାବଡ଼ା ହୁଏ । ଅରୁଆ ଚାଉଳ ନଡ଼ିଆ ଗୁଡ଼ ଦେଇ ଜାଉ ହୁଏ । କ୍ଷୀର ପକାଇ କେହିକେହି କ୍ଷୀରୀ କରନ୍ତି । ପିଲାମାନଙ୍କୁ ଡାକନ୍ତି । ଆମେ ଘରୁ ଥାଳିଆ ନେଇ ଯାଉ । ଗୋଲ୍ ହୋଇ ବସୁ । କ୍ଷୀରୀ ଦିଆଯାଏ । ବସିବସି ଖାଉ । ଜାଉ ମୋତେ ଭାରି ଭଲ ଲାଗେ । ଖାଇସାରିଲେ ହରିବୋଲ ପକାଇ ଆସୁ ।

ଆମ ବାଡ଼ିରେ ପୋଖରୀ ଥିଲା । ଏବେ ବି ଅଛି । ଆମର ଦୁଇଟା ବାଡ଼ି । ସେଥିରେ ଦୁଇଟି ପୋଖରୀ । ଆର ବାଡ଼ି ପୋଖରୀରେ କିଛି ଧୁଆଧୋଇ ହୁଏନି । ସେ ପାଣିକୁ ପିଆଯାଏ । ତାକୁ ଗରମ କରି ସିଝାଇ ପିଆଯାଏ । ଏ ପୋଖରୀରେ ଗାଧୁଆପାଧୁଆ ସଫାସଫି ଯାବତୀୟ କାମ ହୁଏ । ଜାଲ ପକାଇ, ବନିଶି ପକାଇ ମାଛଧରା ହୁଏ । ପୋଖରୀ ପାହାଚ ଉପରେ ବସି ଟେକା ପକାଇ ଜଳ ଭଉଁରୀ ଦେଖିବାକୁ ମତେ ଭଲଲାଗେ । ପାହାଚ ଉପରେ ବସି ବହି ପଢ଼େ । କବିତା ଲେଖେ । ପୋଖରୀ ହୁଡ଼ା ଓ ବୁଡୁନଈ ହୁଡ଼ାରେ ଶାମୁକା ପଡ଼ିଥାଏ । ଶାମୁକା ଗୋଟାଉ । ଶାମୁକା ଭାରି କାମରେ ଆସୁଥିଲା । ଶାମୁକାରେ ଏନ୍ତୁଡ଼ିଶାଳେ କଅଁଳାପିଲାର ନାହି କଟା ଯାଉଥିଲା । କ୍ଷୀର ସିଝିଗଲା ପରେ ହାଣ୍ଡିରେ ଯୋଉ କୋରୁଅ ଲାଗିଥାଏ ତାକୁ ଶାମୁକାରେ କୋରି ଖାଉ । ଭଲ ଲାଗେ । ଶାମୁକାରେ ଉଷୁମ ତେଲ କାନରେ ପକାଯାଏ । କୌଣସି ଘା' ବଥ ହେଲେ ଲଗାଯାଏ । ସେତେବେଳେ ଚାମଚର କାମ ଶାମୁକା କରୁଥିଲା । ବରଂ ଚାମଚଠାରୁ ଶାମୁକାର ଅଧିକ ପ୍ରକାର ବ୍ୟବହାର ଥିଲା । ଆମ ପୋଖରୀହୁଡ଼ାର ନଡ଼ିଆ, ଆମ୍ବ, ମନ୍ଦାର, ଟଗର ଆଦି କେତେ ଫଳଫୁଲଗଛ ଥାଏ । ପିଲାଦିନେ ଏଇଠି ଡଙ୍ଗା ଭସାଉ । ମାଛ ଖାଇବାକୁ ମାଛରଙ୍କା ଚଢ଼େଇ ଓ ବଗ ଆସି ବସନ୍ତି ।

Digital Copy from the Author

ବର୍ଷାଦିନେ ଆମ ବାଡ଼ିରେ ପାଳଗଦାରେ ଛତୁ ଫୁଟେ । ତଳେ ମଧ୍ୟ ଛତୁ ଫୁଟେ । ହୁଙ୍କାରେ ବି ଛତୁ ଫୁଟେ । ସବୁ ଛତୁ ଅଲଗା ଅଲଗା । ଯେଉଁ ଛତୁ ଖିଆଯାଏ ମା' ଆଣିଥାଏ । ହୁଙ୍କା ଛତୁ, ପାଳଛତୁ ବାଲିଛତୁ ଭଲ । ଛତୁ ଆମ୍ବୁଲ ତରକାରି ହୁଏ । ଛତୁ ପୋଇପତ୍ର ବେସର ଦେଇ କଖାରୁପତ୍ରରେ ବନ୍ଧାହୋଇ ପୋଡ଼ା ହୁଏ । ଭାରି ସୁଆଦିଆ ।

ଆମ ବାଡ଼ିରେ ଗୋଟିଏ କଡ଼କୁ ବଡ଼ ଗାତ ଖୋଳା ହୋଇଥାଏ । ତାକୁ ଖତଗଦା କହନ୍ତି । ଘରର ଯାବତୀୟ ଅଳିଆ ସେ ଖତଗଦାରେ ପଡ଼େ । ଚୁଲିରୁ ପାଉଁଶ କଢ଼ା ହୋଇପଡ଼େ । ଗୋବର ମଧ୍ୟ ପଡ଼େ । ରାତିବିକାଳି ବର୍ଷା ଦିନେ ମୋତେ ଝାଡ଼ା ଲାଗିଲେ ମା' ନେଇ ସେଇଠି ଝାଡ଼ା ବସାଇଦିଏ । ବର୍ଷକ ପରେ ଖତଗଦାରୁ ଖତ କଢ଼ା ହୋଇ ବିଲକୁ ଯାଇ ବିଲରେ ପଡ଼େ । କିଏ ବଳଦ ଗାଡ଼ିରେ କିଏ ବୋଝରେ ଖତ ନେଇ ବିଲରେ ପକାନ୍ତି ଧାନ ଭଲ ଫଳିବ ବୋଲି ।

ଆମ ବାଡ଼ିରେ ଗୋବରଖାତ ଥିଲା । ସମସ୍ତଙ୍କ ଘରେ ବଳଦ ଓ ଗାଈ, ବାଛୁରୀ ଥାଆନ୍ତି । ଗୁହାଳରେ ମା' କି ଜଟିଆଭାଇ ଗୋବର ଖାତରେ ଗୋବର ପକାନ୍ତି । ଗାତ ଭିର୍ତ୍ତି ହୋଇଗଲେ ମା' ଗୋବର କାଢ଼େ । ଗୋବର ଚକଟି ଗୋଲ ଗୋଲ ଗୁଳା କରି ତାରିବାକୁ ଘସିପକା କହନ୍ତି । ଚାଳ ଉପରେ, ନହେଲେ ବାଡ଼ି ପିଣ୍ଡାରେ ବାଡ଼ିରେ ଘସିପରା ହୁଏ । ଘସି ଶୁଖିଗଲେ ତାକୁ ଭାଡ଼ିବାନ୍ଧି ସଜେଇ ରଖନ୍ତି । ଘସି ଭଲ ଜାଳ ହୁଏ । ବାଡ଼ିରୁ ପତ୍ର, ନାଗୁଆଣି ତାଙ୍କ ସବୁ ଯୋଗାଡ଼ କରି ରୋଷେଇ କରନ୍ତି । ବାଡ଼ିବଗିଚା ଆମର ବହୁତ କାମରେ ଆସେ । ଭାରି ସୁନ୍ଦର ଏହାର ପରିବେଶ ।

'ଏଇଟି ଆମର ବାଡ଼ିବଗିଚା
ତଳେ ପଡ଼ିଛିକି ଘାସ ଚାଳିଚା
ପରଜା ପଡି ତରକା ଅତି
ଏଇଠି ବୁଲେ, ଫୁଲରେ ଝୁଲେ ।'

❑❑❑

Digital Copy from the Author

କିଇସି କଥା ?... ବେଙ୍ଗୁଲୀ କଥା...

ପିଲାର ବୟସ ଅନୁସାରେ ତା'ର ରୁଚି ବଦଳେ । ତିନିଚାରି ବର୍ଷ ବେଳେ ଯେଉଁ ଖେଳ ଖେଳୁଥିଲି ଆମକୁ ସାତଆଠ ବର୍ଷ ହେବା ବେଳକୁ ସେସବୁ ଖେଳ ବଦଳିଗଲା । ଦଶବାର ବର୍ଷ ବେଳକୁ ଅନ୍ୟ ଖେଳ ଖେଳିଲୁ । ଅତି ଛୋଟ ବେଳେ ଜେଜେ ମା' ପାଖରେ ବସି ଖେଳୁଥିଲୁ । ଗୀତରେ ଜେଜେମା' ଖେଳଉଥିଲା । ବୋଉର ଚାରି ପାଞ୍ଚ ପୁଅ ଝିଅ ତଳ ଉପର ହୋଇଥିବାରୁ ସମସ୍ତଙ୍କ ଯତ୍ନ ନେବା

Digital Copy from the Author

ସମ୍ଭବ ନଥିଲା । ଟିକେ ବଡ଼ ହୋଇଗଲେ ଜେଜେ ମା' ତାଙ୍କ ଖବର ବୁଝେ । ଜେଜେମା' ତା' କୋଳରେ ଶୁଆଇ କେତେ ଗପ ହୁଆନ୍ତି କେତେ ଗୀତ ବୋଲୁଥିଲା ।

ମୁଁ ତା'ର ବଡ଼ ନାତୁଣୀ । ମତେ ଗୀତବୋଲି ଶୁଆଉଥିଲା । ମୋ' ସାନଭଉଣୀମାନଙ୍କୁ ମଧ୍ୟ ସେ ଗୀତବୋଲି ଶୁଆଉଥିଲା, ଖେଳଉଥିଲା । ମୋ ବଡ଼ ପୁଅ (ତା'ର ଅଣନାତି)କୁ ସେ ପାଳିଲା ବେଳେ ସେଇ ଗୀତ ସବୁ ବୋଲେ । ମୋର ମନେ ରହିଯାଇଛି । ଏହା ଆମ ଅଞ୍ଚଳର ଲୋକ ସଂଗୀତ । ଏହା କୌଣସି ବହିରେ ମିଳିବନି । ମୋତେ ବହୁତ ଭଲ ଲାଗେ ସେ ଗୀତ । ସେ ଗୀତ ଗୁଣୁଗୁଣେଇଲେ ସତେଯେମିତି ସେଦିନର ସେ ପିଲାଦିନ ଫେରିଆସି ପାଖରେ ଠିଆହେଲା ପରି ଲାଗେ । ଜେଜେ ମା' ଆଜି ଏ ଦୁନିଆରେ ନାହିଁ । ତା' ଗୀତ, ତା' ସୁର, ତା' ଦରଦ ଏବେ ବି ମୋ' ମନ ଆଉ ହୃଦୟରେ ଗଣ୍ଠିଧନ ପରି ସାଇତା ହୋଇ ରହିଛି ।

'ମାଆ ସାଆନ୍ତାଣୀ ବଉଳର ବେଣୀ
ବଉଳର ମୂଳେ ଘର,
ବାପା ସଜାଡ଼ନ୍ତି ଡୋଲା ଗଉଡ଼ ଲୋ
ଭାଇ ସଜାଡ଼ନ୍ତି ଭାର ।

ଦାଦା ସଜାଡ଼ନ୍ତି ଲୁଗା ଚାରିଖଣ୍ଡି
ସଂସାର ଭିତରେ ସାର,
ବୋଉ ବାନ୍ଧୁଥାଏ ଲୋଟଣୀ ଜୁଡ଼ାଲେ
ଲୁହ ବୁହେ ଧାରଧାର ।

x x x

ନଈ ତଳେ ତଳେ କିଏ ଯାଉଛ ହୋ
ରଙ୍ଗ ଲୁଗା ଫରଫର,
ସେଥିରୁ କାନିଏ ଦିଅନ୍ତ କି ମୋତେ
ଯାଆନ୍ତି ଧବଳେଶ୍ୱର ।

x x x

Digital Copy from the Author

ଗାଈ ଗଲେ ନାଳେନାଳେ
ଗାଈଙ୍କ ପଛରେ ବାଛୁରୀ ହଲେ
ପିଇଗଲେ କଳେକଳେ ।

x x x

ମଇଁଷି ଗଲେ ଗାଁ' ତଳକୁ
କଳା ଦୁବ ଖାଇବାକୁ
ନୂପୁରୀ ନାନୀ ସଜ ହେଉଛି
ବାପ ଘରକୁ ଯିବାକୁ ।

ଜେଜେ ମା' ଶୁଆଇଲା ବେଳେ "ଧୋ ରେ ବାଇଆ ଧୋ ଗୀତ, ବାଇ ଚଢ଼େଇ ରେ ବାଇଚଢ଼େଇ" ଗୀତ ଗାଇ ଶୁଆଇ ଦିଏ । ଖୁଆଇଲା ବେଳେ ଜହ୍ନମାମୁକୁ ଦେଖାଇ ଖୁଆଇ ଦିଏ – "ଆ ଜହ୍ନମାମୁ ସରଗଶଶୀ, ମୋ' ମଞ୍ଜୁ ହାତରେ ପଡ଼ରେ ଖସି ।" ଅଝଟ ହେଲେ ବୁଝାଇବାକୁ ଯାଇ ମା' ଗୀତଗାଏ –

"ମୋ' ମଞ୍ଜୁ ପରି କିଏ ହବ ? ଉଡ଼ିଯାଉଥିବା ସୁବର୍ଣ୍ଣ ଚଢ଼େଇ ଧରି ଆଣି କିଏ ଦବ ?"

ପିଲାବେଳେ ସେ ନିଜେ ଶୋଇ ଆଣ୍ଠୁରେ ବସେଇ ଆଣ୍ଠୁ ହଲେଇ କହେ – 'ଗୁଗୁ ପାଞ୍ଚ – ଭାତ ରାନ୍ଧିଛୁ । ଡାଲି କରିଛୁ ? ବାପାକୁ ଖାଇବାକୁ ଦେଇଛୁ ? ଭାଇକୁ ଖାଇବାକୁ ଦେଇଛୁ ? ଯାଆ, ସୁନା ଗଡ଼ିଆରେ ଧୋଇଧାଇ ହୋଇ ଘରକୁ ଆ ।"

ଗୋଡ଼ ଉପରେ ଟେକି ପାଦ ଉପରେ ଶୁଆଇ ଗୀତ ଗାଏ

'କଦଳୀ ଗଛ ବା ବୁରୁଛ ବାଟକୁ ପଡ଼ିଛି ଛାଇ,
ବଣି ଚଢ଼େଇର ପୁଅ ହୋଇଛି କୁଳ ଉଦ୍ଧାରିବା ପାଇଁ ।'

ସେ ପିଠିରେ ନାଉ କରି ନେଇ ବୁଲାଏ – 'ନାଉ କିଏ ନେବ, କଖାରୁ କିଏ ଦେବ ?' ହାତ ପାପୁଲି ଓ ଆଙ୍ଗୁଠିରେ କେତେ ପ୍ରକାର ଖେଳ ଖେଳାଏ ।

Digital Copy from the Author

'ଟୁଉକୁ ମୂଷି, ଟୁକେଇ ମୂଷି, ତୁ ଥା ମୁଁ ଯାଉଛି ରୁଷି...'

ପାଞ୍ଚ ଆଙ୍ଗୁଠିକୁ ଧରି ଖେଳାଏ

ପ୍ରଥମେ କାଣି ଆଙ୍ଗୁଠି କହେ –

ବୋଉଲୋ ବୋଉ, ମୋତେ ଭୋକ କଲାଣି ।

ପରୀ ଆଙ୍ଗୁଠି କହେ – କାହୁଁ ପାଇବା ?

ମଝି ଆଙ୍ଗୁଠି କହିବ – କରଜ କରିବା ।

ବିଣି ଆଙ୍ଗୁଠି କହିବ – ଶୁଝିବା କେଉଁଠୁ ?

ବୁଢ଼ା ଆଙ୍ଗୁଠି ହଲି ହଲି କହିବ – ଚିନ୍ତା ନ କର ଚିନ୍ତାମଣି

ଖାଇଦେଇ ପଳାଇବା ।

ଏକଥା ଶୁଣି ଆମେ ହସି ହସି ଗଡ଼ିଯାଉ । ଦୁଇ ଚାରି ଜଣ ସାଙ୍ଗ ଏକାଠି ପାପୁଲି ତଳେ ଥୋଉ । ସମସ୍ତଙ୍କ ପାପୁଲିରେ ଆଙ୍ଗୁଠି ଲଗେଇ ଗୀତ ବୋଲାଯାଏ ।

'ଇଚିଡ଼ି ମିଚିଡ଼ି ଧାନ ଚିଡ଼ିଚିଡ଼ି, କଇଁଚି କାକୁଡ଼ି
ନଅ ବେଏଁକୁଲି, ଛଅ ବେଏଁକୁଲି,
ଆମ୍ବଟିଏ ଖାଉଖାଉ,
କୋଇଲିଟିଏ କସା,
କି ମାଡ଼ ମାଇଲୁରେ ଭାଇ ବୁଙ୍ଗୁଡ଼ିଆ ବସା ।'

ଆଉ ଗୋଟେ ଗୀତ ବୋଲଯାଏ ।

'ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ତମର ଆମର ନାଲି ପଇଁଚ,
ନାଲି ପେଁ ପେଁ ବାଜଇ ହୀରା,
ଗୋଟିକ ଉପରେ ଗୋଟିଏ ତାରା ।
ଆମ୍ବ ପାଚେ ପଣସ ପାଚେ
ତା'ଧେଇ ଧେଇ ନେଉଳ ନାଚେ ।

Digital Copy from the Author

ମୁଠା ଉପରେ ମୁଠା ଥୋଇ ଖେଳୁ । ବୋଲୁ –

‘ଉଦୁଲୁ ଦୁମା, ତାଳ ଗୋଟମା
ତାଳ ବାଉରାଣୀ ପିଢ଼େଇ ସମା
ପିଢ଼େଇ ଯାଇଛି ଧାନ ବିଲକୁ
ମାରି ଆଣିଥିଲା ଶଙ୍ଖ ଚିଲକୁ ।’

ଜେଜେ ମା’ ପିଲାଦିନେ କେତେ ଗପ କହେ । କଲୁରୀବେଣ୍ଟ, ବିଲୁଆ ନନା, ଚକୁଳିଆ ପଣ୍ଡା, ଟୁଆ ଟୁଇଁ, ବେଙ୍ଗ ବେଙ୍ଗୁଲି ଗପ... ଆଉ ଟିକେ ବଡ଼ ହେଲା ପରେ ଏ ଗପ ନ ଶୁଣି ଶୁଣିଲୁ ରାଜାପୁଅ, ମନ୍ତ୍ରୀ ପୁଅ, କୁହୁକ ରାଇଜ, ବୁଢ଼ୀ ଅସୁରୁଣୀ, ମର୍କତ ମଞ୍ଜୁଳା, ସୁର ସୁନ୍ଦରୀ ଆଦି ବଡ଼ବଡ଼ ଗପ । କେତେ ମହାଭାରତ, ରାମାୟଣ କାହାଣୀ । ତା’ଠୁ ଶୁଣିଶୁଣି ମୁଁ ମହାଭାରତ, ରାମାୟଣ ସବୁ ଜାଣିଯାଇଛି । ସେ ସବୁଦିନେ ନୂଆ ଗପ କହେ । ମଝିରେ ମଝିରେ ଗୀତ ଗାଏ । ଗପରେ ଗୀତ ଥାଏ । ଝିଅଟିଏ ମରି ଫୁଲ ଗଛ ହୋଇ ଗୀତ ଗାଏ –

‘ଥିରି ଥିରି କରି ତୋଳଗୋ ଭାଉଜ
ଗଛରୁ ପତର ଝରେନା,
ମୋର ସାନ ଭାଇ ଖଣ୍ଡାରେ ହାଣିଛି
ତେଇଁକି ମୋ’ ଦେହ ଥରେନା ।’

ଗପ ମଝିରେ ସୁରୁ ଦେଇ ଗାଇଲେ ଏତେ ଖୁସିଲାଗେ ଯେ ସେ ଖୁସି ବର୍ଣ୍ଣନା କହି ହେବନି ।

ଗପ କହିବା ସରିଗଲେ କହେ –

“ମୋ’ କଥାଟି ସରିଲା
ଫୁଲ ଗଛଟି ମରିଲା ।
କାହିଁ ଫୁଲ ଗଛ ମଲୁ ?
ମତେ କାଳି ଗାଈ ଖାଇ ଦେଲା ।
କାହିଁ କାଳି ଗାଈ ଖାଇଲୁ ?

Digital Copy from the Author

ମତେ ଗଉଡ଼ ଜଗିଲାନି ।
କାହିଁ ଗଉଡ଼ ଜଗିଲୁନି ?
ବଡ଼ବୋଉ ଭାତ ଦେଲାନି ।
କାଇଁ ବଡ଼ବୋଉ ଭାତ ଦେଲୁନି ?
ମୋ ପୁଅ କାନ୍ଦିଲା ।
କାହିଁ ପୁଅ କାନ୍ଦିଲୁ ?
ମତେ ଭୂଇଁଜନ୍ଦା କାମୁଡ଼ିଦେଲା ।
କାହିଁ ଭୂଇଁଜନ୍ଦା କାମୁଡ଼ି ଦେଲୁ ?
ମୁଁ ଭୂଇଁ ତଳେତଳେ ଥାଏ
କଅଁଳ ମାଉଁସ ଟିକିଏ ପାଇଲେ ଗୁଟୁକିନି କାମୁଡ଼ି ଦିଏ ।"

ଗୀତ ସରିବା ପରେ ଜେଜେ ମା' ସମସ୍ତଙ୍କୁ ଟିକିଏ ଚିମୁଟି ଦିଏ । ସେ ଚୁମୁଟିବାଟା ଆମକୁ ଲାଗେ ସତେଯେମିତି ଠାକୁରଘରେ ନନା ପୂଜା କରି ଆମକୁ ଟିକିଏଟିକିଏ ଭୋଗ ବାଣ୍ଟୁଛନ୍ତି । ଆମେ ଆଗ ଚୁମୁଟା ଖାଇବାକୁ ଜେଜେ ମା' ପାଖକୁ ଲାଗିକରି ବସୁ ।

ଦାଣ୍ଡପିଣ୍ଡାରେ ବସି ଆଉ ଗୋଟେ ଖେଳ ଖେଳୁ । ଜଣେ କହିବ – 'ମଠକୁ ଯିବୁ ? ପଣସ ପତର ପାରି ଶୋଇବୁ ? ବାଘ ଆସିଲେ ଡରିବୁନି ?' – କହି ଆଖିକୁ ଖୁବ୍ ଜୋର୍‌ରେ ଫୁଙ୍କିଦେବ । ଆଖି ପତା ପଡ଼ିଗଲେ କହିବ – 'ଡରିଗଲାରେ, ଡରିଗଲାରେ, ଡରୁଆଟାଏ, ଛେରୁଆଟାଏ ।'

ଆମେ ବସି ବସି ଗୀତ ଗାଉ –

'ଆସ ଆସ ପାରା ଯୋଡ଼ିକ
ମୋର ପିଣ୍ଡାରେ ବସ
ଖାଇବାକୁ ଦେବି ତୁମକୁ ନଡ଼ିଆର ରସ
ପିଇବାକୁ ଦେବି ତୁମକୁ ମହାନଦୀ ପାଣି
ଶୋଇବାକୁ ଦେବି ତୁମକୁ ସୁନା ଖଟ ଆଣି ।'

Digital Copy from the Author

ବର୍ଷା ଦିନେ ବର୍ଷା ଟପର ଟପର ପକାଇଲେ କହୁ –

'ମେଘ ବରଷିଲା ଟୁପୁରୁ ଟୁପୁରୁ କେଶୁର ମାଇଲା ଗଜା
କେଉଁ ରାଇଜରେ ରହିଲେ ମୋ' ରାଜା
ତେଲିଙ୍ଗି ବାଇଦ ବଜା ।'

ଧୂମାଳ ଉଠେଇଲେ ଆମେ ଗୀତ ବୋଲୁ –

'ଆଇଲାଣି ଧୂମାଳ, ବୁଢ଼ୀକୁ ସମାଳ ।
ବୁଢ଼ୀ ଗଲା ପଣ୍ଡୁଆ, ପଛେ ଗୋଡ଼େଇଛି ଗାଣ୍ଡୁଆ ।'

ବେଳେ ବେଳେ ବର୍ଷା ହେଉଥାଏ, ଖରା ବି ହେଉଥାଏ । ଆମେ ନାଚିନାଚି ଗୀତ ଗାଉ – 'ଖରା ହେଉଛି ବର୍ଷା ହେଉଛି,
ବିଲୁଆ ନନା ବାହା ହେଉଛି ।'

ବସି କରି ପ୍ରଶ୍ନୋତ୍ତର ମାଧ୍ୟମରେ ଗୀତ ଓ ଗପର ମିଶ୍ରଣରେ କହୁ –

– କଥାଟିଏ କହୁଁ... କିଇସି କଥା ?... – ବେଙ୍ଗୁଲି କଥା ।... – କି ବେଙ୍ଗୁଲି ?... – କାଠ ବେଙ୍ଗୁଲି ।... – କି କାଠ ?... – ତେଲି ମାଠ ।... – କି ତେଲି ?... – ଘଣା ତେଲି ।... – କି ଘଣା ?... – ଆଖୁ ଘଣା ।... – କି ଆଖୁ ?... – କନ୍ତାରି ଆଖୁ ।... – କି କନ୍ତାରି ?... – ବୁଢ଼ୀ ମେନ୍ତେରୀ ।... – କି ବୁଢ଼ୀ ?... – କୋତରୀ ବୁଢ଼ୀ ।... – କି କୋତରୀ ?... – ହେଁସ ମୁତୁରୀ ।... –କି ହେଁସ ?... – ବେଣା ହେଁସ ।... – କି ବେଣା ?... – ନାକ ଚଣା ।... – କି ନାକ ?... – ଶୁଆ ନାକ ।... – କି ଶୁଆ ?... – ରାଜାଙ୍କ ଶୁଆ ।... – କି ରାଜା ?... – ଖଣ୍ଡ ଖଜା ।... – କି ଖଣ୍ଡ ?... – ମିରିଗି ନଣ୍ଡ ।... – କି ମିରିଗ ?... – ଝାଡ଼ ମିରିଗ ।... – କି ଝାଡ଼ ?... – କଣ୍ଟାବାଡ଼ ।... – କି କଣ୍ଟା ?... – କାନକୋଳି କଣ୍ଟା, – ଯହିଁ ଲାଗିଥାଏ ଝଟାପଟା ।'

❑❑❑

Digital Copy from the Author

ମୋ' ପେଏଁକାଳି ବଜେଇ ଦେ...

ପିଲାଦିନ କହିଲେ ଖେଳ ହିଁ ଖେଳ । ଅଧିକାଂଶ ସମୟ ଖେଳବୁଲାରେ ହିଁ ସମୟ ସରୁଥିଲା । ଆଜିର ସମୟ ଭଳି ସେତେବେଳେ ପିଲାଙ୍କ ମୁଣ୍ଡରେ ପାଠର ବୋଝ ଲଦି ଦିଆଯାଉ ନଥିଲା । ପାପୁଲି ତଳେ ଥୋଇ ଇଟିକିଲି ମିଟିକିଲିଠାରୁ ଆରମ୍ଭ କରି ଫୁଟ୍‌ବଲ୍ ଖେଳିବା ପର୍ଯ୍ୟନ୍ତ ଯେତେପ୍ରକାର ଖେଳ ଆମେ ସବୁ ଖେଳ ଖେଳୁଥିଲୁ । ମୋ' ଖେଳ ସାଥୀ ଥିଲେ ଡଳି (ଚାନ୍ଦ), କାଞ୍ଚନ (ଚାନ୍ଦ), ଅଞ୍ଜୁ (ଭଉଣୀ), ଲିଲି, ମାମା (ମକର), ହେମାଳଅପା ପୁଅ ବାବୁଲି, ଜାନୁ, ଦେବ, ହେମ, ଶିବ, ମନୁଭାଇ ଓ ସଚ୍ଚିଭାଇ ଇତ୍ୟାଦି ।

ପ୍ରାୟ ସବୁବେଳେ ଡଳି (ମୋର ସମବୟସୀ, ସହପାଠିନୀ) ସହ ଖେଳୁଥିଲି । ବସିବସି କେତେ ଗୋଡ଼ିଖେଳ ଖେଳୁ, ବାଘମଞ୍ଜାରୀ ଖେଳ ସହ କଣ୍ଢେଇ ଧରି ଖେଳୁଥିଲୁ । ମାଟି କଣ୍ଢେଇକୁ ଲୁଗାପିନ୍ଧାଇ ବସଉଥିଲୁ । ମୋର ଗୋଟେ ଛୋଟ ସବାରି ଥିଲା । ସବାରିରେ ବୋହୂ ବସେଇ କାନ୍ଧେଇ ନେଉଥିଲୁ । ଆମ ଦୁଇଜଣଙ୍କର ଛପାଶାଢ଼ୀ, ପାଟ ଶାଢ଼ୀ (ଛୋଟ) ଥିଲା । ଲୁଗାପିନ୍ଧି ବୋହୂ ସାଜୁ । ଡଳି ବେଶି ବୋହୂ ସାଜେ । ମିଛିମିଛିକା ଭାତତିଅଣ ରାନ୍ଧୁ । କୁଣିଆ ଖେଳ ଖେଳୁ । କୁନିକୁନି ତାସ୍ ଧରି ଖେଳୁ; ବିଭିନ୍ନ ପ୍ରକାର ପେଁକାଳି ବାଜା ବଜାଉ । ଗୀତ ଗାଉ – 'ହାତୀ ନେ ଘୋଡ଼ା ନେ ମୋ' ପେଁକାଳି ବଜାଇଦେ' । ବନ୍ଧୁକ ଧରି ଗୁଳି ଫୁଟାଉ । ବାଇସ୍କୋପରେ ରିଲ୍ ପକାଇ ଦେଖୁ । ସିନେମା ଭଳି ଲାଗେ । ଦାଣ୍ଡପିଣ୍ଡାରେ ବସି ଚୋର ପୁଲିସ୍ ଖେଳୁ ।

ଗାଁ' ଦାଣ୍ଡରେ ବହୁତ ପ୍ରକାର ଖେଳ ଖେଳୁ । ଦାଣ୍ଡ ସାମାନ୍ୟ ଓଦାଳିଆ ଥିବ, ଶାମୁକାରେ ବାଲି ଆମ୍ପୁଡୁ ଥିଲୁ । ନଡ଼ିଆ ସଢ଼େଇ ଆଣି ଚୁଲି ପକାଉ, ବାଲି ଘର ତୋଳୁ । ବାଲିରେ ଚଉରା ତିଆରି କରୁ । ଖଡ଼ିକା, ବାଇଗବା ଫଳରେ ରଥ କରି

Digital Copy from the Author

ଟାଣୁ । ଆମ ଦୁଇଜଣଙ୍କର ଚାରିଟା ଚକ ଲାଗି ଉପରେ ପଟା ପଡ଼ିଥିବା ଗାଡ଼ି ଥିଲା । ଆଗରେ ଦଉଡ଼ି ଲଗା ଯାଇଥିଲା । ଜଣେ ବସି ଆଉ ଜଣେ କି ଦୁଇଜଣ ଟାଣିବୁ । ବେଳେବେଳେ ତା' ଉପରେ ଦୁଇଜଣ କୁଣ୍ଢାକୁଣ୍ଢି ହୋଇ ବସୁ । ସେ ଚାଲିଲା ବେଳେ ଏତେ ମଜା ଲାଗେ ଯେ ବର୍ତ୍ତମାନ ଉଡ଼ାଜାହାଜରେ ବସିଲେ ବି ସେ ଆନନ୍ଦ ମିଳିବ ନାହିଁ । ଗାଁ' ଦାଣ୍ଡ ଗୋଡ଼ିରେ ଘର କାଟି 'ବିଛୁ' ଖେଳୁ । ଗୋଟିଏ ଗୋଡ଼ରେ ଡେଇଁଡେଇଁକି ଯାଇ ଗୋଡ଼ି ଆଣୁ । 'ପୁଚି, ରୁମାଲ ଚୋରି, ଟୁ'ଭାଇ, ଚକାଚକା ଭଉଁରୀ ଖେଳୁ । ଗୀତ ଗାଉ – 'ଚକା ଚକା ଭଉଁରୀ, ମାମୁ ଘର ଚଉଁରୀ । ମାମୁ ମୋତେ ମାଇଲେ, କେତେ କଥା କହିଲେ, ମାଈଁ ଦୁଧ ଭାତ ଖୋଇଲେ ।' ବସା ପୁଚି ଖେଳୁ, ଠିଆ ପୁଚି ଖେଳୁ । ଗୀତ ଗାଉ – 'ଠିଆ ପୁଚି ନାରଙ୍ଗ, ଗୋଡ଼ ଦୁଇଟା ସାରଙ୍ଗ । ସାରଙ୍ଗ ବାଡ଼ିକୁ ଯାଇଥିଲି ନାରଙ୍ଗ ଶୁଆ ଆଣିଥିଲି । ଅଧେ କଲି କଞ୍ଚା, ଅଧେ କରି ଭଜା; ତୋ' ଭାଉଜ ରାଣୀ, ମୋ' ଭାଇ ରାଜା ।'

ବୋହୂଚୋରି ବେଶି ସମୟ ଖେଳୁଥିଲୁ । ଜଣେ ବୋହୂ ବସୁଥିଲା । ଦୁଇ ଦଳ ରହି ଖେଳୁଥିଲେ । କିଏ କେଉଁ ଦଳରେ ରହିବ ବଛା ଯାଉଥିଲା । ଦୁଇଜଣ ହାତ ଧରାଧରି ହୋଇ ଯାଉଥିଲେ, ନାଁ ଦେଇ ଆସୁଥିଲେ । ସେ ନାଁ କେହି ଶୁଣିବେନି । ଦଳପତି ଦୁଇଜଣ ବସିଥିବେ । ତାକୁ ନାଁ କହିବେ । ନାଁ ଦେବେ ଆମ୍ବ, ପଣସ । ଯିଏ ଯାହାକୁ ଡାକିବ ସେ ସେପଟେ ଯିବ । ଏହିପରି ଦୁଇ ଦଳରେ ଖେଳାଳି ଠିକ୍ ହୁଏ ।

ବହୁତ ସମୟ ଲୁଚୁକାଳି ଖେଳୁ । ଦଶ, କୋଡ଼ିଏ, ତିରିଶି, ଚାଳିଶି, ପଚାଶ, ଷାଠିଏ, ସତୁରୀ, ଅଶି, ନବେ, ଶହେ... ଜଣେ ଏମିତି ଗଣିଗଣି ଆଙ୍ଗୁଠି ଛୁଆଉଁ ଥାଏ । ଯାହାଠି ଶହେ ଛୁଏଁ ସେ ବାହାରିଯାଏ । ଶେଷରେ ଯେ ରୁହେ ସେ ଚୋର ହୁଏ । ଆମେ ସମସ୍ତେ ଲୁଚିବୁ । ଜଣେ ଖୋଜିବ । ଯିଏ ଧରାପଡ଼ିବ, ସିଏ ଚୋର ହେବ । ଆମେ ପୁଣି ଲୁଚିବୁ, ଯିଏ ଚୋର ହୋଇଥିବ ସେ ପୁଣି ଖୋଜିବ । ଅନ୍ଧପୁଟୁଳି, ଦଉଡ଼ିଡିଆଁ, ଫୁଟବଲ (ଛୋଟ) ଖେଳ ଭାରି ଭଲ ଲାଗେ । ବଡ଼ ପୁଅପିଲା ବାଗୁଡ଼ି ଖେଳନ୍ତି । ବିଲରେ ଗୁଡ଼ି ଉଡ଼ାନ୍ତି, ଆମେ ଦେଖି ଉପଭୋଗ କରୁ ।

Digital Copy from the Author

ଆମେ ନଡ଼ିଆ ପତ୍ରରେ ବାଜା କରି ବଜାଉ । ବଡ଼ପିଲା କରି ଦିଅନ୍ତି । ଚକ୍ରି କରି ଖେଳୁ । ଚକ୍ରିକୁ ଧରି ଦୌଡ଼ିଲେ ଘିରିଘିରି ହୋଇ ବୁଲେ । ବାଇଗବା କ୍ଷୀରରେ ଫୋଟକା କରି ଫୁଟାଉ । ପିତାତରଡ଼ି ଭୁଣ୍ଡି ତଳେ ଘୂରାଉ । ହାଡ଼ଗୁଲି ଧରି ପୁଅପିଲା ଖେଳନ୍ତି । ମୁଁ କାଚଗୁଲିରେ ଖେଳେ । କାଚଗୁଲି ସାଇତି ରଖେ । ଦେଖିବାକୁ ଭଲ ଲାଗେ । ବିରାଡ଼ି ଆଖି ଭଳି ଦିଶେ । ସାର୍ ଯଦି କାହାକୁ ଗୁଲି ଖେଳିବାର ଦେଖନ୍ତି, ପିଟନ୍ତି । ଖେଳିବାରେ କାହାର ଟିକେ ଭୁଲ୍ ହେଲେ କି ହାରିଗଲେ ସେ ରୁଷିଯାଏ । ଏଇ ଖେଳରେ ମାଡ଼ ମରାମରି ବି ହୋଇଯାଉ । ଦୁଇଟି ଆଙ୍ଗୁଠି ଆଙ୍କୁଡ଼ି କରି ଛନ୍ଦି ଛେପ ପକାଇ "କଟିସ୍" ପକାଇ ଦେଉ । ଅପଡ଼ ପଡ଼ିଯାଏ । କାହା ଉପରେ ରାଗିଥିଲେ ତାକୁ ଏକୁଟିଆ କରି ଦେଇ କହନ୍ତି – 'ଏକୁଟିଆ ବାଆଁରା ମୁଣ୍ଡି ମୁଣ୍ଡି ସାଆରାଁ' । ମୁଁ କାହା ସାଙ୍ଗରେ ଅପଡ଼ ବା କଟିସ୍ ପକାଏନି । ଯିଏ କଟିସ୍ ପକାଏ ମୋତେ ଦୁଃଖଲାଗେ ସେ ମୋ' ସହ କଥା କହିବନି ବୋଲି । ମୁଁ ଯାଇ ତା' ସହ ଆଗ କଥା ହୁଏ । ପିଲାବେଳେ କେବେ ରୁଷିନି କି କାହାକୁ ମାରିନି । ଏ ପର୍ଯ୍ୟନ୍ତ ମଧ୍ୟ କେବେ ରୁଷିନି ।

ଆଉ ଗୋଟେ ମଜାକଥା ହୁଏ । ଖେଳୁଖେଳୁ କିଏ ଯଦି ପାଡ଼ିଦେଲା, ନ ପାଡ଼ୁ ପଛେ ପଚାରାପଚାରି ହୋଇଯିବେ । କିଏ ପାଡ଼ିଲା କେହି ମାନିବେନି । ଗୋଲ୍ କରି ବସେଇ କହିବେ "ଆଟୁ ମାଟୁ ସୁନା ଚଟୁ, ଆଇ ଉଇ ପାଡ଼ିଚୁ ତୁହି ।" ଯାହାଠାରେ ପଡ଼ିବ ସେ ପାଡ଼ିଛି ବୋଲି ତାକୁ ଚିଡ଼େଇବେ । ପୁଣି କହିବେ, "କଖାରୁ ପତର ରାସ୍ସୁ ରାସ୍ସୁ, ଯିଏ ପାଡ଼ିଚି ଆପେ ହସୁ ।" ସମସ୍ତେ ପାଟି ବନ୍ଦ କରି ବସିବେ । କେହି ହସିବେନି । ହଠାତ୍ ସହି ନ ପାରି ଯିଏ ହସିଦେଲା, ତାକୁ ସମସ୍ତେ ଚିଡ଼ାଇବା ଆରମ୍ଭ କରି ସମସ୍ତେ ହସି ହସି ଗଡ଼ିଯିବେ ।

କେତେ ଖେଳ କେତେ ଗପରେ ପିଲାଦିନ ବିତିଯାଇଥିଲା –

'ମନେପଡ଼େ ପିଲାଦିନ ବରଗଛ ଡାଳରେ
ଖେଳୁଥିଲି ମୁହିଁ ଖେଳ ସାଥୀଙ୍କର ମେଳରେ ।'

❑❑❑

Digital Copy from the Author

କିଆ କରଡ଼ି... ଆ' ଦଉଡ଼ି...

ପିଲାଦିନେ ଖେଳିବା ଛାଡ଼ି ବୁଲାବୁଲି, କୋଳି ତୋଳା, ଆମ୍ବ ଗୋଟାଇବା, ପ୍ରଜାପତି ଧରିବା ଆଦି ଅନେକ କାମରେ ମଜିଯାଉ । ଖରାବେଳ ହେଲାମାନେ ଚୁପ୍‌ଚାପ୍ ଉଠି ଡକାଡକି ହୋଇ ଯାଉ । କେଉଁଠି କାହା ବାଡ଼ିରେ କେଉଁ କୋଳି ଅଛି ସନ୍ଧାନ ନେଉ : ବେତକୋଳି, ଚାଳଧୁଆ କୋଳି, କଣ୍ଟେଇ କୋଳି, ସାହାଡ଼ାକୋଳି, ନାଲୁକା କୋଳି, ଖଣ୍ଡକୁଲା କୋଳି, ଫାର୍ସାକୋଳି, କ୍ଷୀରି କୋଳି, ଭଇଁଚି କୋଳି,

Digital Copy from the Author

ବରକୋଳି, ଜାମୁକୋଳି ଇତ୍ୟାଦି । ଆମ୍ବ, ବିଲାତିକଇଁଆ, କମଳା, କେନ୍ଦୁ, କରମଙ୍ଗା, ସପେଟା, ଗୋଲାପଜାମୁ ଆଣି ଖାଉ । କଇଁଆ ଚକଟି ଖଟାପାଣି କରି ଆମ୍ବ ପତରରେ ପିଉ । କଷି ଆମ୍ବ କାଟି ଲୁଣ ଲଙ୍କା ମଡ଼େଇ ଖାଉ । ଦଅଦୟା ପତ୍ର ଆଣି ଚକଟି ରସ ଥାଳିରେ ଖରାରେ ରଖୁ । ଅଳ୍ପ ସମୟ ପରେ ସେ ଥଳଥଳ ହୋଇ ବସିଯାଏ । ତାକୁ କାଟି ଖାଉ । ଭାରି ଥଣ୍ଡା । ଖାଇଲେ ମୋତେ ଥଣ୍ଡା ହୋଇଯାଏ । ଗାଁ' ମୁଣ୍ଡରେ କିଆ ବାଡ଼ ଥାଏ । କିଆକନ୍ଦାକୁ ହାତଧରି ଟାଣୁ, କହୁ –

'କିଆ କରଡ଼ି ! ମା' ଦୁଧ ଖାଇ ଆ ଦଉଡ଼ି ।"

ସବୁଜ ଘାସ ପଡ଼ିଆରେ ଭେଲଭେଟ୍ ଭଳି ନାଲି ଗୁଲୁଗୁଲୁ ସାଧବ ବୋହୂ ଧରି ଫରୁଆରେ ରଖୁ । ବିଭିନ୍ନ ରଙ୍ଗର ପ୍ରଜାପତି ଯେତେବେଳେ ଫୁଲ ଉପରେ ବସିଥାନ୍ତି ଛପିଛପି ଯାଇ ଧରୁ । କଙ୍କି ଉଡ଼ିଯାଇ କେଉଁଠି ବସିଗଲେ ତାକୁ ସୂତାରେ ବାନ୍ଧି ଉଡ଼ାଉ । ଯଦି କିଏ କହିଦିଏ 'କଙ୍କିଧରଣ, ମାଆ ମରଣ', ମୁଁ ଚିଡ଼ିକରି ଛାଡ଼ିଦିଏ । ଦୁଇ ହାତରେ ଦୁଇଟି ସାରୁ ପତ୍ର ଧରି କଙ୍କି ଧରିବାକୁ ସୁବିଧା ହୁଏ । ବେଙ୍ଗ, ନେଉଳ, ଗୁଣ୍ଡିଚିମୂଷା ପଛରେ ଦୌଡୁ । ତେଲୁଣି ପୋକ ଦେଖିଲେ ହାତମାରି 'ଟଙ୍କା' କରିଦେଉ । ଲାଜକୁଳି ଲତାରେ ହାତମାରି ତାକୁ ବୁଜି ହୋଇଯିବାର ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଗଛର ଜୀବନ ଅଛି ବୋଲି ଅନୁଭବ ହୁଏ ।

କେଉଁଠି କୁକୁର ଛୁଆ ଜନ୍ମକରେ ସେଠି ଯାଇ ପହଞ୍ଚିଯାଉ । କୁନିକୁନି କୁକୁର ଛୁଆ ବହୁତ ଲୋଭିଲା ହୋଇଥାନ୍ତି । କାହାର ଗାଈ ଜନ୍ମ କରିବ ଶୁଣିଲେ ସେଠି ଯାଇ ବାଛୁରୀ ଜନ୍ମ ଦେଖୁ । ବାଛୁରୀ ଜନ୍ମହୋଇ ତା' ମା' ଚାଟିଚୁଟି ସଫା କଲା ପରେ ସାଙ୍ଗେସାଙ୍ଗେ ଠିଆ ହୁଏ । ଚାଲେ । ଦୁଇଚାରି ଦିନରେ ଦାଣ୍ଡରେ ଦୌଡ଼େ । ତାକୁ ଦେଖି ଲାଗେ ମଣିଷ ଛୁଆ କେତେ ଅସହାୟ ।

ପ୍ରଭାକର ବଡ଼ବାପା ପାରା ରଖିଥାନ୍ତି । ପଲେ ପାରା । ପାଞ୍ଚଶହ କି ଛଅଶହ ହେବ । ପାରାଙ୍କୁ ଛାଡ଼ିଦିଅନ୍ତି । ସେ ଉଡ଼ିଯାଆନ୍ତି । ସନ୍ଧ୍ୟାବେଳକୁ ସବୁ ଆସି ପହଁଞ୍ଚି ଯାଉଥିଲେ । ସେ ବି କୁକୁଡ଼ା, ବତକ ରଖୁଥିଲେ । କୁକୁଡ଼ା କେମିତି ଅଣ୍ଡା ଉଷୁମ କରୁଛି । ଅଣ୍ଡା ଦେଉଛି । କୁନି କୁକୁଡ଼ା ଛୁଆ ତା' ସାଙ୍ଗରେ ବୁଲିବାର ଦେଖି ଭାରି ସୁନ୍ଦର ଦେଖାଯାଏ ।

Digital Copy from the Author

ଭଦଭଦଳିଆ, ହଳଦୀ ବସନ୍ତ, କୋଇଲି ଖୋଜିଖୋଜି ଦେଖୁ । ବାଇଚଢ଼େଇ ବସା ଆଣି କେତେ ସୁନ୍ଦର ହୋଇଛି ଦେଖୁ । ଘରଚଟିଆ ଚାଳରେ ପଶି ଏପଟ ସେପଟ ହୋଇ ବୋବାନ୍ତି । କୋଇଲି କୁ କୁ କରେ । ଆମେ କୁ କୁ କରି ଖତେଇ ହେଉ । ସେ ବି ଖତେଇ ହୋଇ କୁ କୁ କରେ । ମଜା ଲାଗେ । ଭଦଭଦଳିଆ ଦେଖି ଜୟ ଜୟ କହୁ । ଦଶହରା ଦିନ ସକାଳୁ ଉଠି ଖୋଜିଖୋଜି ଭଦଭଦଳିଆ ଦେଖୁ । ଭଦଭଦଳିଆ ଦେଖିଲେ ଶୁଭ । ଶଙ୍ଖଚିଲକୁ ଦେଖିଦେଲେ କହୁ – "ଶଙ୍ଖଚିଲ ଭାଇ ନମସ୍କାର, ମାଟିଆ ଚିଲକୁ ଗୋଇଠା ମାର ।" ଶଙ୍ଖଚିଲ ବହୁତ ଉପରେ ଉଡ଼େ । କେଉଁଠି ମାଛଧରା ହେଉଛି, ପୋଖରୀ ଖୋଳା ହେଉଛି ଦେଖୁ । କଉ ମାଛ ବୋତଲରେ ଧରି ରଖୁ ।

ବାଉଁଶ, କାଗଜରେ ମାଟିରେ କେତେ ଜିନିଷ ପିଲାବେଳେ ତିଆରି କରୁ । ବାଉଁଶରେ ଧନୁଶର ତିଆରି କରି ମାରୁ । ବଡ଼ ବାଉଁଶ ନଳୀରେ ବାଇଦ କରି ବେକରେ ପକାଇ ବଜାଉ । କାଗଜରେ ଡଙ୍ଗା, ଦିନରାତି, ପଙ୍ଖା, ସାର୍ଟପ୍ୟାଣ୍ଟ, ସିକା କେତେ ଜିନିଷ କରୁ । ଦିନରାତିରେ ରଙ୍ଗଦେଇ ଆଙ୍ଗୁଠିରେ ଦେଖାଉ ରାତି ଓ ଦିନ । ମାଟିରେ କଣ୍ଢେଇ, କମଳା, ଆମ୍ବ, ବଳଦ, ହାତୀ, ଘୋଡ଼ା ତିଆରି କରୁ । ଚୁଲି ତିଆରି କରି ଶୁଖାଇ ରଖୁ । ମାଟି କଣ୍ଢେଇ ତିଆରି କରିବାରେ ରୂପେଇ ବଡ଼ବୋଉ ସାହାଯ୍ୟ କରେ । ସେ ମାଟି କଣ୍ଢେଇ ଗଢ଼ନ୍ତି, ଚଟେଇ, ବିଚଣା, ଡାଲା ଇତ୍ୟାଦି ବୁଣନ୍ତି । କେମିତି କଣ୍ଢେଇ ଗଢୁଛନ୍ତି ଦେଖୁ । କୁମ୍ଭାର ଘରକୁ ଯାଇ କଣ୍ଢେଇ କିଣି ଆଣୁ ।

ଖଡ଼ି ବନୁଆ ହେବ ବୋଲି ଗାତ ଖୋଳି ସେଥିରେ କୁଣ୍ଡା ଦେଇ ଖଡ଼ି ପୋତୁ । ବାଡ଼ିରେ ମାଠିଆ ଫନ୍ଦରେ କୂଅ ଖୋଳି ପାଣି ପୂରାଉ । ଦାନ୍ତ ପଡ଼ିଲେ ମୂଷା ଗାଡ଼ ଖୋଜି 'ମୋ' ଦାନ୍ତ ନେ ତୋ' ଦାନ୍ତ ଦେ' କହି ଲୁଚେଇ ଦାନ୍ତ ପକେଇ ଦେଇଆସୁ । କେତେ ପ୍ରକାର ମାଛ ଧରା ଦେଖୁ । ଛଟା ବନିଶି, ପୋତା ବନିଶିରେ ମାଛ ଧରୁ । ପୋତା ବନିଶରେ ବଡ଼ ମାଛ ପଡ଼େ । ଭଉଁରୀଜାଲ, ଖିଅଜାଲରେ କେମିତି ଧରାହୁଏ, ଅନ୍ଧୁଳି କେମିତି ବସେ ଯେ ମାଛ ତା' ଭିତରେ ରହିଯାଆନ୍ତି, ଅନ୍ଧୁଳି ଝଡ଼ାହେଲେ କେତେ ପ୍ରକାର ଜିଅନ୍ତା ମାଛ ବାହାରେ । ପୋଲୁହରେ ମଧ୍ୟ ମାଛଧରା ହୁଏ । ଥରେ ଡଳିଙ୍କ ଠାକୁରବାଡ଼ି ପୋଖରୀରେ ଫିସରି ଆସି ମାଛ ଧରୁଥିଲା । ଆମ ଅଞ୍ଚଳରେ

Digital Copy from the Author

ଶହଶହ ଲୋକ ମାଛ ଧରା ଦେଖୁଥିଲେ । ବିରାଟ ବିରାଟ ମାଛ । ରୋହି, ଭାକୁର, ଚିତଳ ଡେଉଁଥାନ୍ତି । ଯେତେ ମାଛ ଛାଡ଼ିଥିଲେ, ବହୁତ ଦିନ ଧରା ହୋଇ ନଥିଲା । ଗୋଟିଏଗୋଟିଏ ମାଛ ୨୦ କେଜି, ୩୦ କେଜି ଥିଲା । ଚିତଳ ମାଛ ଧରା ହୋଇ ରାସ୍ତାରେ ଶୁଆଇ ଥିଲେ । ପଇତିରିଶି କେଜି ! ଆମେ ଦେଖି ଆଶ୍ଚର୍ଯ୍ୟ ହୋଇଥିଲୁ । ସେତେ ବଡ଼ ମାଛ ମୁଁ ଏ ପର୍ଯ୍ୟନ୍ତ ଦେଖିନି । ମାଛ ଧରା ଦେଖିବାରେ ବଡ଼ ଆନନ୍ଦ ମିଳେ ।

ଥରେ ମାଛ ଧରାରେ ମୋର ମଜା ବାହାରିଥିଲା । ନିରଦାଦା ସାଇକେଲରେ ବସାଇ ନୁଣୁନଈକି ମାଛ ଧରିବାକୁ ଯାଇଥିଲେ । ମୋତେ ଟିକେ ନିଦ ଲାଗିଯାଇଛି । ମୋ' ଗୋଡ଼ ସାଇକେଲ ଭିତରେ ପଶି ଖଣ୍ଡିଆ ହୋଇ ରକ୍ତ ବାହାରିଲା । କାନ୍ଦିଲି । ନିରଦାଦା ମୋତେ କାନ୍ଧରେ ପକାଇ ଘରକୁ ଆସିଲେ । ସାଇକେଲ ସେମିତି ପଡ଼ିଥାଏ । କହୁଥିଲେ 'ବଡ଼ବୋଉ କ'ଣ ମୋତେ ଆଉ ରଖିବ ?' ମୋ' ଘାଆ ଶୁଖିବାକୁ ମାସେ ଲାଗିଗଲା ।

ମୋ' ସାଙ୍ଗ ଡଲିଙ୍କ ଘରକୁ ଦୋକାନୀଘର କୁହାଯାଉଥିଲା । ଗଣି ଜେଜେ ବଡ଼ ବ୍ୟବସାୟୀ ଥିଲେ । ତାଙ୍କର ତିନୋଟି ଟ୍ରକ୍ ଓ ଗୋଟିଏ ଜିପ୍ ଥିଲା । ଟ୍ରକ୍ ଗାଁ' ଭିତରକୁ ପଶିଲେ ଆମେ ଟ୍ରକ୍ ଉପରେ ବସି ବୁଲୁଥିଲୁ । ତାଙ୍କ ଦୋକାନକୁ ଶଗଡ଼ରେ ଲଦାହୋଇ ଗୁଡ଼ବଣା ଆସୁଥିଲା । ଗୁଡ଼ ଗାଡ଼ି ଗାଁ'ର ଶେଷମୁଣ୍ଡ ଯାଏ ଲାଗେ । ଆମେ ଏ ଗାଡ଼ିରୁ ସେ ଗାଡ଼ି ଡେଇଁ ଡେଇଁ ଯାଉ । ଗୁଡ଼ ଆଣି ଖାଉ । ଶଗଡ଼ରେ ଖତ ଭର୍ତ୍ତି ହୋଇ ଗଲାବେଳେ ଆମେ ବି ଶଗଡ଼ରେ ବସି ବିଲକୁ ଯାଉ ।

ଠାକୁର ବାଡ଼ିରେ ଚନ୍ଦନଯାତ୍ରା ବେଳେ ରାଧାକୃଷ୍ଣଙ୍କ ପାଖରେ ବିଚଣା ଓ ଚାମର ହଲାଉ । ଚାପ ଖେଳୁ । ଡଙ୍ଗାରେ ରାତିରେ ପୋଖରୀରେ ବୁଲିବାକୁ ଭାରି ଆନନ୍ଦ ଲାଗେ । ବାଜା, ଗୀତ, ହରିବୋଲ ହୁଳହୁଳିରେ କମ୍ପୁଥାଏ ଠାକୁରବାଡ଼ି । ସେ ଗୀତ ଏବେ ବି ମନେଅଛି – 'ଜୟ ମଦନ ମୋହନ, ଚାପ ଖେଳିବାକୁ ବିଜେ କରିଛନ୍ତି ରାଧିକା ଜୀବନ ଧନ । ଜୟ... ।"

ବେଳେବେଳେ ବସି ରେଡ଼ିଓ ଶୁଣୁ । ବିଶେଷକରି ଶିଶୁ ସଂସାର । ବଡ଼ ଭାଇ, ଅପା ଯେଉଁ ଗୀତ ଶିଖାନ୍ତି ଲେଖୁ । ଅଭ୍ୟାସ କରୁ । ମୋହରି ଆଇବୁଢ଼ୀ, ଅଗି

Digital Copy from the Author

ଜଳିଲା ଶୀତ ଟଳିଲା... ଆଦି ଗୀତ ଅଭ୍ୟାସ କରିଥାଉ । ଶିଶୁ ସଂସାର ଗଢ଼ି ଚିଠି ଦେଉ ରେଡ଼ିଓ ଷ୍ଟେସନ୍‌କୁ ।

ଯାହାଘରକୁ କୁଣିଆ ଆସିଲେ ତାଙ୍କ ପାଖରେ ପହଞ୍ଚିଯାଉ । ଯେଉଁଠି ଭୋଗ ହେଲା ଯାଇ ଭୋଗ ଖାଉ । ଧାନକଟା ସରିଲେ ଶେଷ କଟା ବଡ଼ବିଲରେ ହୁଏ । ସେଠି କ୍ଷେତବଢ଼ା ହୁଏ । ଅରୁଆ ଚାଉଳ, କଦଳୀ, ଗୁଡ଼, ନଡ଼ିଆ ଭୋଗ ହୁଏ । ମୁଁ ଦାଦାଙ୍କ ସାଙ୍ଗରେ ଯାଏ । ଡଲିର ମୋର ତାଙ୍କ ବିଲକୁ ଯାଇ ଭୋଗଖାଉ । ଖଳାବଢ଼ାରେ ଖଳାରେ ବସି କ୍ଷୀରୀ, ଜାଉ ଖାଉ । ସନ୍ଧ୍ୟାବେଳେ ଦାଣ୍ଡ ଲିପାପୋଛା ହୋଇ ଦାଣ୍ଡଭୋଗ ହୁଏ । ଦାଣ୍ଡ ଭୋଗରେ ଉଖୁଡ଼ା ହୁଏ । ଅଞ୍ଚିରେ ଉଖୁଡ଼ା ଆଣି ଖାଉ । ଶାମ୍ବଦଶମୀରେ ସକାଳୁ ଉଠି ଦାନ୍ତଘଷି ସମସ୍ତଙ୍କ ଘର ବୁଲି ବାଇଗଣ ପତ୍ରରେ ଥିବା ଭୋଗ ଆଣୁ ।

ଦିନଯାକ ଖେଳବୁଲରେ ସମୟ ବିତାଉ । ସନ୍ଧ୍ୟାରେ ପିଣ୍ଡାରେ ବସି ଗୀତ ବୋଲୁ । ପ୍ରାର୍ଥନା କରୁ । ନରିଦାଦାଙ୍କ ପିଣ୍ଡାରୁ ଦେଖାଯାଏ ଦୂର କଣ୍ଡରା ମରାଖାଇ । ସେଠି ଚାରି-ପାଞ୍ଚଟା ଆଲୁଅ ମିଞ୍ଜି ମିଞ୍ଜି ହେବାର ଦେଖାଯାଏ । ମା' କହେ ଡାଆଣୀ ଆଲୁଅ କରୁଛି । ଡାଆଣୀ ଆଲୁଅ ଦେଖି ମା' କୋଳରେ ବସିପଡ଼େ । ଗାଁ'ଦାଣ୍ଡ ଅନ୍ଧାର ହୋଇଯାଏ । ଘରକୁ ଯାଉ । ଘରେ ବୋଉ ଲଣ୍ଠନ ଡିବି ଲଗାଇ ରୋଷେଇ କରୁଥାଏ । କାନ୍ଥରେ ଛାଇପଡ଼େ । ଛାଇଦେଖି ମୁଁ ନାଚେ । ମୁଁ ଯେମିତି ହାତ ହଲାଏ, ଛାଇ ସେମିତି ହାତ ହଲାଏ । ମଜା ଲାଗେ । ମା' ଦେଖିଲେ କୁହେ – 'ଛାଇକୁ ଦେଖନା । ଶୁଖିଯିବୁ ।' ଖାଇପିଇ ମା' ପାଖରେ ଗପ ଶୁଣିଶୁଣି ଶୋଇପଡୁ । ନ ଶୋଇଲେ କି ନ ଖାଇଲେ ମା' କହେ – 'ମକୁନ୍ଦା ବାଇଆ ମାଣ୍ଟୁ ଉପରେ ବସିଛି । ଆସିବ । ଶୋଇପଡ଼ ।' ମକୁନ୍ଦା ବାଇଆକୁ ମୁଁ ଡରେ । ବଡ଼ ହେବା ପର୍ଯ୍ୟନ୍ତ ବି ମୋ' ଡର ଛାଡ଼ିନଥିଲା । ମାଣ୍ଟୁ ଉପରକୁ ଅନାଇବାକୁ, ଅନ୍ଧାର ଘରକୁ ଯିବାକୁ ଡର ଲାଗେ । କାଳେ ମକୁନ୍ଦା ବାଇଆ ମୋତେ ଧରିନେବ ।

□□□

Digital Copy from the Author

ଆଜି ମାଛ ଝୋଳ, କାଲି ପଙ୍ଖୁଆଣି

ଫିଷ୍ଟ୍ କରିବା ଆମର ପିଲାଦିନେ ଗୋଟାଏ ବଡ଼ ସଉକ ଥିଲା । ଆମେ 'ଭୋଜି' କହୁନଥିଲୁ । 'ଫିଷ୍ଟ୍' ହିଁ କହୁଥିଲୁ । ଅତି ପିଲାବେଳେ ବାପା ଫିଷ୍ଟ୍ କରୁଥିଲେ । ଆମ ଘରକୁ କୁକୁଡ଼ା ତରକାରି ଆସୁଥିଲା । ଆମେ ପିଲାମାନେ ରାତିରେ ଶୋଇ ଯାଇଥାଉ । ସକାଳୁ ଖାଉ । ଚତୁର୍ଥ ଶ୍ରେଣୀରେ ପଢ଼ିଲାବେଳକୁ ଆମେ ବଡ଼ମାନଙ୍କର ସାହାଯ୍ୟ ନେଇ ଫିଷ୍ଟ୍ କଲୁ । ମୋ' ଜେଜେମା', ଖୁଡ଼ୀ; ବିଶେଷକରି ରୁକୁଣାଖୁଡ଼ୀ ପ୍ରାୟ ସବୁ ଫିଷ୍ଟ୍‌ରେ ଆମକୁ ରୋଷେଇ କରି ଦେଉଥିଲେ । ବାସନ ମାଜି ସବୁ କାମରେ ସାହାଯ୍ୟ କରୁଥିଲେ । ଝିଅମାନଙ୍କୁ ସେ ଭାରି ଭଲ ପାଆନ୍ତି । ସେ କହନ୍ତି 'ଝିଅ ଭଳି ଜିନିଷ କେଉଁଠୁ ମିଳିବ ?"

ପ୍ରାୟ ଝିଅମାନେ ଫିଷ୍ଟ୍‌କରୁ । କାଳିଆ ଆମ ସାଙ୍ଗରେ ଥାଏ । ତାଙ୍କର ଝିଅ ନଥିବାରୁ ଖୁଦୁରୁକୁଣୀ ପୂଜାଠୁ ଫିଷ୍ଟ୍ ପର୍ଯ୍ୟନ୍ତ ଖୁଡ଼ୀ ତା' ଭାଗ ପଇସାପତ୍ର ଦେଇଦିଏ ।

Digital Copy from the Author

ଆମେ ପ୍ରଥମେ ଫିଷ୍ଟ କଲାବେଳେ ସମସ୍ତେ ସମସ୍ତଙ୍କ ଘରୁ ଚାଉଳ, ଡାଲି, ପରିବା, ତେଲ, ଲୁଣ ସବୁ ନେଇ ଆସୁ । ଜାଳ ମଧ୍ୟ । କେବେ ବାଡ଼ିରୁ ଜାଳ ସଂଗ୍ରହ କରିନେଉ । ମାଛ ପ୍ରାୟ ଆମ ଗାଁ'ରେ ସବୁବେଳେ ମିଳେ । ବନିଶି ପକାଇ କି କିଏ ଟିକିଏ ଜାଲ ପକାଇ ଦେଲେ ମାଛ ହୋଇଯାଏ । ମାଛ ଝୋଳ କରୁ । ବେଳେବେଳେ ଅଣ୍ଡା ତରକାରି କରୁ ।

ବୟସ ବଢ଼ିବା ସହିତ ଫିଷ୍ଟର ଆକାର ପ୍ରକାର ବଢ଼ିଗଲା । ଆସ୍ତେଆସ୍ତେ ଅଧିକ ପିଲା ମିଶି ଆମେ ରୋଷେଇ କଲୁ । ନିରଦାଦା ଆମ ପାଖରେ ରହନ୍ତି । ଦେଖନ୍ତି ଭାତ କେମିତି ହେଲା କି ନାହିଁ । ମୋ' ମନକୁ ଆସିଲା ନୂଆବର୍ଷକୁ ସ୍ୱାଗତ ଓ ପୁରୁଣା ବର୍ଷକୁ ବିଦାୟ ଦେବା ପାଇଁ । ଆମେ ପ୍ରତିବର୍ଷ ଜାନୁୟାରୀ ୩୧ ତାରିଖ ରାତି ୧୨ଟାରେ ଫିଷ୍ଟ କରି ଖାଇଲୁ । ଗାଁ' ଛାଡ଼ିବାଯାଏ ସେ ଫିଷ୍ଟ ଚାଲିଥିଲା ।

ଥରେ ଆମ ଘରେ ଫିଷ୍ଟ ହେଉଥିଲା । ବାପା ଦେଖିଲେ ବହୁତ ଭାତ ବଳିଛି । ବାପା କହିଲେ – 'ପଙ୍ଖୁଆଣି କରୁନା' ।

ପଙ୍ଖୁଆଣି ଶବ୍ଦଟା ସେଦିନ ପ୍ରଥମେ ଶୁଣିଲି । ଭାତ ପଖାଳି ଦେଉ । ତା'ପରଦିନ ଏକାଠି ଗାଧୁଆପାଧୁଆ ସାରି ଭଜାଭଜି କରୁ । ଯାହା ଘରେ ଯାହା ଥିବ ଭଜା, ବଡ଼ିଚୂରା, ଶାଗ, ଆଚାର ଇତ୍ୟାଦି ଆଣି ସାଙ୍ଗହୋଇ ଖାଉ । ଫିଷ୍ଟଠାରୁ ପଙ୍ଖୁଆଣି ବହୁତ ବଢ଼ିଆ ଲାଗେ ।

ଶୀତଦିନେ ଖଳାରେ ବସି ଘରୁ ଭାତ, ଭଜା, ଶାଗ, କମଳା ଚକଟା, ଆଳୁଭର୍ତ୍ତା କେତେ ପ୍ରକାର ଯିଏ ଯାହା ଆଣିଲା ଆଣି ଏକାଠି ବସି ଖାଉ । ଏତେ ଆନନ୍ଦ ମିଳେ କହିହେବନି । ବେଳେବେଳେ ନିରଦାଦାଙ୍କ କଦଳୀ ବାଡ଼ି, ଠାକୁରବାଡ଼ିରେ ଫିଷ୍ଟ କରୁ । ସେ ଫିଷ୍ଟର ସ୍ୱାଦ ପଞ୍ଚତାରକା ହୋଟେଲରେ ବି ମିଳିବନି ।

ଫିଷ୍ଟ ବ୍ୟତୀତ ମୁଢ଼ିନଡ଼ିଆ, ବାଦାମ ଭଜା, ଖଟା ପାଣି, ଦଅଦୟା, କୋଳି ଚକଟା, କମଳା ଚକଟା, ଆମ୍ବକଷି ଲଙ୍କା ଲୁଣ ଲଗେଇ ଖାଇ ମଜା କରୁଥିଲୁ । ସୁଲଅପା ଦୋକାନର ବାଦାମଭଜାର ସ୍ୱାଦ ଏବେକାର ବାଦାମଭଜାରୁ ମିଳେନି । ନେତ୍ରାଭାଇ ଦୋକାନରେ ଚେନାଚୁର, ଦିଲଖୁସ୍ ଖାଇଲେ ସତରେ ଦିଲଖୁସ୍

Digital Copy from the Author

ହୋଇଯାଏ । ନେତ୍ରାଭାଇ ପ୍ରଥମେ କଟକରୁ ନୂଆନୂଆ ଜିନିଷ ଆଣି ବିକିଲେ । ତାଙ୍କ ଦୋକାନରେ ଭିଡ଼ ଜମିଯାଏ ।

ଏହା ବ୍ୟତୀତ ପ୍ରାୟ ଆମ ଘରେ, ଡଲିଙ୍କ ଘରେ, କାଞ୍ଚନ ଘରେ ଯେଉଁଠି ହେଉ ଆମେ ସାଙ୍ଗ ହୋଇ ଖାଉ । ସାଇପଡ଼ିଶା ଝିଅମାନଙ୍କୁ ଡାକନ୍ତି ଖାଇବାକୁ, ଯାହାର ଭଲ ରୋଷେଇ କି ପିଠାପଣା ହେଲେ । ରଜରେ ତ ତିନିଦିନଯାକ ବୁଲିବୁଲି ଖାଉ । ସମସ୍ତଙ୍କ ଘରେ କିଏ ପିଠା, କିଏ ପୁରୀ ତରକାରି, କିଏ ମାଛ ତ କିଏ ମାଂସ କରି ଡାକନ୍ତି । ସାଙ୍ଗ ହୋଇ ଏକାଠି ବସି ଖାଇଲେ ଯାହା ଖାଇଲେ ବି ଅମୃତ ଭଳି ଲାଗେ । ମୋର ସବୁବେଳେ ଭାରି ଇଚ୍ଛା ସମସ୍ତଙ୍କୁ ଡାକନ୍ତି, ଆମ ଘରେ ଏକାଠି ଖାଆନ୍ତୁ ।

ଫିଷ୍ଟ୍ ବ୍ୟତୀତ ଯାହାର ଭୋଜିଭାତ ହୁଏ, ଆମ ପିଲାମାନଙ୍କୁ ଡାକନ୍ତି । ଆମେ କହୁ "ଡାଲି ଭାତ" ଗାଁ'ରେ ଶ୍ରାଦ୍ଧ ହେଲେ ମୁଗଡାଲି, କଖାରୁ, ସାରୁ, କଦଳୀ, ଦେଶୀଆଳୁ ପଡ଼ି ତରକାରି, ଖଟା ହୁଏ । କିଏ କ୍ଷୀରୀ କରନ୍ତି, କିଏ ବି କରନ୍ତିନି । କଦଳୀପତ୍ର ପକାଇ ଖାଉ । ଘରେ ଖାଇବାକୁ ଇଚ୍ଛା ନ ଥାଏ । ଡାଲିଭାତ ଖାଇବାକୁ ଏତେ ଭଲ ଲାଗେ କହିହେବନି । ଯାହାର ଅନନ୍ତ ବ୍ରତ କରନ୍ତି ଏକବାରକୁ ପିଲାମାନଙ୍କୁ ଖାଇବାକୁ ଡାକନ୍ତି । ତା'ଛଡ଼ା ବାହାଘର ଭୋଜି ତ ସମସ୍ତଙ୍କୁ ମଜା । ଚାରିପାଞ୍ଚ ଦିନ ପର୍ଯ୍ୟନ୍ତ ସାଇରେ ରୋଷେଇ ବନ୍ଦ ହୁଏ । ପୁଅ ବାହାଘରେ ମଙ୍ଗନ, ବରଯାତ୍ରୀ ଯିବା ଦିନ, ବର ଫେରିବା ଦିନ ଓ ଚତୁର୍ଥୀ ଭୋଜି, ଚାରି ଥର ଖାଇବାକୁ ଦିଆଯାଏ ।

ଅଷ୍ଟ ପ୍ରହରୀ, ଚତୁର୍ଥ ପ୍ରହରୀରେ ଭୋଜିର ସ୍ୱାଦ ନିଆରା । ଠାକୁରବାଡ଼ିରେ ଦେବସ୍ନାନ ପୂର୍ଣ୍ଣିମା, ଅନ୍ନକୁଟ ଅନ୍ୟ ପର୍ବରେ ଖାଇବାକୁ ଦିଆଯାଏ । ଠାକୁରବାଡ଼ି ପ୍ରସାଦର ସ୍ୱତନ୍ତ୍ରତା ରହିଛି । ତା'ର ଗୋଟାଏ ନିଆରା ବାସ୍ନା । ଖାତାପୂଜାରେ ଫଳମୂଳ ଭୋଗ ଖାଉ । ଶୁଦ୍ଧିକ୍ରିୟାରେ ମଧ୍ୟ ଅଲଗା ପ୍ରକାର ଖାଇବାକୁ ହୁଏ । ଯେଉଁ ଭୋଜିଭାତ ହେଉ ବା ଆମ ଫିଷ୍ଟ୍ ହେଉ, ସାଙ୍ଗସାଥୀ ମିଶିକରି ଖାଇବାରେ ଆନନ୍ଦ କେଉଁଠି ମିଳିବନି ।

□□□

Digital Copy from the Author

ଅନ୍ନପୂର୍ଣ୍ଣା ଦେଇ ଆଉରି ଘୂରେ

ଆମ ଗାଁ'କୁ ବିଭିନ୍ନ ପ୍ରକାର ଖେଳବାଲା ଆସି ଖେଳ ଦେଖାଉଥିଲେ । ଆମେ ସେ ସବୁ ଖେଳ ବହୁତ ଉପଭୋଗ କରୁଥିଲୁ । ମୋତେ ସବୁଠୁ ଭଲ ଲାଗୁଥିଲା ବାଉଁଶରାଣୀ ଖେଳ । ବାଉଁଶ ପୋତା ହୁଏ । ବିଭିନ୍ନ ଦୋଳି ଝୁଲେ । ବାଉଁଶ ଅଗରେ ଲୁହା କଣ୍ଟା ଥାଏ । ସେ କଣ୍ଟା ଉପରେ ପେଟେଇ ପଡ଼ି ହାତଗୋଡ଼ ଛାଡ଼ି ସ୍ତ୍ରୀ ଲୋକଟାଏ ଘୂରୁଥିଲା ଖୁବ୍ ଜୋର୍‌ରେ ।

ଆମ ପିଲାବେଳେ ଯେଉଁ ଦଳଟି ଆସିଥିଲା ସେ ଭାରି ପ୍ରସିଦ୍ଧ ଥିଲା । ଯେଉଁ ସ୍ତ୍ରୀ ଲୋକଟି ଘୂରୁଥିଲା, ତାକୁ ବାଉଁଶରାଣୀ କୁହାଯାଉଥିଲା । ତା' ନାଁ ଥିଲା ଅନ୍ନପୂର୍ଣ୍ଣା । ଯିଏ ବାଜା ବଜାଉଥିଲା ତା' ନାଁ ରତ୍ନାକର । ଯିଏ ଦୋଳି ଖେଳୁଥିଲା ତା' ନାଁ ବସନ୍ତ । ବୁଢ଼ାଟି କହୁଥିଲା, "ରତ୍ନାକର ଚାଲୁକର" ରତ୍ନାକର ବାଜା ବଜାଉଥିଲା । ବାଜା ବଜାଇଲା ବେଳେ ଅନ୍ନପୂର୍ଣ୍ଣା ପେଟରେ କଣ୍ଟା ଦେଇ ଘୂରୁଥିଲା । ବୁଢ଼ା ଜୋର୍‌ରେ କହେ "ଅନ୍ନପୂର୍ଣ୍ଣା ଦେଇ ଆଉରି ଘୂରେ ।"

ଏଇ କଥା ଆମର ଏମିତି ମନଛୁଇଁ ମୁଖସ୍ଥ ହୋଇଯାଇଥିଲା ଯେ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ କହୁଥିଲେ, "ଅନ୍ନପୂର୍ଣ୍ଣା ଦେଇ ଆଉରି ଘୂରେ ।" ବସନ୍ତ ଦୋଳିରେ ବସି ଗୀତ ଗାଉଥିଲା – 'ହେ ବନ ଗିରି, ହେ ଲତାଗିରି, ମୋ' କାନ୍ତ ଗଲେ ମୃଗମାରି ।' ଆମେ ସବୁ ଆଶ୍ଚର୍ଯ୍ୟ ହୋଇ ବାଉଁଶରାଣୀ ଖେଳ ଉପଭୋଗ କରୁଥିଲୁ ।

ଆମ ଗାଁ'କୁ ଆସୁଥିଲେ ମେଜିକ୍‌ବାଲା । କେତେପ୍ରକାର କୁହୁକ ଖେଳ ଦେଖାଉଥିଲେ । ଆମରି ଭିତରୁ ଗୋଟିଏ ପିଲାକୁ ଡାକିବ । ତା' ହାତ ଜୋରରେ ଭିଡ଼ିକରି ଆମରି ଭିତରୁ ଜଣେ ଲୋକ ବାନ୍ଧିଦେବ । ମେଜିକ୍‌ବାଲା କ'ଣ ମନ୍ତ୍ରକରିଦେବ ଯେ ଦଉଡ଼ି ହାତରୁ ଆପେ ଫିଟିଯିବ । ମେଜିକ୍‌ବାଲା ଦେଖାଉଥିବା ଟଙ୍କା ହଠାତ୍ ଯାଇ ସେ ପିଲା ପକେଟ୍‌ରୁ ବାହାରିବ । ମେଜିକ୍‌ବାଲା ପକେଟରେ କିଛି ନଥିବ । ଅନେକ ହାତଛପେଇ କୁହୁକ ଖେଳ ଦେଖାଏ ସେ ମେଜିକ୍‌ବାଲା । ଏ ପର୍ଯ୍ୟନ୍ତ ମୋ' ମନରେ ସନ୍ଦେହ, ଏହା କିପରି ହେଉଛି ! ସତରେ କ'ଣ ମନ୍ତ୍ର କୁହୁକ ଏମିତି କାମ କରେ ???

Digital Copy from the Author

ବାଇସ୍‌ସ୍କୋପ୍‌ବାଲା ବଡ଼ ବାକ୍ସ ଧରି ଆସେ । ସେ ବାକ୍ସର ଚାରିପାଞ୍ଚଟା ମୁହଁ ଥାଏ । ଜଣେ ଜଣେ ପିଲା ସେ ମୁହଁରେ ଆଖିଦେଇ ଦେଖନ୍ତି । ତା' ଭିତରେ ଗୁଡ଼ାଏ ଚିତ୍ର ଦେଖାଯାଏ, ବାଇସ୍କୋପବାଲା ଏପଟେ ପାଟିକରି କୁହୁଥାଏ – 'ହାୱ୍‌ଡ଼ାପୋଲ ଦେଖ, ଲାଲ୍‌କିଲ୍ଲା ଦେଖ, କୁତବ୍ ମୀନାର୍ ଦେଖ, ବମ୍ବେ ସହର ଦେଖ' ଇତ୍ୟାଦି । ମୁଁ ଛୋଟ ବାଇସ୍‌ସ୍କୋପ୍ କିଣି ନିଜେ ଦେଖୁଥିଲି । ଅନ୍ୟ ପିଲାଙ୍କୁ ବି ଦେଖାଉଥିଲି ।

ଆମ ଗାଁ' ଦାଣ୍ଡକୁ ସାପୁଆ କେଳା ସାପ ପେଡ଼ି ଭାର କରି ଆଣି ସାପ ଖେଳାଏ । ଗୋବିନ୍ଦି ମୂଷା ବି ଆଣିଥାଏ । କେଳା ମଝି ଦାଣ୍ଡରେ ତା'ର ଭାର ଥୋଇ ପଦ୍ମତୋଳା ବୋଲା ଆରମ୍ଭ କରିଦିଏ –

'– ଏ କଂସର ଘରଣୀ ପଦ୍ମାବତୀ ରାଣୀ
କରିଥିଲା ଧନିତିରି ଓଷା,
ଲକ୍ଷେଭାର ପଦ୍ମ ଦେବୁରେ କହ୍ନାଇ
ନଥିବ ପାଖୁଡ଼ା ମିଶା କି ଗୋବିନ୍ଦ ହରି...
କି ଗୋବିନ୍ଦ ହରି.... ।
ଭାଆଲା.... ଭାଆଲା.... ଭାଆଲା.... ।

ଏ ଗୀତ ଶୁଣି ଯିଏ ଯୁଆଡ଼େ ଥିବେ ଘରୁ ଦାଣ୍ଡକୁ ଦୌଡ଼ିଆସୁ । କେଳା ସାପକୁ ପେଡ଼ିରୁ କାଢ଼ି ଖେଳାଏ । ସାପ ତା' ହାତକୁ ଚୋଟ ମାରେ । ମୁଁ ତାକୁ ଦେଖି ଚିହିଁକି ଉଠେ । ଗୋବିନ୍ଦି ମୂଷା କୂଅରୁ କେମିତି ପାଣିକାଢ଼େ ଦେଖାଏ । ମୁଣ୍ଡପୋତା କେଳା ଅମ୍ବଟାକୁଆ ନାକରେ ଲଗାଇ ଘୋଡ଼ାନାଚ କରି ଶେଷରେ ଦାଣ୍ଡରେ ଗାତ ଖୋଳି ମୁଣ୍ଡପୂରାଏ । ତା' ଉପରେ ମାଟି ଭରିଦିଏ । ଦୁଃଖଲାଗେ କେମିତି ନିଃଶ୍ୱାସ ନେଉଛି । ମୁଣ୍ଡ ପୋତିଥିବା ସମୟରେ ତରତର ହୋଇ ଯିଏ ଚାଉଳ ପଇସା ଯାହା ଆଣି ଦିଅନ୍ତି । ସେ ମୁଣ୍ଡ ଉଠାଇଲା ପରେ ଆଉ କିଛି ନିଏନି । ଭାବେ, ପେଟପୋଷିବା ପାଇଁ କେତେ କଷ୍ଟ ନ କରୁଛି ! ବିଚାରା ଏବେ ଜୀବନଧାରଣର ମାନ କେତେ ବଢ଼ିଛି ସତରେ । ସେଇ କେଳାଙ୍କ ପିଲାମାନେ ଆଜି ଖୁବ୍ ଭଲରେ ଜୀବନ ବିତାଉଛନ୍ତି ।

ସଖୀ କଣ୍ଢେଇବାଲା ଆସୁଥିଲେ । ଜଣେ ଲୋକ ଗୋଟିଏ ହାତରେ ସଖୀ କଣ୍ଢେଇ ନଚାଏ ଓ ଆର ହାତରେ ଏକା ସାଙ୍ଗରେ ବାଜା ବଜାଏ । ମାଙ୍କଡ଼ନାଚ ମଧ୍ୟ ଆସୁଥିଲେ । ପାଟି ସାର୍ଟ, ପ୍ୟାଣ୍ଟ, ଟୋପି ପିନ୍ଧି କେତେ ପ୍ରକାର ନାଚ ଦେଖାଉଥିଲା । 'ହନୁମୋର ପାଟପିନ୍ଧିବ, ନାଟକରିବ, ହାଟକୁ ଯିବ' ଇତ୍ୟାଦି ଗୀତ ବୋଲେ ମାଙ୍କେଡ଼ିଆ କେଳା । ଏଇ ପେଟ ଚାଖଣ୍ଡକ ପାଇଁ କି ନାଟ ସତରେ !

❑❑❑

Digital Copy from the Author

କଲମ ଉଜ୍ଜ୍ୱଳ ହେଉ

ପିଲାବେଳେ ଆମ ଗାଁ'କୁ କେତେ ଯୋଗୀ, ଭିକାରୀ, ଚକୁଳିଆପଣ୍ଡା, ଭାଟ, କେଳାକେଳୁଣୀ, ହାରମୋନିୟମ୍ ଧରି ଗୀତବାଲା ଆସୁଥିଲେ । କେନ୍ଦେରା ନାଉଥାଳ ଧରି ବହୁତ ଯୋଗୀ ଆସନ୍ତି । ଦୁଆର ମୁହଁରେ କେନ୍ଦେରା ବଜାଇ ଗୀତ ସୁର ଦେଇ ବୋଲନ୍ତି, 'ଭଜୁ କି ନା ରାମ ନାମରେ କୁମର...' । ଆମେ ତା' ଥାଳରେ ଭିକ ଚାଉଳ ଦେଉ । ସେ ଚାଉଳ ନେଇଯାଆନ୍ତି । କେତେକ ଯୋଗୀ ବହି ଆଣି ଆସନ୍ତି । ଗୋଟାଏ କାନ୍ଧରେ ନାଉଥାଳ, ଆଉ ଗୋଟାଏ କାନ୍ଧରେ ବହିଝୁଲା । ତା' ଭିତରେ କେତେ ଗପବହି, ଗୀତବହି । ମୁଁ ଶୁଆସାରୀ କଥା, ଅବଲୋକରା କାହାଣୀ, ଅଦ୍ଭୁତ କାହାଣୀ, କେତେ ଜଣାଣ, ଭଜନ ବହି କିଣି ରଖେ ।

ଜଣେ ବୁଢ଼ା ଯୋଗୀ ଆସୁଥିଲା । ଗୋରା ତକତକ୍ ଚେହେରା । ନଇଁ ନଇଁ ବାଡ଼ି ଧରି ଆସେ । ହାତରେ ଚିକ୍ ଚିକ୍ ପିତଳ ହାଣ୍ଡି । ପାହାଚ ଉପରେ ଚଢୁଚଢୁ ଡାକଛାଡ଼େ 'ଆଲୋ ମା' ସାନ୍ତରା ଝିଅ । ଆଲୋ ହଂସୁରା ମକଦ୍ଦମି ଘର ଝିଅ ! କୁଆଡ଼େ ଗଲୁ ?' ଖାଲି ବୋଉ ନୁହେଁ ସେ ବୁଲୁଥିବା ଅଞ୍ଚଳରେ ପ୍ରାୟ ସବୁ ବୋହୂମାନଙ୍କର ବାପଘର ଇତିହାସ ତାକୁ ଜଣା । ଯିଏ ତା' ମନଲାଖି ବହୁତ

Digital Copy from the Author

ଦେଲା, ତାକୁ ପ୍ରଶଂସା କରିଯାଏ । ଯିଏ ନଦେଲା, ତା' ନାଁରେ କେତେକଥା କହି ଗାଳି କରିଯାଏ । ସେତେବେଳେ ଶୁଣିଥିଲି ତା' ପୁଅମାନେ ଭଲ ଚାକିରିବାକିରି କରିଥିଲେ ।

କାନ୍ଧରେ ହାରମୋନିୟମ୍, ହାତରେ ଚିତ୍ରପଟ ଧରି ଗୀତ ବୋଲାଳି ଆସନ୍ତି । ସେମାନେ ସାମ୍ବାଦିକ ଭଳି ବୁଲୁଥାନ୍ତି । କେଉଁଠି ରୋମାଞ୍ଚକର ଘଟଣା ଘଟିଲା ତାକୁ ନେଇ ଗୀତ ଲେଖି ଗାଁ' ଗାଁ' ବୁଲନ୍ତି । ଲୋକମାନେ ସେ ବହି କିଣିନେଇ ସବୁ ଘଟଣା ଜାଣିପାରନ୍ତି । ମୋ' ପିଲାବେଳେ କରୁଣି ବିଶ୍ୱାଳର ହତ୍ୟା କଥାକୁ ନେଇ ବହି ବାହାରିଥିଲା । ଭରାଳୋ ସୌଦାମିନୀ ଜଗତ୍‌ସିଂହପୁର କଲେଜରେ ପାଠ ପଢୁଥିଲା । ତାକୁ ଗୁଣ୍ଡାମାନେ ହାଣି ମାଛଗାଁ କେନାଲରେ ଭସାଇ ଦେଇଥିଲେ । ସେ ବିଷୟରେ ଗୋଟିଏ ବହି ବାହାରି ବିକ୍ରି ହେଉଥିଲା । ମୁଁ କିଣିଥିଲି – "ମାଛଗାଁ କେନାଲରେ କଲେଜ ଛାତ୍ରୀର ଶବ" ।

ଆମ ଗାଁ'କୁ 'ଧ୍ରୁବ' ବୋଲି ଗୋଟିଏ ବାଘୁଣୀ ଭଳି ଲୋକ ଆସୁଥିଲା । କାହାକୁ କିଛି ନ କହି ମଝି ଦାଣ୍ଡରେ ବସୁଥିଲା । ଯିଏ ଯାହା ଦେଉଥିଲା ନେଉଥିଲା । ଆଉ ଜଣେ ବୁଢ଼ା ବ୍ରାହ୍ମଣ ଆସନ୍ତି ଭିକ ମାଗିସାରି ରାତିରେ କଣ୍ଟୁରି ବଡ଼ବାପା (କଣ୍ଟୁରୀ ରାଉତ)ଙ୍କ ଘରେ ରହନ୍ତି । ଆମେ ପିଲା ମଧ ଯାଇ ଭିଡ଼ ଜମାଉ । ତାଙ୍କଠୁ ଗପ ଶୁଣୁ ।

କାର୍ତ୍ତିକ ଓ ମାଘ ମାସରେ ଆମ ଗାଁ'କୁ ଚକୁଳିଆ ପଣ୍ଡା ଆସନ୍ତି । ତାଳପତ୍ର ଛତା ଓ ପିତଳ ହାଣ୍ଡି ଧରି ଗାଁ'ଦାଣ୍ଡରେ ଗୀତ ବୋଲି ଯାଆନ୍ତି ।ତାଙ୍କ ଡାକ ଗୀତ ଶୁଣି ସମସ୍ତେ ଚାଉଳ ପରିବା ଇତ୍ୟାଦି ତା' ହାଣ୍ଡିରେ ଦିଅନ୍ତି । ମୁଁ ବି ବହୁତ ଥର ଦେଇଛି । ତାକୁ ଭିକ ଦେବାକୁ ଭଲ ଲାଗେ । ସେମାନେ କେଉଁଠି ରହନ୍ତି ? ଚକୁଳିଆ ପଣ୍ଡା କାହିଁ ହୋଇଛନ୍ତି ? ଏକଥା ପଚାରିଲେ ମା' କହେ, ବ୍ରାହ୍ମଣଘର ପିଲା ବ୍ରତ ହେଲାବେଳେ ତିନି ଗାର ଡେଇଁ ଗଲେ ଚକୁଳିଆ ପଣ୍ଡା ହୁଅନ୍ତି । ଡରମାଡ଼େ ଶୁଣିଲେ ।

ସବାଖିଆ ମୁଣ୍ଡରେ ନାଲି ପଗଡ଼ି ବାନ୍ଧି ହାତରେ ଲୁହା ବଳାରେ ଛୁରୀ ଟଙ୍ଗ୍ ଟଙ୍ଗ୍ କରି ବଜାଇ କ'ଣ ଆଡୁର ମାଡୁରୁ ଭାଷା କହେ ଆମେ ବୁଝି ପାରୁନା । ତାକୁ

Digital Copy from the Author

ଭିକଦେବାକୁ ଡରମାଡ଼େ । କେଲୁଣୀ ବାଳ ଝାମ୍ପୁରା କରି ସବାଖିଆ ଭାଷାରେ କ'ଣ ସବୁ ଗୀତ ବୋଲନ୍ତି, ଭିକ, ଭାତ, ତରକାରି ନେଇ ଯାଆନ୍ତି । ସଖୀ କେଲୁଣୀ ଆସୁଥିଲା । ଜିନୁକୁ ତାକୁ ବିକ୍ରି କରିଦେଇଥିଲୁ ଦେହ ଖରାପ ଥିଲା ବୋଲି । ସାତ ବର୍ଷରେ କିଣି ଆଣିଲୁ । ସେ ନୂଆ ଲୁଗା, ଟଙ୍କା, ଚାଉଳ ଇତ୍ୟାଦି ନେଲା । ସେତେବେଳେ ଛୁଆ ରୋଗଣା ହେଲେ ଛୁଆଙ୍କ ଉପରେ ମୋହ ରଖି ଭଗବାନଙ୍କୁ ସମର୍ପଣ କରିବା ଲାଗି କିଏ ଯୋଗୀକୁ ଭିକାରୀକୁ ବିକି ଦେଉଥିଲେ । ବାବାଜୀ କରି ଦେଉଥିଲେ । ସେ ଅନୁସାରେ ତାଙ୍କ ନାଁ ବି ରହୁଥିଲା । ବାବାଜୀ, କେଲୁଣୀ, ଯୋଗୀ ଇତ୍ୟାଦି । ନାଉତୁମ୍ବା ବଜେଇ କେଳା ବି ଆସୁଥିଲେ ।

ନଳୁଆ କେଳା କେଲୁଣୀ ଆସୁଥିଲେ । ନଳୁଆ କେଲୁଣୀ ଭାରି ପରିଷ୍କାର । ମୁଣ୍ଡରେ ବଡ଼ିଆ ସୁନ୍ଦା କରିଥାନ୍ତି । ଟୋକେଇରେ ନଖପାଲିସ୍, ଛୁଞ୍ଚସୂତା ଆଦି କେତେ ଜିନିଷ ଆଣିଥାନ୍ତି । ପୁଣି ପିଲାଟିକୁ ଲୁଗାରେ ପୂରାଇ କାଖେଇ ବେକରେ ପକାଇଥାନ୍ତି । ଭାରି ମିଠା ସ୍ୱରରେ ଆସି ଡାକନ୍ତି – ଲୋ ଗେଡ଼ି, ଲୋ ବାବୁଆଣି, ହେ ପୁଅମା । ଆମେ ତା' ଟୋକେଇ ଚାରିପଟେ ଘେରିଯାଉ । ନଳୁଆ କେଳା ନଳଯୋଖି ଚଢ଼େଇ ମାରନ୍ତି । ଆଉ କେତେ କେଳା ଆସି ଗାଁ' ଦାଣ୍ଡରେ କାଉ ଫାସ ବସାନ୍ତି । କାଉ ସବୁ ଧରି ନିଅନ୍ତି । କେତେକ ଗୋଧି ମାରି ନିଅନ୍ତି । ସେମାନେ ସେଗୁଡ଼ା ଖାଆନ୍ତି ।

ଆମ ଗାଁ'କୁ ଆସୁଥିଲେ ଧନିଆନନା, ସୁମା ବାଇଆଣୀ ଆଉ ଧରମା ମାଇଚିଆ । ଏମାନେ ବଡ଼ଘରେ ଜନ୍ମ ହୋଇଥିଲେ । କିନ୍ତୁ ମୁଣ୍ଡ ଖରାପ ହୋଇ ପାଗଳ ହୋଇ ବୁଲିଲେ । ଯିଏ ଯାହା ଦେଲା ଖାଇଲେ ।

ସୁମା ବାଇଆଣୀକୁ ମୋତେ ଡର ଲାଗେ । ସେ ମୋତେ ଦେଖିଲେ ଧରିବାକୁ ଆସେ । କହେ ଏଇ ମୋ' ଝିଅ ଆସିଲାଣି । ହାକିମ ଝିଅ ଇଏ । ହରି ନେଇ ରଖିଛି । ମୁଁ ତା' ପାଖରୁ ଡରି ପଳାଏ । ଉଡ଼ାଜାହାଜ ଦେଖିଲେ କହେ ଏଇ ହାକିମ ଉଡ଼ାଜାହାରେ ଆସୁଛି ମୋତେ ନେବ । ଭୋଜିଭାତ ହେଲେ ସେ ବହୁତ ସମୟ ଯାଏ ବସି ବହୁତ ଖାଏ । ତା'ପରେ ପେଟ ଦେଖାଇ କହେ – "କ'ଣ ଅଛି ? କିଏ ନେଇଗଲାଣି ।" କାହାର କାହାର କାମ ବି କରିଦିଏ । ଆମ ଗାଁ' ଝିଅ । ବାହା

Digital Copy from the Author

ହୋଇଥିଲା । ତା'ର ପୁଅ ଥିଲେ । ସେ କାହିଁକି ପାଗଳୀ ହୋଇଗଲା । ମୁଁ ପରେ ଶୁଣିଲି ମୋ' ଶାଶୂଙ୍କୁ କୁଆଡ଼େ ସେ ସମୁଦୁଣୀ ଡାକୁଥିଲା । ସେ କ'ଣ ଜାଣିଥିଲା ମୋର ସେଠି ବାହାଘର ହବ ବୋଲି ? ମତେ ଝିଅ ଓ ମୋ' ଶାଶୂଙ୍କୁ ସମୁଦୁଣୀ ଡାକୁଥିଲା କାହିଁକି ? ମୋ' ବାହାଘର ବେଳକୁ ସେ କିନ୍ତୁ ଇହଜଗତରେ ନଥିଲା । ଖାଦ୍ୟ, ଅଖାଦ୍ୟ ଖାଇ ସେ ବିଲରେ ପଡ଼ି ମରିଗଲା । ଭାରି ଦୁଃଖ ଲାଗେ ।

ଆମ ଗାଁ'କୁ ଆସନ୍ତି ଆମ କୁଳ ପୁରୋହିତ ନୃସିଂହନନା । ଆମ ପିଣ୍ଡ ଶ୍ରାଦ୍ଧ, ବାହାଘର, ସତ୍ୟନାରାୟଣ ପୂଜା, ଜନ୍ମାଷ୍ଟମୀ, ସୁଦଶାବ୍ରତ ସବୁ ପୂଜା, ମେଳା ସେ କରନ୍ତି । ସେ ଆମ ଘରକୁ ବେଶି ଆସନ୍ତି; କାରଣ ବୋଉ ଆମ ଘରେ ସବୁ ପ୍ରକାର ପୂଜା ଓ ସବୁ ମେଳା କରେ । ସେ ଆସିଲେ ବୋଉ ତାଙ୍କୁ ପାଣି ଢାଳେ ଦିଏ ଗୋଡ଼ ଧୋଇବାକୁ ଓ ମୁଣ୍ଡିଆ ମାରେ । ସେ ବୋଉକୁ ଆଶୀର୍ବାଦ କରି କେତେ କଥା କୁହନ୍ତି । ତାଙ୍କ କଣ୍ଠ ଭାରି ପରିଷ୍କାର । ଖୁବ୍ ବଢ଼ିଆ ପୂଜା କରନ୍ତି । ଶ୍ଲୋକ ବୋଲନ୍ତି । ତାଙ୍କ ଘର ଲଥାଙ୍ଗ । ଯଦି କେଉଁଦିନ ବେଶି ରାତି ହୋଇଯାଏ, ସେ ଆମ ଘରେ ରହନ୍ତି । ସେ ବ୍ରାହ୍ମଣ । ଆମ ଘରେ ଖାଇବେନି । ଚାଉଳ, ଡାଲି, ଆଳୁ ନେଇ ସେ ନିଜେ ରୋଷେଇ କରନ୍ତି । ନୃସିଂହନନା ବଢ଼ିଆ ଆଳୁବଘରା କରନ୍ତି । ଆମକୁ ଟିକେ ଟିକେ ଦିଅନ୍ତି । ଏତେ ଭଲ ଲାଗେ ଯେ ନୃସିଂହନନା ଆମ ଘରେ ଯେଉଁଦିନ ରହିବେ ମୁଁ ଚାହିଁ ବସିଥାଏ । ଆମକୁ ଟିକେ ଜର ହେଲେ କି ମୁଣ୍ଡ ବିନ୍ଧିଲେ କି ପେଟ କାମୁଡ଼ିଲେ, ମାଆ ନୃସିଂହନନାଙ୍କୁ ଡାକି ଝାଡ଼ିଦିଏ । ମୁଁ ତାଙ୍କ ଆଗରେ ଆସନଟିଏ ପକାଇ ବସେ । ସେ ମୋ ଦେହରେ ହାତ ଆଉଁସି ଆଙ୍ଗୁଠି ଫୁଟାଇ ଫୁଙ୍କି ଦିଅନ୍ତି । ମୁଣ୍ଡ ଆଉଁସି ଦିଅନ୍ତି । ମୋତେ ଭଲ ଲାଗେ । ପେଟ କାମୁଡ଼ିଲେ ଲୁଣ ମନ୍ତୁରେଇ ଦିଅନ୍ତି । ମନ୍ତୁରା ଲୁଣ ଟିକେ ଖାଇ ପେଟ ଭଲ ହୁଏ । ମୋ' ଜେଜେମା'ର ଧାରଣା, ମୋତେ ଡାଆଣୀ ଖାଇଯାଆନ୍ତି । ସବୁବେଳେ ମୋତେ ଘରଭିତରେ ଲୁଚାଇ ରଖେ ।

ଆମ ଗାଁ'କୁ ନାହାକ ପଣ୍ଡିତ, ଭାଟ ବହୁତ ଆସନ୍ତି । ନୁହାଡ଼ିରୁ ବହୁତ ନାହାକ ଆସନ୍ତି । ରାମ ନାହାକ, ଧଡ଼ିଆନାହାକ, ଯଦୁନାହାକ ଓ ବାବାଜୀ ନାହାକ । ଆମ ଘରେ ବହୁ ସମୟଧରି ବସନ୍ତି । ବୋଉ, ମା'ଙ୍କର ଜାତକପତ୍ରରେ ଭାରି ବିଶ୍ୱାସ । ବାପା ବି ବିଶ୍ୱାସ କରନ୍ତି । ସବୁ ଭାଇଭଉଣୀଙ୍କର ଜାତକ ଜଣେ ନୁହେଁ, ତିନିଚାରି ଜଣ ନାହାକ ପଣ୍ଡିତଙ୍କ ପାଖରେ ତିଆରି କରାଇଛନ୍ତି । ମୋର ତିନିଟା ଜାତକ ।

Digital Copy from the Author

ମୋ' ବୋଉର ଭାରି ଦୂରଦୃଷ୍ଟି । ସେ କହେ ଗୋଟିଏ ତା' ପାଖରେ ରହିବ । ଗୋଟିଏ ତା' ଶାଶୂଘରେ । ଆଉ ଗୋଟିଏ ତା' ଚାକିରି ଜାଗାରେ । ଯେଉଁଠି ସେ ରହିବ ସେଠି ରଖିବ । ବାସ୍ତବିକ ସେଇଆ ହେଲା । ଆମ ଘରକୁ ନାହାକମାନେ ସପ୍ତାହରେ ପ୍ରାୟ ଥରେ ଦୁଇଥର ଆସନ୍ତି । ହାଟପାଳି ଦିନ ଏକାଥରେ ତିନି ଚାରି ଜଣ ନାହାକ ପହଁଞ୍ଚନ୍ତି ।

ବୋଉ କେଉଁଦିନ କେଉଁ ପର୍ବ ପଡୁଛି, ଆମ ଜନ୍ମଦିନ କେଉଁଦିନ ପଡ଼ିବ ପଚାରେ । ନାହାକ ଆମ ଜାତକ ଦେଖନ୍ତି । ହାତଦେଖନ୍ତି । ଆମ ହାତ ଦେଖି କେତେ କଥା କହିଯାଆନ୍ତି । କେଉଁ ଦିଗରେ ବାହାଘର ହେବ । ଶାଶୂଘର ଆଗରେ ପୋଖରୀ ଥିବ । ମନ୍ଦିର ଥିବ । ବାହାଘର ପରେ ବିଦେଶରେ ରହିବ ଝିଅ । ପରୀକ୍ଷା ଦେଇଥିଲେ ପାସ୍ କରିବ କି ନା ମୁଁ ତାଙ୍କୁ ପଚାରେ । ସେ ଘରକାଟି ଖଡ଼ି ପକାନ୍ତି । କହନ୍ତି ଅମୁକ ରାଶିରେ ଅମୁକ ଗ୍ରହ ଅଛନ୍ତି, ନିଶ୍ଚୟ ପାସ୍ ହେବ । ପାସ୍‌କଲେ ମୋତେ ଲୁଗା ଖଣ୍ଡେ ଦେବ ।

ଆମ ଘରକୁ ନାହାକ ପଣ୍ଡିତ ଆସିବାର ଜାଣି ଗାଆଁରୁ ପଡ଼ିଶାଘରୁ କେହିକେହି ଆସି ପ୍ରଶ୍ନ ପଚାରନ୍ତି । କହନ୍ତି ଗୋଟାଏ ଫୁଲ ନାଁ କହ, ଗୋଟାଏ ଫଳ ନାଁ କହ । ତା'ପରେ ଗୋଟାଳିରେ ଗାରକାଟି ଉତ୍ତର ଦିଅନ୍ତି । କାହାର ପୁଅ ହେବ, କାହାର ଝିଅ ହେବ, କିଏ ପାସ୍ କରିବ, କିଏ ଫେଲ୍ ହେବ – ଆଗତ ଭବିଷ୍ୟତ କହନ୍ତି । ଫଳ ବାହାରିଲେ ତାଙ୍କ କଥା ଠିକ୍ ହେଲେ ବହୁତ ଚାଉଳ ଲୁଗାପଟା ନିଅନ୍ତି । ଭୁଲ୍ ହେଲେ ଗାଳି ଖାଆନ୍ତି । କେତେକ ନାହାକ ଜାତକ ଦେଖି କେତେ କଥା କୁହନ୍ତି ଅନୁମାନ କରି କେତେକ ସତ ହୁଏ, କେତେକ ମିଛ ହୁଏ ।

ରାମ ନାହାକ ମୋର ଓ ଅଞ୍ଜୁ ଜାତକ ଦେଖି କହିଥିଲେ – ଏ ଦୁଇଜଣ ହରିବାବୁଙ୍କ ଝିଅ ନୁହଁନ୍ତି, ଦୁଇ ପୁଅ । ମଞ୍ଜୁ ଭଲ ନାଆଁ କରିବ । ତା' ହାତରେ ପଇସା ରହିବନି । ଛୋଟ ପରିବାରରେ ପଡ଼ିବ । ଅଞ୍ଜୁକୁ କହନ୍ତି – 'ଇଏ ବହୁତ ପଇସା ରଖିବ । ବହୁକୁଟୁମ୍ବୀରେ ପଡ଼ିବ । ଛଅସାତ ଭାଇର ଘର, ବହୁ କୁଟୁମ୍ବ ଥିବେ ।' ଏଇକଥା ଏକଦମ୍ ସତ ହେଲା । ମୋତେ ସବୁ ପଣ୍ଡିତ କହିଥିଲେ ପଶ୍ଚିମ

Digital Copy from the Author

ଦିଗରେ ବାହାଘର ହେବ । କେହି ଜଣେ ବି କହିନଥିଲେ ଯେ ଏତେ ପାଖରେ ପୂର୍ବଦିଗରେ ହେବ ବୋଲି ।

ଭାଟମାନେ ଆସି ଦୁଆର ମୁହଁରେ କେତେ ମଙ୍ଗଳାଷ୍ଟକ ବୋଲନ୍ତି । ଆଶୀର୍ବାଦ କରି ଚାଉଳ ନେଇ ଯାଆନ୍ତି ।

ବଣିତୋ ପଣ୍ଡିମେଶ୍ୱର ମହାଦେବଙ୍କ ପାଖରୁ ରାଉଳ ପାଦୁକ, ଧଣ୍ଡା ଆଣି ଆସନ୍ତି । ମୁଣ୍ଡରେ ଚନ୍ଦନ ଲଗାଇ ଦିଅନ୍ତି । ପାଦୁକ ଦେଇ କହନ୍ତି "କଲମ ଉଜ୍ୱଳ ହେଉ" । କଲମ ଉଜ୍ୱଳ ହେଉ ବୋଲି କେବଳ ପଣ୍ଡିମେଶ୍ୱର ରାଉଳ କହନ୍ତି । ଏଇ ଆଶୀର୍ବାଦ ମୋତେ ଭାରି ଭଲ ଲାଗେ । କୁସୁମ ରାଉଳ ଓ ତାଙ୍କ ଭାଇମାନେ ଆସନ୍ତି । ସେମାନେ ଗାଁ'କୁ ଘଣ୍ଟ କରିବାକୁ ଆସନ୍ତି । ବିଭିନ୍ନ ବେଶ ହୋଇ ମୁଣ୍ଡରେ ଠାକୁର ଥୋଇ ଦାଣ୍ଡରେ ପହଡ଼ ପକାଇ ନାଚନ୍ତି । ରଣପା ଚଢ଼ନ୍ତି । ଆମେ ଦେଖୁ । ଭଲ ଲାଗେ । ଶାରଳାଙ୍କ ପାଖରୁ ମଧ ଘଣ୍ଟ ଆସନ୍ତି ।

ଦୋଳପୂର୍ଣ୍ଣିମାରେ ରାଧାକୃଷ୍ଣ ଘରଘର ବୁଲି ଦୋଳ ବିମାନରେ ଆସି ଭୋଗ ଖାଆନ୍ତି । ରଙ୍ଗ ଅବିର ଦେଇ ଯାଆନ୍ତି । ଜହ୍ନରାତିରେ ଗଉଡ଼ମାନେ ଆମ ଦାଣ୍ଡରେ ଲଉଡ଼ି ଖେଳନ୍ତି । ଲଉଡ଼ି ଗୀତରେ ଗ୍ରାମ ପରିବେଶ ଗୀତମୟ ଗୀତମୟ ଲାଗେ ।

ଆମ ଗାଁ'କୁ ପାଟୁଆ ନାଚ ଘୋଡ଼ାନାଚ ଆସନ୍ତି । ପିରଙ୍କ ପାଖରୁ ମୁସଲମାନମାନେ ପୁଟୁଆରରେ ଆସି କେତେ ପ୍ରକାର ଫଡ଼ିଖେଳ ଦେଖାନ୍ତି । ଦଶହରା, ଖୁଦୁରୁକୁଣୀ, ଗଜଲକ୍ଷ୍ମୀ ବେଳେ ମେଢ଼ ପଟୁଆରରେ ଆସେ । ସେଥିରେ କେତେ ପ୍ରକାରର ନାଚ ହୁଏ – କେଳାକେଲୁଣୀ ନାଚ, କାଳିକା ନାଚ, ଭାଲୁ ନାଚ, ବାଘ ନାଚ, ଷଣ୍ଢନାଚରେ ଗାଁ କମ୍ପୁଥାଏ । ଏମାନେ ଟିକେ ବେଶି ରାତିହେଲେ ଆସନ୍ତି । ଆମେ ସନ୍ଧ୍ୟାବେଳୁ ଶୋଇପଡ଼ିଥାଉ । ଗାଁ'ମୁଣ୍ଡରେ ବାଜା ବାଜୁବାକୁ ମା' ଆମକୁ ଉଠାଇଦିଏ । ଆମେ ଧଡ଼ପଡ଼ ହୋଇ ଉଠି ଦାଣ୍ଡକୁ ବାହାରିପଡୁ । ପିଣ୍ଡା ଉପରେ ଠିଆହୋଇ ଖେଳ ଦେଖୁ ।

ଆମ ଗାଁ' ଦାଣ୍ଡରେ କେତେ ଅପେରା, ଡ୍ରାମା, କେତେବେଳେ ଦକ୍ଷିଣୀନାଚ, ରାମନାମୀ, ଦାସକାଠିଆ, ପାଲା ଇତ୍ୟାଦି ସବୁବେଳେ ଚାଲିଥାଏ । କେତେବେଳେ

Digital Copy from the Author

ସ୍ତ୍ରୀ'ଲୋକମାନେ ତ ପୁରୁଷ ଲୋକମାନେ ଓ ଆଉ କେତେବେଳେ ଯୁବକମାନେ ପଇସା ଆଦାୟକରି ଏସବୁର ଆୟୋଜନ କରିଥାନ୍ତି । ଯେଉଁ ଲୋକମାନେ ଏସବୁ ନାଟ କରିବାକୁ ଆସନ୍ତି, ସେ ଯେଉଁଠି ରହନ୍ତି ଆମେ ପିଲାମାନେ ସେଠି ଭିଡ଼ ଜମାଇ ଦେଖୁ । କେମିତି କାମ କରୁଛନ୍ତି, କେମିତି ସଜ ହେଉଛନ୍ତି, ସେମାନେ ଆମ ଘରକୁ ସବୁ ଖାଇବାକୁ ଆସନ୍ତି । ଆମକୁ ମଜାଲାଗେ । ଆମେ କଥାହେଉ । ଆମ ଘରକୁ ରାଜା ଖାଇବାକୁ ଆସିଥିଲେ ଆଉ ଜଣେ କହେ ଆମ ଘରକୁ ରାଣୀ ଆସିଥିଲେ । ଭାରି ଖୁସିଲାଗେ ।

ବଡ଼ ହୋଇଗଲା ପରେ ଆମ ଗାଁ'ର ପରମ୍ପରା ରଖିବା ପାଇଁ ପୁଅଝିଅ ମିଶି (ବେଶି ଝିଅ) ମିଶି ଡ୍ରାମା କଲୁ; ନଳଦମୟନ୍ତୀ, ପଞ୍ଚଜାୟକ ନାଟକ । ନିରଦାଦା ନିର୍ଦ୍ଦେଶକ ଓ ନରିଦାଦା ସଂଗୀତ ନିର୍ଦ୍ଦେଶକ । ଅଭିନୟ ବହୁତ ସଫଳ ହେଲା । ଆମ ଅଞ୍ଚଳରେ ଝିଅପିଲାଙ୍କ ଡ୍ରାମା ଏକ ଚହଳ ପକାଇଲା । ଆମ ପରପିଢ଼ିମାନେ ମଧ୍ୟ କେତେ ଡ୍ରାମା କରି ଆସୁଛନ୍ତି । ସେ ପରମ୍ପରା ଏ ପର୍ଯ୍ୟନ୍ତ ଆମ ଗାଁ'ରେ ରହିଛି । ସନ୍ତୋଷ ଦାଦା ବହୁତ ସହଯୋଗ କରନ୍ତି । ତାଙ୍କର ଗ୍ରାମଫୋନ୍ ଥିଲା । ସେ ଦାଣ୍ଡରେ ଆଣି ଗୀତ ଲଗାନ୍ତି । ଆମେ ଶୁଣି ଖୁସିହୋଇ ନାଚୁ ।

ସବୁ ଲୋକ ଆସିଲେ ଆମେ ଖୁସିହେଉ । ଯେଉଁଦିନ ଆମ ଗାଁ'କୁ "ଟୀକାଦିଆବାଲା" ଆସନ୍ତି, ଆମ ପିଲାମାନଙ୍କ ଭିତରେ ଆତଙ୍କ ଖେଳିଯାଏ । କିଏ ଖଟତଳେ, କିଏ ବାଡ଼ିଆଡ଼େ, କିଏ ଭାଡ଼ି ଭିତରେ, କିଏ ସଙ୍ଗା ଉପରେ ଲୁଚିଯାଆନ୍ତି । ଆମ ବାପା, ଦାଦା, ବଡ଼ବାପାମାନେ ଆମକୁ ଜବରଦସ୍ତ ବାହାର କରି ଟୀକା ଦିଅନ୍ତି । ଆମେ ଖାଲି ରଡ଼ି କରୁଥାଉ । ବସନ୍ତ ପାଇଁ ଟୀକା ଦିଆଯାଉଥିଲା । ହଇଜା ପାଇଁ ଇଞ୍ଜେକ୍ସନ୍ ଦିଆଯାଉଥିଲା । ମୁଁ ଦୁଇଥର ଦୁଇ ଦୁଇଟା ଟୀକା ନେଇଛି । ଥରେ ଇଞ୍ଜେକ୍ସନ । ସେ ଟୀକା ମୋର ମାତିଲା । ଶୁଖିବାକୁ ବହୁତ ଦିନ ଲାଗିଲା । ବୁଢ଼ିଆଣୀ ଡିମ୍ବ ମରା ନଡ଼ିଆତେଲ ମା' ଲଗାଇ ଭଲ କଲା । ଟୀକା ଚିହ୍ନ ଏବେ ବି ମୋ' ବାଆଁ ହାତ ଡେଣାରେ ସ୍ପଷ୍ଟ ରହିଛି । ପିଲାଦିନର ସେ ଚିହ୍ନ ଦେଖିଲେ ଖୁସିଲାଗେ ।

❑❑❑

Digital Copy from the Author

ବମ୍ବେଇ ମିଠେଇବାଲାର ଘଣ୍ଟି ଟିଂ ଟିଂ

ଆମ ପିଲାମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ଗାଁ'କୁ ଆସୁଥିବା ବିକାଳିମାନେ । ଆମବେଳେ ଫେରିବାଲା ଶବ୍ଦଟା ଗାଁ'ରେ ପ୍ରଚଳନ ନଥିଲା । ମୋର ମନେଅଛି ଅତି ଛୋଟବେଳେ ଖରାବେଳେ କୋଳି ବିକାଳି ଆସୁଥିଲେ । କ୍ଷୀରିକୋଳି ଓ ଭଇଁଚକୋଳି । କୁଞ୍ଚାରେ କୋଳି ମାପି ଦେଉଥିଲେ ଓ ଚାଉଳ ନେଉଥିଲେ । ତା'ପରେ କିଛି ବର୍ଷ ପରେ ଆଉ କ୍ଷୀରିକୋଳି ଭଇଁଚ କୋଳିବାଲା ଆସିଲେନି । ଜାମୁକୋଳି, ବରକୋଳି, ତାଳସଜ, ଅଗଣା ଖଟା କିଣି ଖାଉ । ଦହିହାଣ୍ଡି ମୁଣ୍ଡାଇ ଶୁକବୋଉ ଦହି ନେବ ଦହି କହି କହି ଆସେ । ଆମ ଦୁଆର ମୁହଁରେ ପସରା ଥୁଏ । ପସରା ଓହ୍ଲଉ ଓହ୍ଲଉ ମା' ମୋତେ ଡାକଛାଡ଼େ । ମୁଁ ଗଟିଆ ନେଇ ପହଁଞ୍ଚେ । ଦହି ଛେନା ରଖିବା ପୂର୍ବରୁ ଆଗ ମୋତେ ଛେନାଖଣ୍ଡେ ହାତକୁ ବଢ଼ାଇଦିଏ । ଲହୁଣି ବାହାର କରି ହାତରେ ଦେଇଥାଏ । ଘୋଳଦହି ପିଇବାକୁ ଦିଏ । ମୋତେ ଦେଇସାରିଲେ ତା'ପରେ ଘର ପାଇଁ ରଖେ । ବଦଳରେ ଧାନ ନିଏ । ଶୁକବୋଉ ପ୍ରତି ମୋର ବିଶେଷ ଆକର୍ଷଣ ରହିଥିଲା ।

ଆମ ଗାଁ'କୁ ଆସନ୍ତି ରହାମାରୁ ଚାନ୍ଦକୋଟଣୀ, ନାବକୋଟଣୀ । ଚାନ୍ଦକୋଟଣୀ ଆମ ପିଢ଼ାରେ ପ୍ରାୟ ସବୁବେଳେ ବସେ । ଚାନ୍ଦକୋଟଣୀ ଚାନ୍ଦଭଳି ସୁନ୍ଦର ।

Digital Copy from the Author

ଛୋଟ ଲୋକଟିଏ । ଫାସିଆ ପିନ୍ଧିଥାଏ ନାକରେ କାନରେ । ତା' ପସରାରେ କୁନି ହାଟଟିଏ ଥାଏ । ପାନ, ଗୁଆ, ଫୁଟଣ, ଜିରା, ସୋରିଷ, କଳାଜିରା, ଛୁଞ୍ଚ, ସୂତା ଏମିତି କେତେ କ'ଣ ଆଣେ । ମାଆ ଆମ ସାହିରେ ତା' ପାଖରୁ କେତେ ଜିନିଷ ରଖନ୍ତି । ସେ ଖରାବେଳେ ଆମ ପିଣ୍ଡାରେ ବିଶ୍ରାମ ନିଏ । ସେ ଗୁଡ଼, ଚିନି ଆଣି ଆସିଥାଏ । ଆମ ଘରୁ ପାଣିନେଇ ଖାଏ । ବୋଉ କେତେବେଳେ କ'ଣ ଥାଏ ଦିଏ ।

ଭରାଲୋରୁ ଆସେ ବାଉରୀ ଗୁଡ଼ିଆଣି । ତା' ପସରାରେ ମୁଢ଼ିମୁଆଁ, ମୁଢ଼ି, ଆରିସାପିଠା, ଜଳିପି, ମିଠେଇ ଆଣେ । ତା' ମୁହଁ ଦେଖିଲେ ମୋତେ ଜଳିପି ଜଳିପି ଲାଗେ । ତାକୁ ଦେଖିଲେ ଖୁସିଲାଗେ । ସେ ବୋଉର ଧର୍ମବୋଉ । ବୋଉର ସବୁ ପିଲା ଜନ୍ମ ବେଳକୁ ସେ ଏନ୍ତୁଡ଼ିଶାଳରେ ପଶି ବୋଉକୁ ବହୁତ ସାହାଯ୍ୟ କରେ ।

ଆମ ଗାଁ'କୁ କାଚଭାର ନେଇ କାଚରା ଆସୁଥିଲେ । ନବ କାଚରା, ଧୋବା କାଚରା ଓ ନାରଣା କାଚରା । ଗାଁ' ଗାଁ' ବୁଲି 'କାଚ ନେବ କାଚ' ଡାକୁଥିଲେ । ନବ କାଚରା ଭାରି ସ୍ନେହୀଲୋକ । ଅଞ୍ଜୁକୁ ଝିଅ କରିଥିଲା । ଆମେ ତାକୁ ମଉସା ଡାକୁ । ଆମ ଘରେ ପସରା ରଖେ । ବୋଉକୁ ଚୁଡ଼ି ପିନ୍ଧାଇ ଦିଏ । ବେଳେବେଳେ ଚୁଡ଼ି ତୁଟିଯାଇ ହାତରେ ପଶି ରକ୍ତ ବାହାରେ । ପିନ୍ଧାଇ ଦେଇସାରିଲେ ବୋଉ କାଚରାକୁ ଓଳଗି ହୁଏ । ଛୋଟ ପିଲାଙ୍କ ପାଇଁ ଭଲଭଲ ଚୁଡ଼ି ଆଣିଥାଏ । ଆମକୁ ପିନ୍ଧାଇଦିଏ । ବେଳେବେଳେ ପିଲାଙ୍କ ଚୁଡ଼ି ପାଇଁ ପଇସା ନିଏନି ।

ଔଷଧ ବାକ୍ସ ଧରି ଔଷଧବାଲା ଆସନ୍ତି ପୋଦିନା ଅର୍କ, ଜୁଆଣି ଅର୍କ, ନୀଳଗିରି, ପଞ୍ଚଗୁଣା ଆଉ କେତେ କ'ଣ ଆୟୁର୍ବେଦିକ ଔଷଧ । ମା' ଔଷଧ ରଖେ । ଆମ ପେଟ କାମୁଡ଼ିଲେ ପାଣିରେ ଟିକେ ପୋଦିନା ଅର୍କ ପକାଇ ପିଇଦେଲେ ସବୁ ଭଲ ହୋଇଯାଏ ।

କଂସାବାସନ କାନ୍ଧରେ ପକାଇ ଆସନ୍ତି ଥଟାରୀ । ପୁରୁଣା ବାସନ ବଦଳ କରି ବୋଉହେରିକା ନୂଆ ବାସନ ରଖନ୍ତି । ଝିଅ ବାହାଘର କାହାର ଥିଲେ ବାସନ କିଣି ରଖନ୍ତି ।

Digital Copy from the Author

ଟ୍ରଙ୍କ୍ ରଙ୍ଗ କଲାବାଲା ଆସନ୍ତି । ପୁରୁଣା ଟ୍ରଙ୍କ୍‌କୁ ରଙ୍ଗକରି ସୁନ୍ଦର ନୂଆ ଟ୍ରଙ୍କ୍ କରିଦିଅନ୍ତି । ଦେଖିଲେ ଖୁସିଲାଗେ । ରଙ୍ଗ କେମିତି ହେଉଛି ଆମେ ବସି ଦେଖୁ ।

ବାସନ ଜିନିଷପତ୍ରରେ ନାମଲେଖିବା ପାଇଁ ନାମ ଲେଖିଲାବାଲା ଆସନ୍ତି । ମୋର କୁନି ତାଳ ମାଆ ମୋ' ପାଇଁ ପୁରୀରୁ ଆଣିଥିଲା । ସେଥିରେ ମୋ' ନାଁ 'ଶ୍ରୀ ମଞ୍ଜୁବାଳା ଦାସ' ଲେଖାଥିଲା । ଆଜି ପର୍ଯ୍ୟନ୍ତ ଅଛି ।

ଶୁଖୁଆ ଓ ମାଛ ପ୍ରାୟ ଆମ ଅଞ୍ଚଳର ଲୋକଙ୍କର ପ୍ରତିଦିନର ଖାଦ୍ୟ । ପାରାଦୀପ ପାଖ ଆମ ଗାଁ । ଖଅଙ୍ଗା, ଇଲିସି, ଚାଆଁରା, ଗୋଟି, ଚୁଙ୍ଗୁଡ଼ି ଶୁଖୁଆ ଆଣି ବହୁ ଶୁଖୁଆବାଲୀ ଆସନ୍ତି । ଆମ ଗାଁ'ରେ, ବିଶେଷକରି ଆମ ଘରେ ରାତିରେ ରହନ୍ତି । ସବୁଦିନେ ତ ଭାରଭାର ମାଛ । ଯେଉଁ ଚୁଙ୍ଗୁଡ଼ି ବର୍ତ୍ତମାନ ୫୦୦ ଟଙ୍କା କିଲୋ, ଆମ ପିଲାବେଳେ ଟଙ୍କାଏ ଦି'ଟଙ୍କା । ଘରେଘରେ ଚୁଙ୍ଗୁଡ଼ି ମାଛ ତରକାରି । ଚୁଙ୍ଗୁଡ଼ି ଚଟଣି, ଡାଲମା, ଝୋଳ, ରାଇ ବିଭିନ୍ନ ପ୍ରକାର ଚୁଙ୍ଗୁଡ଼ି ତରକାରି ଖିଆଯାଏ । ବହିବିକାଳି ବି ଆମ ଗାଁ'କୁ ଆସନ୍ତି । ଯୋଗୀ ମଧ୍ୟ ବହି ଆଣିଥାନ୍ତି । ଭଜନ, ଜଣାଣ, ମାଳିକା ବିଭିନ୍ନ କାହାଣୀ ବହି । ମା' ଆମ ପାଇଁ କିଣେ । ଆମେ ପଢୁ । ସେ ଶୁଣେ ।

ସବୁଠୁ ଆମ ପିଲାମାନଙ୍କର ଆକର୍ଷଣ ଥିଲା ବମ୍ବେଇ ମିଠେଇବାଲାର ଘଣ୍ଟି ଟିଂ ଟିଂ ଶବ୍ଦ । ଯେମିତି ଘଣ୍ଟି ଟିଂ ଟିଂ ଶବ୍ଦ କରି ବମ୍ବେଇ ମିଠେଇବାଲା ବମ୍ବେଇ, ବମ୍ବେଇ ମିଠେଇ ଡାକ ଛାଡ଼େ, ଆମେ ଯିଏ ଯୁଆଡ଼େ ଥାଉ ଦୌଡ଼ିଆସୁ ଦାଣ୍ଡକୁ । କାଚ ଡବା ଭିତରେ ଗୋଲାପି ଗୋଲାପି ବମ୍ବେଇ ମିଠେଇ ସଜା ହୋଇ ଥୁଆହୋଇଥାଏ । ତାକୁ ଦେଖିଲେ ମୋ' ଆଖି ସେଠି ଲାଖିଯାଏ । ମା'କୁ ଡାକି କିଣୁ । ତାକୁ ସାଙ୍ଗେସାଙ୍ଗେ ଖାଇବୁ, ନହେଲେ ପବନ ବାଜି ଟିକିଟେ ହୋଇଯାଏ । ସେ ମଧ୍ୟ ଲମ୍ବା ଗୋଲାପି ଖଡ଼ି ଭଳି ଚୁଟୁମା ଆଣିଥାଏ । ପରେ ପାମ୍ପଡ଼ବାଲା ମଧ୍ୟ ଆସିଲେ । ପାମ୍ପଡ଼ ଆମ ପିଲାବେଳେ ନୂଆନୂଆ ଆସୁଥାଏ । ସେ ବି ତା'ର ଟିଣ ଡବାରେ ପୂରାଇ ଆଣି ଘଣ୍ଟି ଟିଂ ଟିଂ କରେ । ପାମ୍ପଡ଼ ଖାଇବାକୁ ଭଲ ଲାଗୁଥିଲା । ପିଲାବେଳେ ଆଇସ୍‌କ୍ରିମ୍ କି ଗୁପ୍‌ଚୁପ୍, ଦହିବରା ଏସବୁ ଦେଖି ନଥିଲୁ । ଯାହା ବିକ୍ରି ଆସୁଥିଲା ତାକୁ ଖାଇ ଖୁବ୍ ସନ୍ତୁଷ୍ଟ ଥିଲୁ ।

❑❑❑

Digital Copy from the Author

ଆବୁ ତାବୁ ଗିରି ସୂତା...
ମା' ବୋଇଲେ ପଢ଼ ପୁତା...

ଯେତେବେଳେ ମୁଁ ଅତି ସାନ ଥିଲି, ବୋଉ ମୋତେ ଦୁଧଭାତ ଖୁଆଇ ଦେଉଥିଲା । ଖାଇଲା ବେଳେ ଗୀତରେ କହେ –

"ଆବୁ ତାବୁ, ଗିରି ସୂତା
ମାଆ ବୋଇଲେ ପଢ଼ ପୁତା !
ପଢ଼ିଲେ ଗୁଣିଲେ, ଦୁଧଭାତ
ନ ପଢ଼ିଲେ, ଠେଙ୍ଗା ନାତ ।"

ସେ ଗୀତରୁ ପଢ଼ିବା ପାଇଁ ବହୁତ ପ୍ରେରଣା ପାଇଥିଲି; 'ଦୁଧଭାତ' ଖାଇବା ଲୋଭରେ କି "ଠେଙ୍ଗାନାତ" ଭୟରେ ମୁଁ କହିପାରିବିନି । ପଢ଼ିବା ପାଇଁ ଆଗ୍ରହ ବହୁତ ଥିଲା । ଏ ପର୍ଯ୍ୟନ୍ତ ବି ରହିଛି । ମାଟି ସିଲଟରେ ବ୍ରହ୍ମା ବିଷ୍ଣୁ ମହେଶ୍ୱର

Digital Copy from the Author

(୦୦୦) ଲେଖି 'ମା'- 'ଘର' ଲେଖି ମଡ଼ାଇବାର ମନେପଡୁଛି । ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ମୁଁ ସ୍କୁଲକୁ ପ୍ରାୟ ଯାଏନି । ଦିନେଦିନେ ଯାଏ । ଦେବ ସାର୍ ମୋର ପ୍ରଥମ ଗୁରୁ । ମୋତେ ଘରେ ଆସି ପଢ଼ାନ୍ତି । ଗୋରା ତକତକ ଡେଙ୍ଗା ସୁନ୍ଦର ମଣିଷ । ବ୍ରାହ୍ମଣ ଲୋକ । ଘର ପଙ୍କପାଳ । ମୋ' ବାପା ପଙ୍କପାଳ ସ୍କୁଲରେ ଶିକ୍ଷକତା କରନ୍ତି । ସେ ଆମ ସ୍କୁଲରେ ମୋର ଖୁବ୍ ଯତ୍ନ ନିଅନ୍ତି । ଛବି ବହିରୁ ପଢୁ । କିନ୍ତୁ ବର୍ଣ୍ଣବୋଧ, ଅ, ଆ, ।, ି ଯୁକ୍ତାକ୍ଷର ସ୍କୁଲରେ ପଢୁନଥିଲୁ । ସେତେବେଳେ ସ୍କୁଲ ଶିକ୍ଷାପ୍ରଣାଳୀ ବୋଧେ ସେଇଆ ଥିଲା ।

ମୁଁ ଚତୁର୍ଥରେ ପଢ଼ିଲି । ଇଂରାଜୀ ଶିଖିଲି । ଇଂରାଜୀ ପଢ଼ିବାକୁ ବହୁତ ଭଲ ଲାଗିଲା । ପିକ୍‌ଚର୍ ବୁକ୍‌ର ୱାର୍ଡ଼ ତା' ସହ ଛବି ଦେଖିବାକୁ ଭଲ ଲାଗିଲା । ଶବ୍ଦ ମୁଖସ୍ଥ କଲୁ । ଇଂରାଜୀ କହିବାକୁ ଭଲ ଲାଗିଲା । ଯାହା ସ୍କୁଲ୍‌ରେ ଶିଖିଲି, ଘରେ ଆସି ବୋଉକୁ ଓ ମା'କୁ କହିଲି । ସେମାନେ ଇଂରାଜୀ ପଢ଼ିନଥିଲେ । ମୋ' କଥା ବୁଝି ପାରିବେନି ବୋଲି ମୋତେ ମଜା ଲାଗୁଥାଏ । Mother, mother rice ଦେ, water ଦେ, banana ଦେ ଇତ୍ୟାଦି । ଜଟିଆ ଭାଇ ମୋତେ ସ୍କୁଲକୁ ଆଣିବାକୁ ଯାଇ ସାର୍‌ଙ୍କୁ କହିଲା – 'ସାର୍ ! କ'ଣ ଇଂଲିଶ ପଢ଼ଉଛନ୍ତି ଯେ ଖାଲି ଇଂଲିଶ୍ କହି ଆମକୁ ହଇରାଣ କରୁଛି ।'

ସେଦିନୁ ଆଉ ବେଶି କହିଲିନି । ବର୍ଣ୍ଣବୋଧ ପଢ଼ିନଥିବାରୁ ମୋର ବନାନ ଶୁଦ୍ଧି ହୋଇନଥିଲା । ମୁଁ ଚତୁର୍ଥରେ ପଢ଼ିଲା ବେଳକୁ ଆମ ଗାଁ'ରେ ମହିଆ ମାଷ୍ଟ୍ରେ ଚାହାଳୀ ଖୋଲିଲେ । ଶିଶୁରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲା ଚାହାଳୀରେ ପାଠ ପଢ଼ିଲେ । ସ୍କୁଲରେ ନାଁ ଗଡ଼ିଲା ଓ ପରୀକ୍ଷା ଦେଲେ ସ୍କୁଲରେ । ଚତୁର୍ଥ ଶ୍ରେଣୀରେ ପଢୁଥିବାରୁ ମୁଁ ପଢ଼ିପାରିଲିନି । ମୋର ଇଚ୍ଛା ବି ନ ଥିଲା । ମୁଁ ଇଂରାଜୀ ପଢ଼ିଲିଣି । ସେଠି ବସି ଅ ଆ ପଢ଼ିବି ? ମୁଁ ଆଉ ଡଲି ଚାହାଳୀ ଗଲୁନି ।

ଅଞ୍ଜୁ, ଲିଲି ଆମ ତଳ ଯେତେ ଭାଇଭଉଣୀ ଚାହାଳୀରେ ପଢ଼ିଲେ । ସେମାନେ ସକାଳେ ଦୁଇ ଘଣ୍ଟା ଅଙ୍କ, ପଣିକିଆ, ମିଶାଣ, ଫେଡ଼ାଣ ପଢ଼ନ୍ତି । ଉପରବେଳା ସାହିତ୍ୟ, ଅକ୍ଷରଶିକ୍ଷା ବର୍ଣ୍ଣବୋଧ ପଢ଼ନ୍ତି । ପ୍ରକୃତରେ ସେମାନେ ବନାନ, ଯୁକ୍ତାକ୍ଷରରେ ଦକ୍ଷ ହୋଇଗଲେ । ହସ୍ତାକ୍ଷର ଗୋଲଗୋଲ ଲେଖି ସେମାନଙ୍କର ଅକ୍ଷର ବହୁତ ଭଲ

Digital Copy from the Author

ହେଲା । ମହିଆ ମାଷ୍ଟ୍ରେଙ୍କ ପାଖରେ ଯିଏ ପଢ଼ିଛନ୍ତି ତାଙ୍କ ଅକ୍ଷର ଭାରି ସୁନ୍ଦର । ବନାନ ପୂରା ଶୁଦ୍ଧ । ଅକ୍ଷର ଖରାପ ହେଲେ ଆଙ୍ଗୁଠିକୁ ପିଟୁଥିଲେ । ଆମେ ସ୍କୁଲରୁ ଯାଇ ତାଙ୍କ ପାଠପଢ଼ା ଦେଖୁ । ସେମାନେ ଘୋଷୁଥିଲେ ସ୍ୱରଦେଇ – 'କ ରେ ଆକାର କା, ଖ ରେ ଆକାର ଖା, ଗ ରେ ଆକାର ଗା' ଇତ୍ୟାଦି । ତାଙ୍କ ପାଠପଢ଼ା ଦେଖିବାକୁ ମଜା ଲାଗୁଥିଲା; କିଏ ମାଡ଼ ଖାଉଛି, କିଏ ଚେୟାର ବସିଛି ଇତ୍ୟାଦି ଦେଖିବାକୁ ବି ଭୟ ଲାଗୁଥିଲା ।

ମହିଆ ମାଷ୍ଟ୍ରେ ଆମକୁ ଡାକିଲେ ଆମେ ଦୌଡ଼ି ପଳାଇ ଆସୁ । ଥରେ ସେ ଜବରଦସ୍ତ ଧରି ମୋତେ ଶବ୍ଦ ବନାନ କରିବାକୁ କହିଲେ । ମୋତେ ଆସିଲାନି । ଘରେ ଆସି ମା'କୁ, ବାପାଙ୍କୁ କହିଲେ – 'କ'ଣ ସ୍କୁଲ୍‌ରେ କି ପାଠପଢ଼ା ହେଉଛି ? ଏ ସହଜ ଶବ୍ଦ ତ ତାକୁ ଆସୁନି' ।

ବାପା କହିଲେ – 'ଛୁଟିରେ ତାକୁ ଚାହାଳୀରେ ପଢ଼ା ।'

ଚାହାଳୀରେ ବସିବାକୁ ମୋତେ ଲାଜଲାଗିଲା । ତଥାପି ବର୍ଣ୍ଣବୋଧ ମହିଆ ମାଷ୍ଟ୍ରେଙ୍କ ପାଖରେ ବସି ଶେଷକଲି । ବନାନ ଶୁଦ୍ଧି ହେଲା । ମହିଆ ମାଷ୍ଟ୍ରଙ୍କ ପାଖରେ ମୁଁ ଋଣୀ ।

ସ୍କୁଲକୁ ଠିକ୍ ସମୟରେ ଯାଇ ପ୍ରାର୍ଥନା କରୁ । ପ୍ରାର୍ଥନା ଶ୍ରେଣୀରେ ନଖ ଦେଖାଯାଏ । ପ୍ରାର୍ଥନା "ଭବ ସାଗର ତାରଣ କାରଣ ହେ... ଦୀନବନ୍ଧୁ ଦୟାକର ଦୀନ ଜନେ..." ଭଲ ଲାଗୁଥିଲା । ଏପର୍ଯ୍ୟନ୍ତ ତା'ର ପ୍ରଭାବ ରହିଛି ।

ମୁଁ ପ୍ରାର୍ଥନା ମନ୍ତ୍ରୀ ହୋଇଥିଲି ।

ଦେବସାର୍, ରାଧୁସାର୍, ତା'ପରେ ରତ୍ନାକର ସାର୍ ତୃତୀୟ ଚତୁର୍ଥ ଯାଏ ପଢ଼ଉଥିଲେ । ଦେବସାର୍ ଭଲ ଅଙ୍କ ପଢ଼ାନ୍ତି । ମାନସାଙ୍କ ବହୁତ ପଚାରନ୍ତି । ମାନସାଙ୍କ କହିବାକୁ ବହୁତ ଭଲ ଲାଗେ । ସେ ପ୍ରଶ୍ନ ପଚାରୁ ପଚାରୁ ମୁଁ ଉତ୍ତର ଦିଏ । ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ଆମର ଅଣା ପ୍ରଚଳନ ଥିଲା । ଅଣା ପଢ଼ିବା ଲେଖିବା ଅଙ୍କ ଆରମ୍ଭ କରିଥିଲୁ । ତାହା ଉଠିଗଲା । ନୂଆ ପଇସା, କି.ଗ୍ରା. ଚଳିଲା । ୧ ଟଙ୍କା ୧୦୦ ନୂଆ ପଇସା ହେଲା । ଆଗରୁ ୧ ଟଙ୍କା ୧୬ ଅଣା

Digital Copy from the Author

ଥିଲା । ନୂଆ ପ୍ରଚଳନ ହେବାରୁ ସିଲଭର ୨ ପଇସା, ୫ ପଇସା, ୧୦ ପଇସା ବାହାରିଲା । ତାକୁ ଦେଖିବାକୁ ମଜା ଲାଗୁଥିଲା ।

ଆମେ ସବୁ ମାଟି ସିଲଟରେ ମାଟି ଖଡ଼ିରେ ଲେଖୁଥିଲୁ । ଖଡ଼ି ବିଡ଼ା ଉପରେ ମାଟିଆ କାଗଜ ଗୁଡ଼ା ହୋଇଥାସେ । ସରସ୍ୱତୀ ପୂଜା ଓ ହରତାଳିକାରେ ଖଡ଼ି ପୂଜା କରୁ । ସାରଙ୍କୁ ପଇସା ଦେଇ ଖଡ଼ିଆଣି ଲେଖୁ । ସେତେବେଳେ ଟିଣ ସିଲଟ ବାହାରିଲା । ବାପା ମୋ' ପାଇଁ ଟିଣ ସିଲଟ ପ୍ରଥମେ ଆଣିଥିଲେ । ନୂଆ ପ୍ରକାର ସିଲଟ, ବହି ଖାତା, କଲମସବୁ ବାପା ମୋ' ପାଇଁ ଆଗ ଆଣନ୍ତି । ଅନ୍ୟ ପିଲାମାନେ ମୋ'ଠୁ ନେଇ ଦେଖନ୍ତି ।

ମୁଁ ପର କଲମ, ହେଣ୍ଡେଲ କଲମ, ଫାଉଣ୍ଟେନ୍ କଲମରେ (Palto) ଲେଖିଛି । ପରେ dot କଲମରେ ଲେଖିଲୁ । କାଳି ଦୁଆତ କରିଥାଉ । ବଟିକା କାଳି ପକାଇ କାଳି କରୁ । କାଢ଼ ମାର୍କା କାଳିର ଗୁଣ୍ଡ ପ୍ୟାକେଟ କିଣି କାଳି ତିଆରି କରୁ । ମୋର ହାତରେ ସବୁବେଳେ କାଳି ଲାଗିଥାଏ । ହେଣ୍ଡଲ କଲମ ବୁଡ଼ାଇ ଯତ୍ନ ସହକାରେ ଲେଖିବାକୁ ପଡ଼େ । ହାତୀ ମାର୍କା କାଗଜରେ ଖାତା କରୁଥିଲୁ । କାଗଜରେ ଦେଖୁ ହାତୀ ଚିହ୍ନ ଥାଏ । କଲର ଖଣ୍ଡ ବିଭିନ୍ନ ରଙ୍ଗର ବ୍ୟବହାର କରୁଥିଲୁ ଡ୍ରଇଁ କଲାବେଳେ । ନୂଆ ନୂଆ ଶ୍ରେଣୀ ଆରମ୍ଭ ହେଲା ବେଳକୁ ନୂଆ ଖାତା ବହି, କଲର, ବ୍ୟାଗ୍ ନେବାକୁ ଭଲ ଲାଗୁଥିଲା । ନିରଦାଦା ମୋର ଖାତା ସବୁ ବାନ୍ଧି ଉପରେ ଭଲ ଅକ୍ଷରରେ ନାଁ ଲେଖି ଦେଉଥିଲେ ।

ବାପା ବଢ଼ିଆ ବ୍ୟାଗ୍, କଲମ ଆଣୁଥିଲେ । ବାକ୍ସ ଭଳି ବ୍ୟାଗ୍ ଆଣିଥିଲେ । ସ୍କୁଲ ବ୍ୟାଗ ଲେଖାଥିଲା । କହନ୍ତି କଟକ କନ୍‌ଭେଣ୍ଟ ପିଲାମାନେ ଏମିତି ବ୍ୟାଗ୍ ନିଅନ୍ତି । ବଢ଼ିଆ ବଢ଼ିଆ ବ୍ୟାଗ୍ ଆଣନ୍ତି । ସେ ବ୍ୟାଗ୍ ମୋର ଏବେ ବି ମନେଅଛି । ବସ୍ତାନି ଗଳେଇ ଦେଇ ସ୍କୁଲକୁ ଯାଉଥିଲୁ । ଠିକ୍ ସମୟରେ ଯାଉଥିଲୁ । ଘଣ୍ଟା ନଥିଲା । ଛାଇ ଦେଖି ଦୁଆରେ ସ୍କୁଲକୁ ଯାଉଥିଲି । ହାଇସ୍କୁଲରେ ମୋର ଗୋଟେ ଟେବୁଲ୍ ଘଣ୍ଟା ଆସିଲା ।

ରାଧୁସାର୍ ଆମକୁ ସାହିତ୍ୟ ପଢ଼ଉଥିଲେ । "ପିଲାଙ୍କ ପାଠ" ବହି ମନେପଡୁଛି । ସେ ବହୁତ ଧର୍ମାତ୍ମା, ସ୍ନେହୀ ଲୋକ । ସେ ସ୍କୁଲରେ ରହନ୍ତି, ରୋଷେଇ

Digital Copy from the Author

କରି ଖାଆନ୍ତି । ପିଲାମାନେ ପାଳି ଦିଅନ୍ତି । ମୋ' ପାଳି ଦିନ ବୋଉ ଭଲଭଲ ଜିନିଷ ଦେଇଥାଏ । ଚାଉଳଠୁ ଆରମ୍ଭ କରି ଜାଳ ପର୍ଯ୍ୟନ୍ତ ସବୁ ପାଳିରେ ଯାଏ । ବୋଉର ସେ ଭିଣୋଇ ହେବେ । ତାଙ୍କ ପୁଅ ରବିଭାଇ, ଝିଅ ଲିଲି ଆସି ରୁହନ୍ତି । ପାଠ ପଢ଼ନ୍ତି । ଆମ ଘରକୁ ସେମାନେ ବି ଆସି ଖାଆନ୍ତି ।

ରାଧୁସାର୍ ଆମ ଘରକୁ ଆସି ପଢ଼ାନ୍ତି । ମୋତେ ବାଡ଼ାନ୍ତିନି । କିନ୍ତୁ ଦାନ୍ତରଗଡ଼ି ଚିଡ଼ନ୍ତି ମୁଁ ଭୁଲ୍ କଲେ । ଦୁଇ ପଟରେ ପିଲା ବସିଥିବେ, ସେ ମଝିରେ ଲମ୍ବ ହୋଇ ଶୋଇ ପ୍ରାର୍ଥନା କି ଯୋଗ କରିବାର ମୁଁ ଦେଖିଛି । ଛୁଟି ହେବା ସମୟ ହେଲେ ତାଙ୍କ ଇଚ୍ଛା ଅନୁସାରେ ଯାହାକୁ ଚାହିଁବେ ଆଗ ଛାଡ଼ନ୍ତି । ପିଲାମାନେ ତାଙ୍କ ମୁହଁକୁ ବଗଭଳି ଚାହିଁଥିବେ । ସେ ଯାହା ମୁହଁକୁ ଅନାଇ ଆଖିଠାରିବେ ସେ ପଳାଇବ । ଏମିତି ଗୋଟି ଗୋଟି ପିଲା ଛାଡ଼ନ୍ତି । ଯେ ପଛକୁ ରହିଲା ତା' ମନଦୁଃଖ ହୁଏ ।

ସେ ଅବସର ନେବା ପରେ ମଧ୍ୟ ଆମ ଘରକୁ ଯିବା ଆସିବା କରି ସମ୍ପର୍କ ରଖିଥା'ନ୍ତି । ଆମର ଚତୁର୍ଥ ଅଧା ହୋଇଛି । ଦେବସାର୍, ରତ୍ନାକର ସାର୍ ବଦଳି ହୋଇଗଲେ । ଆସିଲେ ନଟ ସାର୍ ଓ ମୁରଲୀ ସାର୍ । ମୁରଲୀ ସାର୍ ଭାରି କଡ଼ା । କଥା ବେଶି କୁହନ୍ତିନି । ଅଙ୍କ, ଇଂରାଜୀ ପ୍ରାୟ ସବୁ ପାଠ ପଢ଼ାନ୍ତି । ସେତେବେଳେ ଗୋଟିଏ ଗୋଟିଏ ଶ୍ରେଣୀକୁ ଗୋଟିଏ ସାର୍ ସବୁ ବିଷୟ ପଢ଼ାଉଥିଲେ । ପିରିୟଡ଼ ବାଣ୍ଟୁ ନ ଥିଲେ । ମୁରଲୀ ସାର୍ ପଞ୍ଚମ ଶେଣୀରେ ସବୁ ପାଠ ପଢ଼ାଉଥିଲେ । ନଟ ସାର୍ ଚତୁର୍ଥ ଶ୍ରେଣୀରେ ।

ନଟ ସାର୍ ଭାରି ମେଳାପୀ ଲୋକଥିଲେ । ପିଲାମାନଙ୍କୁ ଭାରି ଭଲ ପାଉଥିଲେ । ଭଲ ଗୀତ ବୋଲନ୍ତି ଓ ଆମକୁ ଗୀତ ଶିଖାନ୍ତି । ବହି ଗୀତ ସବୁ ସ୍ୱର ଦେଇ ବୋଲନ୍ତି ଓ ଆମକୁ ବୋଲିବାକୁ କହନ୍ତି । ବହି ଗୀତ ଛଡ଼ା ଅନ୍ୟ ଗୀତ ଖାତା ଆଣି ଗୀତ ଡାକନ୍ତି । ଲେଖନ୍ତି । ମୋର ଗୀତରେ ଭାରି ଆଗ୍ରହ ଥିଲା । ମନେପଡୁଛି କେତେ ରଙ୍ଗଭରା ଏ ଦୁନିଆ... ଗୀତ । "ଏତେ ଦିନ ପରେ ଆଜି ଫିଟିଛି ମୋ' ଦୁଆର, ପରାଣେ ଉଚ୍ଛୁଳି ଉଠେ ଆନନ୍ଦର ଜୁଆର ଇତ୍ୟାଦି କେତେ ଗୀତ । ପଢ଼ିଥିବା ସଂଗୀତର କେତୋଟି ପଦ ଏ ପର୍ଯ୍ୟନ୍ତ ବି ପ୍ରେରଣା ଦିଏ ।"

Digital Copy from the Author

ଗୁଣସିନା କରେ ମନୁଷ୍ୟକୁ ବଡ଼ ଜାତି ବଡ଼ କରେ ନାହିଁ,
ମୋଚି ହେଲା ବୋଲି କି ଦୋଷ କଲା ସେ ଘୃଣା କଲ ଏଥିପାଇଁ ।

ପ୍ରାଥମିକ ବିଦ୍ୟାଳୟ ପଞ୍ଚମ ଶ୍ରେଣୀରେ ବୋର୍ଡ଼ ପରୀକ୍ଷା ଥିଲା । ଲଣ୍ଠନ ଧରି ସନ୍ଧ୍ୟାରେ ଆମେ ସ୍କୁଲ ଯାଉ । କୋଚିଂ କ୍ଲାସ୍ ହୁଏ । ଲଣ୍ଠନ ପାଳିକରି ନିଅନ୍ତି । ଲଣ୍ଠନ ଆଲୁଅରେ ପଢ଼ିବାକୁ ଭାରି ଭଲ ଲାଗୁଥିଲା । ଲଣ୍ଠନରେ ପାଠ ଯେତେ ମନେ ରହୁଥିଲା ଇଲେକ୍ଟ୍ରିକ୍ ଆଲୁଅରେ ବି ଏମିତି ମନେରହେନି । ମୋ' ପ୍ରାଥମିକ ବିଦ୍ୟାଳୟର ସହପାଠୀ ସବୁ କାଞ୍ଚନ, ସତୀ, ଡଲି, ସୋଲିଆ, ଚାରୁ, ଶାନ୍ତି, ନୟନ (ମୋ' ସଂଗାତ) ମାଳତୀ, ଅଜୟ, ରମେଶ, ଦାମ, ବ୍ରହ୍ମାନନ୍ଦ, କେଦାର, ଶିବ, ନରିଆ, ସୁରିଆ, ନାରଣ ଇତ୍ୟାଦି । କେତେକ ଫେଲ୍ ହୋଇ ରହୁଥାନ୍ତି, କେତେଜଣ ଆସୁଥାନ୍ତି ।

କାଞ୍ଚନର ଅକ୍ଷର ଭାରି ଗୋଲ । ତା'ର ଖଣ୍ଡିଆ ସିଲଟ ଥିଲା କିନ୍ତୁ ଏତେ ବନୁଆ ଯେ କହିହେବନି । ସେ ବନୁଆ ଖଡ଼ିରେ ସିଲଟରେ ଏତେ ସୁନ୍ଦରକରି ଲେଖେ ଯେ ସେଥିରେ ୨୫କ ପଣିକିଆ ଯାଗା ହୋଇଯାଏ । ତା'ର ସେ ବନୁଆ ଖଡ଼ି ଓ ସିଲଟ ଉପରେ ମୋର ଏତେ ଲୋଭଥାଏ ଯେ ମୁଁ ଭାବେ ତା' ସିଲଟ୍ ଦେଇ ମୋ' ସିଲଟ ନେଇଯାଆନ୍ତା କି । ତଥାପି ତା' ସିଲଟ ମାଗିକରି ମୁଁ ଲେଖେ, ମୋ' ଅକ୍ଷର କେମିତି ହେଉଛି ଦେଖିବାକୁ । ସେ ସିଲଟ ତା' ଅକ୍ଷର (କୁନି କୁନି ସୁନ୍ଦର ଅକ୍ଷର) ଏପର୍ଯ୍ୟନ୍ତ ମୋ' ମନରେ ରହିଯାଇଛି ।

ସିଲଟ ଆମେ କଉକଉକା ମାରି ସଫାକରୁ । ପ୍ରଥମେ ମାଟି ଖଡ଼ିରେ ଲେଖୁଥିଲୁ । ତା'ପରେ ଦୁଦୁଖଡ଼ିରେ ଲେଖିବାରୁ ଧଳା ଅକ୍ଷର ଭଲ ହେଲା । ବାପା ମୋ' ପାଇଁ ରଙ୍ଗୀନ ଖଡ଼ି ବି ଆଣନ୍ତି । ସିଲଟ ସଫା କଲାବେଳେ ଗୀତ ବୋଲୁ – 'ନଈ ପାଣି ନଈକୁ ଯା', କୂଅ ପାଣି କୂଅକୁ ଯା, ମୋ' ସିଲଟ ଶୁଖିଯା ।' ସତୀ ଓ ସୋଲିଆ ମତେ ବହୁତ ଭଲ ପାଆନ୍ତି । ରିସେସ୍‌ରେ ବରଗଛ ମୂଳେ ଯେଉଁ ଖେଳୁ ସେ ବହୁତ ସମୟ କା' ନେଇପାରନ୍ତି । ଛୋଟିବରରୁ ମାଳତୀ ଆସୁଥିଲା । ବହୁତ ଆମ୍ବକଷି ମୋ' ପାଇଁ ବ୍ୟାଗରେ ଲୁଚାଇ ଆଣେ । ଥରେ ସକାଳୁଆ ସ୍କୁଲରେ ସ୍କୁଲ ଛୁଟିରେ ମୋତେ ଘରକୁ ନେଇଥିଲା । ବଡ଼ବଡ଼ ଆମ୍ବ ଗଛରୁ ତୋଳି ଦେଇଥିଲା ।

Digital Copy from the Author

ବ୍ରହ୍ମାନନ୍ଦ, କେଦାର, ଦାମ ଭଲ ପିଲା ଥିଲେ । ଭଲ ପାଠ ବି ପଢୁଥିଲେ । କେଦାର ଭଉଣୀ ପଦ୍ମାବତୀ ଆମ ତଳ ଶ୍ରେଣୀରେ ପଢୁଥିଲା ।

ରମେଶ (ପାଟଣା) ଭଲପିଲା । ଆମ ସାଙ୍ଗରେ ଖେଳେ । ବିସ୍କୁଟ ଆଣି ଦିଏ । ଆମେ ଚୁଟୁମା ପିଲାଙ୍କୁ ଦେଉ । ଚୁଟୁମା ପାଣି କରି ଦୁଆତରେ ନେଇ ବାଣ୍ଟୁ । ସୁଦର୍ଶନ ବୋଲି ପାଟଣାରୁ ଗୋଟିଏ ପିଲା ପଢୁଥିଲା । ଭାରି ଦୁଷ୍ଟ । ସମସ୍ତଙ୍କୁ ମାରଧର କରେ । ମୋତେ ଖଣ୍ଡିଆଦାନ୍ତୀ ଚିଡ଼ାଏ । ଅଜୟ ବହୁତ ଭଲ ପଢୁଥିଲା । ତୃତୀୟ ଶ୍ରେଣୀରେ ଫାଷ୍ଟ ହୋଇଥିଲା । ସବୁ ଅଙ୍କ ଠିକ୍ କରିଦିଏ । ସେ ସାଙ୍ଗମାନଙ୍କ ସହ ବୁଲିଲା, ପାଠ ପଢ଼ିଲାନି । ଦୋକାନରେ ବସିଲା । ଆଉ ଭଲ ପଢ଼ିଲାନି । ମୋତେ ଦୁଃଖ ଲାଗେ । ମେଧା ଥିଲେ ବି ପରିବେଶ ଭଲ ନ ପାଇଲେ ପିଲାଙ୍କର କିପରି ଉନ୍ନତି ହୋଇପାରେନି ।

ପରୀକ୍ଷା ଦିନ ଆମେ ନୂଆ କି ସଫା ଜାମା ପିନ୍ଧି ଯାଉ । ପରୀକ୍ଷା ସରିଲେ କ୍ଷେତ୍ରପାଳଙ୍କ ପାଖରେ ମୁଣ୍ଡିଆ ମାରୁ । କ୍ଷେତ୍ରପାଳଙ୍କ ପାଖରେ କାଳି ଢାଳୁ । ଲିଖିତ ପରୀକ୍ଷା ସରିଲେ ହସ୍ତକର୍ମ ନିଆହୁଏ । ଆମେ ମାଟିରେ କମଳା, ଆମ୍ବ, ମାଛ କରି ଆଣୁ । ବରଡ଼ା ପତ୍ରରେ ଚଟେଇ, ବିଚଣା ନେଉ । ନମ୍ବର ମିଳେ । ସ୍କୁଲରେ ଚଟେଇ ଗଦା ହୋଇଯାଏ ।

ସରସ୍ୱତୀ ପୂଜା ଗଣେଶ ପୂଜାରେ ନୂଆନୂଆ ପୋଷାକ ପିନ୍ଧି ଆସୁ । ପୂଜାକରୁ । ସରସ୍ୱତୀଙ୍କ ପାଖରେ ବସି ଗୀତ ବୋଲୁ –

'ସରସ୍ୱତୀ ମା' କଣ୍ଠରେ ଥା । ପାଠ ନ ଆସିଲେ କହିଦେଉଥା ॥
କୂଅରେ ପଡ଼ିଲା ଚନ୍ଦନ କାଠ, ମୋତେ ଦିଅ ବିଦ୍ୟାପାଠ ।

ଖଡ଼ି, ପେନ୍‌ସିଲ୍ ପୂଜାକରୁ । ଫିଷ୍ଟ୍ ହୁଏ । ଖାଉ । ବାବୁ ଆସିଲା ଦିନ ଭଲଭଲ ସଫା ପୋଷାକ ପିନ୍ଧି ଯାଉ । ବାବୁ ପ୍ରଶ୍ନ ପଚାରନ୍ତି । ଉତ୍ତର ଦେଉ । ବାବୁ ଖୁସି ହୁଅନ୍ତି ।

ରାହାମା ଟ୍ରେନିଂ ସ୍କୁଲରୁ ସି.ଟି. ପିଲା ଆସି ଟିଚିଙ୍ଗ୍ ଦିଅନ୍ତି । ଭାରି ଭଲ ଲାଗେ । ଚିତ୍ର ଦେଖାଇ ପଢ଼ାନ୍ତି । ଗାଳି ଦିଅନ୍ତିନି । ମାରନ୍ତିନି । ପିଲାଙ୍କୁ ବାଣ୍ଟି

Digital Copy from the Author

ନିଅନ୍ତି । ମୋତେ ତାଙ୍କ ଦଳରେ ନେବା ପାଇଁ ତାଙ୍କ ଭିତରେ ପ୍ରତିଯୋଗିତା ଚାଲେ । ଯିଏ ବେଶି ଚିତ୍ର ଆଣିଥାନ୍ତି ମୋତେ ଭଲ ଲାଗେ । ଶିବାଜୀ କେମିତି ମିଠାଇ ହାଣ୍ଡିରେ ଲୁଚି ଯାଉଥାନ୍ତି, ଆଲାଉଦ୍ଦିନ୍‌ଖିଲିଜ୍, ପଦ୍ମିନୀ କେମିତି ଅଇନା ପାଖରେ ଠିଆହୋଇ ଥାଆନ୍ତି ଇତ୍ୟାଦି । ଟ୍ରେନିଂ ସ୍କୁଲ ୧୯୬୭ ବାତ୍ୟାପରେ ଭାଙ୍ଗିଗଲା । ତା'ପରେ ଟ୍ରେନିଂ ସ୍କୁଲ ସାଲେପୁର ଉଠିଗଲା ।

ପଞ୍ଚମ ଶ୍ରେଣୀରେ ଆମର ସେଣ୍ଟର ପଙ୍କପାଳ ପଡ଼ିଥିଲା । ମୋ' ବାପାଙ୍କ ସ୍କୁଲ ସେଠି । ପୁଣି ଡଲିଙ୍କର ଦୋକାନ ଘର ଅଛି । ଆମର ସବୁ ପିଲା ମେସ୍ କରି ରହିଲେ । ମେସ୍‌ର ଅସୁବିଧା ହେବ ବୋଲି ଆମେ ଦୁଇଜଣ ସନ୍ତୋଷ ଦାଦାଙ୍କ ପାଖରେ ଦୋକାନ ଘରେ ରହିଲୁ । ସକାଳୁ ପରୀକ୍ଷା । ସନ୍ତୋଷ ଦାଦା ଘଣ୍ଟାରେ ଆଲାରାମ୍ ଦେଇଥାନ୍ତି । ସକାଳ ହେଲେ ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦରେ ନିଦ ବି ଭାଙ୍ଗିଯାଏ । ପକ୍ଷୀର କାକଳୀ ବହୁତ ଭଲ ଲାଗୁଥିଲା । ଉଠି ଗାଧୋଇ ଜଳଖିଆ ଖାଇ ସ୍କୁଲକୁ ଯାଉ । ପରୀକ୍ଷାକୁ ବାହାରିଲା ବେଳେ ସନ୍ତୋଷ ଦାଦା ଆମକୁ ଶ୍ରୀମାଙ୍କ ପାଦ ଫଟୋ ପାଖରେ ଧୂପ ଦେଇ ମୁଣ୍ଡିଆ ମାରି ଯିବାକୁ କହନ୍ତି ।

ମୋର ଫଟୋ ପୂଜା କରିବା ଧୂପ ଦେବା ଥିଲା ସେଇ ପ୍ରଥମ । ମା'ଙ୍କର କୃପା ଦୃଷ୍ଟି ସେଦିନଠୁ ମୋ' ଉପରେ ରହିଛି । ସେଇଦିନଠୁ ଶ୍ରୀ ଅରବିନ୍ଦଙ୍କ ଦର୍ଶନ ଜାଣିବାର ସୁଯୋଗ ପାଇଛି । ଏବେ ବି ସବୁଦିନେ ପାଠଚକ୍ର କରୁଛୁ । ମା'ଙ୍କ ସେହି ପାଦ ଫଟୋ ଏ ପର୍ଯ୍ୟନ୍ତ ପୂଜା କଲାବେଳେ ମନେପଡ଼େ ସେହି ପ୍ରଥମ ପୂଜା କଥା ।

ପରୀକ୍ଷା ହଲ୍‌ରେ ସବୁ ସାର୍ ଆମର ଚିହ୍ନା । ଆମକୁ ଆଦର କରନ୍ତି, ହରି ସାର୍‌ଙ୍କ ଝିଅ, ନିଶାକର ସାର୍‌ଙ୍କ ଝିଅ ବୋଲି । ବିଜୟ ସାର୍, ବଂଶୀସାର୍, କୁଳମଣି ସାର୍, ଶରତ ମାମୁ ଆମ ହଲ୍‌ରେ ପଡୁଥିଲେ । କପି କ'ଣ ତ ଆମେ ଜାଣିନୁ । ଯାହା ଜାଣିଛୁ ପରୀକ୍ଷା ଦେଲୁ । ଡ୍ରଇଁ ମୋତେ ଆସେନି । ପୁଣି କଷ୍ଟ ଡ୍ରଇଁ । ଜଣେ ସାର୍ ଆମର ଖାତା ନେଇ ଡ୍ରଇଁ କରିଦେଇଥିଲେ ।

ବାପା ଜମା ସ୍କୁଲକୁ ଆସନ୍ତିନି କି ମୋତେ ଦେଖା ବି କରନ୍ତିନି । ସେତେବେଳେ ଭାବୁଥିଲି ବାପା କାହିଁ ଆସୁନାହାନ୍ତି । ପରେ ଜାଣିଲି ତାଙ୍କ ଝିଅ ପରୀକ୍ଷା ଦେଉଛି,

Digital Copy from the Author

କାଳେ କିଏ ଖରାପ ଭାବିବେ । ସେକେଣ୍ଡ କ୍ଲାସ୍ ପାଇ ପାସ୍‌କଲି । ଅଙ୍କରେ ୯୧ ଥିଲା, ମନେଅଛି । ସେତେବେଳେ ବହୁତ କମ୍ ପିଲା କେଉଁଠି କାଁ ଭାଁ କିଏ କେମିତି ଫାଷ୍ଟ କ୍ଲାସ୍ ପାଉଥିଲେ ।

ଖେଳ ମାଧ୍ୟମରେ ଆମେ ଜ୍ଞାନ ଅର୍ଜନ କରୁ । ଗଛ ନା ପଚରାପଚରି ହେଉ । ଗୋଟିଏ ଗଛ ଏତେ ମୋଟା, ତା' ପତ୍ର ଏମିତି, ତା' ଫୁଲ ଏମିତି, ତା' ଫଳ ଏମିତି, ସେ ଗଛ ନା କ'ଣ ପଚାରୁ । ଇଂରାଜୀ ଶବ୍ଦ ପ୍ରତିଯୋଗିତା କରୁ । ପଦ୍ୟାନ୍ତ କରୁ । ନାଁ ଦିଆ ପଚରାପଚରି ହେଉ –

୧) କଟକରୁ ଆସିଲା ବୁଢ଼ା ବ୍ରାହ୍ମଣ
ତା' ଦେହଯାକ ପଇତା ବଣ । – (ମସିଣା)

୨) ଟିକି ଟିକି କଣ୍ଟା କପୂରର ବାସ
ଏ ନାଁ ଟା ଯିଏ କହିବ ବଳରାମ ଦାସ – (ପତର)

୩) କୁଳ ଭୁଆସୁଣୀ ଅନ୍ଧାର କଣେ
ଆଉଜି ବସିଥାଏ ସେ ଅନୁକ୍ଷଣେ
କଟିରେ ପାଟ ଆଣ୍ଟିଥାଏ ଭିଡ଼ି
ଘରେ ବୁଲୁଥାଏ ଘଡ଼ିକି ଘଡ଼ି – (ଖଡ଼ିକାମୁଠା)

୪) ଆସିଲା ବଡ଼ ଚଢ଼େଇ
ବସିଲା ଡେଣା ମେଲାଇ
ଧଇଲା ମାଛ ଖାଇଲା ନାହିଁ । – (ଜାଲ)

ତା'ପରେ ABCDEFG ସେଥିରୁ ବାହାରିଲେ ଗାନ୍ଧିଜୀ । ଗାନ୍ଧିଜୀ ଗଲେ ଆନ୍ଧ୍ର, ସେଥିରୁ ବାହାରିଲେ ସୁଭାଷ ଚନ୍ଦ୍ର, ଇତ୍ୟାଦି ।

ଭରାଳୋ ଗୋବିନ୍ଦ ମହାନ୍ତି, ରାଧୁ ବଣିଆ ଆମ ପିଲାମାନଙ୍କୁ ଦେଖି ବହୁତ ମଜାଳିଆ ପ୍ରଶ୍ନ ପଚାରନ୍ତି । ଆମକୁ ଆସେନି । ବାଘ, ଛେଳି, ପାନ ଇତ୍ୟାଦି ପ୍ରଶ୍ନ । ରାଧୁ ବଣିଆଙ୍କୁ ଦେଖିଲେ ଆମେ ଲୁଚି ପଳାଉ ।

Digital Copy from the Author

ଷଷ୍ଠ ଶ୍ରେଣୀରେ ମୋର ଆଡ଼ିମିସନ୍ ହେଲା । ଭରାଳୋ ଯିବୁ । ଷଷ୍ଠ ଶ୍ରେଣୀରେ ବେଞ୍ଚ ଉପରେ ବସିବୁ ବୋଲି ଭାରି ଖୁସି ଲାଗୁଥିଲା । ଚଟେଇ ବସ୍ତାନି (ବ୍ୟାଗ୍) ନେଇ ଆଉ ଯିବାକୁ ପଡ଼ିବ୍‌ନି । ବଡ଼ପିଲା, ବହି ଖାତା ସଜାଡ଼ି କାଖରେ ଧରି ନେଉ । ମାଇନର ପଢ଼ାକୁ ଭାରି ଗୁରୁତ୍ୱ ଦିଆଯାଉଥିଲା । ଗୀତରେ କହନ୍ତି, ସାଇକେଲ ଚଢ଼ା, ମାଇନର ପଢ଼ା ।

ସାଇକେଲ୍ ଶିଖେଇବାକୁ ମୋ' ବଡ଼ ଭାଇ କି କେହି ଲୋକ ନଥିଲେ । ଝିଅ ପିଲାଙ୍କ ପାଇଁ କେତେ କଟକଣା ଥିଲା । ସାଇକେଲ୍ ଶିଖି ପାରିନି ବୋଲି ମନରେ ଦୁଃଖ ରହିଗଲା । ପ୍ରଭାକର ମଧ ଇଂରାଜୀ ବିଦ୍ୟାଳୟରେ ପାଠ ପଢ଼ିଲି । ଶଙ୍କର ସାର୍ ଆମ ହେଡ଼ମାଷ୍ଟର । ଭାରି କଡ଼ା । ଅଙ୍କ, ଜ୍ୟାମିତି ପଢ଼ାନ୍ତି । ବହୁତ ଭଲ ପଢ଼ାନ୍ତି । ଜ୍ୟାମିତି ପଢ଼ିବାକୁ ଭଲ ଲାଗୁଥିଲା । ସ୍କୁଲରେ ବଡ଼ କାଠ ଯନ୍ତ୍ରବାକ୍ସ ଥିଲା । ବଡ଼ବଡ଼ କମ୍ପାସ୍ । ସେ କୋଣ ଆଙ୍କି କଳାପଟାରେ କରି ଦେଖାଇ ଦେଉଥିଲେ । ବାପା ମୋ' ପାଇଁ ଗାଟାପାର୍ଚ୍ଚାର British ଜ୍ୟାମିତି ବାକ୍ସ ଆଣିଥିଲେ । ସେ ଯନ୍ତ୍ରବାକ୍ସ ଏ ଯାଏଁ ଖୋଜି ବି ପାଉନି ।

ଶଙ୍କର ସାର୍ ମୋତେ ମାଡ଼େଇ ଡାକନ୍ତି । କିଏ ବାସନା ତେଲ କି ଅଳତା ଲଗାଇ ସଜବାଜ ହୋଇ ଆସିଲେ ଚିଡ଼ାନ୍ତି । ବାସନାତେଲ ଯଦି କିଏ ଲଗାଇ ବାସୁଥାଏ କହନ୍ତି ସାପମୂତ କିଏ ଲଗାଇଛି ? ତାଙ୍କ ପ୍ରଭାବରେ ସେବେଠୁ ମୁଁ ଅଳତା ଲଗାଇବାକୁ, ବାସ୍ନାତେଲ ଲଗାଇବାକୁ ଭଲ ପାଏନି । ପୂରା ସରଳ, ବିନା ସଜବାଜ ମୋତେ ଭଲ ଲାଗେ । ସେ ସ୍କୁଲରେ ରହୁଥିଲେ । ଆମ ପିଅନ ଥିଲା ଗୌତମ । ଆମ ଗାଁ'ପିଲା, ଆମ ସାଙ୍ଗ । ତାଙ୍କୁ ରୋଷେଇ କରି ଦେଉଥିଲା ।

ଶଙ୍କର ସାର୍‌ଙ୍କୁ ଥରେ ଜର ହୋଇଥିଲା । ସେ ଆମ ଝିଅପିଲା (କଳ୍ପନା, ଡଲି, ମଲ୍ଲୀ, ଅହଲ୍ୟା)ଙ୍କୁ ଡାକି ଗୋଟିଏ ବଡ଼ ବେତ ଦେଖାଇ କହିଲେ ଏ ବେତରେ ଯିଏ ଦଶ ପାହାର ଖାଇବ, ମୋ' ଜର ଭଲ ହେବ । ଆମେ ଏତେ ବୋକୀ ଥିଲୁ ଯେ – ଡଲି ଜମା ମନାକଲା । ମୁଁ କହିଲି ପାଞ୍ଚ ପାହାର ଖାଇବି । କଳ୍ପନା ଦଶ ପାହାର ଖାଇବାକୁ ରାଜି ହେଲା । ତାକୁ ଅଫିସ୍ ଘରେ ପୂରାଇ ମିଛରେ ଟେବୁଲ ଉପରେ ଦଶ ପାହାର ବାଡ଼େଇଲେ । ଆମେ ଭାବୁଛୁ କଳ୍ପନା ଏତେ ମାଡ଼ ଖାଉଛି ।

Digital Copy from the Author

ଡରିଗଲୁ । ତା'ପରେ ସେ ଆଉ ଡଲି ଓ ମୋ' ସାଙ୍ଗରେ କଥା ହେଲେନି । କଳ୍ପନାକୁ ମୋ' ଝିଅ ବୋଲି ଡାକିଲେ । ମୋତେ ଭାରି ଖରାପ ଲାଗିଲା । ସାର୍ ଆମକୁ କିଛି କହୁନାହାନ୍ତି । ପ୍ରଶ୍ନ ପଚାରୁ ନାହାନ୍ତି ବୋଲି । ନିଜ ଭୁଲ ପାଇଁ ଦୁଃଖ କଲୁ ।

ମୋ' ସାଙ୍ଗରେ ମଲ୍ଲୀ, କଳ୍ପନା, ଅହଲ୍ୟା (ମୋ' ସଙ୍ଗାତ) ପଢୁଥିଲେ । ସେମାନେ ଆମଠୁ ବୟସରେ ବଡ଼ଥିଲେ । ବୁଦ୍ଧି ଅଧିକ ବି ଥିଲା । ଆମେ ଟିକେ ପିଲାଳିଆ ଥିଲୁ । ମଲ୍ଲୀ ଭଲ ପଢ଼େ । ମୋତେ ଭଲ ଲାଗେ ତାକୁ । କିନ୍ତୁ ପାଠପଢ଼ା ଛାଡ଼ି ଘରେ ରହି କାମଦାମ ଶିଖିଲା । ପୁଅପିଲା ଅଭିମନ୍ୟୁ, ପ୍ରଫୁଲ ଲେଙ୍କା, ଗୟାଧର, ଫଗୁ ପଢୁଥିଲେ । ପ୍ରଫୁଲ୍ଲ ଲେଙ୍କା ଦୁଷ୍ଟ ଥିଲା । କିନ୍ତୁ ଭଲ ପଢୁଥିଲା । ଝିଅପିଲାଙ୍କ ବିରୋଧରେ ସବୁବେଳେ ଥିଲା ।

ବିଷ୍ଣୁସାର୍ ମୋର ସବୁଠାରୁ ପ୍ରିୟ ଶିକ୍ଷକ ଥିଲେ । ସେ ବହୁତ ସ୍ନେହୀ । ପିଲାମାନଙ୍କୁ ବହୁତ ଭଲ ପାଆନ୍ତି । ସବୁବେଳେ ହସ ହସ । ବେଶି ବାଡ଼ାନ୍ତିନି । ବଡ଼ିଆ ସାହିତ୍ୟ, ଇଂରାଜୀ ପଢ଼ାନ୍ତି । ପୁରାଣ ଗପ କହୁଥିଲେ । ଇତିହାସର ଖ୍ରୀଷ୍ଟାବ୍ଦ ମୁଖସ୍ଥ ନେଉଥିଲେ । ଗୀତ ବି ବୋଲାଉଥିଲେ । ଗୋଟିଏ ଛାପିଛାପିକା ଫ୍ରକ୍ ପିନ୍ଧିଥିଲି ଦେଖି ମୋତେ ସେନାପତି ଡାକୁଥିଲେ । ମୋତେ କ୍ଲାସ୍‌ରେ ମନିଟର୍ କରିଥିଲେ । ଏତେ ଭଲ ପାଉଥିଲେ ଯେ ମୋ' ବାହାଘର ଆୟୋଜନ ସେ ହିଁ କଲେ ତାଙ୍କର ସବୁଠାରୁ ପ୍ରିୟଛାତ୍ର ସହ ।

ପ୍ରଭାକର ବଡ଼ବାପା ଆମକୁ ପାଠ ପଢ଼ାଉଥିଲେ । ସ୍କୁଲ କରିଥିଲେ ସେ ନିଜେ । ମାଗଣାରେ ଆସି ପିଲାଙ୍କୁ ପଢ଼ାନ୍ତି । ତାଙ୍କ ବେଶ ଅଦ୍ଭୁତ । ବ୍ଲୁ ଲୁଙ୍ଗି, କାନ୍ଧରେ ପିନ୍‌ପିନ୍ ଧଳା ଚାଦର । ହାତରେ ଚାବୁକ । ବଡ଼ବାପା ହେଲେ ବି ସ୍କୁଲ୍‌ରେ ତାଙ୍କର ରୂପ ଅଲଗା । କ୍ଲାସ୍‌କୁ ପଶି ଯାଉଯାଉ ପିଲାଙ୍କୁ ଡାକିବେ ଓଡ଼ିଆ ଶବ୍ଦ ଲେଖିବାକୁ । ଓଡ଼ିଆ ଶବ୍ଦ ବନାନ ଭୁଲ ହେଲେ ବସିବ ଚାବୁକ ପ୍ରହାର । ଏମିତି ତ ସ୍କୁଲ୍‌ରେ ବେତ ମାଡ଼ ସହ ବେଞ୍ଚ ଉପରେ ଛିଡ଼ାହେବା ବଡ଼ ଦଣ୍ଡ ଥିଲା । ବେଞ୍ଚ ଉପରେ ଛିଡ଼ା ହେଲେ ଲାଜ ଲାଗୁଥିଲା । ପ୍ରଭାକର ବଡ଼ବାପା ଭଲ ଭୂଗୋଳ ପଢ଼ାଉଥିଲେ ।

Digital Copy from the Author

ଏମ୍.ଇ. ସ୍କୁଲ୍‌ରେ ଭଲ ଲାଇବ୍ରେରୀ ଥିଲା । ଲାଇବ୍ରେରୀରୁ ବହୁତ ବହି ନେଇ ମୁଁ ପଢ଼ିଛି; ବିଭୂତି ପଟ୍ଟନାୟକଙ୍କ ବହି, ବହୁତ ନାଟକ ବହି । ବିଷ୍ଣୁସାର୍ ବହି ଦେଉଥିଲେ । ବହି ପଢ଼ିବାକୁ ସମସ୍ତଙ୍କୁ ଉତ୍ସାହିତ କରୁଥିଲେ । ବହି ଫେରାଇବା ବେଳେ ପଢ଼ିଛୁ କି ନାହିଁ ଜାଣିବାକୁ ବହିର ସଂକ୍ଷିପ୍ତ ବିଷୟବସ୍ତୁ ପଚାରି ବୁଝୁଥିଲେ ।

ଆମ ସ୍କୁଲ୍‌ରେ ଭଲ ବଗିଚା ଥିଲା । ନୂଆନୂଆ ଫୁଲ ଗଛ । ସୁଗନ୍ଧରାଜ, ଗୋଲାପ ବହୁତ ଫୁଟୁଥିଲା । ଆମେ ବଗିଚାର ଯତ୍ନନେଉ । ଆମର ମାତ୍ର ଅଧଘଣ୍ଟା ରିସେସ୍ ହୁଏ । ଡଲି ଓ ମୁଁ ଦୌଡ଼ିଦୌଡ଼ି ଆସୁ ଦୁଇତିନି ମିନିଟ୍‌ରେ ଖାଇଦେଇ ପୁଣି ଦୌଡ଼ିଦୌଡ଼ି ଯାଉ । ବୋଉ, ମା' ଆଶ୍ଚର୍ଯ୍ୟ ହୁଅନ୍ତି । ମୁଁ ଆସିଲା ବେଳକୁ ସବୁ ବଢ଼ାବଢ଼ି ହୋଇ ଥୁଆ ହୋଇଥିବ ।

ଷଷ୍ଠ ଶ୍ରେଣୀରେ ଆଡ଼ମିସନ୍ ପରେପରେ ମୋତେ ଟାଇଫଏଡ୍ ହୋଇଥିଲା । ପନ୍ଦର ଦିନ ମୁଁ ସ୍କୁଲ୍ ଯାଇ ନଥିଲି । ମୋ' ଦେହ ଭଲ ହେଲାପରେ ମା' ଗୋଟେ ଡେଉଁରିଆ ଲଗାଇ ସ୍କୁଲ୍ ପଠାଏ । ଭରାଳୋ ଗାଁ'କୁ ପଠାଇବାକୁ ତା'ର ଭାରି ଡର । କିନ୍ତୁ ଯୋଗ ଏମିତି, ସେଇ ଗାଁ'କୁ ମୁଁ ବୋହୂହୋଇ ଗଲି ।

ଆମ ଉପର ବ୍ୟାଚ୍‌ରେ ବଡ଼ବଡ଼ ପିଲା ପଢୁଥିଲେ । ଆମ ଉପର ବ୍ୟାଚ୍‌ର ବଚନାଅପା ଶାଢ଼ୀପିନ୍ଧି ଆସୁଥିଲା । ଗଙ୍ଗାଧର ନାଏକ ଭଲ ଗୀତ ଗାଉଥିଲେ । ମୋତେ ବହୁତ ଭଲ ଲାଗେ । ତାଙ୍କଠାରୁ କେତେ ଗୀତ ଶିଖିଛି – 'ତୁ ଟିକି ଟେଢ଼େଇ, ମା'... ଖୋଲି କାଠି ପଞ୍ଜୁରୀ, ଉଡ଼ିଗଲୁ ଦୂରବନେ ଭବନଦୀ ସେ ପାରି ।'

ଆମର ସପ୍ତମ ଶ୍ରେଣୀ ବର୍ଷ ବଡ଼ଧରଣ ଘୂର୍ଣ୍ଣିବାତ୍ୟା ହୋଇଥିଲା । ୧୯୬୭ ମସିହା ଅକ୍ଟୋବର ୨ ତାରିଖ । ସେ ବିଷୟରେ ପରେ ଲେଖିବି । ଆମ ସ୍କୁଲ୍‌ରେ ଗାଁ'ଲୋକେ ଆଶ୍ରୟ ନେଇଥିଲେ । ବହୁତ ଦିନ ପାଠପଢ଼ା ବନ୍ଦ ଥିଲା ।

ଆମ ବ୍ୟାଚ୍‌ରେ ମୁଁ ସପ୍ତମରେ ସ୍କଲାରସିପ୍ ପରୀକ୍ଷା ପାଇଁ ସିଲେକ୍ଟ ହୋଇଥିଲି । ତିର୍ତ୍ତୋଲ ହାଇସ୍କୁଲରେ ସେଣ୍ଟର୍ ପଡ଼ିଥିଲା । ମୁଁ ସ୍କଲାରସିପ୍ ପରୀକ୍ଷା ଦେବି ବୋଲି ମୋ' ମନରେ ଯେତିକି ଆନନ୍ଦ ଥିଲା, ଘରେ ବି ସମସ୍ତେ ସେତିକି ଖୁସିଥିଲେ । ବାପା ମୋ' ପାଇଁ ବଢ଼ିଆ ପଞ୍ଜାବି ସାଲୱାର ଆଣିଥିଲେ । ନୂଆ ରିଙ୍ଗ୍ ମା' ତିଆରି

Digital Copy from the Author

କରି ଦେଇଥିଲା । ନୂଆ ଚପଲ । ମୁଁ ସବୁ ନୂଆ ଜିନିଷ ପିନ୍ଧି ଯାଇଥିଲି ତିର୍ତ୍ତୋଲ ପରୀକ୍ଷା ଦେବାକୁ । ବାଳିକା ବିଦ୍ୟାଳୟରେ ପ୍ରେମଦିଦି (ବାପାଙ୍କ ଛାତ୍ରୀ) ଶିକ୍ଷୟିତ୍ରୀ ଥିଲେ । ତାଙ୍କରି ପାଖରେ ରହିବା ପାଇଁ ବାପା ବନ୍ଦୋବସ୍ତ କରିଥିଲେ । ଆମ ପିଲା ଅଲଗା ରହୁଥିଲେ । ସେଠିକି ମୁଁ ପଢ଼ିବାକୁ ଯାଉଥିଲି । ତପନ ବୋଲି ଗୋଟିଏ ପିଲା ପୋଷ୍ଟ ଅଫିସ୍ ପାଖରେ ରହୁଥିଲା । ମୋ' ଭାଇ ନାଁ ତପନ ବୋଲି ତାକୁ ମୋତେ ଭଲ ଲାଗୁଥିଲା । ତା'ର ଖବର ତା'ପରେ ଆଉ ମୁଁ ଜାଣିନି । ତିର୍ତ୍ତୋଲ ଗଲେ ମନେମନେ ଖୋଜେ ସେଇ ତପନକୁ । କେଉଁଠି ପାଏନି ।

ଆମ ମେସ୍‌ରେ ମୋ' ମାମୁଘର ଗାଁ'ରୁ ବାବୁଲି (ଶରତ ମାମୁପୁଅ) ଆସିଥିଲା ହଂସୁରା ସ୍କୁଲ୍‌ରୁ । ତା' ସାଙ୍ଗରେ ମୋର ପ୍ରଥମେ ଦେଖାହେଲା । ତାଙ୍କ ସ୍କୁଲ୍‌ରୁ ପିଲାଙ୍କ ସାଙ୍ଗରେ ପ୍ରଫୁଲ ସାର୍ ଆସିଥିଲେ । ସେ ମୋ' ବାପାଙ୍କ ସାଙ୍ଗ । ଭାରି ଭଲ ଲୋକ । କିନ୍ତୁ ମୁଁ କି ଆମ ସ୍କୁଲରୁ କେହି ସ୍କଲାରସିପ୍ ପାଇଲୁ ନାହିଁ । କେତେ ଜଣ ପାଇଲେ ବି ଆମେ ଜାଣି ପାରୁଲୁନି । ସପ୍ତମ ଶ୍ରେଣୀରେ ଆମେ ମାଇନର ସ୍କୁଲରୁ ବିଦାୟ ନେବୁ ବୋଲି ଗୋଟିଏ ବିଦାୟକାଳୀନ ସଭା ହୋଇଥିଲା । ସମସ୍ତଙ୍କୁ ଗୀତ ବୋଲିବାକୁ କୁହାଗଲା । ମୁଁ ଗୋଟେ ଗୀତ ବୋଲିଥିଲି । ସାଙ୍ଗମାନଙ୍କୁ ଛାଡ଼ି ଆସିବାକୁ ଦୁଃଖ ଲାଗିଥିଲା ।

୧୯୬୮ ମସିହାରେ ମୁଁ ସାଇଲୋ ଗ୍ରାମପଞ୍ଚାୟତ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଲି । ୧୯୬୭ ମସିହା ଘୂର୍ଣ୍ଣିବାତ୍ୟାରେ ଏ ସ୍କୁଲ୍ ଭାଙ୍ଗି ଚୂର୍‌ମାର୍ ହୋଇ ଯାଇଥାଏ । ଆମେ ସବୁ ଦ୍ୱିତୀୟ ତୃତୀୟ ପିଲାଙ୍କ ଭଳି ତଳେ ପାଲ ପକାଇ ବସି ପାଠ ପଢ଼ିଲୁ । ଆମ ଗାଁ'ଠାରୁ ସ୍କୁଲ ପ୍ରାୟ ତିନି କିଲୋମିଟର ରାସ୍ତା । ଆମେ ଗାଁ'ରୁ ସିଧା ନାଳବନ୍ଧ ଦେଇ ଚାଲିଚାଲି ଯାଉ । ଗରେଇ ଶାସନ, ଶିରୋଳ, ଲଥାଙ୍ଗ, କୋଠମୂଳ ଆଦି ଆମ ଗାଁ'ଠାରୁ ପୂର୍ବରେ ଛଅ କି ସାତ କିଲୋମିଟର ବାଟରୁ ପିଲାମାନେ ରାସ୍ତା ଚାଲିଚାଲି ଆସୁଥିଲେ । ଗୋଟିଏ ନାଳବନ୍ଧରେ ଝିଅ ଦଳ ଓ ଅନ୍ୟ ନାଳବନ୍ଧରେ ପୁଅମାନେ ଦଳଦଳ ହୋଇ ଯାଉଥିଲେ । ପୁଅମାନେ ଭୁଲ୍‌ରେ ଆମ ନାଳବନ୍ଧରେ ଆସନ୍ତିନି । ଆମେ ବି ତାଙ୍କ ନାଳବନ୍ଧରେ ଯାଉନଥିଲୁ ।

ଦଳଦଳ ହୋଇ ଝିଅମାନେ ହସିହସିକା ମଜା କରି ଯାଉ । ବର୍ଷାଦିନେ କାଦୁଅରେ ହୁସିଆରି ଚାଲିଚାଲି ଆସୁ । ମୁଁ ଜଣକ ପାଖେପାଖେ ଧରିଧରି ଯାଏ ।

Digital Copy from the Author

ଝୁନି, ଡଲି, ନୟନା, ଅନ୍ନପୂର୍ଣ୍ଣା, ସୁମିତ୍ରା, ପ୍ରମିଳା ମୋ' ସହପାଠୀ । ଆଉ ଉପର କ୍ଲାସ୍ ଝିଅ ବି ଆମ ସାଙ୍ଗରେ ଯାଆନ୍ତି । ସେପଟୁ ଗଣେଶ୍ୱରପୁର, ସିଉନ୍ଦି, ତାଳପଡ଼ା, ବରୁଣ୍ଡି, ରାହାମା, ବେହେରେଡ଼ା, ବାଲିସାହି, ତେରମାଣପୁର, ମଣିଜଙ୍ଗା ଇତ୍ୟାଦି ବହୁ ଗାଁ'ର ପିଲା ଆମ ସ୍କୁଲକୁ ପଢ଼ିବାକୁ ଆସିଥା'ନ୍ତି ।

ଅଷ୍ଟମରେ ଦୁଇଟି ସେକସନ ଥିଲା । ମୋର 'ଏ' ସେକ୍ସନ । ଆମକୁ ଶ୍ରୀପତି ସାର୍, ପଞ୍ଚୁସାର୍, ସୁରସାର୍, ଗୋପସାର୍, ସୁନାକାର ସାର୍, ପାଣ୍ଡୁ ପଣ୍ଡିତେ ଓ ହେଡ୍‌ମାଷ୍ଟର ବସନ୍ତସାର୍ ପାଠ ପଢ଼ାଉଥିଲେ । ପଣ୍ଡିତଙ୍କୁ ଛାଡ଼ିଲେ ଆଉ ସମସ୍ତେ ପ୍ରାୟ ମୋ' ବାପାଙ୍କ ଛାତ୍ର । ସମସ୍ତେ ମୋର ଭଲମନ୍ଦ ବୁଝନ୍ତି । ଶ୍ରୀପତିସାର୍ ବାପାଙ୍କର ପ୍ରିୟ ଛାତ୍ରଥିଲେ । ବାପାଙ୍କ ପାଖରେ ହଷ୍ଟେଲରେ ରହୁଥିଲେ । ବାପା ତାଙ୍କୁ କାଞ୍ଚନ ଡାକନ୍ତି । ପିଲାବେଳେ ବାପାଙ୍କ ସହ ତାଙ୍କ ଫଟୋ ଆମ ଘରେ ଥିଲା । ସେ ମୋର ଦରମା ଦେଇଦିଅନ୍ତି । ସେ ବି ମୋ' ଶ୍ରେଣୀ ଶିକ୍ଷକ ଥିଲେ ।

ଅଷ୍ଟମରେ ପଢ଼ିଲାବେଳେ ଏକ୍ସକର୍ସନରେ ଆମେ ପାରାଦ୍ୱୀପ ବନ୍ଦର ଯାଇଥିଲୁ । ସେଠି ଜାହାଜ ଦେଖିଲୁ । ସ୍କୁଲ୍ ପିଲାଙ୍କୁ ଜାହାଜ ଭିତର ଦେଖିବାର ସୌଭାଗ୍ୟ ମିଳିଥିଲା, ଯାହା ମୋତେ ଏ ପର୍ଯ୍ୟନ୍ତ ଆଉ ମିଳିନି । ସେ ଜାହାଜ ଭିତରେ କେତେ ଘର, ଶୋଇବା ଘର, ବୈଠକ ଘର, ରୋଷେଇ ଘର । ଲୁହା ପଥର କେମିତି ଭର୍ତ୍ତି ହେଉଛି; କେଉଁଠି କ୍ୟାପେଟେନ୍ ବସି ଜାହାଜ ଚଳାଉଛନ୍ତି, ସବୁ ଦେଖି ଆଶ୍ଚର୍ଯ୍ୟ ଲାଗିଲା । ସେଇଟା ଗୋଟାଏ ଜାପାନ ଜାହାଜ ଥିଲା । ଶିଡ଼ି ଚଢ଼ି ଉପର ମହଲାକୁ ଯାଇ ଜାହାଜ ବୁଲି ଦେଖିଲୁ । ସେହିସବୁ ଅନୁଭୂତି ଏ ପର୍ଯ୍ୟନ୍ତ ମୋର ସ୍ମୃତିରେ ଗଣ୍ଠିଧନ ହୋଇ ରହିଛି । ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ସାଇଲୋ ସ୍କୁଲ୍‌ରେ ପଢ଼ିଲି । ସବୁ ପରୀକ୍ଷାରେ ମେରିଟ୍‌ରେ ପାସ୍ କରୁଥିଲି । କିନ୍ତୁ ଫାଷ୍ଟ୍ ନହେଲେ ବି ଫୋର୍ଥ ବା ଫିଫ୍ଥ ହେଉଥିଲି ।

ହାଇସ୍କୁଲରେ କବିତା ଲେଖୁଥିଲି । ମୋର ମୀନାବଜାରରେ କବିତା ପ୍ରକାଶିତ ହୋଇଥିଲା । ମନେପଡୁଛି ୧୯୭୧ ବାତ୍ୟାପରେ ମୋର 'ବତାସୀ ଗୋ ତୁମେ ଯାଅ ଫେରି' ଶୀର୍ଷକ କବିତା ପ୍ରକାଶ ପାଇଥିଲା । ସେତେବେଳେ ସୀମିତ ପତ୍ରପତ୍ରିକା ଥାଇ ସୁଦ୍ଧା ଗୋଟାଏ ଦଶମ ଶ୍ରେଣୀ ପିଲାର କବିତା ପତ୍ରିକାରେ ପ୍ରକାଶିତ ହେବା

Digital Copy from the Author

ସମସ୍ତଙ୍କୁ ବଡ଼କଥାଟିଏ ପରି ଲାଗୁଥିଲା । ମୁଁ ତ ପ୍ରଥମକରି ମୋ' ଲେଖାକୁ ଛପା ଅକ୍ଷରରେ ଦେଖି ଉଲ୍ଲସିତ ହୋଇଥିଲି । ମୋ' ଶିକ୍ଷକ ଓ ସହପାଠୀମାନେ ମତେ ପ୍ରଶଂସା କରିଥିଲେ । ସ୍କୁଲରେ ତର୍କସଭା ହୁଏ । ମୁଁ ଭାଷଣ ଦିଏ । ସବୁଥିରେ ଭାଗ ନିଏ । ବାପା ମୋ' ପାଇଁ ମୋ' ନାଆଁରେ ପ୍ରଜାତନ୍ତ୍ର, ମିନାବଜାର, ମନପବନ ବହୁତ ପତ୍ରିକା ମଗାନ୍ତି । ବହୁତ ପଢ଼ିଚି । ସେସବୁ ପଢ଼ି ସାହିତ୍ୟ ପ୍ରତି ମୋର ଆଗ୍ରହ ଆସେ ।

ମୋର ବହୁତ ଝିଅ ସାଙ୍ଗ ଥିଲେ । ରେଣୁ, ବେଙ୍ଗୁଲି (ପ୍ରଭାବତୀ) ମୋର ବେଶି ପ୍ରିୟ ସାଙ୍ଗ । ସୁଷମା, ଜାନକୀ, ଡଲି, ପ୍ରତିଭା ଏମାନେ ମୋର ଝିଅ ସାଙ୍ଗ । ପୁଅ ପିଲା ରାଜୁ, ତନ୍ମୟ, ବ୍ରହ୍ମାନନ୍ଦ, ବିପିନ, ଶରତ, ହରି, ଶିଶିର, ନିରଦାସ ଇତ୍ୟାଦି ସାଙ୍ଗ ଥିଲେ । ମହାନଦୀ ପାରି ହୋଇ ହାଟସାହି ଯୋଗଣିଆରୁ ନିରଞ୍ଜନ ସ୍ୱାଇଁ ବୋଲି ଗୋଟାଏ ପିଲା ଆମ ସ୍କୁଲରେ ଆସି ପଢୁଥିଲା । ତିର୍ତ୍ତୋଲ ହାଇସ୍କୁଲରେ ମୁଁ ମାଟ୍ରିକ୍ ପରୀକ୍ଷା ଦେଇଥିଲି । କବି ଡାକ୍ତର ଜେନାମଣି ନରେନ୍ଦ୍ର କୁମାରଙ୍କ ଘରେ ରହୁଥିଲୁ ।

ହାଇସ୍କୁଲରେ ତଳ ଶ୍ରେଣୀ ପିଲାଙ୍କ ଭିତରେ ମୋର ସବୁଠୁ ପ୍ରିୟ ସାନ ଭାଇଥିଲେ ବିଭୂ, ଗୌର । ଏ ପର୍ଯ୍ୟନ୍ତ ତାଙ୍କ ସହ ସମ୍ପର୍କ ରହିଛି । ଗୌର, ବିଭୂ ଆମ ଘରକୁ ଯାଆନ୍ତି । ଶ୍ରୀମାଙ୍କ ବାଣୀ ପ୍ରଚାର, ସମାଜସେବା କରିବା ପାଇଁ ଆଲୋଚନା କରୁ । ବିଭୂ ରାହାମାରେ ରହି ସମାଜସେବୀ ହୋଇଛି । ଜ୍ୟୋତ୍ସ୍ନା ଅପା, ସନ୍ଧ୍ୟା ଅପା, ସୋରିଆ ଦେଇ, ଉର୍ମିଳା ଅପା ଇତ୍ୟାଦିଙ୍କୁ ଭଲ ଲାଗୁଥିଲା । ସେମାନେ ଆମକୁ ବହୁତ ସ୍ନେହ ଦେଉଥିଲେ । ଆମେ ଅଷ୍ଟମରେ ପଢ଼ିଲାବେଳେ ଏକାଦଶରେ ଅଜୟ ମହାନ୍ତି ବୋଲି ଜଣେ ପିଲା ପଢୁଥିଲେ । ସମସ୍ତେ କହୁଥିଲେ ଭଲ ଛାତ୍ର ସେ ବେଷ୍ଟ ଟେନ୍‌ଥ୍ ପାଇବେ । ସେ ଭଲ ନମ୍ବର ରଖି ପାସ୍‌କରି ବିଦେଶରେ ବୈଜ୍ଞାନିକ ହେଲେ ।

ଆମ ସ୍କୁଲକୁ ଲାଗି କେ.ସି.ଏମ୍.ଇ. ସ୍କୁଲ୍ ଥିଲା । ସାର୍‌ମାନଙ୍କ ଭିତରେ ସବୁଠାରୁ ପୁନସାରଙ୍କୁ ବହୁତ ଲାଗନ୍ତି । ସେ ବାପାଙ୍କ ସହକର୍ମୀ ଥିଲେ । ମା' ଆଗରୁ ପୁନସାର୍‌ଙ୍କ କଥା କହେ । ସେ ବିଭୂ ଓ ଜ୍ୟୋତ୍ସ୍ନା ଅପାଙ୍କ ବାପା ଥିଲେ ।

Digital Copy from the Author

କାମିନୀ ସାର୍ ମୋର ଅତି ସାଙ୍ଗ ରେଣୁର ବାପା । ସେ ଥିଲେ କେ.ସି.ଏମ୍.ଇ. ସ୍କୁଲ୍‌ର ହେଡ୍‌ମାଷ୍ଟର । ଦୁଃଖର କଥା ଯେ ହଠାତ୍ ସେ ହୃଦ୍‌ଘାତରେ ଚାଲିଗଲେ । ରେଣୁ ଭଲ ପଢ଼େ । ଆମେ ଦୁଇଜଣ ଫଟୋ ଉଠାଉଥିଲୁ । ସେ ଆମ ଘରକୁ ଓ ମୁଁ ତାଙ୍କ ଘରକୁ ଯାଇ ରହୁଥିଲୁ । ଏକାଠି ମଧ କଲେଜ ପାଇଁ ଫର୍ମ ପଠାଇଥିଲୁ । ସେ ଆର୍ଟସ୍ ପଢ଼ିବ ବୋଲି କହୁଥିଲା । ମୁଁ ସାଇନ୍‌ସ୍ ପଢ଼ିବାର ଥିଲା । କିନ୍ତୁ ଓଲଟା ହେଲା । ସେ ପଢ଼ିଲା ସାଇନ୍‌ସ୍ ଶୈଳବାଳାରେ ଓ ମୁଁ ପଢ଼ିଲି ଆର୍ଟସ୍ ରେଭେନ୍‌ସାରେ । ମୁଁ ବି.ଏ. ଓ ସେ ବି.ଏସ୍‌ସି. ପାସ୍ କଲା । ସାର୍ଟିଫିକେଟ ପାଇ ସାଙ୍ଗ ହୋଇ ଭୁବନେଶ୍ୱର ଯାଇଥିଲୁ । ତା' ମାମୁ ପ୍ରସିଦ୍ଧ କମ୍ୟୁନିଷ୍ଟ ନେତା ଲୋକନାଥ ଚୌଧୁରୀ, ତାଙ୍କ କ୍ୱାଟରରେ ରହିଥିଲୁ । ସମାଜରେ ବିଜ୍ଞାପନ ଦେଖିଲୁ ହଂସୁରା ସ୍କୁଲରେ ଆର୍ଟସ୍ ଟିଚର୍ ପୋଷ୍ଟ ପାଇଁ ବାହାରିଛି । ସେଠୁ ଦେଖି ମୁଁ ଦରଖାସ୍ତ କଲି । ରେଣୁ କହିଲା ଦେଖ ମୁଁ ଆର୍ଟସ୍ ହୋଇଥିଲେ ଦରଖାସ୍ତ କରିଥାନ୍ତି ।

ମୋର ସେ ସ୍କୁଲରେ ଚାକିରି ହୋଇଗଲା । ଶିକ୍ଷୟିତ୍ରୀ ହୋଇ ହଂସୁରା ହାଇସ୍କୁଲରେ ମୁଁ ଯୋଗଦେଲି । କିଛିଦିନ ପରେ ତା' ମାମୁଘର ତାଳଦଣ୍ଡା ଏମ୍.ଇ. ସ୍କୁଲ୍‌ରେ ସେ ପ୍ରଧାନଶିକ୍ଷକ ହୋଇ ରହିଲା । ଆମେ କଥାହେଉ, ମଣିଷର ବିଚାର ଗୋଟିଏ ପ୍ରକାର କିନ୍ତୁ ଭଗବାନ କରନ୍ତି ଅଲଗା । ଭଗବାନଙ୍କ ଇଚ୍ଛା ଓ ନିର୍ଦ୍ଦେଶ ହିଁ ପୂରଣ ହୁଏ । ମଣିଷ କିଛି ନୁହେଁ । ଦଇବ ଦଉଡ଼ି ମଣିଷ ଗାଇ, ଯେଣିକି ଟାଣଇ ତେଣିକି ଯାଇ ।

ଭଗବାନଙ୍କ କରୁଣାରୁ ମୁଁ କର୍ତ୍ତବ୍ୟ କରୁଥିଲି । ବହି ହାତରୁ ଛାଡୁ ନଥିଲି । ସାଙ୍ଗସାଥୀ ମେଳ, ଖେଳ ସବୁ ଛାଡ଼ି ପାଠ ହିଁ ପଢୁଥିଲି । ବହୁତ ଲେଖୁଥିଲି । ଅଙ୍କ କଷିକଷି କେତେ ବଡ଼ବଡ଼ ଖାତା ସାରିଦେଉଥିଲି । ହାଇସ୍କୁଲରେ ଅଙ୍କ ପଢ଼ାଇବାରେ ବିଶେଷ ସାହାଯ୍ୟ କରିଥିଲେ ଶରତସାର୍ (ଶରତ ପରିଡ଼ା), ବାପା ତାଙ୍କୁ କହିଥିବାରୁ ମୋତେ ପଢ଼ଉଥିଲେ । ତାଙ୍କ ପାଖରେ ମୁଁ ଋଣୀ । କେବଳ ସେ ନୁହଁନ୍ତି ଷଷ୍ଠ, ସପ୍ତମ ଶ୍ରେଣୀରେ ପଢ଼ିଲା ବେଳେ ମୋର ରବିସାର୍ (ଆମ ଗାଁ' ରବି ବେହେରା) ଫକୀର ସାର୍ (ନାଳିଆପାଳ) ପଢ଼ଉଥିଲେ । ସମସ୍ତଙ୍କ ପାଖରେ ମୁଁ ଋଣୀ । ସବୁଦିନେ ସ୍କୁଲକୁ ଯାଉଥିଲି । ଯଦି ନିହାତି କେଉଁଦିନ ପ୍ରବଳ ବର୍ଷା ହେଲା ଯାଇ ନ ପାରିଲି, ଘରେ ବସି ମନଦୁଃଖ କରୁଥିଲି ।

Digital Copy from the Author

ଦିନେ ପ୍ରବଳ ବର୍ଷା ହେଉଥାଏ । ଆମ ଗାଁ'ର କେହି ଝିଅ ସ୍କୁଲ ଗଲେନି । ମୁଁ କିନ୍ତୁ ଯିଦ୍ କରି ସ୍କୁଲ ବନ୍ଦ କରିବିନି ବୋଲି ଗଲି । ଦେଖିଲା ବେଳକୁ ମୋ' କ୍ଲାସ୍‌ର କୌଣସି ଝିଅ ଆସିନାହାନ୍ତି । ମୋତେ ଏକା ଖରାପ ଲାଗିଲା । ସେତେବେଳେ ଖୁବ୍ କମ୍ ଝିଅ ପାଠ ପଢୁଥିଲେ । ଷାଠିଏ ପିଲା ମଧ୍ୟରୁ ପୁଅ ବାଉନ କି ତେପନ ହେଲା ବେଳକୁ ଝିଅ ପାଞ୍ଚ କି ସାତ ପଢୁଥିଲେ । ପୁଅ ପିଲାମାନଙ୍କୁ ମୋତେ ଭାରି ଡର ମାଡ଼େ । କାଳେ ମୋତେ କିଏ କ'ଣ କହିଦେବ । କି ମୋ' ପାଖରେ ଆସି ବସିଯିବ । ମୋ' ଉପର ଶ୍ରେଣୀରେ ସେଦିନ ତିନି ଚାରୋଟି ଝିଅ ଆସିଥିଲେ । ମୁଁ ଆମ କ୍ଲାସ୍‌ରୁ ଉଠି ଯାଇ ତାଙ୍କ ପାଖରେ ଯାଇ ବସିଲି । ସାର୍‌ମାନେ କ୍ଲାସ୍ ନେବାକୁ ଆସି କହିଲେ ୟା'ର ପ୍ରମୋସନ ହୋଇଗଲା କି ?

ବର୍ତ୍ତମାନ ପରିସ୍ଥିତି ବିପରୀତ ହୋଇଯାଇଛି । ଶ୍ରେଣୀରେ ଅଧାରୁ ବେଶି ଝିଅ । ଝିଅମାନେ ପୁଅମାନଙ୍କୁ ଚପେଇ ରଖିଛନ୍ତି । ମୁଁ ଦେଖିଛି ଝିଅ ପୁଅଙ୍କୁ ଚାପୁଡ଼ା ବସେଇ ଦେଉଛନ୍ତି । ପୁଅମାନେ ଝିଅମାନଙ୍କୁ ଆଜିକାଲି ଡରି ରହିଛନ୍ତି ।

ମାଟ୍ରିକ୍ ଦ୍ୱିତୀୟ ଶ୍ରେଣୀରେ (ପ୍ରଥମ ଶ୍ରେଣୀରୁ ଅଳ୍ପ ନମ୍ବର କମ୍ ଥିଲା) ପାସ୍ କରି ରେଭେନ୍‌ସା କଲେଜରେ ଆଇ.ଏ. ପଢ଼ିଲି । ହଷ୍ଟେଲରେ ରହିଲି । ଘର ଛାଡ଼ି, ଗାଁ'ଛାଡ଼ି ଆସିଥିବାରୁ କଷ୍ଟ ଲାଗୁଥିଲା । ଗାଁ'ରୁ ଆସିଛି । ଏତେ ବଡ଼ କଲେଜ । ସାଙ୍ଗ ପ୍ରିୟ ଥିବାରୁ ଚଳିଗଲି । ହଷ୍ଟେଲ୍‌ରେ ଅପାମାନେ ମତେ ଭଲ ପାଆନ୍ତି । ଇକୋନୋମିକସ୍‌ର ଗୀତା (ମହାପାତ୍ର) ଅପା, ରାଧାବିନୋ ଅପା ମଣିପୁର ଝିଅ, ସତ୍ୟଭାମା ଅପା ମୋ' ରୁମ୍‌ମେଟ୍ ଥିଲେ । ଜିତୁ (ଅଞ୍ଜଳି ପାଢ଼ୀ) ଉମା, ତଅପୋଇ, ଆଶା, ରୁନାଘୋଷ ମୋର ଅନ୍ତରଙ୍ଗ ଥିଲେ । ପାପୁ (ମେଜର୍ ପି.କେ. ଦାଶଙ୍କ ଝିଅ) ମୋର ଭଲ ସାଙ୍ଗ ଥିଲା । ହଷ୍ଟେଲ୍‌ରେ ଯେତେ ପ୍ରତିଯୋଗିତା ହୁଏ, ମୁଁ ଭାଗନିଏ । ଆମ୍ରପଲ୍ଲୀ ଡ୍ୟାନ୍ସ ଡ୍ରାମାରେ ଭାଗ ନେଇଥିଲି ।

ରେଭେନ୍‌ସାରେ ପଢ଼ିଲା ବେଳେ ମୋର ସାଧାରଣଜ୍ଞାନ ବହୁତ ବଢ଼ିଥିଲା । ସାର୍ ବେଣୁଧର ରାଉତ ହଷ୍ଟେଲ୍ ଆସନ୍ତି । ଆମକୁ ସବୁ ଆଦର କରନ୍ତି । ଜାନକୀ ମାଡ୍ୟାମ ଓ କଲ୍ୟାଣୀ ମ୍ୟାଡ଼ାମ୍ ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟ୍ ଓ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଟ୍ ଥିଲେ । ଭଲଲାଗେ ତାଙ୍କୁ । ବିମଳା ଶତପଥୀ (ବିମଳା ଅପା) ବାପାଙ୍କ ଛାତ୍ରୀ ।

Digital Copy from the Author

ମୋ' ଉପର ବ୍ୟାଚ୍‌ରେ ପଢୁଥିଲେ । ସେ ମୋତେ ସାହାଯ୍ୟ କରୁଥିଲେ । ବାପାଙ୍କ ଛାତ୍ର ଚୌଧୁରୀ ପ୍ରମୋଦ ମିଶ୍ର । ପ୍ରମୋଦ ଭାଇନା କଲେଜରେ କ୍ଲର୍କ ଥିଲେ । ମୋ' ଲୋକାଲ୍ ଗାର୍ଡ଼ିଅନ୍ ଥିଲେ ।

ରେଭେନ୍‌ସା କଲେଜ୍ ପରିବେଶରେ ବହୁତ ମହାନ୍‌ମହାନ୍ ଲୋକଙ୍କୁ ଦେଖିବାର ଓ ତାଙ୍କ ଭାଷଣ ଶୁଣିବାର ମୋତେ ସୁଯୋଗ ମିଳିଥିଲା । ଶ୍ରୀରାମ ଦାସ, ବିଧୁଭୂଷଣ ଦାସ, ହରେକୃଷ୍ଣ ମହତାବ ଆଦିଙ୍କ ଭାଷଣ ସେଠି ମୁଁ ଶୁଣେ । ଇକୋନୋମିକ୍ସରେ ଆମର ମନୋରମା ମହାପାତ୍ର, ଧରଣୀଧର ପାଣିଗ୍ରାହୀ, ଇଂରେଜୀରେ ସର୍ବେଶ୍ୱର ଦାସ, ଭୂଗୋଳରେ ବି.କେ. ପାଲ, ବୃନ୍ଦାବନ ଆଚାର୍ଯ୍ୟ, ସାଇକୋଲୋଜିରେ ଫକୀର ମୋହନ ସାହୁ, କବି ପ୍ରମୋଦ ମହାନ୍ତି, ଚିନ୍ତାମଣି ମିଶ୍ର, ସଦାଶିବ ମହାପାତ୍ର ଇତ୍ୟାଦି ମୋର ଅଧ୍ୟାପକ ଥିଲେ ।

ତା'ପରେ ବି.ଏ. ରମାଦେବୀରେ ପଢ଼ିଲି । ସେଠି ଅନିନ୍ଦିତା ହଷ୍ଟେଲ୍‌ରେ ରହିଲି । ଜିତୁ କେବଳ ପୁରୁଣା ସାଙ୍ଗ ଥିଲା ରେଭେନ୍ସାର । ଆଉ ସବୁ ନୂଆ । ସୁବାସିନୀ ଗିରି, ରୀନା, ଦୀପ୍ତି, ଜିତୁ, ଆଦି ମୋର ସାଙ୍ଗ ଥିଲେ । ତଳ କ୍ଲାସ୍ ପିଲାଙ୍କୁ ମୁଁ ଭାରି ଭଲ ପାଉଥିଲି । ବେଦମତୀ ମ୍ୟାଡ଼ାମ୍, ବୀଣା ଅପା, କମଳା ମ୍ୟାଡ଼ମ୍ ଆଦି ମୋତେ ପଢ଼ାଉଥିଲେ । କଲେଜ ଜୀବନ କଥା ତ ଲେଖିଲେ ଗୋଟିଏ ବହିହେବ । ଯେହେତୁ ପିଲାଦିନ ନୁହେଁ ସେଥିପାଇଁ ଲେଖୁନି । ବାଣୀବିହାର ଏମ୍.ଏ. ପଢ଼ିବା ପାଇଁ ଇଣ୍ଟିମେସନ୍ ଆସିଲେ ବି ମୋର ପରିସ୍ଥିତି ବାଧ୍ୟ କରିଥିଲା ଶିକ୍ଷକତା କରିବା ପାଇଁ । ପରେ ଏମ୍.ଏ. ଓ ବି.ଇଡି. କଲି । ବି.ଇଡ଼ି ବେଳେ ଅଭିନ୍ନ ସାର୍ ଓ ଧ୍ରୁବ ସାର୍ ମୋର ସାର୍ ଥିଲେ ।

ହଂସୁରା ଧବଳେଶ୍ୱର ହାଇସ୍କୁଲରେ ମୁଁ ଶିକ୍ଷକତା ଆରମ୍ଭ କଲି । ତା'ପରେ ଆମ ଗାଁ' ମୁଥାପଦା ଗଣେଶ୍ୱର ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ରୂପେ ରହିଲି । ତା'ପରେ ଜୟଶୋଳ ବାଳିକା ବିଦ୍ୟାଳୟରେ, ଏବେ ବାଲିଅନ୍ତା ହାଇସ୍କୁଲରେ ଶିକ୍ଷକତା କରୁଛି । ପାଠପଢ଼ା ଏ ପର୍ଯ୍ୟନ୍ତ ମୋତେ ଛାଡ଼ିନି କି ମୁଁ ତାକୁ ଛାଡ଼ି ପାରିବିନି ମୃତ୍ୟୁ ପର୍ଯ୍ୟନ୍ତ ।

❑❑❑

Digital Copy from the Author

ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ପ୍ରେରଣା

ସାହିତ୍ୟ ରଚନା ପାଇଁ ବିଶେଷ ପ୍ରେରଣା ପାଇଥିଲି ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କଠାରୁ । ୧୯୭୫ ମସିହାରେ ଆମେ କେତେଜଣ ସାଙ୍ଗ ରମାଦେବୀରୁ ବାହାରିଥିଲୁ ଗୋଟିଏ ପତ୍ରିକା ବାହାର କରିବା ପାଇଁ । ପରାମର୍ଶ ପାଇଁ ସଚ୍ଚି ରାଉତରାୟଙ୍କ ପାଖକୁ ଯାଇଥିଲୁ । ସେ ମଧ୍ୟ ଆମମାନଙ୍କୁ ଦେଖା କରିବାକୁ ଆସିଥିଲେ । ତାଙ୍କ ସହ ସାହିତ୍ୟ ଚର୍ଚ୍ଚା କରୁଥିଲି । ତାଙ୍କ ପାଣ୍ଡୁଲିପିର କବିତା କାହିଁକି ଲେଖିଛନ୍ତି ପଚାରିଲେ ସେ କୁହନ୍ତି ମୁଁ କାହିଁକି ଲେଖିଛି ତମେ ମୋଠୁ ଶୁଣି ଲେଖିଲେ ତୁମକୁ ନମ୍ବର କେହି ଦେବେନି । କବି ନୁହେଁ କବିତା ତୁମକୁ କ'ଣ କହୁଛି, କବିତାରୁ ତମେ କ'ଣ ବୁଝ ତୁମ ଅଧ୍ୟାପକ ଯାହା ବୁଝାଇଛନ୍ତି ସେଇଆ ଲେଖିଲେ ତୁମେ ନମ୍ବର ପାଇବ ।

ତାଙ୍କ ଝିଅ ନାଁ ମଞ୍ଜୁ, ସେଥିପାଇଁ ସେ ମୋତେ ଭଲ ପାଉଥିଲେ ବେଶି । ତାଙ୍କ ସ୍ତ୍ରୀ ଖୁବ୍ ସୁନ୍ଦରୀ, ରାଜକନ୍ୟା । ମୁଁ ରମାଦେବୀ ଛାଡ଼ି ଗାଁ'ରେ ରହି ଶିକ୍ଷକତା କଲି । ସେ ନିୟମିତ ଭାବରେ ଲମ୍ବା ଲମ୍ବା ଚିଠି ଲେଖୁଥିଲେ । ବହୁତ ଚିଠି ଲେଖିଛନ୍ତି । ଆମ ସ୍କୁଲ ମାଗାଜିନ୍ ପାଇଁ ତାଙ୍କଠାରୁ ଶୁଭେଚ୍ଛାପତ୍ର ବି ନେଇଥିଲି । ମୋ' କବିତା "ମୁଁ ଏକ ନିର୍ଜନ କ୍ରୋଚନ୍ କବିତା 'ଆସନ୍ତାକାଲି'ରେ ପ୍ରକାଶିତ ହୋଇଥିଲା । ସଚ୍ଚିରାଉତରାୟ ସେପରି କବିତା ଲେଖିବାକୁ ମତେ ଚିଠି ଲେଖିଥିଲେ ।

ମୁଁ ବାଣୀବିହାରରେ ସିଟ୍ ପାଇ ବି ପରିସ୍ଥିତିରେ ପଡ଼ି ଶିକ୍ଷକତା କରିବାକୁ ବାଧ୍ୟ ହେଲି । ସେ ମୋତେ ସବୁବେଳେ ଲେଖୁଥିଲେ ଭଲ ଅଧ୍ୟାପିକା ଓ ସାହିତ୍ୟିକା ହେବା ପାଇଁ । ଅଧ୍ୟାପିକା ନ ହୋଇ ପାରିବାରୁ ମୋତେ ସଙ୍କୋଚ ଲାଗିଲା । ମୁଁ ନିଜେ ଚିଠିପତ୍ର ଦେବା ଓ ଯୋଗାଯୋଗ ବନ୍ଦ କରିଦେଲି । କିଛି ଉପାୟ ନଥିଲା । ମୁଁ ପରିସ୍ଥିତିର ଦାସ ହିଁ ଥିଲି । ତାଙ୍କ ପ୍ରେରଣା ଆଜି ମୋତେ କବିତା ଲେଖିବାର ପ୍ରେରଣା ଦେଇଛି ।

❑❑❑

Digital Copy from the Author

ମୁଁ ନେହେରୁଙ୍କୁ ଦେଖିଛି

୧୯୬୪ ମସିହା ପାରଦ୍ୱୀପ ବନ୍ଦରର ଶୁଭ ଦେବାପାଇଁ ସେତେବେଳର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ପାରାଦ୍ୱୀପ ଆସିଥିଲେ । ମୋତେ ସେତେବେଳେ ସାତ କି ଆଠ ବର୍ଷ ବୟସ । ମୁଁ ମୋ' ମାମୁଘର ହଂସୁରାରେ ଥାଏ । ଅହଲ୍ୟା ମାଉସୀ ଆସି ମୋତେ ନେଇଥାଏ । ନେହେରୁଙ୍କୁ ରାହାମାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆହେବାର ଯୋଜନା ହୋଇଥାଏ । ବହୁ ଗ୍ରାମରୁ ହଜାର ହଜାର ଲୋକ ଜମା ହୋଇଥାନ୍ତି । ବଡ଼ ପେଣ୍ଡାଲ ହୋଇଥିଲା । ମାଉସୀ ଫୁଲହାର ନେଇଥିଲେ । ତାଙ୍କୁ ପିନ୍ଧାଇ ଦେଲେ । ବହୁତ ଲୋକ ଫୁଲମାଳ ଦେଲେ । ସେ ଭାଷଣ ଦେଲେ । ସେ ଗାଡ଼ିରୁ ଓହ୍ଲାଇଲା ବେଳେ ଦୁଇପଟରେ ଲୋକ ଛିଡ଼ା ହୋଇ ତାଙ୍କୁ ସ୍ୱାଗତ କରି ସ୍ଲୋଗାନ ଦେଉଥିଲେ । ମୋ' ମାଉସୀ ମୋତେ କାଖେଇଥିଲା । ସେ ଚୁଡ଼ିଦାର ସେରୱାନ ପିନ୍ଧି ପାଦ ପକାଇ ପକାଇ ଚାଲିବାର ଦୃଶ୍ୟ ମୋର ମନେଅଛି । ସେ ଯିବାବେଳେ ଯେଉଁ ପିଲାଙ୍କୁ ଦେଖୁଥିଲେ ତାକୁ ଆଦର କରୁଥିଲେ । ମୋ' ଜେଜେମା' ଓ ଆମ ଗାଁ'ରୁ ଲୋକ ସବୁ ଯାଇଥିଲେ, ଦେଖାହେଲା । ମୁଁ ମା' ସାଙ୍ଗରେ ଆସିବି ବୋଲି କାନ୍ଦିଲି । ମାଉସୀ ମନାକଲା ପୁଣି ମାମୁଘରକୁ ନେଇଗଲା । ମୋତେ ବହୁତ ଖୁସିଲାଗେ ନେହେରୁଙ୍କ ବିଷୟରେ ଭାଷଣ ଦେଲାବେଳେ । ମୁଁ କହେ ମୁଁ ତାଙ୍କୁ ଦେଖିବାର ଅପୂର୍ବ ସୁଯୋଗ ପାଇଛି । ପିଲାମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି, ମୁଁ ନେହେରୁଙ୍କୁ ଦେଖିଛି ବୋଲି ।

❑❑❑

Digital Copy from the Author

ଯାହାଙ୍କ ପାଇଁ ମୁଁ ମଣିଷ

ଯାହାଙ୍କ ପାଇଁ ମୁଁ ଆଜି ସମାଜ ଆଗରେ ମୁଣ୍ଡ ଟେକି ଠିଆ ହୋଇପାରିଛି, ଯାହାଙ୍କ ପରିଚୟରେ ମୁଁ ପରିଚିତ, ସେ ହେଉଛନ୍ତି ମୋର ବାପା ହରମୋହନ ଦାସ । ଏହି ନାଁ ସହିତ ମୋର ଘନିଷ୍ଠ ସମ୍ପର୍କ । ସେ ହରି, ହରିବାବୁ; ବିଶେଷକରି 'ହରିସାର୍' ନାମରେ ଲୋକଙ୍କ ପାଖରେ ପରିଚିତ ।

ଏକ ଅନନ୍ୟ ସଂପର୍କ ତାଙ୍କର ଆମ ପିଲାମାନଙ୍କ ସହ । ଆମେ କେବେ ପିଲାଦିନେ ତାଙ୍କୁ ବାପା ବୋଲି ଡାକିନୁ । ଏମିତି କି ମୋତେ ତିରିଶି ଚାଳିଶି ବର୍ଷ ହେଲା ପର୍ଯ୍ୟନ୍ତ ବି 'ବାପା' ବୋଲି ସିଧାସଳଖ ତାଙ୍କୁ ସମ୍ବୋଧନ କରି ଡାକିନି ମୁଁ । ସେ ବି ପିଲାଦିନେ ଆମକୁ କେବେ କୋଳରେ ଧରି ନାହାନ୍ତି କି କାଖେଇ ନାହାନ୍ତି, କି ଭଲରେ ଦୁଇଚାରି ପଦ କଥାବାର୍ତ୍ତା ହୋଇନାହାନ୍ତି । କିନ୍ତୁ ଆମର କିଛି ଅଭାବ ରଖନ୍ତିନି । ବହୁ ଜିନିଷ ଦରକାରଠୁ ଅଧିକା ଯୋଗାଇ ଦିଅନ୍ତି । ଉପରେ ନିରବ ଥିଲେ ବି ଅନ୍ତରରେ ତାଙ୍କର ଆମ ପାଇଁ ସ୍ନେହମମତାର ଅନ୍ତଃସଲୀଳା ଫଲଗୁ ପ୍ରବାହିତ ହେବାର ଆମେ ଅନୁଭବ କରୁ ।

Digital Copy from the Author

ସବୁ ପିଲା ତାଙ୍କ ବାପାଙ୍କ ପାଖରେ ଅଳିଅର୍ଦ୍ଦଳି କରନ୍ତି । ଗେଲ ହୁଅନ୍ତି । ପାଖରେ ବସନ୍ତି । ମାଡ଼ ଖାଆନ୍ତି । ଶାସିତ ହୁଅନ୍ତି । ଅଥଚ ମୋ' ବାପା ଆମକୁ (ଆମେ ପାଞ୍ଚ ଭାଇଭଉଣୀଙ୍କ)ଙ୍କୁ ନା କେବେ ଗେଲ କରିଛନ୍ତି, ନା କେବେ ମାଡ଼ ଦେଇଛନ୍ତି, ନା କେବେ ଶାସନ କରିଛନ୍ତି । ସତରେ ଅଦ୍ଭୁତ ସଂପର୍କ ।

ମୋ' ମନରେ ପ୍ରଶ୍ନଉଠେ । ମାଆକୁ ପଚାରେ । ମା' କହେ ତାକୁ ନିଜ ଛୁଆଙ୍କୁ ଧରିବାକୁ ଲାଜ ଲାଗେ । ବୋଉ ସହିତ ବାପା କେତେବେଳେ କଥା ହେବାର ମୋ' ପିଲାଦିନେ ମୁଁ ଦେଖିନଥିଲି । ଏବେ ଭାବେ ତା'ର ଅନେକ କାରଣ ଥିଲା । ପ୍ରଥମ କାରଣ, ସେତେବେଳେ ଆମେ ସବୁ ଗୋଟିଏ ଖଞ୍ଜାରେ ଚଉଦ ପନ୍ଦର ଜଣ ରହୁଥିଲୁ । ଜେଜେ, ଜେଜେମା' ଇତ୍ୟାଦି । ରକ୍ଷଣଶୀଳ ସମାଜରେ କାଳେ କିଏ କ'ଣ ଭାବିବ ଲାଜରେ କଥା ହେଉ ନଥିଲେ । ଦ୍ୱିତୀୟ କଥା ହେଉଛି ବାପା ଘରେ ରୁହନ୍ତିନି । ସ୍କୁଲ ଭଲ ତ ସିଏ ଭଲ । ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟ୍ ସାଙ୍ଗକୁ ପଙ୍କପାଳ ମି.ଇ. ସ୍କୁଲର ପ୍ରଧାନଶିକ୍ଷକ । ଦୂରଦୂରାନ୍ତରୁ ବହୁତ ପିଲା ଆସି ରହୁଥିଲେ ହଷ୍ଟେଲ୍‌ରେ । ନିଜ ପିଲାଙ୍କ ଦାୟିତ୍ୱ ଛାଡ଼ି ଛାତ୍ରମାନଙ୍କ ବେଶି ଦାୟିତ୍ୱ ନେଉଥିଲେ । 'ବାପା' ଅପେକ୍ଷା ସେ ବେଶି ଥିଲେ 'ସାର୍' । ଆଦର୍ଶ ଶିକ୍ଷକ । 'ଛାଡ଼ ପିତୃକାର୍ଯ୍ୟ, କର ରାଜକାର୍ଯ୍ୟ' ଥିଲା ତାଙ୍କର ଦର୍ଶନ ।

ସେ ପଙ୍କପାଳ ସ୍କୁଲରେ ରହୁଥିଲେ । ସପ୍ତାହରେ ଥରେ ଆସନ୍ତି ଶନିବାର ସନ୍ଧ୍ୟାପରେ (ସୂର୍ଯ୍ୟାସ୍ତ ପରେ) ଓ ରବିବାର ପାହାନ୍ତାରୁ ପୁଣି ପଳାନ୍ତି ପଙ୍କପାଳ । ସେ ଆମ ଗାଁ'ର ସୂର୍ଯ୍ୟୋଦୟ କି ସୂର୍ଯ୍ୟାସ୍ତ ଦେଖି ନଥିଲେ ଅବସର ନେବା ପର୍ଯ୍ୟନ୍ତ । ଆମେ ମଧ ଆମ ବାପାଙ୍କୁ ଭଲ କରି ଦେଖି ନଥିଲୁ । ସେ ଆମ ବଡ଼ ଦୁଇ ଭଉଣୀଙ୍କ ଓ ଭାଇକୁ ଛାଡ଼ିଦେଲେ ସାନ ଦୁଇ ଭଉଣୀ ନାଁ ବି ଜାଣି ନଥିଲେ । ଥରେ ଗୋଟିଏ ପୁରସ୍କାର ବିତରଣୀ ସଭା ହେଉଥିଲା । ମୋ' ସାନ ଭଉଣୀ ନାଁ ଡକା ହେଲା ପୁରସ୍କାର ନେବାକୁ ସରୋଜିନୀ ଦାସ । ସେ ଗଲା । ବାପା କହିବାର ମୁଁ ଶୁଣିଛି 'ଇଏ ସରୋଜିନୀ ଦାସ ?'

ଜଣେ ବ୍ୟକ୍ତି ପରିବାରର ମୋହ ଛାଡ଼ି 'ଶିକ୍ଷକ' ଭାବରେ କେତେ ଉତ୍ସର୍ଗୀକୃତ ମୋ' ବାପା ତା'ର ଜ୍ୱଳନ୍ତ ପ୍ରମାଣ । ଏତେ ଛାତ୍ରବତ୍ସଳ ଶିକ୍ଷକ ମୁଁ ଦେଖିନି ।

Digital Copy from the Author

ତା'ର ପ୍ରମାଣ ମିଳିଥିଲା ତାଙ୍କ ହଠାତ୍ ଦେହାନ୍ତରେ । କେଉଁଠୁ ଖବର ପାଇ ମାଘମାସର ହାଡ଼ଭଙ୍ଗା ଶୀତ ରାତିରେ ତାଙ୍କର ଶହଶହ ଛାତ୍ର ଆସି ଶବ ସଂସ୍କାର କରିଥିଲେ । ଏକାଦଶାହ ଦିନ ଶୋକସଭା ଆୟୋଜନ କରିଥିଲେ । ତାଙ୍କର ଅନୁଭୂତି ଯାହା କହିଲେ ଆମେ ଆଶ୍ଚର୍ଯ୍ୟ ହୋଇଗଲୁ । କାହାକୁ ଖୁଆଇ ଦିଅନ୍ତି, ଶୁଆଇ ଦିଅନ୍ତି, ସମସ୍ତେ କହିଲେ ସାର୍‌ଙ୍କ ସିକାଶେ ସେ ମଣିଷ । ତାଙ୍କ ମାଡ଼କୁ ଭାରି ଡର ଇତ୍ୟାଦି ଇତ୍ୟାଦି ।

ଯିଏ ନିଜ ପିଲାଙ୍କୁ ଦିନେ ଧରି ନାହାନ୍ତି, ଗେଲ କରିନାହାନ୍ତି, କଥା ପଦେ କହି ନାହାନ୍ତି, ପାଠ ପଢ଼େଇ ନାହାନ୍ତି, ଭଲ କରି ଟିକେ ଦେଖି ନାହାନ୍ତି, ସେ ପୁଣି ପରପିଲା ଛାତ୍ରମାନଙ୍କୁ ନିଜ ପିଲା ପରି ଏତେ ସ୍ନେହମମତାରେ ବୁଡ଼େଇ ଦେଇ ମଧୁର ଶାସନରେ ଶାସନ କରି ପାଠପଢ଼େଇ ମଣିଷ କରିଛନ୍ତି ! ଏକଥା ଶୁଣି ଯେତିକି ଆଶ୍ଚର୍ଯ୍ୟ ହେଲି, ମୋ' ମୁଣ୍ଡ ତାଙ୍କ ପାଖରେ ସେତିକି ନଇଁଗଲା ।

ସେ ଥିଲେ ପ୍ରକୃତ ଆଦର୍ଶ ଶିକ୍ଷକ, ସମାଜର ନିର୍ମାତା । ଆମେ ? ? ଆମେ ଆମ ପିଲାଙ୍କ ପାଇଁ ଚିନ୍ତିତ ରହି ଛାତ୍ରଙ୍କ କଥା ମନରେ ରଖୁନା, ଭାବୁନା ତାଙ୍କ ଭବିଷ୍ୟତ ବିଷୟରେ । ଆମକୁ କ'ଣ ପ୍ରକୃତ ଶିକ୍ଷକ କୁହାଯିବ ? ଆମେ କେବଳ ଶିକ୍ଷକ ଚାକିରି କରୁଛୁ । କେବଳ ମୋ' ବାପା ନୁହଁନ୍ତି, ସେତେବେଳେ ଶହଶହ ଶିକ୍ଷକ ବିନା ବେତନରେ ପରିବାର ଛାଡ଼ି ଦେଶର ଭବିଷ୍ୟତମାନଙ୍କୁ ମନପ୍ରାଣ ଢାଳି ଗଢୁଥିଲେ । ନା ଏବେ ଆମର ମନ ଅଛି ନା ଆଦର୍ଶ ଅଛି ? ସରକାରୀ କଳର ଆଦେଶରେ ବନ୍ଧା ପଡ଼ିଛି ଶିକ୍ଷକର ଜୀବନ ।

ମୋ' ବାପା ଘରର ସବୁ ଦାୟିତ୍ୱ ବୋଉ ଓ ଜେଜେ ମା' ଉପରେ ସମର୍ପି ମଣିଷତିଆରି କାରଖାନାରେ ମଣିଷ ଗଢୁଥିଲେ । ଜେଜେମା'କୁ ଯାହା ଟଙ୍କା ଦରକାର ଦେଇଯାଆନ୍ତି । ମା' ବାହାର ଦାୟିତ୍ୱ ସବୁ ବୁଝେ । ବୋଉର ଘର ଭିତର ଦାୟିତ୍ୱ । ଆମର ଯାହା ଦରକାର ମା'କୁ କହୁ, ସେ ସବୁ କିଣିଦିଏ । ବାପା ପଙ୍କପାଳରୁ କେଉଁ ଲୋକ ନହେଲେ ସ୍କୁଲ ପିଅନ ହାତରେ ସବୁ ପଠାନ୍ତି । ପନିପରିବା, ମାଛମାଂସ, ମିଠା, ଫଳ ଇତ୍ୟାଦି । ମୋର ମନେଅଛି ଦ୍ୱାରିଭାଇ ସବୁବେଳେ ଚାଲିଥିବ ସାଇକେଲ ନେଇ । କେତେବେଳେ ଖାସି ମରାହେଲା ତ ମାଂସ ଆସିବ, ରେପୁର ଗଣ୍ଡ ବଡ଼ବଡ଼

Digital Copy from the Author

ମାଛ ଆସିବ । ଥରେ ବଡ଼ବଡ଼ ମୋଟାମୋଟା ଚୁଙ୍ଗୁଡ଼ି ଆସିଥିଲା, ଦୁଆରେ ଚାଲୁଥିଲେ । ଚିଙ୍ଗୁଡ଼ି ଏତେ ବଡ଼ ଯେ ସେ ଖଣ୍ଡଖଣ୍ଡ ହୋଇ କଟା ହୋଇ ଭଜା ହେଲା । ଏ ଚିଙ୍ଗୁଡ଼ି ଏବେ ଦେଖିବା ସ୍ୱପ୍ନ । ସେସବୁ ବିଦେଶ ଚାଲିଯାଉଛି ବହୁ ଟଙ୍କାରେ ।

ଆମ ଗାଁ'ରେ ତେଜରାତି ଦୋକାନ, ଲୁଗାଦୋକାନ । ମା' ସବୁ ନେଇଆସେ । ମୁଁ ରସଗୋଲା ଖାଇବାକୁ ଭଲ ପାଏ ବୋଲି ବାପା ବହୁତ ସମୟ ରସଗୋଲା, ଛେନାଗଜା, ଛେନାପୋଡ଼ ପଠାନ୍ତି । ପାଠପଢ଼ା ପାଇଁ ବହିଖାତା, ଯେତେପ୍ରକାର କଲମ, ପରକଲମଠାରୁ ଫାଉଣ୍ଟେନ୍, ଡଟ୍ କଲମ ପର୍ଯ୍ୟନ୍ତ । ଯେତେ ପ୍ରକାର ସିଲଟ ଖଡ଼ି ଯୋଗାନ୍ତି । ଆମ ପାଠ କେବେ ଦେଖନ୍ତିନି । କ'ଣ ପଢୁଛି ବୋଲି ପଚାରନ୍ତନି । ମୋ' ସାନ ଭଉଣୀମାନେ କିଏ କେଉଁ ଶ୍ରେଣୀରେ ପଢ଼ନ୍ତି ବି ସେ ଜାଣୁ ନଥିଲେ । କିନ୍ତୁ ପ୍ରଥମ ଶ୍ରେଣୀରୁ ମାଟ୍ରିକ୍ ପର୍ଯ୍ୟନ୍ତ ଟିଉସନ ସାର୍ ଖଞ୍ଜା ହୋଇଥିବେ ।

ବହୁତ ପତ୍ରପତ୍ରିକା, ମନପବନ, ମୀନାବଜାର, ଶିଶୁଲେଖା, ଜହ୍ନମାମୁ, ଆଲୋକ, ପୌରୁଷ, ଝଙ୍କାର, ନବରବି, ନବପ୍ରକାଶ, ନବଜ୍ୟୋତି, ଆଦି କେତେ ଶିଶୁ ସାହିତ୍ୟ, ଆଧ୍ୟାତ୍ମିକ ପତ୍ରିକା ଆମ ପାଖରେ ପହଞ୍ଚାଇ ଦିଅନ୍ତି । ମୋ' ନାଁ'ରେ ଦୈନିକ ପତ୍ରିକା ପ୍ରଜାତନ୍ତ୍ର ଓ ସୋଭିଏତ ଦେଶ ଡାକଯୋଗେ ବାପା ମଗାଉଥିଲେ । ଛପା ଅକ୍ଷରରେ ମୋ' ନାଁ ଲେଖାହୋଇ ଆସୁଥିଲା ଡାକରେ । ମୋତେ ବହୁତ ଖୁସି ଓ ଗର୍ବ ଲାଗୁଥିଲା । ଆମ ଆଖପାଖ ଅଞ୍ଚଳରେ କୌଣସି ପିଲା ନାଁ'ରେ ଡାକରେ ଏମିତି ପତ୍ରପତ୍ରିକା ଆସୁନଥିଲା ।

ଯେମିତି ଆମ ଗାଁ'ରେ ପୋଷ୍ଟ ଅଫିସ୍ ଖୋଲିଲା, ମୋ' ନାଁ'ରେ ବାପା ଗୋଟିଏ ପାସ୍‌ବୁକ୍ ଖୋଲିଲେ । ପ୍ରଥମେ ୧୦ ଟଙ୍କା ଜମା କଲେ । ମତେ ଗୋଟିଏ ବଢ଼ିଆ ବାକ୍ସ ଦେଲେ ସବୁଦିନେ ପଇସା ପକାଇବା ପାଇଁ । ଟିଣର ଷ୍ଟାଇଲ୍ ହୋଇ ଛଅକଣିଆ ବାକ୍ସ । ଚାବି ଲାଗିଥିଲା । ବଢ଼ିଆ ଚିତ୍ର ଥିଲା । ଉପରେ ପଇସା ପଡ଼ିବାକୁ ବାଟଥିଲା । ତଳେ ଚାବି । ଏମିତି ବାକ୍ସଟିଏ ମୁଁ ଆଜିକାଲି ଆଉ ଖୋଜିଖୋଜି ପାଉନି । ସେଥିରେ ପଇସା ପକାଏ । ପ୍ରତି ମାସରେ ପାଞ୍ଚ ଟଙ୍କା ଜମାକରେ ।

Digital Copy from the Author

ଅଞ୍ଜୁ ଯେଉଁ ପଇସା ରଖିଥାଏ, ତାକୁ ବି ନେଇ ଜମାକରେ । ଆମ ମାର୍କଣ୍ଡଭାଇ ପୋଷ୍ଟ ଅଫିସ୍‌ରେ ଚାକିରି କରନ୍ତି । ତାଙ୍କୁ ଦିଏ । ସେ ଜମାକରି ବହି ଫେରାଇ ଦିଅନ୍ତି । ବାପା ଆମକୁ ପ୍ରଥମେ ଗ୍ରିଷ୍ଟିଙ୍ଗସ୍ ଆଣି ଦେଇଥିଲେ ସାଙ୍ଗମାନଙ୍କୁ ଦେବାକୁ । ବଢ଼ିଆ ରାକ୍ଷୀ ବି ଆଣିଥିଲେ ଭେଲଭେଟ୍‌ରେ ।

ବାପା ହେଡ଼ମାଷ୍ଟର ଥିଲେ । ଡି.ଆଇ. ଅଫିସ୍ କଟକରେ ଥିଲା । ସ୍କୁଲ କାମରେ କଟକ ଯାଆନ୍ତି । ଆମ୍ଭ ଝୁଡ଼ିଏ, ଯେତେ ପ୍ରକାର ଫଳ, କଟକ ବରକୋଳି ଆଣନ୍ତି । ସ୍କୁଲ ପିଲାଙ୍କ ଫଟୋ ଉଠାଇବା ପାଇଁ କଟକରୁ ଓରିଏଣ୍ଟ ଷ୍ଟୁଡ଼ିଓ ଆସେ । ବାପା ତାକୁ ଆମ ଘରକୁ ପଠାନ୍ତି । ମା', ବୋଉ ଆମେ ପିଲାମାନେ ଫଟୋ ଉଠାଉ । ସେ କେବେ ଆମ ସହ, କି ବୋଉ ସହ ଫଟୋ ଉଠାଇ ନଥିଲେ । ମୁଁ ବି.ଏ. ପଢ଼ିଲା ବର୍ଷ ରମାଦେବୀ କଲେଜ ଆଗରେ ସୁଜାତା ଷ୍ଟୁଡ଼ିଓରେ ପ୍ରଥମକରି ବାପାବୋଉଙ୍କ ଫଟୋ ଜବରଦସ୍ତ ଉଠାଇଥିଲି ।

ମୋ' ବାପାଙ୍କୁ ବହୁତ ଭଲଭଲ ଡାଏରୀ ମିଳେ । ଅଫିସ୍‌ରେ ଚାକିରି କରିଥିବା ସାଙ୍ଗ, ଛାତ୍ରମାନେ ପଠାନ୍ତି । ମୋତେ ଚତୁର୍ଥ ଶ୍ରେଣୀରୁ ପ୍ରତିବର୍ଷ ଡାଏରୀ ଦିଅନ୍ତି । ଡାଏରୀ ତାଙ୍କର ଭାରି ସଉକ । ମୁଁ ଡାଏରୀ ଚତୁର୍ଥ ଶ୍ରେଣୀରୁ ଲେଖେ । ଲେଖିବାର ମୁଖ୍ୟାଂଶରେ ମୁଁ ପାଠପଢ଼ି ଚାକିରି କରିବି, ମୋ' ଭାଇଭଉଣୀଙ୍କୁ ମଣିଷ କରିବି ।" ଏହିପରି ମୋ' ବାପାଥିଲେ ଉଚ୍ଚମନା, ଲୋକପ୍ରିୟ ଆଦର୍ଶଶିକ୍ଷକ । ଆମ ପ୍ରତି ଭିତରେ ଅଫୁରନ୍ତ ସ୍ନେହ ଥିଲେ ବି ବାହାରକୁ ଦେଖାଇ ପାରନ୍ତିନି । ଧଳା ପଞ୍ଜାବୀ ଧୋତି ତାଙ୍କର ପରିଧାନ । ସେ କଂଗ୍ରେସ କର୍ମୀଥିଲେ । ପ୍ରଶାନ୍ତ ଚେହେରା । ବାପାଙ୍କୁ ଆମେ ଯେତିକି ଭୟ କରୁଥିଲୁ ସେତିକି ଭକ୍ତି କରୁଥିଲୁ ।

ଅଭାବ ଆମକୁ କେବେ ସେ ଜାଣିବାକୁ ଦିଅନ୍ତିନି । ସେତେବେଳ ସମୟରେ ଗାଁ'ରେ ପିଲା ଦାନ୍ତକାଠିରେ ଦାନ୍ତ ଘସିଲାବେଳେ ଆମକୁ ବ୍ରସ୍ ପେଷ୍ଟ୍ ଦାନ୍ତ ଘସିବାକୁ ଦେଇଥାନ୍ତି । ସମସ୍ତେ କହନ୍ତି ହରିବାବୁ ଶିକ୍ଷକ ହେଲେ ବି ପିଲାଙ୍କୁ ଆଇ.ଏ.ଏସ୍. ଅଫିସରଙ୍କ ପିଲାଭଳି ଅୟସରେ ରଖିଛନ୍ତି ।

ମୁଁ ଯେଉଁଠି ପଢ଼ିଛି, ଚାକିରି କରିଛି, ହଷ୍ଟେଲ୍ ଯାଇଛି, ଇଣ୍ଟରଭିୟୁ ଦେବାକୁ ଯାଇଛି ସବୁଠି ବାପାଙ୍କ ଛାତ୍ର ଥାଆନ୍ତି । ସେମାନଙ୍କର ବାପାଙ୍କ ସହ ଏତେ ନିବିଡ଼

Digital Copy from the Author

ସମ୍ପର୍କ ଯେ ସେମାନେ ମୋ' ଖବର ବୁଝନ୍ତି । ମୋତେ ସାହାଯ୍ୟ କରନ୍ତି । ସେମାନେ ବାପାଙ୍କୁ ଏତେ ସମ୍ମାନ ଦିଅନ୍ତି, ମୁଁ ଆଶ୍ଚର୍ଯ୍ୟ ହୁଏ । ଶିଶୁଭବନ ଡିରେକ୍ଟର ପେଡ଼ିଆଟ୍ରିକ୍ ପ୍ରଫେସର ଡାକ୍ତର ସୁବୋଧ ପ୍ରହରାଜ ବାପାଙ୍କୁ ଦେଖି ମୁଣ୍ଡନୁଆଇଁ ପ୍ରଣାମ କରିବାର ମୁଁ ଦେଖିଛି ।

ତାଙ୍କର ବହୁ ଛାତ୍ରଙ୍କ ସାହାଯ୍ୟ ମୁଁ ପାଇଛି । ସେମାନଙ୍କ ମଧ୍ୟରୁ ବାନାମ୍ବର ଭାଇ, ଭୀମଭାଇ, ଶରତଭାଇ, ଲୋକନାଥ ଭାଇ, ଡାକ୍ତର ଲୋକନାଥ ଆଚାର୍ଯ୍ୟ, ଶ୍ରୀପତି ସାର୍, ଗୋପସାର୍, ପ୍ରମୋଦ ଭାଇ, ବାଇଧର ଭାଇ, ନିରସାର୍, ଫକୀରଭାଇ, ଏମିତି ଆହୁରି ଅନେକ । ରେଭେନ୍ସା ଛାଡ଼ି ରମାଦେବୀ ଆସିଲାବେଳକୁ ସେଠି ଅଛନ୍ତି ବାପାଙ୍କ ଛାତ୍ର ବାଇଧରଭାଇ । ଶିକ୍ଷକ ଓ ଛାତ୍ରର ସମ୍ପର୍କ କେତେ ନିବିଡ଼ ଥିଲା ମୁଁ ଅନୁଭବ କରିଥିଲି । ଆମ ପ୍ରତି ତାଙ୍କର କର୍ତ୍ତବ୍ୟ ଏତେ ସୁଚାରୁ ରୂପେ କରିଛନ୍ତି ଯେ ମୁଁ ସେମାନଙ୍କ ପାଇଁ କିଛି କରିପାରିନି ମୋ' କର୍ତ୍ତବ୍ୟ । ଜନ୍ମଜନ୍ମାନ୍ତର ପାଇଁ ପିତୃଋଣ ଶୁଝିପାରିଲିନି ।

ବାପାଙ୍କ ଚିଠି ଲେଖିବା ସଉକ ଥିଲା । ସବୁଦିନେ ଦଶପନ୍ଦରଟା ଇନ୍‌ଲାଣ୍ଡ ଲେଟର ସେ ଡାକରେ ପକାନ୍ତି ତାଙ୍କ ସାଙ୍ଗ, ବନ୍ଧୁ ଓ ଛାତ୍ରମାନଙ୍କ ପାଖକୁ । ମୁଁ କଲେଜ ପଢ଼ିଲା ବେଳକୁ ମୋତେ ପ୍ରତି ସପ୍ତାହରେ ଚିଠି ଲେଖନ୍ତି । ଆମ ସାଙ୍ଗରେ ସିନା କଥା ହୋଇପାରନ୍ତିନି, ଚିଠିରେ ବହୁତ ଉପଦେଶ ଦେଇ ଲେଖନ୍ତି । ତାଙ୍କର ପ୍ରତି ଚିଠିରେ ଲେଖନ୍ତି "ବ୍ୟସ୍ତ ହେବୁନି, ଯାହା ହେବାର କଥା ନିଶ୍ଚୟ ହେବ । ବ୍ୟସ୍ତ ହେଲେ କିଛି ଲାଭ ନାହିଁ ।" ତାଙ୍କ ଶେଷ ଜୀବନର ଶେଷ ଚିଠି ଲେଖିଥିଲେ ୨୦୦୪ ମସିହା ଜାନୁୟାରୀ ୧ ତାରିଖରେ ନୂଆବର୍ଷର ଶୁଭକାମନା ଜଣାଇ । ସବୁଠାରୁ ମୋ' ଜୀବନର ବଡ଼ ଦୁଃଖ ଥିଲା ଯେ ତାଙ୍କର ସେ ଚିଠି ମୁଁ ପାଇଲା ବେଳକୁ ସେ ଇହଧାମରେ ନଥିଲେ । ମୁଁ ମଧ୍ୟ ନୂଆବର୍ଷରେ ତାଙ୍କୁ ଚିଠି ଲେଖୁଥିଲି । ମୋ' ଚିଠି ତାଙ୍କ ଠିକଣାରେ ପହଞ୍ଚିଲା ବେଳକୁ ସେ ନଥିଲେ । ତାଙ୍କ ଶୁଦ୍ଧିକର୍ମ ପାଇଁ ମୁଁ ଗାଁ'ରେ ଥିଲି । ମାର୍କଣ୍ଡଭାଇ ମୋ' ହାତରେ ହିଁ ମୋ' ଚିଠି ଦେଇଗଲେ । ସେଇଟା ମୋ' ଜୀବନର ସବୁଠୁ ଦୁଃଖ ଥିଲା । ସେଦିନଠୁ ମୁଁ ଚିଠି ଲେଖିବା ଛାଡ଼ିଦେଇଛି, ଯଦିଓ ବାପାଙ୍କ ଭଳି ମୋର ବି ଚିଠିଲେଖିବା ସଉକ ଥିଲା ।

Digital Copy from the Author

ବାପା ଖୁବ୍ ମେଳାପୀ ଥିଲେ । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ସହ ମିଶୁଥିଲେ । ତାଙ୍କର ସାଧାରଣ କଥା ପଦକ ଥିଲା, "ଖବ୍‌ର କ'ଣ ?" ଯାହାକୁ ଦେଖିଲେ ସେ କିଛି କହନ୍ତୁ ବା ନକହନ୍ତୁ ସେ କହୁଥିଲେ ଆଗ – "ଖବର କ'ଣ ?" ମୋ' ବାପା ପୁଅଝିଅ ମଧ୍ୟରେ କିଛି ତଫାତ୍ ଦେଖୁ ନଥିଲେ । ତାଙ୍କର ଚାରୋଟି ଝିଅ ହେଲେ ବି ସେ ଖୁସି ଥିଲେ । ସବୁବେଳେ କହୁଥିଲେ ଝିଅ ଭଲ । କହନ୍ତି –"Son is son till comes his wife; daughter is daughter throughout the life."

ମୁଁ ଜୟଶୋଳ ବାଳିକା ହାଇସ୍କୁଲ୍‌ରେ ଶିକ୍ଷକତା କଲାବେଳେ ସାତପୁରାରେ ରହୁଥିଲି । ଯେତେ ପ୍ରକାର ପରିବାପତ୍ର, ମୋ' ଭଲପାଉଥିବା ଜିନିଷ ନେଇକରି ସାତପୁରାରେ ପ୍ରତି ଆଠ ଦିନରେ ଥରେ ଆସି ପହଞ୍ଚିଯାଆନ୍ତି । ମୋ' ପାଇଁ ସବୁବେଳେ ଚିନ୍ତାଥିଲା ତାଙ୍କର । ଚାକର ଯୋଗାଡ଼ କରିଦେବା, ଭଉଣୀମାନଙ୍କୁ ବାଧ୍ୟକରି ମୋ' ପାଖରେ ରହିବା ପାଇଁ ପଠାଇବା ତାଙ୍କର କାମ । ବାପା କର୍ତ୍ତବ୍ୟ ତାଙ୍କର ସୁଚାରୁରୂପେ କରିଛନ୍ତି । କେବେ କାହାକୁ ତାଙ୍କ ଅସୁବିଧା ଅଭାବ ଜଣାଇ ନାହାନ୍ତି । ରେଭେନ୍‌ସାରେ ପଢ଼ିଲା ବେଳେ ପ୍ରତି ମାସରେ ମୋତେ ଟଙ୍କା ଦେଇଆସନ୍ତି । ମୋ' ମେସ୍ ଖର୍ଚ୍ଚ ଥିଲା ୬୦ ଟଙ୍କା । ହାତ ଖର୍ଚ୍ଚ ପାଇଁ ଦଶକୋଡ଼ିଏ ଟଙ୍କା ରଖୁଥିଲି । ଯେତେବେଳେ ବି ମନାକରେ । ଶିକ୍ଷକ ଚାକିରି । ପାଞ୍ଚ ଭାଇଭଉଣୀଙ୍କ ପାଠପଢ଼ା । ତଥାପି ବି ଆମମାନଙ୍କୁ ବହୁତ ସୁବିଧାରେ ରଖିଥାନ୍ତି ।

ବାପା ଖୁବ୍ ସମୟାନୁବର୍ତ୍ତୀ ଥିଲେ । ଶୀଘ୍ର ଶୋଇ ଭୋର ଚାରିଟାରୁ ଉଠନ୍ତି । ଯେଉଁଠିକି ଯିବାର ଥିଲେ କି ସ୍କୁଲକୁ ଯଥେଷ୍ଟ ସମୟ ଆଗରୁ ପହଞ୍ଚନ୍ତି । ସ୍ୱାସ୍ଥ୍ୟ ପ୍ରତି ବହୁତ ସଚେତନ । କୌଣସି ଭୋଜିଭାତରେ ଖାଆନ୍ତିନି । ଯାଡୁସାଡୁ ତେଲ ଜିନିଷ କିଛି ଖାଆନ୍ତିନି । ରୁଟି ସନ୍ତୁଳା ତାଙ୍କର ପ୍ରିୟ । ବୋଉ ନଅ ତିଅଣ, ଛଅଭଜା କରି ପରଶେ । ଜଣେ ଡାକ୍ତର ଆମ ପାଇଁ ଖଞ୍ଜା କରିଥିଲେ । ଅଲେଖ ଡାକ୍ତର ସବୁଦିନେ ଆମ ସ୍ୱାସ୍ଥ୍ୟ କଥା ବୁଝିବାକୁ ଆସୁଥିଲେ । ମୋ' ବାପା ଉଚ୍ଚମନା ଥିଲେ । Simple living, high thinking ତାଙ୍କର ଆଦର୍ଶ ଥିଲା ।

ଚାଳିଶି ବର୍ଷ ଶିକ୍ଷକତା କରି ବିଦ୍ୟାଳୟ ଓ ଛାତ୍ରମାନଙ୍କ ପାଇଁ ଜୀବନ ଉତ୍ସର୍ଗ କରିଥିଲେ । ଅବସର ନେଲା ପରେ ସେ ଗ୍ରାମର ଉନ୍ନତିକର କାମରେ ନିଜକୁ ନିୟୋଜିତ କରିଥିଲେ । ଆମ ଗ୍ରାମରେ କେଉଁଠି ରାସ୍ତା ହେବ, ପୋଖରୀ, କୂଅ

Digital Copy from the Author

ଖୋଲା ହେବ ତା'ର ବ୍ୟବସ୍ଥା କରିଥିଲେ । ଆମ ଗାଁ'ରେ ପାଣିର ଅଭାବ ଥିଲା । ତାଙ୍କ ପ୍ରଚେଷ୍ଟାରେ tube well ଟିଏ ବସିଲା । ଆମ ଗାଁ'ର ସମସ୍ତଙ୍କ ଜଳ ଅଭାବ ଦୂର ହେଲା । କ୍ଷେତ୍ରପାଳଙ୍କ ପାଖରେ କୂଅ, ବାରୁଣୀ ପାଲାର ଦାୟିତ୍ୱ ନେଇ ବାଦୀପାଲା କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଗାଁ'ର ସମସ୍ତଙ୍କ ଭଲମନ୍ଦ ବୁଝୁଥିଲେ । ମଙ୍ଗଳାଙ୍କ ପଣାପାଣି କଥା ବୁଝୁଥିଲେ ।

ବାପା ଶିକ୍ଷକ ସଂଘର ସମ୍ପାଦକ ଥିଲେ । ଆମ ଗାଁ'ର ଇତିହାସ ବୁଝି ଗୋଟିଏ ବହି ଲେଖିଛନ୍ତି "ଆମ ଗାଁ'ର ଇତିହାସ" । ତା'ପରେ ସେ ରାହାମା ସରସ୍ୱତୀ ଶିଶୁମନ୍ଦିରର ପ୍ରତିଷ୍ଠା ଓ ପରିଚାଳନାରେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ । ଶେଷ ଜୀବନ ପର୍ଯ୍ୟନ୍ତ ସେ ସରସ୍ୱତୀ ଶିଶୁମନ୍ଦିରରେ କାର୍ଯ୍ୟରତ ଥିଲେ ।

ବଡ଼ଝିଅ ହିସାବରେ ବାପାଙ୍କ ଭଲପାଇବା ମୋ' ପାଇଁ ଥିଲା ସ୍ୱତନ୍ତ୍ର । କଲେଜ୍‌ରେ ନାଆଁ ଲେଖାଇବା ପରେ ମୁଁ ଘର ଛାଡ଼ିଲି । ବାପା ସେବେଠାରୁ ଆଠଦିନରେ ଯେମିତି ହଉନା କାହିଁକି ମତେ ନ ଦେଖିଲେ ବ୍ୟସ୍ତ ହୋଇ ଧାଇଁ ଆସନ୍ତି । ତାଙ୍କ ଜୀବନର ଶେଷ ଦୀପ ବି ମୋରି ଆଖି ଆଗରେ ନିଭିଗଲା । ସତେ ଯେମିତି ତାଙ୍କର ଶେଷ ଇଚ୍ଛା ଥିଲା ମୋ'ରି ଆଗରେ ସେପୁରକୁ ଯିବେ । ପୂର୍ବଦିନ ରାତିରେ ତାଙ୍କୁ ଟିକେ ଖରାପ ଲାଗିଲା । ତପନ ଓ ଅଭିଭାଇ କଟକ ଆଣିଲେ । ମୁଁ ଯାଇ ଡାକ୍ତର ଦେଖାଇଲି । ଡାକ୍ତର କହିଲେ କିଛି ହୋଇନି । ଘରକୁ ନ ଫେରି ବାପା ମୋ' ଭୁବନେଶ୍ୱର ଘରକୁ ଆସିଲେ । ରାତିରେ ଟି.ଭିରୁ କ୍ରିକେଟ୍ ଖେଳ ଦେଖି ମୋ' ଦି'ପୁଅ ମିବୁ, ରିବୁଙ୍କ ସହ ଥଟ୍ଟାମଜା ହେଲେ । ତା'ପରଦିନ ସକାଳୁ ତାଙ୍କର ହୃଦ୍‌ଘାତ ହେଲା । ଠିକ୍ ତ୍ରିସନ୍ଧ୍ୟାରେ ସେ ଇହଧାମ ତ୍ୟାଗକଲେ ମୋରି ପାଖରେ । ତପନ ବୋଉ ବି ଉପସ୍ଥିତ ଥିଲେ । ଏତେ ସୁନ୍ଦର ସରଳ ମୃତ୍ୟୁ ତାଙ୍କର ହେଲା । ମୋ' ସାମନାରେ ମୋର ସବୁଠୁ ପ୍ରିୟଲୋକ ମୋ' ବାପାଙ୍କର ଏମିତି ମୃତ୍ୟୁରେ ମୁଁ ଭାଙ୍ଗିପଡ଼ିଲି । ସେଦିନଠୁ ମୁଁ ଏତେ ଭାଙ୍ଗିପଡ଼ିଛି ଯେ ମୋ' ମନରୁ ହସ, ସରସତା ସବୁ ଲୋପପାଇଛି । ସେଦିନଠୁ ମୁଁ ପାଲଟି ଯାଇଛି ଏକ ପ୍ରକାର । ଠାକୁରଙ୍କୁ ଡାକେ ମୋ' ବାପାଙ୍କ ଭଳି ସୁଖ ମରଣ ମୋତେ ଦିଅ ପ୍ରଭୁ ।

❑❑❑

Digital Copy from the Author

ଆମେ ଯାହାର ଜୀବନନାଟିକା

ଯିଏ ନଅଦିନ ନଅରାତି ପ୍ରସବ ଯନ୍ତ୍ରଣା ସହି ମୋତେ ଏ ଦୁନିଆର ଆଲୋକ ଦେଖାଇଥିଲା ସେ ମୋର ବୋଉ 'ଧୀରପ୍ରିୟା ଦାସ' । କିଏ ଧୀରା, କିଏ ଧୀର ଅନେକ 'ମଞ୍ଜୁବୋଉ' ବୋଲି ଡାକନ୍ତି । ତା' ପାଇଁ ମୋ' ନାଁଟା ଆମ ଗାଁ'ର ଲୋକଙ୍କ ମୁଖରେ ଏଯାଏ ରହିଛି ।

ମୋ' ବୋଉ ଜଣେ ଧର୍ମପ୍ରାଣା, ପତିବ୍ରତା ନାରୀ । ସେ ସୁପାଠିକା ଓ ସୁଗୃହିଣୀ । ଜାଙ୍ଗୁଲୁଜାଙ୍ଗୁଲ ଅନ୍ଧାରରୁ ଉଠି ସେ ଲୋଟଣୀପାରା ଭଳି କାମରେ ଲାଗିଯାଏ ଯେ ସମସ୍ତେ ଶୋଇ ସାରିବା ପରେ ତା' ଚକି ଘିରିଘିରି ଶୁଭୁଥାଏ । ତା' କାମରେ ସେ ଏତେ ବ୍ୟସ୍ତଥାଏ ଯେ କେବେ କାହା ସାଙ୍ଗରେ ଗପ ଜମାଇବା, କାହା ଘରକୁ ବୁଲିଯିବା ମୁଁ ଦେଖିନି ପିଲାଦିନୁ । ରୋଷେଇବାସ, ପିଠାପଣା, ସଫାସଫି, ପୂଜାପୂଜି ଓ ଗଛ ଲଗାଇବା, ଆଚାର କରିବା କାମରେ ସେ ବ୍ୟସ୍ତ ଥାଏ । ସବୁବେଳେ କାମ ହିଁ କାମ । କାମବେଳେ ଯଦି ତାକୁ କିଏ ଆସି ଡାକେ ସେ କହେ, "ତମେ କ'ଣ ଡାକୁଛ, ଏବେ ଯମ ଆସି ଡାକିଲେ ବି ମୁଁ କହିବି ଯାଇପାରିବିନି" । କାମରେ

Digital Copy from the Author

ହୁଁ ସେ ପାଏ ଅପାର ଆନନ୍ଦ । ତା'ର କର୍ମଚଞ୍ଚଳତା ହିଁ ଆମକୁ, ବିଶେଷକରି ମୋତେ ଅଳସୁଆ କରିଦେଲା ।

ବଡ଼ଝିଅ ମୁଁ । ମୋ' ପିଲାବେଳେ ତା'ର ଯୁବତୀ ସମୟ । କାମ କରିବାରେ ଆଗ୍ରହ ପ୍ରବଳ । ସେ ମୋତେ କିଛି କାମ କରାଇ ଦେଲାନି । ତା' ସାଙ୍ଗକୁ ଜେଜେ ମା'ର ଗେହ୍ଲା । କିଛି କାମ ଶିଖି ପାରିଲିନି । ପାଠପଢ଼ା, ଖେଳାବୁଲାରେ ମଉଜ କରି ସମୟ ଯାଏ । ଗାଁ'ର ସ୍ତ୍ରୀଲୋକମାନେ କହନ୍ତି – 'ଝିଅଗୁଡ଼ାକୁ କାମ ନ ଶିଖେଇ ଏମିତି ବଡ଼ଉଛ କ'ଣ ? ଶାଶୂଘର ଯାଇ କ'ଣ କରିବେ ? ବୋଉ ଉତ୍ତର ଦିଏ, "ବେଳରେ ପଡ଼ିଲେ ଆପେ ବଢ଼େଇବେନି" । କେତେକ କହନ୍ତି, 'ଝିଅଗୁଡ଼ାକୁ ପାଠ ପଢ଼ଉଛ କ'ଣ ? ସେ କ'ଣ ତୋତେ ପୋଷିବେ ?' ବୋଉ କହେ, 'ସେ ନ ପୋଷନ୍ତୁ, ନିଜ ଗୋଡ଼ରେ ନିଜେ ଠିଆ ହେବେ ତ ।' ଆମକୁ ପାଠ ପଢ଼ାଇବାରେ ବୋଉର ଭାରି ଆଗ୍ରହ ।

ସବୁବେଳେ ମୁଁ ବହିଧରି ବସିଥାଏ । ଖାଇବାକୁ ନ ଡାକି ମୋ' ଟେବୁଲ୍‌ରେ ସେ ଖାଇବା ଥୋଇଦେଇ ଯାଏ । ଆମ ଗାଁ'ରେ ଅନ୍ୟ ମାଆମାନଙ୍କ ପାଖରେ ବୋଉ ଉଦାହରଣ ହୋଇଯାଏ । ଆମ ଗାଁ' ଝିଅମାନେ ପ୍ରାୟ ସମସ୍ତେ ଅତି ଗେହ୍ଲାରେ ଫୁଲାଫାଙ୍କିଆ ହୋଇ ବଢ଼ିଥିଲେ । ବୋଉର କାମ ଦେଖି ଚୁଲି ଲଗାଇବା, ହାଣ୍ଡି ଧୋଇବା, ଭାତ ଗାଳିବା, ବାଟିବା, ଚୂରିବା ଦେଖି ମୋତେ ଏତେ କଷ୍ଟ ଲାଗେ ଯେ ମୁଁ ବାହାହେଲେ ମୋତେ ଏସବୁ କରିବାକୁ ପଡ଼ିବ ବୋଲି । ବାହା ହେବିନି ବୋଲି ଠିକ୍ କଲି । ବାହାହୋଇ ଶାଶୂଘରେ ରହିବା ପାଇଁ ମୋ' ମନରେ ବଡ଼ ଭୟଥିଲା ।

ବୋଉ ହାତ ତିଆରି ରନ୍ଧା ପ୍ରାୟ ସମସ୍ତଙ୍କର ପ୍ରିୟ । ମୋର ବି ପ୍ରିୟ ଥିଲା ତା'ର ଶାଗ ତିଅଣ । ବୋଉ ବିଭିନ୍ନ ପ୍ରକାର ଶାଗ କରେ । ସବୁଠୁ ଭଲ ଲାଗେ ମିଶାମିଶି ଚୂନାପକା ଶାଗ ଆଉ ମୁଠିଶାଗ । ତା'ର ପୋଟଳ ଭଜା, ବାଇଗଣ ଭଜା, ସବୁ ତରକାରି; ବିଶେଷକରି ଖଡ଼ାଛଚିନ୍ଧା ରାଇ, ସଜନାପତର ସାରୁ ବାଇଗଣ ବଡ଼ି ତରକାରି । ସଜନା ଛୁଇଁ ତରକାରି ଏତେ ସୁଆଦ ଯେ ଏପର୍ଯ୍ୟନ୍ତ ପାଟିରେ ଲାଖି ରହିଛି । ସକାଳ ଗାଧୁଆ ପଖାଳ ଖିଆ ଆମ ଘରେ ଭାରି ଭଲଲାଗେ । ଆମେ ଗାଧୋଇ ଆସିଲା ବେଳକୁ ବୋଉ ଦଶବାର ପ୍ରକାର ଆଇଟମ୍ କରିଥିବ । ଭଜା,

Digital Copy from the Author

ଶାଗ, ବଡ଼ିଚୂରା, ଚୁଙ୍ଗୁଡ଼ି ଚଟଣି, ଆଳୁ କଲରା ବାଇଗଣ ଭର୍ତ୍ତା (ଧାନରେ ଦିଆ) କେଉଁଦିନ ମାଛ ଭଜା, ଶୁଖୁଆ ଭଜା, ଆଳୁ ଚଟଣି ଆଦି କେତେ କ'ଣ । ପଖାଳ ଖିଆ ମଜାଟା ଏତେ ହୁଏ ଯେ ଆଉ ଗରମ ଖାଇବାକୁ ଇଚ୍ଛା ହୁଏନି । ଏ ପର୍ଯ୍ୟନ୍ତ ବି ମୋ' ପିଲାମାନେ ଗଲେ ସେମିତି ନଅ ତିଅଣ ଛଭଜା କରି ମୋ' ଭାଉଜ (ବିଜୟଲକ୍ଷ୍ମୀ ମହାନ୍ତି, ଡଲି)ପରଶେ । ବାପା ଓ ବୋଉଙ୍କ ଆଦର୍ଶ ପରମ୍ପରା ସେ ବଜାୟ ରଖିଛି – ଉଭୟ ଆଦର୍ଶ ଶିକ୍ଷୟିତ୍ରୀ ଓ ଘରଣୀ ଭାବେ । ସେ ଆମ ଗାଁ'ର ଆଦର୍ଶ ବୋହୂବୋଲି ଗାଁ'ଗୋଟାକଯାକ କହନ୍ତି । ବୋଉ ଆଚାର ଭଲ କରୁଥିଲା । ଗୋଟାଲେମ୍ବୁ ଆଚାର, କଟା ଲେମ୍ବୁ ଆଚାର, ଅଳସୁଆ (ଆମ୍ବ), ଆମ୍ବୁଲ, ତେନ୍ତୁଳି ଓ କୋଳିରେ କେତେପ୍ରକାର ଆଚାର କରେ । ଆମେ ଖରାବେଳେ ଲୁଚାଇ ଖାଇଦେଉ । ମନେପଡ଼ିଲେ ପାଟିରୁ ଲାଳ ଗଡୁଛି ।

ବାପାଙ୍କୁ ନଅ ତିଅଣ ଛ ଭଜା କରି ପରଶେ । ଯିଏ କୁଣିଆ ଆସି ପହଞ୍ଚିଲେ କମ୍ ସମୟ ଭିତରେ ଆଠଦଶ ପ୍ରକାର କରି ଥୋଇଦେବ । କୁଣିଆ ସନ୍ତୁଷ୍ଟ ହୋଇଯାଆନ୍ତି । ନିଜେ କେହି ନ ଖାଇଲେ ଖାଏନି । ଯଦି କାହାର କାମଥିବ କି ପାଠଥିବ, କି ପେଟ ଖରାପ ଲାଗୁଥିବ ସେ ଯଦି ନ ଖାଇଲା, ସେ ବି ଚୁପ୍ ହୋଇ ବସିବ । ଖାଇବନି । ରାଗିବ । ପାଟି କରିବ । ସେଇଟା ଖରାପ ଲାଗେ ଆମକୁ । ଆମେ ବାଧ ହୋଇ ଇଚ୍ଛା ନଥିଲେ ବି ଖାଉ । କାରଣ, ସେ ଖାଇବ ନାହିଁ । ବାପା, ମା', ଆମେ ସମସ୍ତେ ନ ଖାଇବା ଯାଏ ସେ ବସିଥିବ । ସମସ୍ତେ ଖାଇ ସାରିଲେ ଖାଇବ । ସମସ୍ତେ ଶୋଇସାରିଲେ ସେ ଶୋଇବ । ସବୁଦିନେ ମୋ' ଜେଜେ ମା'କୁ ଘଷାମୋଡ଼ା କରି ସେ ଶୋଇବାକୁ ଯାଏ ।

ବୋଉ ଭାରି ପୂଜାପୂଜି କରେ । ଘରର ପରମ୍ପରା ଅନୁସାରେ ଯେତେ ପର୍ବ, ଚିତାଲାଗି, ଗହ୍ମାପୂର୍ଣ୍ଣିମା, ମାଣବସା, ଶାମ୍ବଦଶମୀ, ଚୈତ୍ର ମଙ୍ଗଳବାର, ବଡ଼ଓଷା, ସାବିତ୍ରୀ ଇତ୍ୟାଦି ସବୁ ପର୍ବ ପାଳନ କରିସାରିବା ପରେ ପ୍ରତି ସୋମବାର ଉପାସ । ତା' ସାଙ୍ଗକୁ ଶନିମେଳା, ଶାରଳା ମେଳା, ସତ୍ୟନାରାୟଣ ପୂଜା ଇତ୍ୟାଦି ଯେତେପ୍ରକାର ମେଳାର ଆୟୋଜନ କରିଥାଏ । ମଙ୍ଗଳା ଗାଧୁଆ, କ୍ଷେତ୍ରପାଳ ପାଖରେ ଭାଙ୍ଗ, ଦାଣ୍ଡଭୋଗ, ବାଳକଲୀଳା, ଦଶମୀ, ଏକାଦଶୀ, ପଞ୍ଚୁକ ବ୍ରତ ଯେତେଯାହା ପର୍ବ ହିନ୍ଦୁ ସମାଜରେ ଅଛି ସେ ପାଳନ କରେ । ଉପାସ ବି ରୁହେ । ଆମେ ତିନିଟା ଝିଅ

Digital Copy from the Author

ଲାଗିଲାଗି ହେବାରୁ ଗୋଟିଏ ପୁଅ ପାଇଁ ମାନସିକ କରିଥିଲା । ସେଥିପାଇଁ କେତେ ଓଷା କେତେ ମାନସିକ କରିଥିଲା । ଛୋଟବେଳେ ବୋଉ ବାପାଙ୍କ ସହ ଆମେ ପୁରୀ ଯାଇଥିଲୁ । ପୁଅଟିଏ ପାଇଁ ମାନସିକ କରିଥିଲା । ସେ କୁହେ ସେ ସ୍ୱପ୍ନ ଦେଖିଲା ଜଣେ ବାବା ତାକୁ ଟାଙ୍ଗୁଡ଼ିରେ ପୁଅଟିଏ ପୂରାଇ ଦେଉଛନ୍ତି । ପୁଅଟି ଟାଙ୍ଗୁଡ଼ିରେ ଖେଳୁଛି ।

ପୁଅ ହେବା ପାଇଁ ଦଶମୀ ବ୍ରତ କରୁଥିଲା । ସେଦିନ ଆମର ଆତଙ୍କ । କାରଣ ସେଦିନ ସେ ମଉନ ରହେ । କଥାବାର୍ତ୍ତା କରେନି । ଦଶମୀ ପାଳନ ପାଇଁ ଅଲଗା ବସ୍ତ୍ର ଥାଏ । ତାକୁ ପିନ୍ଧେ । ସ୍ୱତନ୍ତ୍ର ହାଣ୍ଡି, ବାସନ ପୂଜା ପାଇଁ ଥାଏ । ସେଥିରେ ରୋଷେଇ କରି ଖାଏ । ତାକୁ ବି ଛୁଇଁବେନି କେହି । ଆମେ ସେଦିନ ଡରିଡରି ରହିଥାଉ ।

ତା' ମନସ୍କାମନା ପୂର୍ଣ୍ଣ ହେଲା । ଓଷା ଉପାସ ବ୍ରତ ସଫଳ ହେଲା । ପୁଅଟିଏ ହେଲା । ତା' ନାଁ କିଏ କହିଲା କ୍ଷେତ୍ରବାସୀ, ଟୁକୁନା କିଏ ଡାକେ । ନିରଦାଦା ତା' ନାଁ ଦେଲେ ତପନ । ସ୍କୁଲରେ ଲେଖା ହେବା ପାଇଁ ବାପାଙ୍କ ନାମର ପ୍ରଥମ ଅକ୍ଷର ଅନୁସାରେ ତା' ନାଁ ଲେଖା ହେଲା ହିମାଂଶୁଶେଖର । ଜନ୍ମ ପରେ ପ୍ରତିବର୍ଷ ବାଳକଲୀଳା କରାଯାଏ । ବଡ଼ିଭୋରୁ ପିଲାମାନେ ଆସି ଖାଆନ୍ତି । ଶୋହଳ ବର୍ଷ ଯାଏ ସତ୍ୟନାରାୟଣ ପୂଜା ବି ହେଲା । ମୋର ମଧ୍ୟ ଶୋହଳ ବର୍ଷ ସତ୍ୟନାରାୟଣ ପୂଜା ହୋଇ ଠିଆପାଲା ହୋଇଥିଲା ।

ବୋଉ ମୋର ମାଣବସା ଚିତା ଭଲ ଲେଖେ । ମା' ମାଣବସାଉଥିଲା ଘରର ବଡ଼ ହିସାବରେ । ତା' ଦେହ ଖରାପ ହେବାରୁ ବୋଉ ବସାଇଲା । ଖୁବ୍ ନିଷ୍ଠାର ସହ ସୁଦଶାବ୍ରତ, ବାଟଓଷା, ଲକ୍ଷ୍ମୀପୂଜା ଆଦି ଓଷାବ୍ରତ ପାଳନ କରେ । ବାଟଓଷାର ନିଷ୍ଠା ତ କହିହେବନି । ଛୁଆଁଛୁତି, ବାରଣ ତା'ର ବେଶି । ବାଟଓଷାରେ ସେଦିନ ସକାଳେ ଧାନ ହଳାରୁ ଧାନବାଢ଼େଇ ବାହାର କରିବ । ତାକୁ ଶୁଖେଇ ଚାଉଳ କୁଟି ବାହାର କରିବ । ଚାଉଳରୁ ଚୂନା, ଚୂନାରୁ ପିଠା । ସେ ପିଠା ପୁଣି ତେଲରେ ହେବନି କି ନଡ଼ିଆ ପଡ଼ିବନି । ଘିଅରେ ସେକା ହୋଇ ଛେନାପୂରରେ ସେ ପିଠା ହୁଏ । ମୋର ସେ ପିଠା ଭାରି ପ୍ରିୟ । ତା'ର ପୂଜାପୂଜିର ନିଷ୍ଠା, ଛୁଆଁଛୁତି ବାରଣର ମୋ' ଉପରେ ଏତେ ପ୍ରଭାବ ପଡ଼ିଛି ଯେ ନକଲା ବେଳକୁ ଖରାପ ଲାଗୁଛି ।

Digital Copy from the Author

ପିଲାଦିନେ ବୋଉର କୋଥଳି ସେବା ମୁଁ ଦେଖିଛି । ବୋହୂ ହୋଇ ଆସିଲାବେଳେ ସମସ୍ତେ କାଇଁଚରେ ବୁଣା ହୋଇଥିବା ସୁନ୍ଦର ପେଡ଼ିଟିଏ ଆଣିଥାନ୍ତି । ସେଥିରେ ସିନ୍ଦୂର, କଜଳ, ନିର୍ମାଲ୍ୟ, ଠାକୁରଙ୍କ ଛୋଟମୂର୍ତ୍ତି, କାଠପାନିଆ, ଅଇନା, ସ୍ନୋ, ପାଉଡ଼ର ଇତ୍ୟାଦି ଥାଏ । ଗାଧୋଇ ଆସି କୋଥଳି ସେବା କରନ୍ତି । ମୋ' ବୋଉର ସୁନ୍ଦର କାଇଁଚ ବୁଣା କୋଥଳି ଥିଲା । ତା' ବୋଉ (ମୋ' ଆଈ) ତାକୁ ବୁଣିଥିଲା । ମୋ' ପାଇଁ ମଧ୍ୟ ଗୋଟିଏ ବୁଣିଥିଲା । ମୁଁ ଆଣିଥିଲି ।

ବୋଉ ସକାଳୁ ବାସିପାଇଟି ସାରି ଗାଧୋଇ ଯାଏ । ଗାଧୋଇ ଆସି କୋଥଳି ଖୋଲି ସିନ୍ଦୂର, କଜଳ, ସ୍ନୋ, ପାଉଡ଼ର ଲଗାଏ । ସିନ୍ଦୂର ଟିପା ଉପରେ ଚନ୍ଦନ ଗାର ଲଗାଇ ନିର୍ମାଲ୍ୟ ସେବାକରେ । ବୋଉ ତନୁପାତଳୀ । ଗୋରୀ । ସୁନ୍ଦରୀ । ଉଚ୍ଚତା ଟିକେ କମ୍ । ସେତେବେଳେ କମ୍ ଉଚ୍ଚ ଝିଅକୁ ଅଧିକ ପସନ୍ଦ କରି ବୋହୂ କରୁଥିଲେ । ଲକ୍ଷ୍ମୀବନ୍ତ ବୋଲି କହୁଥିଲେ । ସେ ଚଉରା ପୂଜା କରି ପାଣିଦିଏ । ଠାକୁର ପୂଜାକରେ । ମୋ' ଜେଜେ ମା'ର ପାଦଧୁଆ ପାଣି ପାଏ । ତା'ପରେ ଖାଏ । ମା'ର ପାଦଧୁଆ ପାଣି ନ ପାଇଲା ପର୍ଯ୍ୟନ୍ତ ଖାଏନି । ମା' ଯଦି ଘରେ ନଥାଇ ସାଇଆଡ଼େ ବୁଲି ଯାଇଥିବ, ମୋତେ ପଠାଏ ଡାକିବାକୁ । ନହେଲେ ମୁଁ ତାଟିଆରେ ପାଣି ନେଇଯାଏ । ମା' ତା' ପାଦ ଆଙ୍ଗୁଠି ଟିକେ ବୁଡ଼ାଇ ଦିଏ । ତାକୁ ଆଣି ଦିଏ । ସେ ପିଇଦିଏ । ତା'ପରେ ଖାଏ ।

ବାପା ତ ଘରେ ରହନ୍ତିନି । ବାପାଙ୍କ ପାଦଧୁଆ ପାଣିରେ ମାଟିଚୁଲି କରି ରଖିଥାଏ । ତାକୁ ଧୋଇ ପାଏ । ବାପା ନ ଆସିବା ଯାଏ ତାଙ୍କ ବାଟକୁ ନଖାଇ ନପିଇ ଅନାଇ ବସିଥାଏ । ବାପା ପହଞ୍ଚିଲେ ଯାଇ ଅନ୍ନଜଳ ଗ୍ରହଣ କରେ । ବାପାଙ୍କ ପାଇଁ ଅତି ଯତ୍ନରେ ନଅ ତିଅଣ ଛ' ଭଜା କରି ପରଶେ । ଆମ ଘରକୁ ପୁରୋହିତ ନୃସିଂହ ନନା ଆସିଲେ ତାଙ୍କ ପାଦଧୋଇ ତାଙ୍କୁ ମୁଣ୍ଡ ଲଗାଇ ଓଳଗି ହୁଏ । କିଏ ଅତିଥି ଅଭ୍ୟାଗତ ଆସିଲେ ତାଙ୍କ ଆଦର ଯତ୍ନକରେ । ସନ୍ଧ୍ୟାରେ ଗୀତା ଭାଗବତ ପୁରାଣ ପଢ଼େ । ପ୍ରକୃତରେ ମୋ' ବୋଉ ସତୀ, ସ୍ୱାଧୀ, ପତିବ୍ରତା ନାରୀ । ମୋ' ପାଇଁ ସେ ଆଦର୍ଶ ।

Digital Copy from the Author

ମୁଁ ଦେଖୁଛି ମୋ' ପିଲାବେଳେ ସେ ଖଞ୍ଜାରୁ ଦାଣ୍ଡକୁ ବାହାରି ନଥିଲା । ସେଇ ଘର ଭିତରେ କାମରେ ଲାଗିଥାଏ । ମୁଣ୍ଡରେ ଓଢ଼ଣା । ବୋଉ ସାଇରେ କାହା ଘରକୁ ଯିବା ମୁଁ ଦେଖିନି । ଦାଣ୍ଡରେ ଯାତ୍ରା, ପାଲା, ରାମନାମୀ, ଦକ୍ଷିଣୀନାଚ ଓ ଡ୍ରାମା ଯେତେ ଯାହାହେଲେ ବି ସେ ଦେଖିବାକୁ ଯାଏନି । ମୋ' ମନରେ ପ୍ରଶ୍ନ ଆସେ ? 'ବୋଉ କାହିଁ ଦେଖୁନି ?' ମା' କହେ, 'ବୋହୂମାନେ ଦେଖନ୍ତିନି ।' ବୋଉ କହେ – 'ଝରକା ପାଖେ ବସି ମୁଁ ଶୁଣୁଥିଲି ।' ଯାତ୍ରା ନ ଦେଖିଲେ ବି ତା' ମନରେ ଦୁଃଖ ନଥାଏ । କାରଣ, ଏହା ତାଙ୍କ କପାଳରେ ଲେଖା ହୋଇନି ବୋଲି ମାନି ନେଇଥାନ୍ତି ସେତେବେଳର ବୋହୂମାନେ ।

ଯାହା ଜିନିଷ ଆସିଲା, ଭଲ ଜିନିଷ, ନୂଆ ଜିନିଷ, ବୋଉ ଆମ ଭାଇଭଉଣୀ ଓ ମା' ମଧ୍ୟରେ ବାଣ୍ଟିଦିଏ । ତା'ପାଇଁ ରଖେନି । ପଚାରିଲେ କହେ – 'ବୋଉମାନେ ଖାଆନ୍ତିନି ।' ମୋ' ଧାରଣା ଥାଏ ବୋଉମାନେ କିଛି ଖାଆନ୍ତିନି, କିଛି କୁହନ୍ତିନି କି କିଛି ଦେଖନ୍ତିନି । ବେଳେବେଳେ ବୋଉ ତା' ବାକ୍ସ ଖୋଲେ । ତା' ବାକ୍ସ ଦେଖିବାକୁ ମତେ ଭଲଲାଗେ । ବାକ୍ସରେ କେତେ ପ୍ରକାର ଜିନିଷ ଥାଏ । କାଚ ଥାଳିଆ, ତାଟିଆ, ମାଳି, ଛୋଟ ବାକ୍ସ, କେତେ ବୁଣାବୁଣି ଜିନିଷ । ଭୋଦେଇ ଖରା ଦେବା ପାଇଁ ତା' ଶାଢ଼ୀ ଟ୍ରଙ୍କ୍ ଖୋଲେ । ଶାଢ଼ୀ ଖରାଦିଏ । କେତେ ପ୍ରକାର ପାଟ, ଛପାଶାଢ଼ୀ ଦେଖିବାକୁ ଭଲଲାଗେ ।

ବୋଉ ଅଧିକାଂଶ ସମୟ ଚୁପଚାପ୍ କାନ୍ଦେ । ତା' କାନ୍ଦୁରା ମୁହଁ ଦେଖିଲେ ଦୁଃଖଲାଗେ । କାରଣ କ'ଣ ଆମେ ଜାଣୁନା । ପଚାରିବାକୁ ବି ସାହସ ହୁଏନା । ଯେଉଁଦିନ ଆମ ଘରକୁ ମାମୁ ଆସନ୍ତି, ବୋଉ ବାହୁନି କାନ୍ଦେ । ପଡ଼ିଶାଘରୁ ଲୋକ ଆସି ତା' ପାଟି ବନ୍ଦକରି ବାହୁନା ବନ୍ଦ କରନ୍ତି । ମାମୁ ଆସିବାର ଖୁସି ଆମର ରହେନି । ମୁଁ ଯାଇ ବାଡ଼ି ପିଣ୍ଡାରେ ବସେ । ରାଗହୁଏ, ମାମୁ କାହିଁକି ଆସୁଛନ୍ତି ଯେ ମୋ' ବୋଉ କାନ୍ଦୁଛି । ଏମିତି ବାହୁନି କାନ୍ଦିବା ଗୋଟିଏ ପ୍ରଥା ଥିଲା ବୋଲି ମୁଁ ଜାଣିନଥିଲି । ଉମାଅପା, ବିନ୍ଦୁଅପା ବୋଉଠୁ ବାହୁନା, ବୁଣାବୁଣି ଶିଖନ୍ତି ।

ହେମନ୍ତ ମାମୁ ବାହାଘରକୁ ଆମେ ମାମୁ ଘରକୁ ଯାଇଥିଲୁ । ସନ୍ତୋଷ ମାମୁ ନେବାକୁ ଆସିଥିଲେ । ଡାଟି ଶଗଡ଼ରେ ବସି ସମସ୍ତେ ଯାଇଥିଲୁ । ଯେମିତି ମାମୁଘର

Digital Copy from the Author

ଗାଁ ହୋଇଗଲା, ବାଲିଧକା ତଳେ ମାମୁଘର ଗାଁ' ବାଲିଧକାକୁ ଚଳୁଚଳୁ ବୋଉର କାନ୍ଦ ବାହୁନା ଆରମ୍ଭ ହୋଇଗଲା । ମୋତେ ଭାରି ବ୍ୟସ୍ତ ଲାଗିଲା । ତା'ପରେ ବଡ଼ ମାଈଁ ମାଉସୀ ଇତ୍ୟାଦି ଗାଡ଼ି ପାଖରେ ଜମା ହୋଇଗଲେ । ବୋଉକୁ ବନ୍ଧାପନା କରିନେଲେ । ମାମୁ ବାହାଘରରେ ମଜାକରି ଆସିଲୁ । ମୋ' ପାଠପଢ଼ା ପାଇଁ ଆଗ ପଳାଇ ଆସିଲି । ପରେ ବୋଉ କେତେ ଭାର ବେଭାର ଆଣି ଆସିଲା ।

ପ୍ରତି ଦୁଇ ତିନି ବର୍ଷରେ ପିଲାଟିଏ ଜନ୍ମକରି ବୋଉ ଦୁର୍ବଳ ହୋଇପଡ଼ିଥାଏ । ପ୍ରତିଥର ପିଲାଟିଏ ଜନ୍ମହେଲା ବେଳକୁ ଅହଲ୍ୟା ମାଉସୀ, ଡଲି ମାଉସୀ, କମଳା ଅପା, ଆମ ଆଈ ଆସି ଆମ ଘରେ ମାସମାସ ଧରି ରହି ରୋଷେଇବାସରେ ସାହାଯ୍ୟ କରନ୍ତି । ଆମକୁ ଭଲଲାଗେ । ବାପା ତା' ପାଇଁ ସବୁବେଳେ ଡାକ୍ତର ବ୍ୟବସ୍ଥା କରିଥାନ୍ତି । ସବା ସାନ ପିଲା ବେଳକୁ ବୋଉ ସିରିଅସ୍ ହୋଇ କଟକ ମେଡ଼ିକାଲରେ ଅପରେସନ୍ ହେଲା । ହେଲେ ପେଟର ପୁଅଟା ମରିଗଲା । ବୋଉ ଯମ ମୁହଁରୁ ରକ୍ଷାପାଇ ଆସିଲା । ସେ ମେଡ଼ିକାଲ ଯାଇଥିଲା ବେଳେ ଘରକୁ ଯିବାକୁ ଡରମାଡ଼େ । ଠାକୁରଙ୍କ ଦୟାରୁ ଭଲହୋଇ ଆସିଲା । ମୁଁ ସାଇଲୋ ସ୍କୁଲ୍‌ରେ ଅଷ୍ଟମରେ ପଢୁଥାଏ । ଆସିଲା ବେଳେ ମୋତେ ଦେଖାକରି ଆସିଲା । ତା'ର ରୂପ ଦେଖି ମୋତେ ଲାଗୁଥାଏ ସତେ ଯେପରି ବୋଉର ପ୍ରେତକୁ ମୁଁ ଦେଖୁଛି । ଝଡ଼ି କଣ୍ଢା ହୋଇଯାଇଥିଲା ।

ମୋ' ବୋଉ ସୁପାଠିକା । ସବୁବେଳେ ସମୟ ପାଇଲେ ବହି ପଢ଼େ । ସେ ବାପଘରୁ ଆସିଲାବେଳେ ବାକ୍ସରେ ବହି ଆଣିଥିଲା । କେତେ ପ୍ରକାର ବହି । ବହୁତ ଭଲପାଏ ବହିକୁ । ମୋ ବୋଉର ପଢ଼ିବାରେ ଅଦମ୍ୟ ଆଗ୍ରହ । ଏବେ ମୋ' ଘରକୁ ଆସିଲେ ଗୋଟିଏ ଦିନରେ ଗୋଟିଏ ଗୋଟିଏ ବଡ଼ ବହି ପଢ଼ି ସାରିଦିଏ । ବାପାଙ୍କ ଆଦର୍ଶରୁ ମୁଁ ମୋ' ଘରେ ମୋ' ସ୍ୱାମୀଙ୍କ ସହଯୋଗରୁ ଗୋଟିଏ ବ୍ୟକ୍ତିଗତ ଲାଇବ୍ରେରୀ କରିଛି । ଲକ୍ଷାଧିକ ଟଙ୍କାର ବହୁତ ବହିଅଛି । ମୋ' ଘରକୁ ଆସିଲେ ବୋଉ ଟି.ଭି. ନ ଦେଖି ବହି ପଢ଼େ, ନ ହେଲେ ତା' ଦି'ନାତିଙ୍କ ସାଙ୍ଗରେ ଗପେ । ମୋ' ଛୁଆଙ୍କ ପ୍ରତି ତା'ର ଅଫୁରନ୍ତ ସ୍ନେହ । ମୋ' ବଡ଼ପୁଅ ତ ଜନ୍ମପରେ ତା'ରି ପାଖରେ ଥିଲା । ବୋଉ ତାକୁ ଜୀବନଭରି ଭଲପାଏ ।

Digital Copy from the Author

ମୁଁ ଆଶ୍ଚର୍ଯ୍ୟ ହୁଏ । ଏମିତି ମୁଁ ପଢ଼ିପାରିବିନି । ବର୍ଷା ଝଡ଼ି ରାତିରେ ଲଣ୍ଠନ ଲଗାଇ ଗପବହି ପଢ଼ି ଆମ ସମସ୍ତଙ୍କୁ ଶୁଣାଏ । ମାଳିକା ବହି ପଢ଼େ । କଳିଯୁଗ ଶେଷ ହେବ । ବାରହାତ ଖଣ୍ଡା ବାହାରି ମ୍ଳେଚ୍ଛ ସଂହାର କରିବେ । ଏକଥା ଶୁଣି ଭୟରେ ମୁଁ ଥରିଉଠେ ।

ସମସ୍ତଙ୍କ ପାଇଁ ତା'ର ଚିନ୍ତା । ଆମେ ତା'ର ଜୀବନ ନାଟିକା । କିଏ କୁଆଡ଼େ ଗଲା, ଖାଇଲା କି ନା, ତା'ର ଖାଲି ଚିନ୍ତା । ସାତପୁରା ଆସିଲେ ଦାଣ୍ଡପିଣ୍ଡାରେ ବସିଥିବ । ବସି ବହି ପଢୁଥିବ । ଚାରିଟା ବାଜୁ ନ ବାଜୁଣୁ ବ୍ୟସ୍ତ ହୋଇ ପଡ଼ିବ । ଇଛା ମାଉସୀ, ଶରତ ମାଉସୀ, ବିଦୁ ମାଉସୀ, ନିରମାଉସୀ ଇତ୍ୟାଦି ତା' ବ୍ୟସ୍ତତା ଜାଣିପାରନ୍ତି । ପଚାରନ୍ତି । ସେ କହେ – 'ମଞ୍ଜୁ ଏ ଯାଏ ଆସିଲାନି ସ୍କୁଲ୍‌ରୁ, ମୋର ଗୋଟାଏ ଚିନ୍ତା । ବୈଷ୍ଣବ କେତେବେଳେ ଅନୁଗୁଳରୁ ଫେରିବ, ସେଇଟା ଗୋଟିଏ ଚିନ୍ତା । ମିବୁଟା ବି ଏ ଯାଏ ସ୍କୁଲ୍‌ରୁ ଆସିନି, ସିଏ ଗୋଟାଏ ଚିନ୍ତା । ଗିବୁ ଆଜି ଭଲକରି ଖାଇଲାନି, ସେଇଟା ଗୋଟାଏ ଚିନ୍ତା । ବିଦୁ ମାଉସୀ, ପ୍ରେମ ମାଉସୀ ଇତ୍ୟାଦି ତା' ଚିନ୍ତାର ତାଲିକା ଶୁଣି ତାକୁ ଥଟ୍ଟା କରନ୍ତି – 'ତମର କେଉଁଟା ଚିନ୍ତା କି ?'

ମୋ' ଦି'ପୁଅ ମୋ' ବୋଉକୁ ବହୁତ ଭଲ ପାଆନ୍ତି । ସତେ ବା ସେ ତାଙ୍କର ସବୁକିଛି । ସବୁବେଳେ ତାକୁ କୁଣ୍ଢାଇ ଧରନ୍ତି । ସେ ଆମ ଘରକୁ ଆସିଲେ ତାଙ୍କର ଖୁସିର ସୀମା ନ ଥାଏ । ତା' ଖାଇବା ପିଇବାରେ ଟିକେ ଊଣା ହେବାକୁ ସେମାନେ ଦିଅନ୍ତିନି ।

ମୋ' ବୋଉର ସ୍ନେହ ମମତାର ତୁଳନା ନାହିଁ । ଭାରି ସ୍ନେହୀ ଯାହାକୁ ଦେଖିଲେ ଆଦର କରେ, ସ୍ନେହ ବାଣ୍ଟେ । ଆମ ପାଇଁ ମଙ୍ଗଳ ମନାସେ । ପୂଜାକରେ । ଆମେ ତା'ର ଜୀବନ ନାଟିକା । ଆମ ପିଲାମାନେ, ନାତିନାତୁଣୀ ତା'ର ଜୀବନ ।

ମୋର ତିନି ଭଉଣୀ ଓ ଗୋଟିଏ ଭାଇ । ଏବେ ଆମ ସମସ୍ତଙ୍କ ପିଲାଙ୍କୁ ମିଶାଇଲେ ମୋ' ବୋଉର ନାତିନାତୁଣୀ ସଂଖ୍ୟା ଏଗାର । ଜନ୍ମଜନ୍ମାନ୍ତରରେ ତା' ପାଖରେ ଋଣୀ ଆମେ । ତା'ର ଋଣ ଶୁଝି ପାରିବୁନି ।

□□□

Digital Copy from the Author

କୋଳଟି ତା'ର ସରଗ ମୋର

ମୋର ହେତୁ ପାଇଲାଦିନୁ ଯାହାର ଉଷୁମ କୋଳରେ ଶୋଇ ଆରାମରେ ନିଦଯାଇଛି, ଯାହାଠୁ ଅସଂଖ୍ୟା ନୂଆନୂଆ ଗପ ଶୁଣି ମୋ' ମନ ସ୍ୱପ୍ନରାଜ୍ୟରେ ଘୂରିବୁଲିଛି, ଯିଏ କୋଳେଇ କାଖେଇ ସ୍ନେହ ମମତା ଢାଳିଦେଇ ମୋତେ ଲାଳନପାଳନ କରିଛି; ସେ ମୋର ଅତି ଆଦରର ଜେକେମା' ଶ୍ରୀମତୀ ଇଚ୍ଛାମଣି ଦାସ । କିଏ ଡାକନ୍ତି, "ହରିବୋଉ" କିଏ ଇଚ୍ଛି, କିଏ ବଡ଼ବୋଉ ତ କିଏ ଖୁଡ଼ୀ । ଆମେ ନାତିନାତୁଣୀମାନେ ଡାକୁ "ମା" ।

ବୋଉ ସାତୋଟି ସନ୍ତାନର ଜନନୀ । ଗୋଟିଏ ପିଲା ପରେ ଆଉ ଗୋଟେ ପିଲାର ଯତ୍ନ, ତା' ସାଙ୍ଗକୁ ଘରର ଯାବତୀୟ କାମ ବୋଉ ଉପରେ ପଡୁଥିବାରୁ, ବୋଉଠୁ କ୍ଷୀର ଖାଇବା ଛାଡ଼ିବା ପରେ 'ମା' ସେମାନଙ୍କ ଦାୟିତ୍ୱ ନିଏ । ବଡ଼ ନାତୁଣୀ ରୂପେ ଜେଜେମା'ର ସବୁ ସ୍ନେହ ଅଜାଡ଼ି ହୋଇ ପଡ଼ିଥିଲା ମୋ' ଉପରେ । ତାକୁ ଛାଡ଼ି ବଞ୍ଚିପାରିବିନି ବୋଲି ମୋର ପୂର୍ଣ୍ଣ ଧାରଣା ହୋଇଯାଇଥିଲା । ତା'

Digital Copy from the Author

କୋଳରେ ମୁହଁଗୁଞ୍ଜି ଶୋଇଲାବେଳେ ତାକୁ ପଚାରେ – 'ତୁ ମରିବୁନି ତ ?' ସେ କହେ – 'ନା' ।

ତା' ଓଠରେ ଗୋଟେ ଛୋଟ ଭାତୁଡ଼ି ଥିଲା । ସେଥିରେ ଗୋଟେ ଛୋଟ ଲୋମ ଥିଲା । ସେ କହେ – "ଏ ଲୋମ ଯେଉଁଦିନ ଝଡ଼ିଯିବ, କି କିଏ ଛିଣ୍ଡାଇଦେବ, ମୁଁ ମରିଯିବି ।"

ମୁଁ ସବୁଦିନେ ଦେଖେ, ସେ ଲୋମ ଅଛି କି ନା । ତା' କୋଳଟି ସତରେ ମୋର ସ୍ୱର୍ଗ ଥିଲା । ସେ ଥିଲା ମୋ' ରକ୍ଷା କବଚ ।

'ମାଆର କୋଳେ ଥିଲେ ନ ଡରେ ଶୀତ ବତାସୀ ବାଆ
ଆସୁ ଆପଦ ପଡୁ ବିପଦ ମାଆଟି ମୋର ସାହା ।'

ତା' କୋଳରେ ଥିଲେ କୌଣସି ଡରଭୟ ମୋତେ ଲାଗେନି । ସତେ ଅବା ସେ ମୋର ଜୀବନ । ରାତିରେ ହାଣ୍ଡିରେ ପତ୍ର ପକେଇ ପାଣି ସିଝାଇ ରଖିଥାଏ । ସକାଳୁ ତେଲ ଲଗାଇ ଦିଏ । ଗାଧୋଇ ଦିଏ । ଖୁଆଇ ଦିଏ । ଷଷ୍ଠ ଶ୍ରେଣୀରେ ପଢ଼ିବା ପର୍ଯ୍ୟନ୍ତ ସେ ମୋତେ ଗାଧୋଇ ଖୁଆଇ ଦେଉଥିଲା । କଲେଜ ପଢ଼ିବା ପର୍ଯ୍ୟନ୍ତ ମୁଣ୍ଡ କୁଣ୍ଡେଇ ବାନ୍ଧି ଦେଉଥିଲା । ମୁଣ୍ଡ ସଫାକରି ଦେଉଥିଲା । ଫ୍ରକ୍ ପ୍ୟାଣ୍ଟ ସଫା କରିଦେଉଥିଲା । ସମ୍ପୂର୍ଣ୍ଣ ଯତ୍ନ ନେଉଥିଲା ମୋର । ଗୀତ ବୋଲି ଶୁଆଇ ଦେଉଥିଲା ।

ମୋର ମନେଅଛି କଂସା ଥାଳିଆରେ ଘିଅ ଭାତ ଓ ଆଳୁ ଚଟଣି ଧରି ଅତି ପିଲାବେଳେ ଖୁଆଇ ଦିଏ । ମୋତେ ଭଲଭଲ ଜିନିଷ ଖୁଆଇଛି । କେବେ ଯଦି ଚାଲୁଚାଲୁ ପଡ଼ିଯାଏ, ମୋତେ କୁହେ – 'ତୋତେ ୨୧ ସେର ମଇଁଷି ଘିଅ, ୧୮ ସେର ବେଦେନା ଓ କେତେ ସଟିଫୁଟ୍ ଡବା ଖୁଆଇଲି, କୁଆଡ଼େ ଗଲା ସବୁ ?'

ମୋର ମନେଅଛି ବାଲିକଣିରୁ ବୋତଲ ବୋତଲ ମଇଁଷି ଘିଅ ଆସେ । ଭାତରେ ଘିଅ ନିଶ୍ଚୟ ଗୋଳା ହେବ । ତା'ପରେ ଗାଈ ଦୁହିଁବା ବେଳେ ମୋତେ ପିତଳ ଛୋଟ ଗ୍ଲାସ୍‌ରେ ଗ୍ଲାସେ କଞ୍ଚା କ୍ଷୀର ଦେବ, କହିବ – 'ଆଖିବୁଜି ପିଇଦେ ।' ମୁଁ ପିଇଦିଏ ।

Digital Copy from the Author

ଯେଉଁଠି ଖାସି ମରା ହେଉଥିବ, ମାଂସ ଆଣିବ । ମୋ' ପାଇଁ ଅଧିକା କଲିଜା ଆଣିବ । ତାକୁ ଧୋଇ ପନିକିରେ ବସି ଟିକି ଟିକି କାଟିବ । ମୋତେ ଆଁ କରିବାକୁ କହିବ । କଲିଜାକୁ ପାଟିରେ ଥୋଇ କହିବ – 'ଆଖିବୁଜି ଗିଳିଦେ' । ସବୁଦିନିଆ ଖାଇବା ଛଡ଼ା ମା' ମୋ' ପାଇଁ ସ୍ୱତନ୍ତ୍ର ଖାଇବା ରଖିଥାଏ । ମାଛ ପୋଡ଼ି ଚଟଣି କରିଥାଏ, ଭର୍ତ୍ତା କରିଥାଏ ।

ଶୁକବୋଉ ଦହି ଛେନା ଆଣି ଆସେ । ଆଗ ଖଣ୍ଡେ ଛେନା ଆଣି ମୋତେ ଧରାଇ ଦିଏ । କାହାର ବାଡ଼ିରୁ ନେଉଆ (ଆତ) ଆଣି ପଚେଇ ଆମକୁ ଖୁଆଏ । ଥରେ ପନିକି ଉପରେ ବସି ଖୁଆଇ ଦେଉଥିଲା । ମୁଁ କାନ୍ଦି ହଲିଗଲି ଯେ ମୋ' ଟୀକା ପାଚିଥିଲା । ପନିକି ଅଗରେ ବାଜି ରକ୍ତ ବାହାରିଲା ଯେ ସମସ୍ତେ ଡରିଗଲେ । ମା' ଭାରି ବ୍ୟସ୍ତ ହେଲା । ମତେ କୋଳରେ ଯାକି ଶୋଇଲା । ଏମିତି ବି ମୁଁ ତା' କୋଳରେ ସବୁଦିନ ଯାକିଯୁକି ହୋଇ ଶୁଏ ।

ରାତିରେ କ'ଣ ଟିକେ ପଢ଼ିଦେଇ ମା' କୋଳରେ କେମିତି ଶୋଇବି ଲକ୍ଷ୍ୟଥାଏ ମୋର । ସେ ବଢ଼ିଆ କରି ଶେଯ ବିଛେଇ ଦେଇଥାଏ । ତା' ପାଖରେ ଶୋଇବାକୁ ପ୍ରତିଯୋଗିତା ଚାଲେ । ତା' କୋଳରେ ଶୋଇ ତା'ଉପରେ ଗୋଡ଼ ପକାଇ ଗପ ଶୁଣିବାର ସୁଖ ସ୍ୱର୍ଗରେ ବି ମିଳିବନି । ଆମେ ଭାଇଭଉଣୀ ତା' ପାଖରେ ଶୋଇପଡୁ । ସେ କାହା ପାଖକୁ ମୁହଁ କରିବ କଳି ଲାଗିଯାଏ । ସେ ଚିତି ହୋଇ ଉପରକୁ ମୁହଁ କରି ଶୋଇ ଗପ କହେ ।

ଆମର ବୟସ ଅନୁସାରେ ଗପ ମଧ୍ୟ ଅଲଗା ହୁଏ । ପ୍ରଥମେ ଚୁଆଁଚୁଇଁ, ବିଲୁଆ ନନା, ରାଣ୍ଡିପୁଅ ଅନନ୍ତା, ଚକୁଳିଆ ପଣ୍ଡା ଆଦି ଗପ କହୁଥିଲା । ଗୀତରେ କେତେ ଗପ, ବେଙ୍ଗୁଲୀ ଗପ, କଲୁରେଇବେଣ୍ଟ, କେତେ ଜୀବଜନ୍ତୁ ଗପ । ତା'ପରେ ବଡ଼ବଡ଼ ଗପ, ରାଜାପୁଅ, ମନ୍ତ୍ରୀପୁଅ, କୁହୁକ ରାଇଜ, ଅସୁରୁଣୀ ବୁଢ଼ୀ, ଶୁଆସାରୀ କଥା । ରୋମାଞ୍ଚକର ଗପ ସବୁ ଶୁଣି ଛାତି ଥରିଉଠେ । ଭଲ ଲାଗେ । ଭୂତପ୍ରେତ, ଡାହାଣୀ କେତେ ଅସରନ୍ତି ଗପ । ମୋ' ଜେଜେମା' ସତରେ ଗପ କାହାଣୀର କୁହୁକପେଡ଼ି । ସେଥିରୁ ଅସଂଖ୍ୟ ନୂଆନୂଆ ଗପ କାହାଣୀ ବାହାରେ ।

Digital Copy from the Author

ମୋ' ମା'ର ପ୍ରଖର ସ୍ମୃତି ଶକ୍ତି । ପାଠ ପଢ଼ିନଥିଲା । ରାମାୟଣ, ମହାଭାରତ, ସବୁ ପୁରାଣ ତା' ମୁହଁରେ । ଯେଉଁଠି ଯେଉଁ ଗୀତ ବୋଲାହୁଏ, ଆମେ ବହିରେ ଯେଉଁ ଗୀତ ପଢ଼ି ମୁଖସ୍ଥ କରୁ ତା'ର ମୁଖସ୍ଥ ହୋଇଯାଇଥାଏ । ଯେତେ ଢଗଢମାଳି ତା' ମୁଣ୍ଡରେ ଭର୍ତ୍ତି ହୋଇଥାଏ ଯେ କଥା କଥାକେ ଢଗ ଦି'ଚାରିଟା କହିଯାଏ । ସବୁ କଥା ସେ ଢଗଢମାଳିରେ ହିଁ କୁହେ ।

କେବଳ ଗପ ଗୀତ ଶୁଣାଏ କି ମୋର ଯତ୍ନ ନିଏନି; ମୋତେ ସ୍କୁଲ୍ ନେଇ ଯାଏ । ସାର୍‌ଙ୍କୁ ତାଗିଦ କରି ଆସିଥାଏ ମୋତେ ନ ବାଡ଼େଇବା ପାଇଁ । ଟିକେ ଦେହ ଖରାପ ହେଲେ କେତେ ଔଷଧ ଚେରମୂଳି ଖୁଆଏ । ନୃସିଂହ ନନାଙ୍କୁ ଜଗିକରି ବସିଥାଏ । ତାଙ୍କୁ ଡାକି ଝଡ଼ାଏ । ମନ୍ତୁରା ଲୁଣ ତାଟିଆରେ ପୂରାଇ ରଖିଥାଏ । ଖୁଆଏ । କାହାର ଦୃଷ୍ଟି ପଡ଼ିବ ବୋଲି ମୋ' ବେକରେ ଚେନ୍‌ରେ ପହଁରା ଖଣ୍ଡେ ବାନ୍ଧିଦିଏ । ମୁଣ୍ଡରେ ଦୁର୍ଲଭା ପତ୍ର ଖୋସିଦିଏ । କଞ୍ଚା ଡାଆଣୀଙ୍କଠାରୁ ସବୁବେଳେ ଦୂରେଇ ରଖେ । କବାଟ କଣରେ ପୂରାଇଦିଏ । ପିଲାଦିନର ପଢ଼ିଥିବା କେତୋଟି କବିତା ମନେପଡ଼େ ।

'ସ୍ନେହେ ବୁଢ଼ୀମା' ସୁଆଁ ଲଟି ବଳା ନଇ ଦେଇ ହାତଗୋଡ଼େ,
ଏଇ ଘରେ ଦିନେ ଗେଲ କରୁଥିଲା ଆମକୁ ଯାକି ତା କୋଳେ ।'

ଆମକୁ ମକର ଯାତ୍ରା, କନ୍ଦମୂଳପଡ଼ିଆ ମେଳଣ, ବାରୁଣୀ ଯାତ୍ରା, ସର୍କସ; ଏମିତିକି କଟକ ଦେବୀ (ଦୁର୍ଗାମେଢ଼) ଦେଖାଇବାକୁ ନିଏ । ଯାତ୍ରା ଦେଖିଲା ବେଳେ ଟୋପି ପିନ୍ଧାଇ ଆଗରେ ଠିଆ କରାଇ ଦେଖାଏ । ଅନ୍ୟମାନେ ବିରକ୍ତ ହୁଅନ୍ତି ତାଙ୍କୁ ଦେଖାଯାଏନି ବୋଲି । ଆମେ କେମିତି ଦେଖିବୁ ତା'ର ଚିନ୍ତା । ଯାହା ଚାହିଁବୁ କିଣିଦିଏ । ଯାହା ଖାଇବାକୁ ଚାହୁ ଖାଇବାକୁ ଦିଏ । ମୁଁ ରସଗୋଲା ଖାଇବାକୁ ଭଲପାଏ ବୋଲି ମୋତେ ରସଗୋଲା ଦୋକାନରେ ବସେଇ କହେ – 'ଯେତେ ଖାଇବ ତାକୁ ଦିଅ ।' ମଜାରେ କହେ – 'ତାକୁ ଗୁଡ଼ିଆ ଘରେ ବାହା କରିଦେବା ଯେ ରସଗୋଲା ଖାଉଥିବ ।'

ମନୋହରି ଦୋକାନରେ ବସାଇ ଦିଏ । ମନଇଚ୍ଛା ଯାହା କିଣୁ । ପଇସାକୁ ଖାତିର ନଥାଏ । ଟିକେ ବଡ଼ହେଲା ପରେ ମହାପୁରୁଷଙ୍କ ଫଟୋ କିଣିଦିଏ । ଗାଁ'କୁ

Digital Copy from the Author

ଯୋଗୀ ଆସିଲେ ଗପବହି କିଣିଦିଏ । ଆମ ବହିପତ୍ର ସଜାଡ଼ି ଦିଏ । ଅନୁମାନ କରି କିଏ କେଉଁ ବହି ସେ ଜାଣିଥାଏ । ମୁଁ ଯୋଉ ବହି ମାଗିଲେ, ଆଣିଦିଏ ।

ମୁଁ ଗୋଟିଏ ମୁଦି ଲଗାଇଥିଲି । ସେ ମୁଦି ଆଙ୍ଗୁଠିରେ ଟାଇଟ୍ ହୋଇଗଲା । ବାହାରିଲାନି । ଯେତେ ଚେଷ୍ଟାକଲେ ବାହାର କରିବାକୁ ହେଲାନି । ସେ ସାଙ୍ଗେ ସାଙ୍ଗେ ପିଠିରେ ପକେଇ ବଣିଆଘରକୁ ଦେଢ଼ କିଲୋମିଟର ହେବ ନେଇଗଲା । କାଟି କରି ଆଣିଲା । ମୁଁ ଟିକେ କାନ୍ଦିଲେ ସେ ସହିପାରେନି ।

ଆମେ ଥରେ ଅଗଷ୍ଟ ୧୫ରେ ପ୍ରଭାତ ଫେରିରେ ଗାଁ ବୁଲୁଛୁ । ବଡ଼ ପିଲାମାନେ ପତାକା ଧରିଛନ୍ତି । ଆମେ ପଛେପଛେ ଯାଉଛୁ । ଯେମିତି ଆମ ଘର ହେଲା, ମୋତେ ଲାଇନ୍‌ରୁ ଟାଣି ଘରକୁ ନେଇଗଲା । ମୁଁ ଏତେ ବାଟ ଚାଲିପାରିବିନି, ପୁଣି ଡାହାଣୀ ଅନ୍ୟ ଗାଁ'ରେ ଖାଇଯିବେ ବୋଲି । ଆମେ ଶାରଳା ପାଖକୁ ଚାଲିଚାଲି ଯାଉ । ଯାତ୍ରା ଦେଖିବାକୁ ଚାଲିଚାଲି ଯାଉ । ସେ ମୋତେ କାନ୍ଧେଇ ନେବାର ମୋର ମନେଅଛି । ସେ ନିଜ ଖୁସି, ନିଜ ଖାଇବା କେବେ ଦେଖିନି । ଆମେ ହିଁ ତା'ର ଜୀବନ । ଆମକୁ ଖୁଆଇଲେ, ବୁଲେଇଲେ ସେ ଖୁସି ।

ତା' ସାଙ୍ଗରେ ମୁଁ ବାଲିକଣି ଯାଏ । ଭଗୀ ଜେଜେକୁ କହି ମୋ' ପାଇଁ ଫ୍ରକ୍, ଚେନ୍, କେତେ ଜିନିଷ ଆଣେ । ସାଙ୍ଗରେ ଜଣେ ଲୋକଙ୍କୁ ନେଇଥାଏ । ତା' ବାପଘରୁ କେତେ ଜିନିଷ ଆଣି ଆସେ । ଯେଉଁଥର ମୁଁ ଯାଇନଥାଏ, ତା' ଫେରିବା ବାଟକୁ ଅନେଇ ବସିଥାଏ, ବାରମ୍ବାର ଗାଁ ମୁଣ୍ଡକୁ ଦୌଡ଼ିଯାଏ । ଆମ ପାଇଁ ଛେନାଗଜା, ମିଠେଇ ଆଉ କେତେ ଜିନିଷ ଆଣିଥାଏ । ଶେଷରେ ସେ ମୋ' ପ୍ରେମ ଚିଠିର ବି ବାହାକ ହେଲା ।

ମା' ଯୁଆଡ଼େ ଯାଏ, ମା' ସାଙ୍ଗରେ ମୁଁ ଯାଏ । ସେ ଛାଇପରି ମୋ' ପାଖରେ ରହିଥାଏ । ଯାହା ଯାହା ଦରକାର, ଆମ ପାଇଁ ଆଣିଥାଏ । ଲୁଗା ଦୋକାନକୁ ଆମକୁ ନେଇଯାଏ । ଆମ ମନମୁତାବକ ଫ୍ରକ୍ କିଣୁ । ବଣିଆକୁ ଡାକି ଚେନ୍, ମୁଦି, ହଂସୁଳୀ ମୋ' ପାଇଁ ତିଆରି କରିଛି । ବଢ଼େଇ ପାଖକୁ ଯାଇ ମୋ' ପାଇଁ କେତେ ପ୍ରକାର ଗାଡ଼ି, ସବାରୀ ତିଆରି କରିଛି । କୁମ୍ଭାର ଘରକୁ ଯାଇ ମାଟି କଣ୍ଢେଇ ଆଣେ । କାଚରାକୁ ଡାକି ଯେତେ ପ୍ରକାର କାଚ କିଣିଦିଏ । ବମ୍ବେଇମିଠେଇ, କୋଳିବାଲା,

Digital Copy from the Author

ଯେତେ ଯିଏ ଆସିଲେ କାହାର ପସରା ଫେରାଇନି । ତେଜରାତି ସଉଦା କିଣିବାକୁ ଗଲେ ମୋତେ ନିଏ । ମୋ' ପାଇଁ କିସମିସ୍ କିଣି ମୋ' ହାତରେ ଦିଏ ।

ସୁନ୍ଦରୀବୋଉଠୁ ବର୍ଷ ସାରା ଚୁଡ଼ା ଆଣେ । ଅମଳ ବେଳକୁ ସେ ଭରଣଭରଣ ଧାନ ଦିଏ । ସବୁ ପର୍ବପର୍ବାଣି ଆମେ କେମିତି ଭଲରେ କରିବୁ ତା' ଆୟୋଜନରେ ସେ ଲାଗିପଡ଼ିଥାଏ । ଆମ ପାଇଁ ମୁରୁଜ ତିଆରି କରିଦିଏ । ଖୁଦୁରୁକୁଣୀରେ ମେଢ଼ ଆୟୋଜନ କରେ । କୁମାର ପୂର୍ଣ୍ଣିମାରେ ଭାତ ଖାଇବୁନି ବୋଲି ରାତି ପାହାନ୍ତାରୁ ଡାକି ଭାତ, ମାଂସକସା, ମାଛଭଜା ଖୁଆଇ ଦିଏ । ଓଷା ସରିଗଲେ ରାତିକି କହିବ – 'ଖାଇଦିଅ । ଓଷା ସରିଲାଣି ଆଉ ପାଳିବ କ'ଣ ?' ପିଲାବେଳେ ଓଷାରେ ମାଛ ଭାତ ବି ଦେଇଦିଏ । ବୋଉ ବିରକ୍ତ ହୁଏ । ଉପାସ ରହିବା ତା' ଦେହରେ ଯିବନି ।

ଆମର କର୍ଣ୍ଣବିନ୍ଧା କରାଇ ଥିଲା । ଅଞ୍ଜୁର ମୋର ବେଦୀ ଉପରେ ନୂଆ ଫ୍ରକ୍ ପିନ୍ଧି ବସିଥିଲୁ । ଗୁଡ଼ ଖାଉଖାଉ କାନ ଫୋଡ଼ିଦେଲା ବାରିକ । ମୋର ଗୋଟିଏ କାନ ବଙ୍କା ଫୋଡ଼ି ଦେଇଥିଲା । ଏ ପର୍ଯ୍ୟନ୍ତ ହଇରାଣ ହେଉଛି । ମୋ' ମାଆର ପାନଡାଲା, ପିକଦାନୀ ଥିଲା । ପାନଡାଲାରେ କେତେ ମସଲା ପଡ଼ିଥାଏ । କୁଜଙ୍ଗୀ ପାନ, ଚୂନ, ଗୁଆ, କେତକୀ ଖଇର, ଅଳେଇଚ, ଗୁଜୁରାତି, ଡାଲଚିନି ଇତ୍ୟାଦି । କୁଣିଆ କି ଆମ ଘରକୁ କିଏ ଆସିଲେ ମା' ପାନ ଦିଏ । ପାନଭଙ୍ଗା ଦେଖିବାକୁ ଭଲ ଲାଗେ । ରାତିରେ ସୁନ୍ଦର ପିତଳ ପିକିଦାନୀରେ ପାନଛେପ ପକାଏ । ସକାଳୁ ସଫାକରେ ।

ମାଆର କେତେ ଟ୍ରଙ୍କ୍ ଥିଲା । ଗୋଟିଏ ବଡ଼ ଟ୍ରଙ୍କ୍ ଆମ ପିଲାମାନଙ୍କର ଆକର୍ଷଣ । ସେଥିରେ ସେ ପାଚିଲା ଆମ୍ବ, ପିଜୁଳି, ସପେଟା, ଆତ, ନେଉଆ, କୋଳି, କେତେ ଖାଇବା ଜିନିଷ ଓ ଖେଳନା ରଖିଥାଏ । ସେ ଯାହାକୁ ଭଲପାଏ, ତାକୁ ଡାକି ଲୁଚାଇ ଦିଏ । ମୋତେ ଓ ବିନିକୁ ବେଶି ଦିଏ । ମୁଁ ବଡ଼ ହେଲା ପରେ ସେ ବିନିକୁ ବେଶି ଭଲପାଏ । ତାକୁ ଗାଧୋଇ ଦେବା, ମୁଣ୍ଡ ବାନ୍ଧିଦେବା, ଖୁଆଇଦେବା, ସବୁକରେ ।

ମୁଁ କଲେଜ ଗଲି । ବିନି ତା'ର ଜୀବନ ହେଲା । ତା' ଦେହ ଖରାପ ବେଳେ ଯାହା ସୁନା ଜିନିଷ ପଇସାପତ୍ର ରଖିଥିଲା ସବୁ ନାତି ନାତୁଣୀଙ୍କୁ ବାଣ୍ଟି

Digital Copy from the Author

ଦେଇଥିଲା । ମା'ର ଗୋଟେ କୁକୁର ଥିଲା । ତା' ଦିଅର ତାଙ୍କର କଳି ହୋଇଥିଲା । ଦିଅର ନାଁ'ରେ କୁକୁର ପାଳିଥିଲା । ତା' ନାଁ ଗୋବିନ୍ଦା । 'ମଞ୍ଜୁ ବାଡ଼ି ଆଣ' କହିଲେ ଗୋବିନ୍ଦା ଉଠି ପଳାଉଥିଲା ।

ସେ ମୋତେ ଏତେ ଭଲ ପାଏ ଯେ ଅନ୍ଧ ଭାବରେ ମୋ' ପ୍ରେମିକକୁ ଭଲ ପାଇଲା । ଚିଠିପତ୍ରର ବାହାକ ହେଲା । ରାସ୍ତାରେ ଚାହିଁ ବସିଥିବ କେତେବେଳେ ଡାକବାଲା ଆସିବ । ଚିଠି ଦେବ ପକାଇବାକୁ । ଚିଠି ଆସିଲେ ଆଣିବ । ପ୍ରେମିକକୁ ଦେଖିଲେ ପଛେପଛେ ଯାଇ ଡାକି ରାସ୍ତାରେ ଚିଠି ଗୁଞ୍ଜି ଦେବ । ମୋ' ବାହାଘରରେ ସେ ଆନନ୍ଦରେ ଫାଟି ପଡୁଥିଲା । ସବୁ ଆୟୋଜନ କରୁଥିଲା । ମୋ' ପ୍ରେମବିବାହର ସଫଳତା ପଛରେ ତା'ର ଆଶୀର୍ବାଦ, ତା'ର ଭୂମିକା ମୁଁ ଭୁଲି ପାରିବିନି ।

ଏମିତି ହେଲା ଯେ ବାହାଘର ପରେ ମୋ' ସାଙ୍ଗରେ ଆସି ମୋ' ଚାକିରି ଜାଗା ସାତପୁରାରେ ରହିଲା । ମୋ' ସ୍ୱାମୀଙ୍କୁ ସ୍ନେହ ଅଜାଡ଼ିଦେଲା । ଗୋଟାସୁଦ୍ଧା ନିଜର ହୋଇଗଲା । ତାଙ୍କ ଲେଖାଲେଖିରେ ସାହାଯ୍ୟ କଲା । ସେ ଲେଖିଲାବେଳେ ମା' ଠଟକାଠଟକା ଭଗଡ଼ମାଳି ଯୋଗାଇଦିଏ । ସେ ହୋଇଗଲା ମୋ' ପରିବାରର ସର୍ବେସର୍ବା । ଗୁରୁ, ଗାର୍ଜନ, ମୁରବି । ମୋ' ଯତ୍ନ ନେଲା । ମୋ' ବଡ଼ପୁଅ ଜନ୍ମହେଲା । ତା'ର ସବୁ ଅଳି ଅର୍ଦ୍ଦଳି କଲା । ସ୍ନେହ ଅଜାଡ଼ି ଦେଲା ଅଣନାତିକୁ । ବଡ଼ ପୁଅ ଚାରି ବର୍ଷର ହେଲା । ସାନପୁଅ ଜନ୍ମବେଳକୁ ସେ ଶଯ୍ୟାଶାୟୀ ହୋଇ ସ୍ୱର୍ଗବାସୀ ହୋଇଗଲା । ଜନ୍ମର ମାସକ ଆଗରୁ ମୁଁ ମେଡ଼ିକାଲ ଆସିଲି । ପୁଅ ଜନ୍ମ ପରେ ମତେ ମାସଟାଏ ମଡ୍ରେିକାଲରେ ରହିବାକୁ ପଡ଼ିଲା ।

ମୁଁ ଡାକ୍ତରଖାନାରେ । ସେ ରୋଗ ଶଯ୍ୟାରେ ଶେଷ ଅବସ୍ଥାରେ । ସେ ମୋର ଏତେ କଲା ସାରା ଜୀବନ । କିନ୍ତୁ ମୁଁ ତା'ର ଶେଷ ଅବସ୍ଥାରେ ଟିକେ ଦେଖିପାରିଲିନି କି ତା' ପାଇଁ ଶୁଦ୍ଧି ବି ହୋଇପାରିଲିନି । ତା' ପାଖରେ ଚିର ଋଣୀ ହୋଇ ରହିଗଲି । କୋଟି କୋଟି ଜନ୍ମରେ ବି ତା' ଋଣ ଶୁଝିପାରିବିନି । ତା' କଥା ଲେଖିଲା ବେଳକୁ ଆଖିର ଲୁହ ବାଧା ମାନୁନି । ତା'ର ଆତ୍ମାର ସଦ୍‌ଗତି ହେଉ, ଏହା ହିଁ କାମନା ।

❑❑❑

Digital Copy from the Author

ସେମାନେ ଥିଲେ ମୋର ଦିଗବାରେଣୀ

ନିରଦାଦାଙ୍କୁ ପିଲାଦିନେ "ନିରବାପା" ଡାକୁଥିଲି । ତାଙ୍କ ଖଞ୍ଜା ଓ ଆମ ଖଞ୍ଜା ଅଲଗା ହେଲେ ବି ଲଗାଲଗି । ଖାଇବା ଓ ରାତିରେ ଶୋଇବା ଛାଡ଼ିଦେଲେ ସେ ଆମ ଘରେ ସବୁବେଳେ । ପିଲାଦିନେ ତାଙ୍କ ସଂସ୍ପର୍ଶରେ ବେଶି ଆସିଛି । ବାପାଙ୍କ ପିଢ଼ିର ସେ ସବୁଠାରୁ ସାନ । ମୁଁ ଆମ ପିଢ଼ିର ସବୁଠାରୁ ବଡ଼ । ସେ ମୋର ଦାଦା, ଭାଇଠୁ ଅଧିକ । ପାଠପଢ଼ାରୁ ଆରମ୍ଭ କରି ନାଚ, ଗୀତ, ଡ୍ରାମା, ଭୋଜି, ଖେଳ, ପର୍ବପର୍ବାଣି ସବୁଠି ତାଙ୍କର ଉପସ୍ଥିତି, ସାହାଯ୍ୟ ଓ ପ୍ରେରଣା ।

ମୋ' ଖାତା ବାନ୍ଧିଦିଅନ୍ତି ସେ । ମୋତେ ପଣିକିଆ ଶିଖାଇଛନ୍ତି । ଏବେ ବି ସେ ସିଲଟ୍, ତାଙ୍କର ସୁନ୍ଦର ଅକ୍ଷରରେ ଲେଖା ପଣିକିଆ ମୋ' ସ୍ମୃତିପଟରେ ରହିଛି । ଯେଉଁ ପାଠ ନ ଆସିଲା ସେ ବୁଝାଇ ଦିଅନ୍ତି । ସ୍କୁଲରେ ମୁଁ ଭଲ ପଢ଼େ ବୋଲି ସାର୍‌ମାନେ କଥାହେବାର ଶୁଣିଛି, "ହରିସାର୍ ସବୁବେଳେ ପଙ୍କପାଳରେ, ନିରବାବୁ ମଞ୍ଜୁର ପାଠ ଦେଖୁଛନ୍ତି ବୋଲି ସେ ଭଲ ପଢୁଛି ।" ପଣ୍ଡୁଆ ହାଇସ୍କୁଲ୍‌ରେ ଶିକ୍ଷକ ଥିଲେ । ତାଙ୍କ ସ୍କୁଲ୍‌ର ଭଲ ପିଲାଙ୍କ ଖାତା, କେମିତି ସୁନ୍ଦର ଅକ୍ଷର ଲେଖନ୍ତି, କେମିତି ଭଲ ଉତ୍ତର ଦେଇଛନ୍ତି, ଦେଖାନ୍ତି । ମୋଟ୍ ଉପରେ ମୁଁ ଭଲ ପଢ଼ିବାରେ ତାଙ୍କର ଭୂମିକା ବହୁତ ।

ମୋର ପିଲାଦିନେ ସେ ରେଭେନ୍‌ସା କଲେଜରେ ପଢୁଥିଲେ । ରାଜାବଗିଚାରେ ରହୁଥିଲେ । ଆମକୁ କଟକ ଦେବୀ ଦେଖାଇବାକୁ ନେଇଛନ୍ତି । ମା', ମୁଁ, ଅଞ୍ଜୁ ଓ ଗାଁ'ର କେତେଜଣ ମିଶି ଯାଉ । ସେ ଆମକୁ ନେଇ ଧର୍ମଶାଳାରେ ରଖିଥିଲେ । ହୋଟେଲରେ ପ୍ରଥମେ ଭାତ ମାଛ ଝୋଳ ଖାଇବା, ଫ୍ୟାନ୍, ଇଲେକ୍ଟ୍ରି ଲାଇଟ୍ ଦେଖିବା ମୋର ପ୍ରଥମ । ସର୍କସ, ମକର ଯାତ୍ରା, ଦୋଳଯାତ୍ରା ଦେଖିବା ପାଇଁ ଗଲେ, ଆମ ସାଙ୍ଗରେ ଯାଆନ୍ତି । ଦାଣ୍ଡରେ ବିଭିନ୍ନ ଖେଳ ବେଳେ ସେ ବସି ଦେଖନ୍ତି । ଲୁଡୁ, ତାସ୍ ଖେଳନ୍ତି ଆମ ସାଙ୍ଗରେ । ଏକାଠି ବସି ଗୀତ ଶିଖାନ୍ତି । ଡ୍ରାମା ଶିଖାନ୍ତି ।

Digital Copy from the Author

ସେ ଜଣେ ଭଲ ଅଭିନେତା ଓ ନିର୍ଦ୍ଦେଶକ । ତାଙ୍କ ବଭ୍ରୁବାହନ ଅଭିନୟ ମୁଁ ଦେଖିଛି । ଆମେ ଝିଅପୁଅ ମିଶି (ବେଶି ଝିଅ) ଡ୍ରାମା କରୁଥିଲୁ । ତାଙ୍କରି ପ୍ରେରଣାରେ ଓ ନିର୍ଦ୍ଦେଶନାରେ । "ନଳ ଦମୟନ୍ତୀ" ଓ "ପଞ୍ଚଶାୟକ" । ମୁଁ ମୁଖ୍ୟ ଭୂମିକା ନେଇଥାଏ । ଘର ଲୋକ ନିର୍ଦ୍ଦେଶକ ବୋଲି ଡ୍ରାମା ଶିଖିବାରେ କିଛି ଅସୁବିଧା ହେଲାନି ; ମୋ' ମନରେ ଯାହା ପ୍ରଶ୍ନ ଉଠେ ତାଙ୍କୁ ପଚାରେ । ସେସବୁ ପ୍ରଶ୍ନର ଉତ୍ତର ମୋ' ମନ ବୁଝିଲା ପରି ଦିଅନ୍ତି ।

ଏ ପର୍ଯ୍ୟନ୍ତ ମନେଅଛି, ଛୋଟ ବେଳେ ପ୍ରଶ୍ନ ଥିଲା 'ଶୀତଦିନେ ପାଟିରୁ ଧୂଆଁ କାହିଁ ବାହାରେ ?' ମୁଁ ତାଙ୍କୁ ପଚାରିଲି । ସେ ଉତ୍ତର ଦେଇଥିଲେ "Evaperation Causes Cooling" ମୋର ମନେଥାଏ, ଅର୍ଥ କିଛି ବୁଝିନି । ସାର୍ ପଚାରିଲେ ମୁଁ ଇଂରାଜୀରେ ନିରଦାଦା ଯାହା କହିଥିଲେ କହିଲି । ସାର୍‌ମାନେ ଆଶ୍ଚର୍ଯ୍ୟ ହେଲେ । ତା' ଅର୍ଥ ପଚାରି ନଥିବାରୁ ମୁଁ ରକ୍ଷା ପାଇଗଲି । ସାଧାରଣଜ୍ଞାନ, ମାନସାଙ୍କ ସେ ବହୁତ ପଚାରନ୍ତି, ଉତ୍ତର କହିଦିଅନ୍ତି ।

ମୋର ଅଧ୍ୟାତ୍ମିକ ଜ୍ଞାନ ଅର୍ଜନ କରିବାରେ ଭାରି ଇଚ୍ଛା । ମୁଁ ଖାତାକରି ଲେଖୁଥିଲି ମହତବାଣୀ ସବୁ । ସେ ବହୁତ ବାଣୀ କହିଛନ୍ତି । ତାଙ୍କର ଗୋଟିଏ ପଦ କବିତା ମୋର ଜୀବନ ଦର୍ଶନ ହୋଇଯାଇଛି । ପିଲାମାନଙ୍କୁ ବହୁତ ଥର ମୁଁ ଏଇ କଥା କୁହେ – ଭଗବାନ କହିଛନ୍ତି ଅର୍ଜୁନଙ୍କୁ –

'ନ ଦିଏ ଧରା ମୁଁ ଗୀତା ଭାଗବତେ ବେଦ ପାଠ ଉପବାସେ,
ନିର୍ମଳ ହୃଦୟ ସରୋବରେ ମୁହିଁ ସୂର୍ଯ୍ୟ ସମାନ ଭାସେ ।'

ସେଦିନଠୁ ମୋ' ହୃଦୟରେ ସେ ଗୀତ ଲେଖି ହୋଇଯାଇଛି । ମୋ' ହୃଦୟ କେମିତି ନିର୍ମଳ କରିବି ଚେଷ୍ଟା କରିଛି ।

ସେ ମୋତେ ମାଟ୍ରିକ ପରୀକ୍ଷା ବେଳେ ଦେଖା କରିବାକୁ ଯାଆନ୍ତି । ତାଙ୍କ ଘଣ୍ଟା ପିନ୍ଧି ମୁଁ ପରୀକ୍ଷା ଦେବାକୁ ଯାଇଥିଲି । ଏମିତିକି ମୋ' ପ୍ରଥମ ଚାକିରି ଧବଳେଶ୍ୱର ହାଇସ୍କୁଲ୍‌ରେ ଇଣ୍ଟରଭ୍ୟୁ ଦେବାକୁ ସେ ମୋତେ ନେଇଥିଲେ । କେମିତି ପଢ଼ାଇବି ସେ ଶିଖାଇ ଦେଇଥିଲେ ।

Digital Copy from the Author

ପିଲାଦିନେ ସେ କଟକରେ ପଢୁଥିଲା ବେଳେ ମୋ' ପାଇଁ କେତେ ପ୍ରକାର ଚୁଚୁମା ଆଣନ୍ତି । ଭଲ ଫ୍ରକ୍ ଆଣନ୍ତି । ଏପର୍ଯ୍ୟନ୍ତ ସେ ମୋ' ପାଇଁ ଆଣିଥିବା ଫ୍ରକ୍‌ର ରଙ୍ଗ ମନେଅଛି । କଟକରୁ ଆସିଥିଲା ବୋଲି ମୁଁ ସମସ୍ତଙ୍କୁ କୁହେ ।

କୁଆଁର ପୁନେଇ ଖେଳ ବେଳେ ସମସ୍ତେ କିଏ କୁଆଡ଼େ ଗଲେ ବି ସେ ଆମ ପାଖରେ ଖେଳ ସରିବା ପର୍ଯ୍ୟନ୍ତ ବସନ୍ତି । ଗୀତ ଶୁଣନ୍ତି । ଖୁବ୍ ପ୍ରେରଣା ପାଉ । ଖୁଦୁରୁକୁଣୀ, ରଜ, ଦାଣ୍ଡପହଁରା, ମୁରୁଜପକା ସବୁଠି ସେ ଆମ ପାଖରେ ରୁହନ୍ତି । ଆମେ ଫିଷ୍ଟ୍‌କଲେ କାହାକୁ ନ ଡାକିଲେ ମଧ୍ୟ ତାଙ୍କୁ ଡାକୁ । ସେ ଆମ ସାଙ୍ଗରେ ପିଲାଭଳି ମିଶନ୍ତି । ତାଙ୍କ ସାଙ୍ଗରେ ଲୁଗା ଭାଙ୍ଗିବାଠୁ ମାଛଧରିବା ପର୍ଯ୍ୟନ୍ତ ମୁଁ ଥାଏ ।

ଥରେ ସାଇକେଲ୍‌ରେ ବସାଇ ନେଉଥିଲେ ମାଛ ଧରିବାକୁ ଲଣ୍ଡୁନୁଈ । ମୋ' ଗୋଡ଼ ସାଇକେଲରେ ପଶି ଖଣ୍ଡିଆ ହୋଇ ରକ୍ତ ବୋହିଲା । ସେ ସାଇକେଲ ଫୋପାଡ଼ି ମୋତେ ପିଠିରେ ପକେଇ ଆଣିଲେ । ଘରେ ଡରିଡରି କହୁଥିଲେ "ବଡ଼ବୋଉ (ମା') କ'ଣ ମୋତେ ରଖିବ !"

ତାଙ୍କ ସ୍କୁଲରେ ସରସ୍ୱତୀ ପୂଜାରେ କେମିତି ଫିଷ୍ଟ୍ ହେଲା ଓ ଆମ ସ୍କୁଲ୍‌ରେ କେମିତି ହୋଇଥିଲା ପଚାରନ୍ତି । ତାଙ୍କ ଫିଷ୍ଟ୍ କେତେ ଭଲ ହୋଇଥିଲା ବୋଲି ପ୍ରମାଣ ଦେବା ପାଇଁ ଆମକୁ ହାତ ଶୁଙ୍ଘାନ୍ତି । ଏମିତି ବହୁତ ପିଲାଳିଆମି ତାଙ୍କ ପାଖରେ ଥିଲା । ସେ ଆମ ପିଲାମାନଙ୍କ ସହ ଖୁବ୍ ସହଜରେ ମିଶିଯାଆନ୍ତି ।

ପିଲାଦିନୁ ବାପା ମା'ଙ୍କର ଗୋଟିଏ ପୁଅ ବୋଲି ସେ ଭାରି ଗେହ୍ଲା । ସୁଲଅପା, କମଳାଅପାଙ୍କ ଜୀବନ । କମଳା ଅପା ତ ହସିହସି ଜୀବନ ବିତେଇ ଦେଲା । ତା'ଠୁ ମୁଁ ହସ ଶିଖିଛି । ତାଙ୍କର ଦୁଇ ସ୍ତ୍ରୀ ସତୀ ଖୁଡ଼ୀ ଓ ପ୍ରଭା ଖୁଡ଼ୀ ମୋର ପ୍ରିୟ ଥିଲେ । ସତୀ ଖୁଡ଼ୀଙ୍କ ଆକସ୍ମିକ ମୃତ୍ୟୁପରେ ତାଙ୍କ ସାନ ଭଉଣୀ ଆମର ଖୁଡ଼ୀ ହୋଇ ଆସିଲେ । ସେ ହେଲେ ଆମ ପ୍ରଭା ଖୁଡ଼ୀ । ପ୍ରଭା ଖୁଡ଼ୀ ତ ମୋ' ସାଙ୍ଗ । ସୁଲ ଅପା, କମଳା ଅପା, ନିରଦାଦାଙ୍କ ସମ୍ପର୍କ ଖୁବ୍ ନିବିଡ଼ ।

ନିରଦାଦା ବଗିଚା କରିବାକୁ ଭଲପାଆନ୍ତି । ତାଙ୍କ ବାଡ଼ିରେ ଶାଗପଟାଳିଠୁ କୋବି ପର୍ଯ୍ୟନ୍ତ ଯାବତୀୟ ପରିବା ଚାଷ ନିଜେ କରନ୍ତି । ଆମେ ତାଙ୍କ ସାଙ୍ଗରେ ମିଶି ପାଣି ଦେଉ ।

Digital Copy from the Author

ସେ ଜଣେ ଆଦର୍ଶ ଶିକ୍ଷକ । କଳା ସଂଗୀତରେ ପ୍ରୟ । ପ୍ରକୃତିପ୍ରେମୀ । ସୁ-ଅଭିନେତା । ଗାଁ' ମାଟିର ମୋହ ପାଇଁ ସେ ଭଲଭଲ ଚାକିରିକୁ ଗୋଡ଼ରେ ଆଡ଼େଇ ଦେଇଛନ୍ତି ।

ସେ ଝିଅମାନଙ୍କୁ ଖୁବ୍ ଭଲପାଆନ୍ତି । ମୁଁ ଶାଶୂଘରକୁ ଗଲାବେଳେ ସବାରି ଧରି କାନ୍ଦିକାନ୍ଦି ଗାଁ' ସେମୁଣ୍ଡ ପର୍ଯ୍ୟନ୍ତ ଯାଇଥିଲେ । ସେକଥା ଭୁଲିପାରିବିନି । ସବୁବେଳେ ନିରବ ସେ । ନିରବରେ ସେ ଆମଠୁ ଦୂରେଇ ଚାଲିଗଲେ । ଶେଷକଥା କେଇପଦ ତାଙ୍କ ସାଙ୍ଗରେ ହେବାର ସୁଯୋଗ ପାଇଲେ ବି କିଛି କରିପାରିନି ତାଙ୍କ ପାଇଁ । ଚିର ଋଣୀ ରହିଗଲି । ସବୁଦିନେ ତାଙ୍କପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛି କେବଳ । ବାପାଙ୍କ ଭଳି ସେ ବି ସବୁବେଳେ ମୋ' ସ୍ମୃତିକୁ ଆସନ୍ତି ।

ମୋ' ଦାଦା ନରୋତ୍ତମ ଦାସ, ଖୁଡ଼ୀ ଲୋଭାବତୀ ଦାସ । ପିଲାଦିନେ ଏକା ଖଞ୍ଜାରେ ରହୁଥିଲୁ, ଦାଦାଙ୍କ ପରିବାର ଓ ଆମେ । ବାପା ପଙ୍କପାଳରେ ରୁହନ୍ତି । ବାହାର କାମରେ ଦାଦା ଆମର ଅଭିଭାବକ । ବହୁତ ସ୍ନେହୀ । ସରଳ ମଣିଷ । ସେ ମୋତେ ବହୁତ ଭଲ ପାଆନ୍ତି । ସାଙ୍ଗରେ ଖାଇବାକୁ ଡାକନ୍ତି । ଏକା ଥାଳିରେ ଖାଉ । ବାହାରେ କେଉଁଠୁ ନିମନ୍ତ୍ରଣ ହେଲେ ମୋତେ ସାଙ୍ଗରେ ନିଅନ୍ତି । ମାଛ ଧରିବାକୁ ଗଲେ ମୁଁ ଖାଳେଇ ଧରେ । ବେଙ୍ଗେଳା ପକାଇଲେ ମୁଁ ତାଙ୍କ ପଛରେ ଚାଲେ । ତାଙ୍କଠୁ ଗପସପ ଶୁଣେ । ସେ ଭଲ ଗୀତ ଗାଆନ୍ତି । ହାରମୋନିୟମ ଧରି ତାଙ୍କ ପାଖରେ ବସି ଗୀତ ଶୁଣେ । ତାଙ୍କର ଗୀତ "ବଜାରେ ମୋହନ ବଂଶୀ ମଧୁର ସୁରେ" ଏବେ ବି ମୋ' ମନରେ ଝଙ୍କୃତ ହୁଏ ।

ଖୁଡ଼ୀ କୁଆଁର ପୁନେଇରେ ଆମର ଆଞ୍ଜୁଳି ଟେକେ । ଘରେ ଆମ କାମରେ ଖୁଡ଼ୀ ଆଗ ଆସେ । ତା'ର ଝିଅ ନଥିଲେ । ଓଷାବାର ପୁନେଇ ପରବରେ ସେ ଭୋଗଦିଏ । ଦୋଳଯାତ୍ରାକୁ ଆମକୁ ଯାତରା ଖର୍ଚ୍ଚ ଦିଏ । ଖୁଡ଼ୀର ବେସର ତରକାରି, ଚାଉଳଭଜା ଭାରି ଭଲ ଲାଗେ । ଆମେ ଫିଷ୍ଟକଲେ ରୋଷେଇରେ ସାହାଯ୍ୟ କରେ । ମୋତେ ସ୍ନେହ ଦେଇଥିଲା । ଦାଦାଖୁଡ଼ୀଙ୍କୁ ମୋର ଭକ୍ତିଭରା ପ୍ରଣାମ । ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ମୋର ପ୍ରାର୍ଥନା ।

□□□

Digital Copy from the Author

ଭାଇ ଭଉଣୀ... କହ କାହାଣୀ

ଆମେ ସାତ ଭାଇଭଉଣୀ – "we are seven" । ଗୋଟିଏ ଭଉଣୀ ରଙ୍ଗିଲା (ରଞ୍ଜୁ) ଓ ଗୋଟିଏ ଭାଇ ଆମକୁ ଛାଡ଼ି ଚାଲିଯାଇଛନ୍ତି ଅତି ଛୋଟ ବୟସରୁ । ସେତେବେଳର ଶିଶୁ ମୃତ୍ୟୁ ହାରର ଏହା ଏକ ଦୃଷ୍ଟାନ୍ତ । ଆମେ ଚାରିଭଉଣୀ, ଏକମାତ୍ର ଭାଇ ଏକାଠି ଚଳିଆସିଛୁ । ଏକାଠି ଖାଇଚୁ, ଖେଳିଚୁ, ପଢ଼ିଚୁ, ଗପ ଶୁଣିଚୁ, ଶୋଇଚୁ । ମୁଁ ବଡ଼ । ପୋଢୁଆଁ । ବୋଉ ଭାଷାରେ "ଶୁକ୍ରବାର ବିତା" ।

ବଡ଼ ପୁଅ ବା ବଡ଼ ଝିଅମାନେ ଯେତକି ଅଧିକ ସ୍ନେହମମତା ପାଆନ୍ତି ସେତିକ ଦାୟିତ୍ୱ ବି ନିଅନ୍ତି । ପିଲାଦିନରୁ ମୋ' ଜୀବନର ଲକ୍ଷ୍ୟ ଥିଲା ମୋ' ଭାଇଭଉଣୀମାନଙ୍କୁ ମଣିଷ କରିବି । ସେମାନଙ୍କ ପ୍ରତି ମୋର କର୍ତ୍ତବ୍ୟ କରିବି । ଚତୁର୍ଥ ଶ୍ରେଣୀରୁ ବାପା ଦେଇଥିବା ଡାଏରୀରେ ଏକଥା ଲେଖୁଥିଲି ସବୁବେଳେ । ମୋ' କର୍ତ୍ତବ୍ୟ କେତେଦୂର କରିଛି କି ନା ବାପା, ବୋଉ, ମା', ଭାଇଭଉଣୀମାନେ କହିବେ । ସର୍ବୋପରି

Digital Copy from the Author

ପରମେଶ୍ୱର ମୋତେ ଯେତିକି ଶକ୍ତି ଦେଇଛନ୍ତି, ଯେତିକି ସୁଯୋଗ ଦେଇଛନ୍ତି, ସେତିକି କରିଛି ବୋଲି ମୋତେ ଆତ୍ମ ସନ୍ତୋଷ ମିଳେ ।

ପିଲାଦିନେ ମୋ' ସହ ସାଙ୍ଗଭଳି ବେଶି ମିଶୁଥିଲା ମୋ' ତଳ ଭଉଣୀ ଅଞ୍ଜୁ । ସେ ମୋ'ଠାରୁ ଅଢ଼େଇ ବର୍ଷ ସାନ । ଆମେ ଦୁଇ ଜଣ ଏକାଠି ଖାଉ, ପଢୁ, ଶୋଉ, ଖେଳୁ । ମା'ଠୁ ଗପଶୁଣୁ । ଯାତ୍ରା, ମେଳଣ, ଦେବୀ ଦେଖିବାକୁ ଯାଉ । ଫିଷ୍ଟ କରୁ । ଡ୍ରାମା କରୁ । ସେ ମୋର ଛାଇ ଭଳି ମୋ' ପାଖେପାଖେ ରହିଥାଏ । ସେ ମୋ'ଠୁ ବୁଦ୍ଧିଆ । କାମିକା ମଧ୍ୟ । ମୁଁ ଯାହା ନ କରିପାରେ ସେ କରିଦିଏ । ଲଣ୍ଠନ ପୋଛା, ସଞ୍ଜଦିଆ ଆମର କାମ ଥିଲା ।

ସେ ପିଲାଦିନେ ଭାରି ରୁଷେ । ରାହାଧରି ବଡ଼ ପାଟିରେ କାନ୍ଦେ । ଖାଏନି । କେତେ ଲୋକ ଆସି ତାକୁ ବୁଝାନ୍ତି । ଡାକନ୍ତି । ଯାତ୍ରାକୁ ଗଲେ ମୁଁ ରସଗୋଲା ଖାଏ । ସେ ବରା ତରକାରି ଭଲପାଏ । ତା'ର ଧୈର୍ଯ୍ୟ ଅଧିକ । ମୁଁ ସବୁ କଥାରେ ତରତର ହୁଏ । ଖାଇବାରେ ମଧ୍ୟ ମୋ' ଭାଗ ଯେଉଁ ଭଲ ଜିନିଷ ପଡ଼ିଥାଏ, ମୁଁ ଆଗ ଖାଇଦିଏ । ସେ ଧରି ବସିଥାଏ । ମୁଁ ତା'ଠୁ ମାଗି ଖାଇଦିଏ । ତା' ଜମା ପଇସାରୁ ଚାରି ଟଙ୍କା ନେଇ ମୁଁ ପାସ୍‌ବୁକ୍‌ରେ ରଖିଥିଲି ।

ମନେଅଛି ଜାନୁ ଥରେ ମୋତେ ମାରିଥିଲା । ସେ ଭାରି ବଳୁଆ । ତାକୁ ସମସ୍ତେ ଡରନ୍ତି । ଅଞ୍ଜୁର ରାଗ ଥିଲା । ଜାନୁ ଠିଆ ହୋଇଛି । ଅଞ୍ଜୁ ତା' ପିଠିରେ ଗୋଟେ ନିର୍ଘାତ ବିଧା ଥୋଇ ଦୌଡ଼ିଦୌଡ଼ି ପଳେଇ ଆସିଲା । କାହିଁକି ମୋ' ଦେଇକୁ ମାରିଥିଲୁ ବୋଲି କହିଲା । ଏଇ ଆମ ଭଉଣୀ ଭଉଣୀ ମଧ୍ୟରେ ସ୍ନେହ ।

ନାହାକ ପଣ୍ଡିତମାନେ ହାତ ଦେଖି, ଜାତକ ଦେଖି କହନ୍ତି ଏହି ମଞ୍ଜୁ ଅଞ୍ଜୁ ହରିବାବୁଙ୍କର ଦୁଇପୁଅ । ମଞ୍ଜୁ ଭାରି ନାଁ କମେଇବ । ଛୋଟ ପରିବାରରେ ପଡ଼ିବ । ଅଞ୍ଜୁ ବହୁତ ପଇସା ରଖିବ । କିନ୍ତୁ ବହୁ କୁଟୁମ୍ବୀରେ ପଡ଼ିବ । ସାତ ଭାଇ ଥିବେ । ସେ କଥା କେମିତି ସତ ହେଲା ମୁଁ ଆଜି ଭାବୁଛି । ତା'ର ଟାଟା କମ୍ପାନୀ ଚାକିରିକୁ ବହୁ କୁଟୁମ୍ବୀ ।

ଅଞ୍ଜୁ ତଳେ ଗୋଟେ ଭଉଣୀ ଥିଲା । ଦେଢ଼ ବର୍ଷର ହୋଇଥିଲା । ତା' ନାଁ ରଞ୍ଜୁ । ଅତି ଗୋରା । ଡେଙ୍ଗାଳିଆ ହୋଇଥିଲା । ଭାରି ସୁନ୍ଦର । ଭଗବାନ ଜେଜେ

Digital Copy from the Author

(ନରିଦାଦାଙ୍କ ବାପା) ତା' ନାଁ' ଦେଇଥିଲେ 'ରଙ୍ଗିଲା' । ତାକୁ ସମସ୍ତେ ଭଲ ପାଉଥିଲେ । ଆମ ସାଙ୍ଗରେ ପୁରୀ ଯାଇଥିଲା । ଗୋଟେ ବାବାଜୀର ଦାଢ଼ି ଧରି ଟାଣିଲା । ଭରାଳୋ ମୂରଲୀ ସାହୁଙ୍କ ଘରୁ ଚୋରି ହୋଇଥିଲା । ପୋଲିସବାଲା ଆସିଥିଲେ । ତାକୁ ଦେଖି ସମସ୍ତେ କାଖେଇ ପକାଇ ଥିଲେ । ସେ କାହାକୁ ଡରୁ ନଥିଲା । ହଠାତ୍ ତା' ଦେହ କ'ଣ ହେଲା । ରାତିରେ ଡାକ୍ତର ଆସିଲେ । ସେ ଚାଲିଗଲା । ପିଲାଦିନେ ସେଇ ମୃତ୍ୟୁର ଦୃଶ୍ୟ ମତେ ମାନସିକ ଆଘାତ ଦେଇଥିଲା । ଡରି ଯାଇଥିଲି । ବୋଉ ସବୁବେଳେ କାନ୍ଦେ । ସେ ମରିବା ପରେ ବୋଉ ତା' ଫ୍ରକ୍ ଧରି କାନ୍ଦିବାର ମୁଁ ଦେଖିଛି । ମୋତେ ବହୁତ କାନ୍ଦମାଡ଼େ । ଡର ବି ଲାଗେ ।

ଆମେ ତିନି ଝିଅ ହେବାରୁ ବୋଉ ଏକ ପ୍ରକାର ମନ ଦୁଃଖ କରିଥିଲା । ସେତେବେଳେ ପରିସ୍ଥିତି ସେଇଆ ଥିଲା । ପୁଅଟିଏ ସମସ୍ତେ ଚାହୁଁଥିଲେ । 'ପୁତ୍' ନାମକ ନର୍କରୁ ପୁଅ ରକ୍ଷାକରିବ ଏଇ ଥିଲା ସାଧାରଣ ବିଶ୍ୱାସ । ବୋଉ ବହୁତ ଓଷା ବ୍ରତ କଲା । ମାନସିକ କଲା । ତା' ଡାକ ଠାକୁର ଶୁଣିଲେ । ସ୍ୱପ୍ନରେ ବି ଦେଖାଇଲେ । ତା'ର ପୁଅଟିଏ ହେଲା । ମୁଁ ତୃତୀୟ ଶ୍ରେଣୀରେ ପଢୁଥିଲି । ସମସ୍ତେ ଖୁସିହେଲେ । ପୁଅର ନାଁ ମା' କହିଲା 'କ୍ଷେତ୍ରବାସୀ', ନିରଦାଦା ଦେଲେ ତପନ, ରଙ୍ଗଅପା ଇତ୍ୟାଦି ଡାକିଲେ ଟୁକୁନା । ବାପାଙ୍କ ନାଁ'ର ମୂଳ ଅକ୍ଷର ଅନୁସାରେ ଲେଖାହେଲା ହିମାଂଶୁ ଶେଖର । ଡାକିଲେ ତପନ ।

ପିଲାଦିନେ ତା'ର ବହୁତ ଯତ୍ନ ନିଆଗଲା । ଅମୁଲ, ଫଳରସ, ଜାତିଜାତିକା ଫଳ, ଡବା ବିସ୍କୁଟ ଆଉ କେତେ କ'ଣ ଆସେ ସେ ଖାଇବ ବୋଲି ବାପା ଆଣନ୍ତି । ଆମେ ତା' ଅମୁଲ, ଫଳରସ, ବିସ୍କୁଟ ଖାଇଦେଉ ବୋଲି ମନେଅଛି । ଯେତେ ପ୍ରକାର ନୂଆ ଜାମାପ୍ୟାଣ୍ଟ୍ ଆସେ ତା' ପାଇଁ । ଜନ୍ମଦିନରେ ତା' ଏକୋଇଶିଆରେ ଠିଆପାଲା ହେଲା । ପ୍ରତିବର୍ଷ ଜନ୍ମଦିନରେ ସକାଳେ ବାଳକଲୀଳା ଓ ସନ୍ଧ୍ୟାରେ ସତ୍ୟନାରାୟଣ ପୂଜା ହୁଏ ।

ପିଲାଦିନେ ଅଦ୍ଭୁତ ପିଲା ଥିଲା ସେ । ଥିବ ଥିବ କୁଆଡ଼େ ଲୁଚିଯିବ ଯେ ତାକୁ ଖୋଜି ଖୋଜି ବୋଉ ପାଗଳୀ ଭଳି ହୋଇଯାଏ । ଆମେ ସବୁଆଡ଼େ ଖୋଜୁ । ସେ କେତେବେଳେ କୁଟାଗଦା ମୂଳରୁ ମିଳେ ତ କେତେବେଳେ ଖଟତଳୁ ।

Digital Copy from the Author

ଥରେ ବିନି ଜନ୍ମ ହେଇଥାଏ । ବୋଉ ଏଣ୍ଟୁଡ଼ିଶାଳରେ ଥାଏ । ବାବୁ, କାଳିଆ ଓ ସେ ଖେଳୁଥିଲେ ପୋଖରୀ ପାଖରେ । ତା' ଅଇନାଟା କିଏ ପାଣିକି ଫୋପାଡ଼ି ଦେଲା । ସେ ଆଣିବାକୁ ଯାଇ ବୁଡ଼ିଗଲା । ନିରଦାଦାଙ୍କ ବାଡ଼ିରେ କିଏ ଜଣେ କାମ କରୁଥିଲା । କିଏ ବୁଡ଼ିଯାଉଛି ଦେଖି ଉଦ୍ଧାର କରି ଆଣିଲା । ବଡ଼ ବିପଦ । ମୃତ୍ୟୁମୁଖରୁ ବଞ୍ଚିଗଲା । ବୋଉ ବାଡ଼େଇପିଟି ହୋଇ କେତେ କାନ୍ଦିଛି । ଆମେ ସବୁ କାନ୍ଦିଲୁ । ଡରିଗଲୁ । ଆମ ପାଖ ଗାଁ'ରୁ କେତେଲୋକ ଆସି ଜମା ହୋଇଗଲେ ।

ପିଲାଦିନେ ପାଞ୍ଚଣ ଧରି ଗାଈ ବାନ୍ଧିବା କାମ ତାକୁ ଭଲ ଲାଗେ । ସେ ପ୍ରଥମେ ଆମ ପିଲାମାନଙ୍କ ଭିତରେ ସାଇକେଲ୍ ଶିଖିଲା । ଚଲାଇଲା ନିଜେ ନିଜେ । ମୁଁ ସାଇକେଲ୍ ଶିଖିପାରିଲିନି ବୋଲି ଦୁଃଖଥିଲା । ସେ ଏମିତି ସାଇକେଲ୍ ଚଲାଇଲା ଯେ ପାଠପଢ଼ା ଛାଡ଼ି ସାଇକେଲ୍ ଧରି ବୁଲିଲା । ଅତି ଗେହ୍ଲା ହୋଇ ପାଠପଢ଼ା ପ୍ରତି ବିଶେଷ ଧ୍ୟାନ ଦେଲାନି ଯଦି ଓ ତା'ର ଷ୍ଟାଣ୍ଡାର୍ଡ଼ ଭଲ ଥିଲା । ମୁଁ ପାଠପଢ଼ିବା ପାଇଁ ସବୁବେଳେ ତା' ସହ ଲାଗିଥାଏ । ଯାହା ଭଗବାନଙ୍କ ଇଚ୍ଛା ପୂରଣ ହେଲା ।

ତା'ପର ଭଉଣୀ ବିନି । କାଦମ୍ବିନୀ ଦାସ । ମୋ' ଜେଜେମା'ର ଅତି ଗେହ୍ଲା । ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସେ ହାତରେ ଖାଇ ନଥିଲା । ଚାହାଳୀରେ ପଢୁଥିଲା । ତା' ଅକ୍ଷର ଭାରି ସୁନ୍ଦର । ସେ ଭାରି ଶାନ୍ତଶିଷ୍ଟ । ଧୀର କଥା । ବିଶେଷ କଥା କୁହେନି କାହାକୁ । ସାହିତ୍ୟ ଭଲ ହୁଏ । ଅଙ୍କକୁ ଭାରି ଡର ତା'ର । ଭଲ କବିତା ଲେଖେ । ରାହାମା ସରସ୍ୱତୀ ଶିଶୁମନ୍ଦିରର ବରିଷ୍ଠ ଶିକ୍ଷୟିତ୍ରୀ ।

ତା'ପର ସବାସାନ ଭଉଣୀ ସରୋଜିନୀ । ତାକୁ ଆମେ ଜିନୁ ବୋଲି ଡାକୁ । ଭାରି ସୁନ୍ଦର ଥିଲା । ଭାରି ଦୁର୍ବଳ ହୋଇଥିଲା । ଏତେ ଦୁର୍ବଳ ଯେ ଖେଳୁଖେଳୁ କ୍ଷୀର ଠେକିରେ ବସି ଯାଇଥିଲା । ଠେକି ଭଙ୍ଗାହୋଇ ବାହାରିଲା । ସେ ଭାରି ବୁଦ୍ଧିଆ । କାମିକା ବି । ସବୁ କାମ ଚଟାପଟ କରେ । ଆମ ଘରକୁ ଯିଏ ଆସେ ଭାରି ମିଶେ । ଦୁଷ୍ଟ ହୁଏ । ବଡ଼ ପିଲାମାନଙ୍କୁ ମାରେ । ସେ ମୋର ଚିଠିପତ୍ର ନବା ଆଣିବା କରୁଥିଲା । ସାନଝିଅ ରୂପେ ବୋଉ ବାପାଙ୍କର ସେ ଭାରି ଗେହ୍ଲା । ଆମର ମଧ୍ୟ । ବିନି ଜିନୁ ପରସ୍ପରକୁ 'ଜଣେ' ବୋଲି ଡାକନ୍ତି । ତାଙ୍କର ସମ୍ପର୍କ ଭାରି ନିବିଡ଼ । ଜିନୁ ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ।

Digital Copy from the Author

ଦିନେ ରାତିରେ ଶୋଇଶୋଇ ଗପୁଥିଲୁ । କାହାର କେମିତିଆ 'ବର' ଦରକାର । ମୁଁ କହିଲି ମୋର "ମେଧାବୀ, ବୁଦ୍ଧିମାନ ଆଦର୍ଶବାଦୀ" ବର ଦରକାର । ଅଞ୍ଜୁ କହିଲା ମୋର 'ଧନୀବର' ଦରକାର । ଧନ ନଥିଲେ କିଛି କରିପାରିବ ନାହିଁ । ବିନି କହିଲା ମୋର "ଚନ୍ଦ୍ରଉଦିଆ ସୁନ୍ଦର ବର" ଦରକାର । ଯିଏ ବର ଦେଖିବାକୁ ଆସିବେ ଭଲ ସୁନ୍ଦରକୁ ଆଗ ଦେଖିବେ । ସାନ ଭଉଣୀ ଜିନୁ ଭାରି ବୁଦ୍ଧିଆ । ସେ କହିଲା, ମୋର "ପାଠୁଆ, ଧନୀ, ସୁନ୍ଦର" ବର ଦରକାର । ପ୍ରାୟ ସେମିତି ସମସ୍ତେ ପାଇଛନ୍ତି ।

ଆମେ ତିନି ଭଉଣୀ ଶିକ୍ଷୟିତ୍ରୀ । ମୋ' ଭାଉଜ ଡଲି ମଧ ଶିକ୍ଷୟିତ୍ରୀ । ବାପା ଥିଲେ ଆଦର୍ଶ ଶିକ୍ଷକ । ଆମର ଏକ ଶିକ୍ଷକ ପରିବାର ।

ମୋ' ଗାଁ'ର ଭାଇଭଉଣୀମାନଙ୍କୁ ମୁଁ ଖୁବ୍ ଭଲପାଏ । ମୋ' ସାନଭାଇ ବାବୁ, କାଳିଆ, ପାଗଳା, ଚଗଲା, ବାଜିଆ, ବିପିନା, ବିବୁନା, କୁନା, ଟୁନା, ଗୁଲୁ, ଫିଲୁ, ପୀର, କ୍ଷୀର, ସମୀର, ଖୋକ, ବାବୁଲ, ପାଗଳା, ମୁନିଆ, କୁନିଆ, ବିକଳା, ସୁକୁଟା, ଗଙ୍ଗା, ମଙ୍ଗା, ନିଲୁ, ଅନୁ, କ୍ଷୀତିନା, ନୃସିଂହ, ଶୁକ, ମଣ୍ଟୁ, ଦେବ, ଧନୁ, ବଲ, କବି, ପୁତୁରା ଟୁବୁଲି, କାଳିଆ, ବଲ ଇତ୍ୟାଦି ନିଷ୍ଠାର ସହ ଗାଁ'ର ଉନ୍ନତିମୂଳକ କାର୍ଯ୍ୟରେ ମନପ୍ରାଣ ଢାଳି ଦେଇଛନ୍ତି ।

ମୋ' ସାନ ଭଉଣୀ ଡଲି, କାଞ୍ଚନ, କାନନ, ଲିଲି, କାଳି, ଟୁନି, ରୀତା, ଟିକି, ବଜି, ରୋଜି, ଡେଜି, ଲେଜି, ଯମୁନା, ଲୋରି, ଘୁଘୁନା, ବାଟେଇ, କାଳି, ସତୀ, ସୁଲିଆ, ଚାନ୍ଦ, ମମି, ବେଲୁଣି, ଗାନୁ ଦୂରରେ ରହିଲେ ବି ଗାଁ'ର ସବୁ ଗାଁ'ର ସୁଖଦୁଃଖରେ ସାମିଲ ହୁଅନ୍ତି । ଏଇ ସମ୍ପର୍କ ହିଁ ଆମ ଗାଁ'ର ସଂସ୍କୃତି ଓ ସହଂତିର ଚାବିକାଠି ।

ଭାଇଭଉଣୀ ମଧ୍ୟରେ ଭଲ ସଂପର୍କ ରହିଲେ ସବୁଠୁ ଖୁସି ହୁଅନ୍ତି ବାପା ମା' । ବାପା ସବୁବେଳେ କହୁଥିଲେ ତୁମମାନଙ୍କ ମଧ୍ୟରେ ଭଲ ସଂପର୍କ ରଖିବ । ସେ ସମସ୍ତଙ୍କ ପ୍ରଶଂସା ସମସ୍ତଙ୍କ ଆଗରେ କହନ୍ତି ଭଲ ସଂପର୍କ ରହିବ ବୋଲି । ଥରେ ଅଞ୍ଜୁକୁ ଓ ମୋତେ ଡାକି କହିଥିଲେ ତପନ ଦାୟିତ୍ୱ ମଞ୍ଜୁର, ବିନି ଦାୟିତ୍ୱ ଅଞ୍ଜୁର । ମୁଁ କେମିତି ଦାୟିତ୍ୱ ତୁଲାଇଛି, ଭଗବାନ ହିଁ ଜାଣନ୍ତି । ଏବେ ବି ପ୍ରଭୁଙ୍କୁ ଡାକେ ମୋତେ ଶକ୍ତିଦିଅ । ମୋ' ଭାଇଭଉଣୀଙ୍କ ପ୍ରତି କର୍ତ୍ତବ୍ୟ କରିବାରେ କ୍ଷମ ହୁଏ ।

□□□

Digital Copy from the Author

କାଉ କା' କା' କଲାଣି କୁଣିଆ ଆସିବେ

ପିଲାବେଳେ ଘରକୁ କିଏ କୁଣିଆ ଆସିଲେ ଆମ ଖୁସି ଦେଖେ କିଏ ? ଖୁସିରେ ନାଚିଯାଉ । ଆଗରୁ ଯଦି ଜାଣିଥାଉ କିଏ ଆସିବାର ଥାଏ ଗାଁ'ମୁଣ୍ଡକୁ ବାରମ୍ବାର ଯାଇ ଚାହୁଁ । ଚାଳ ଉପରେ ଯଦି କାଉ କା' କା' ରାବିଲା ବୋଉ କହେ ଆଜି କିଏ ଆସିବ । ହାତରୁ ବାସନ ପଡ଼ିଲେ ମା' କହେ ହାତରୁ ଖସିଲାଣି ଆମ ଘରକୁ କିଏ କୁଣିଆ ଆସିବ । ଲମ୍ବାଲାଞ୍ଜିଆ ଚଢ଼େଇ ଦେଖିଲେ, ଯୋଡ଼ି ବଣି ଦେଖିଲେ କୁଣିଆ ଆସିବାର ସୂଚନା ପାଉ । କାଉ ରାବିବା, ଆଧାର ନବା, ହାତରୁ ପଡ଼ିବା, କଥା ଛଡ଼େଇ କହିବା ଇତ୍ୟାଦି କୁଣିଆ ଆସିବାର ସୂଚକ ଦେଖାଗଲେ ମନହୃଦୟରେ ଯେଉଁ ଅଫୁରନ୍ତ ଆନନ୍ଦ ସୃଷ୍ଟି ହୁଏ ସେକଥା ଅନୁଭବୀ ହିଁ ଜାଣେ ।

ମୁଁ ଦେଖିଛି ଏହି କୁଣିଆ ଆସିବାର ସୂଚକ ଦେଖାଗଲେ କୁଣିଆ ଆସନ୍ତି । ସମସ୍ତଙ୍କ ଘରକୁ ଦିନେ ଦୁଇଦିନ ପାଇଁ କୁଣିଆ ଆସନ୍ତି । କିନ୍ତୁ କେତେକ କୁଣିଆ ବିଶେଷକରି ଝିଅ କୁଣିଆ ଆସି ମାସମାସ ଧରି ରହନ୍ତି । ବାହାଘର, ପୁନେଇ ପରବ, ଯାତ୍ରାତୀର୍ଥ, ରୋଗବଇରାଗରେ କୁଣିଆ ଆସନ୍ତି । ରହନ୍ତି । ବହୁତ ଭଲଲାଗେ କିଏ ଆସିଲେ କି ରହିଲେ ଘରେ ।

ଆମ ଗାଁ'ରେ ମୋ' ପିଲାଦିନେ ବାରୁଣୀ ଯାତ୍ରା କ୍ଷେତ୍ରପାଳଙ୍କ ପାଖରେ ହେଉଥିଲା । ତିନିଦିନ ଧରି ଯାତ୍ରା (ନାଟ) ହୁଏ । ଦୋକାନ ବଜାର ପଡ଼େ । ସେହି ସମୟରେ ଆମ ଘରକୁ ବାଲିକଣି (ବାପାଙ୍କ ମାମୁଘର) ସଲିଅପା, ଅବିଅପା, କମଳା ଅପା, ମା'ର ଝିଆରୀମାନେ ଆସନ୍ତି । ହଂସୁରାରୁ ଆସନ୍ତି ଅହଲ୍ୟା ଅପା, ଡଲିଅପା (ମାଉସୀ ପିଉସୀଙ୍କୁ ଆମେ 'ଅପା' ଡାକୁଥିଲୁ, ଭଉଣୀକୁ 'ଦେଇ') ଇତ୍ୟାଦି ଆସୁଥିଲେ । ରାହାମା ମକର ଯାତ୍ରା ଦେଖିବାକୁ ଆସୁଥିଲେ । ସେମାନେ ଘରେ ବହୁତ ଦିନ ରହନ୍ତି । ଗପସପ ହୁଅନ୍ତି । ମଜା କରନ୍ତି । ଘରେ ଘରେ ଖୁସି ଲାଗିରହେ । ଭାରି ଭଲ ଲାଗେ ।

ମୋ' ଜେଜେମା'ର ବୋଉ ସୀତାମା ଆସେ । ଜେଜେମା'ର ମାମୁ ଦୋଳିଜେଜେ (ଦୋଳିପାଣି) ବହୁତ ସମୟ ଆସନ୍ତି । ବାଡ଼ି ଖଣ୍ଡେ ଧରି ଆଠନଅ କିଲୋମିଟର ଚାଲିଚାଲି ଆସନ୍ତି । ପୁଣି ନଈ ନାଳ ପାରିହୋଇ । ଜେଜେ ବହୁତ ଗପନ୍ତି ।

Digital Copy from the Author

ବହୁତ ଲୋକଙ୍କ ସହ ତାଙ୍କର ସମ୍ପର୍କ । ଚାଲିଚାଲି ବନ୍ଧୁଘର ବୁଲନ୍ତି । ବାପାଙ୍କ ମାମୁ ଭଗି ଜେଜେ କଲିକତାରେ ଚାକିରି କରିଥିଲେ । ଛଅ ମାସକେ ବର୍ଷକେ ଥରେ ଘରକୁ ଆସନ୍ତି । ରବର୍ଟକଳରେ କାମ କରୁଥିଲେ । ମା' ତାଙ୍କର ଏକମାତ୍ର ଭଉଣୀ । ସେ ଘରକୁ ଆସିଲେ ମା'କୁ ଦେଖାକରିବାକୁ ଆସନ୍ତି । ଥରେ ଥରେ ମା' ବି ତାଙ୍କୁ ଦେଖାକରିବାକୁ ଯାଏ । ବୋଉର ସେ ମଳାଶୁର । ଆସିଲେ ଦାଣ୍ଡପିଣ୍ଡା ବେଞ୍ଚରେ ବସନ୍ତି ବହୁତ ସମୟ । ବୋଉ ତାଙ୍କୁ ଓଳଗି ହୁଏ । ଅତିଥି ଚର୍ଚ୍ଚା ତାଙ୍କ ପାଇଁ ଭଲ କରି ହୁଏ । ପ୍ରଥମେ ସର୍ବତ । ତା'ପରେ ଜଳଖିଆ । ପୋଖରୀରୁ ମାଛ ଧରାହୁଏ । ବୋଉ ମଳାଶୁରଙ୍କ ପାଇଁ ନଅ ତିଅଣ ଛ' ଭଜା କରି ପରଶେ ହାତେ ଓଢ଼ଣା ଟାଣି । ସେ ଆମ ପାଇଁ ଚୁଚୁମା, ବିସ୍କୁଟ, ଖଜୁରିକୋଳି ଆଣିଥାନ୍ତି । ମା' ପାଇଁ ଶାଢ଼ୀ ଆଣନ୍ତି । ମା' ମୋ' ପାଇଁ କେତେ କଥା ଆଣିବାକୁ ତାଙ୍କ ପାଖରେ ଦାବି କରିଥାଏ । କେତେବେଳେ ଚେନ୍ ତ କେତେବେଳେ ଚୁଡ଼ି, କେତେବେଳେ ଫ୍ରକ୍ ପ୍ୟାଣ୍ଟ୍ । ସେ ମୋ' ପାଇଁ ଆଣନ୍ତି ସବୁ । ମୋତେ ଭାରି ଖୁସି ଲାଗେ । ଏମାନେ ସବୁ ବାଲିକଣିରୁ ଆସନ୍ତି ।

ମୋ' ମାମୁଘରୁ ଆସନ୍ତି ବଡ଼ମାମୁ (ଶରତ ମାମୁ), ହେମନ୍ତ ମାମୁ, ମୋ' ଅଜା କୃପାସିନ୍ଧୁ ସାମନ୍ତରା । ଅଜା ଥରେ ଦୁଇଥର ଆସିବାର ମୁଁ ଦେଖିଛି । ତା'ପରେ ସେ ଚାଲିଗଲେ ଆରପାରିକୁ । ଆମେ ଆଉ ଦେଖିବାକୁ ପାଇଲୁନି । ମାମୁ, ଜେଜେ ଆସିଲାବେଳେ ଭାରୁଆ ଭାର ଆଣିଥାଏ ତାଙ୍କ ସାଙ୍ଗରେ । କେତେବେଳେ ବାରିକ ଉଖୁଡ଼ା ହାଣ୍ଡି ଆଣି ଆସିଥାଏ । ସେମାନେ ଆସିଲେ ବୋଉ ତାଙ୍କର ଗୋଡ଼ଧରି ବାହୁନି କାନ୍ଦେ । ସାଇପଡ଼ିଶାରୁ ବଡ଼ବୋଉ ଖୁଡ଼ୀ ସାନ ମା'ମାନେ ଦୌଡ଼ିଆସନ୍ତି । ବୋଉ ପାଟି ବନ୍ଦ କରି କାନ୍ଦ ବନ୍ଦ କରନ୍ତି । କେତେକ ବାହୁନା ଶୁଣିବାକୁ ଭଲ ପାଆନ୍ତି । ଏସବୁ ଦେଖି ମୋତେ କାନ୍ଦ ଲାଗେ । ସବୁ ଖୁସି ମରିଯାଏ । ମନେମନେ ଭାବେ ଏମାନେ ଆସିଛନ୍ତି ବୋଉ ତ ଖୁସି ହେବା କଥା । କାନ୍ଦୁଛି କାହିଁକି ? ପରେ ଜାଣିଲି କିଏ ନିଜ ଲୋକ ଆସିଲେ ତାଙ୍କୁ ଦେଖି କାନ୍ଦିବା ଗୋଟିଏ ପ୍ରଥା ଥିଲା ।

ବୋଉର ସାତଟି ପିଲା ହୋଇଥିଲେ । ସବୁ ପିଲା ଜନ୍ମ ପୂର୍ବରୁ ଗର୍ଭବତୀ ଥିଲାବେଳେ ମୋ' ମାମୁଘରୁ ମାମୁ ମା', ଅହଲ୍ୟା ଅପା, ଡଲି ଅପା ଆସି ବୋଉକୁ ସାହାଯ୍ୟ କରନ୍ତି । ଆମ ଘରେ ମାସମାସ ରହନ୍ତି । ରୋଷେଇ କରନ୍ତି । ଆମ ଖବର ବୁଝନ୍ତି । ସେମାନେ ଘରେ ରହିଲେ ମୁଁ ଖୁସିହୁଏ ।

Digital Copy from the Author

ବସନ୍ତପୁରରୁ ଆସନ୍ତି ବାପାଙ୍କ ପିଉସୀ ହର ମା', ତାଙ୍କ ସାଙ୍ଗରେ ତାଙ୍କ ନାତୁଣୀ 'ଝଲି' ମୋ' ସାଙ୍ଗର । ଆମେ ସାଙ୍ଗ ହୋଇ ଖେଳୁ । ହରମା' ଆମକୁ ବିଭିନ୍ନ ଢଙ୍ଗରେ ମୁଣ୍ଡ ବାନ୍ଧି ଦିଅନ୍ତି । ତାଙ୍କ ପୁଅ ବୈକୁଣ୍ଠ ଦାଦା ଆସନ୍ତି । ତାଙ୍କର ମଟର ସାଇକେଲ (ବୁଲେଟ୍) ଥିଲା । ସେ ମଟର ସାଇକେଲରେ ଆସୁଥିଲେ ବୋଲି ଆମକୁ ଭାରି ଗର୍ବ ଲାଗେ । ଆମେ ପିଲାମାନେ ଯାଇ ମଟର ସାଇକେଲ ଦେଖିବାକୁ ଭିଡ଼ ଜମାଉ । ତାଙ୍କ ସ୍ତ୍ରୀ ଖୁସି (ହାରାଖୁଡ଼ି), ଝିଅ ଝଲି, ଲେଜି, ମିରା ଇତ୍ୟାଦି ଆସନ୍ତି ।

ବସନ୍ତପୁରରୁ ଆସନ୍ତି ବୀର ବଡ଼ବାପା । ଆସନ୍ତି ତାଙ୍କ ଭାଇ ବଚଦାଦା । ବଚଦାଦା ଭାରି ଭଲଲୋକ । ଭାରି ମେଳାପୀ । ଘରଘର ବୁଲି ସମସ୍ତଙ୍କ ସାଙ୍ଗରେ ମିଶୁଥିଲେ । ଯାହା ପାଉଥିଲେ ଖାଉଥିଲେ । ନିଜ ପର ଭେଦ ତାଙ୍କର ନଥିଲା । ପାଟଣାର ନଖିଆ ଜେଜେ, ଚନିଅପା, ମାଗୁଣିଆ ପିଉସା, ଲୋକନାଥ ଭାଇ, ବାନାମ୍ବର ଭାଇ, ଭୀମଭାଇ ଆସନ୍ତି । ଶାସନରୁ ଆସନ୍ତି ଉମାନାନୀ, ଅନୁନାନୀ, ତାଙ୍କ ଘର ଲୋକମାନେ । ସେମାନେ ବାପାଙ୍କ ଚିହ୍ନା ଛାତ୍ରଛାତ୍ରୀ । ସେମାନେ ଆସିଲେ ପରଟା ହୁଏ । ସେତେବେଳେ ଅଟା ବେଶି ଗାଁ'କୁ ଆସୁ ନଥିଲା । ଆମ ଘରେ ପ୍ରଥମେ ବାପା ରୁଟି ଖାଇଲେ । ଅଟାରେ ଏମିତି ରୁଟି, ପରଟା ହୋଇପାରୁଛି । ବେଲା ହେବା ଦେଖିଲେ ଖୁସି ଲାଗୁଥିଲା । ଆଶ୍ଚର୍ଯ୍ୟ ଲାଗୁଥିଲା ଏମିତି ଗୋଲ ତିନିକଣିଆ ପରଟା କେମିତି ହୋଇପାରୁଛି ।

ସ୍କୁଲ ଜୀବନରେ ମୋ' ସାଙ୍ଗମାନେ ଆମ ଘରକୁ ଆସନ୍ତି । ମୋ' ସଇ ପାଇକି ସାହିରୁ ଆସେ । ରେଣୁ ପ୍ରାୟ ଆସେ ରାଇଗଣରୁ । ବେଙ୍ଗୁଲି, ଡଲି, ସୁଷମା ଇତ୍ୟାଦି ଆସନ୍ତି । ମୋ' ପ୍ରିୟ ସାନ ଭାଇ ବିଭୂ (ପୁନସାଉଙ୍କ ପୁଅ), ସାନ ଭାଇ ଗୌରାଙ୍ଗ ଆସନ୍ତି । ମୋ' ବୋଉ ମା' ସେମାନଙ୍କୁ ବହୁତ ସ୍ନେହ ଦିଅନ୍ତି । ବିଭିନ୍ନ ରକମ କରି ଖାଇବାକୁ ଦିଅନ୍ତି । ଆମେ ଦେଶ ଖବର, ସାହିତ୍ୟ, ଆଧ୍ୟାତ୍ମିକତା, ବିଭିନ୍ନ ବିଷୟରେ ଆଲୋଚନାକରି ଜ୍ଞାନ ବୃଦ୍ଧି ସହିତ ଆନନ୍ଦଲାଭ କରୁ । ବାପାଙ୍କ ଛାତ୍ରମାନେ ଆସନ୍ତି । ଆମ ଘର କୁଣିଆର ଘର । ସବୁବେଳେ କୁଣିଆ ଯିବା ଆସିବା ଲାଗି ରହିଥାଏ । ମୋତେ ବହୁତ ଆନନ୍ଦ ମିଳେ ।

Digital Copy from the Author

ଆମ ଘର ବ୍ୟତୀତ ଆମ ଗାଁ'କୁ ଆମ ସାଇପଡ଼ିଶା ଘରକୁ ଯେଉଁ କୁଣିଆ ଆସୁଥିଲେ, ସେମାନେ ଆମ ସହ ମିଶୁଥିଲେ । ମୋତେ ବହୁତ ଖୁସି ଲାଗୁଥିଲା । ମୋ' ଦାଦା ଘରକୁ ଆସୁଥିଲେ ସତୀଆ ଅପା, କନକ ଅପା, ବିଦୁ ଅପା, ଗୀତାଅପା, ଅମିଭାଇ, ଚାଇଁ, ଅଭିମାମୁ, ଧନୀପିଉସା, ମହନୀ ପିଉସୀ, ସଚୀଭାଇ, ହୁଣ୍ଡୀଅପା, ମାତା ଇତ୍ୟାଦି । ଗୀତାଅପା ଓ ମୁଁ ସାଙ୍ଗହେଉ । ଗପୁ । ଏକାଠି ଶୋଉ । ବୁଲୁ । ସଚୀଭାଇ ମୋ'ଠୁ ବର୍ଷେ ବଡ଼ । ସେ ଆସିଲେ ଆମେ ସାଙ୍ଗ ହୋଇ ଖେଳୁ । ଗୀତ ଗାଉ । ଭରାଳୋରୁ ଇନ୍ଦଅପା ଆସି ମାସମାସ ରହନ୍ତି । ଦାଦାଙ୍କ ପିଉସୀ ସେ । ତା'ର ଗୋଟିଏ ଅଂଶ । ତା'ର କେହି ନାହାନ୍ତି । ସେ ଭାରି ସ୍ନେହୀ । ପାଇକସାହି, ବାଲିକଣି, ପଣ୍ଡୁଆରୁ ସେମାନେ ଆସୁଥିଲେ । ଗୋଟିଏ ଖଞ୍ଜାରେ ଥିଲୁ । ମଜା ଲାଗୁଥିଲା ।

ମୋ' ସାଙ୍ଗ ଡଲି ବା ଦୋକାନୀ ଘରକୁ ବହୁତ କୁଣିଆ ଆସୁଥିଲେ । ତାଙ୍କ ଘରେ ବହୁତ ସମୟ ରହି ଖେଳାଖେଳି କରୁଥିଲି । କୁଣିଆମାନଙ୍କ ସହ ମିଶୁଥିଲି । ସନ୍ତୋଷଦାଦା ମାମୁଘରୁ ବାଲିକଣିରୁ ଆସନ୍ତି ବଦନି ଅପା, ଶାନ୍ତି ଅପା, ବାସନ୍ତି ଅପା, ନୟନା ଅପା, ପ୍ରତିମା ଅପା । ପ୍ରତିମା ଅପା ତାଙ୍କ ଘରେ ପାଞ୍ଚଛଅ ବର୍ଷ ରହି ପାଠପଢ଼ିଲେ । ମୋର ବଡ଼ ଭଉଣୀ ପରି । ସେ ମୋତେ ସବୁକଥାରେ ଦିଗ୍‌ଦର୍ଶନ ଦେଇଛନ୍ତି । ସ୍ନେହ ଦେଇଛନ୍ତି । ମୁଁ ତାଙ୍କ ପାଖରେ ଋଣୀ । ତାଙ୍କ ଘରକୁ ବାଲିକଣିରୁ ଆସନ୍ତି ଶ୍ରୀଧର ଜେଜେ, ବାବାଜୀ ଜେଜେ, ଗଉଡ଼ ଜେଜେ, ଧୀରଦାଦା, କୃଷ୍ଣଦାଦା ଇତ୍ୟାଦି ।

ରାଇଁତୋଳାରୁ ନିଶାକର ବଡ଼ବାପା ମାମୁଘରୁ ଆସନ୍ତି ଓ ଜେଜେ ଓ (ମୋତିମା'ର ଭାଇ) ଗନ୍ଧିଆଦାଦା । ମୋତି ମା' ଓ ଭାଇ ହାରିମଣୀ ସଂପର୍କ ଗଭୀର । ନିରଦାଦାଙ୍କ ଘରକୁ ଆସନ୍ତି ଜୟପୁରରୁ (ନିରଦାଦା)ଙ୍କ ମାମୁଁ ଘରୁ ସୁରଦାଦା, ବହୁତ ଭଲ ଲୋକ । ସମସ୍ତଙ୍କ ସାଙ୍ଗରେ ମିଶନ୍ତି ମାମୁଁ । ଧୂଆଁସାହିରୁ ସୁବାସ ମାମୁ, ମିନାଅପା, ପ୍ରଭା (ଖୁଡ଼ୀ) କଣ୍ଡୁରୀଜେଜେ ଓ ମା' ଇତ୍ୟାଦି । ନିରଦାଦାଙ୍କ ଭଉଣୀ ସୁଲଅପା ତ ଆମ ଗାଁ ଝିଅହୋଇ ସବୁଦିନେ ରହିଲା । ତାଙ୍କ ସାନ ଭଉଣୀ କମଳା ଅପା ଶାଶୂଘର ଉଭାଳରେ ହେଲେ ବି ସେ ଆମ ଗାଁ ଝିଅ, ଆମ ଗାଁ ବାସିନ୍ଦା । ହସ ବାଣ୍ଟିବାଣ୍ଟି ଜୀବନ ଜୀଉଥିଲା । ଭାରି ଲୋକପ୍ରିୟ । ଅକ୍ଷୟ ପିଉସା । ତାଙ୍କ ବୋଉ ଆସନ୍ତି ।

Digital Copy from the Author

କେଳୁ ବଡ଼ବାପାଙ୍କ ଘରକୁ ଆସନ୍ତି ହଂସରୁରାରୁ ସେବତୀଅପା, ଶୈଳଅପା, ନାଣ୍ଡିଅପା, ଦାମୋଦର ପାଟଣାରୁ ଆସେ ସନ୍ଧ୍ୟା । ଆମେ ସାଙ୍ଗହୋଇ ଖେଳୁ । ପଢୁ । ମିଟିକି ଅପା ଆମ ଗାଁ' ଝିଅ । ଗୋବିନ୍ଦ ଭାଇ ଭଲ ଜୋଇଁ । ସମସ୍ତଙ୍କ ସହ ସମ୍ପର୍କ ରଖନ୍ତି । ମୋତେ ଯାତ୍ରା ଖର୍ଚ୍ଚ ଦୁଇ ଟଙ୍କା ଦେଇଥିଲେ । ମିଟିକି ଅପା ଭଉଣୀ ବସନ୍ତ ଅପା ଓ ତାଙ୍କ ଭାଇ ବିଷ୍ଣୁଭାଇ ଆସୁଥିଲେ ।

କାଞ୍ଚନଙ୍କ ଘରକୁ ଆସୁଥିଲେ ନାଗପୁରାରୁ ନିଶି ଅପା, ରସିଅପା ଇତ୍ୟାଦି । ବିଷ୍ଣୁମାମୁ ବହୁତ ଦିନ ରହୁଥିଲେ । ସମସ୍ତଙ୍କ ପ୍ରିୟଥିଲେ । ମନୁଭାଇଙ୍କ ଘରକୁ ଆସୁଥିଲେ ବାରବାଟିଆରୁ ଅମିଭାଇ । ସେ ଆମ ସମୟର ପିଲା । ଆମେ ଏକାଠି ଖେଳୁ । ବସନ୍ତପୁରୁ ଅଭିଭାଇଙ୍କ ଘରକୁ ଆସୁଥିଲେ ସୀତାଅପା (ଆମ ଗାଁ' ଝିଅ) ରତ୍ନାକର ଭାଇ, ବାବୁଲି, ବୁଢ଼ିଆ । ପାଇକସାହିର ସତୀଆ, ଗଙ୍ଗା । ଏମାନେ ଆମ ସହ ଖେଳନ୍ତି । ସତୀଆ ଭାରି ବୁଢ଼ୀଘରଣୀ ଭଳି କଥା କୁହେ । ସୀତାଅପା ଆମ ପିଢ଼ିର ବଡ଼ଝିଅ । ବୋଉ ମା' ତାକୁ ଭାରି ଆଦର କରନ୍ତି ।

ଜେନା ଘରକୁ ଆସନ୍ତି ହେମଅପା ମାର୍ଶାଘାଇରୁ (ଆମ ଗାଁ ଝିଅ), ତା' ପୁଅ ବାବୁଲି । ମୋର ଭଲ ଖେଳସାଥୀ । ସବୁବେଳେ ତାଙ୍କ ଘରେ ଲୁଚକାଳି, ବିଭିନ୍ନ ଖେଳ ଖେଳୁ । ଆମ ଗାଁ' ପୁଅ ବୈକୁଣ୍ଠ ବଡ଼ବାପା ସହରରେ ରହୁଥିଲେ । ଅଫିସର୍ ଥିଲେ । ଛୁଟିହେଲେ ତାଙ୍କ ପିଲାମାନେ ଆସନ୍ତି । ନିବେଦିତା (ମାମା) ମୋ' ମକର, ବାବୁଲି, ଟିକି, ଆମେ ସାଙ୍ଗ ହୋଇ ଖେଳୁ । ମକର ସଂକ୍ରାନ୍ତି ଦିନ ମାଳିଅପା (ବାରିକଘର) ଆମକୁ ମକର ଚାଉଳ ଖୁଆଇ ମକର କରିଥିଲା । ଆମେ ତ ମକର ଡକାଡକି ହେଉ । ତା' ଜେଜେ ଦୁଇଜଣ ମଧ୍ୟ ମତେ ମକର ଡାକନ୍ତି । ସେ ସହରରୁ ଶିଖିଥିବା ନୂଆ ଖେଳ ସବୁ ଶିଖାଏ । ଆମେ ଏକାଠି ବସୁ । ପଢୁ । ବୁଲୁ । ମଜା କରୁ । ଏମିତି କୁଣିଆମାନଙ୍କ ସାଙ୍ଗରେ ମୋ' ଜୀବନ ହସିଖେଳି ବିତିଥିଲା ।

ପ୍ରାୟ ସମସ୍ତଙ୍କ ଘରକୁ କୁଣିଆ ଆସୁଥିଲେ । ମାସ ମାସ ଧରି ରହୁଥିଲେ । କିନ୍ତୁ ବର୍ତ୍ତମାନ କଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଦିନେ ବି କୁଣିଆ ଆସି ରହିଲେ ଆମର ମୁହଁ ଫୁଲିଯାଏ । ଆମ ବାପା, ବୋଉ ଆସି ରହିଲେ ବି ବର୍ତ୍ତମାନ ପିଢ଼ି ଖୁସି ହୋଇପାରୁନା । ଅନ୍ୟ କୁଣିଆକୁ ରଖିବେ କ'ଣ ? ସ୍ନେହ ଦେବେ କେମିତି ? ଆଜି ଭାବୁଛି କି ଥିଲା ଏ ରାଜ୍ୟ କି ହୋଇଲା ଆଜ ?

❑❑❑

Digital Copy from the Author

ନଈ ପାରିହେଲେ ମାମୁଘର ଗାଁ' ଦିଶେ

ଆମ ଘରକୁ କୁଣିଆ ଆସିଲେ ମୋତେ ଯେମିତି ଖୁସିଲାଗେ, ବନ୍ଧୁଘରକୁ ଆମେ ଗଲେ ସେମିତି ଆନନ୍ଦ ମିଳେ । ଯିବା ଆସିବାରେ ସମ୍ପର୍କ ବଢ଼େ । ରକ୍ତର ସମ୍ପର୍କ ବନ୍ଧୁଘର ଅପେକ୍ଷା ବେଶି ଥିଲେ ଆମ ପ୍ରୀତିବନ୍ଧୁଘର । ସେମାନଙ୍କର ଦେବାନେବା ଯିବାଆସିବା ବେଶି ଥିଲା ।

ମୁଁ ବେଶି ଯାଉଥିଲି ମୋ' ମାମୁଘର ହଂସୁରା ଓ ବାପାଙ୍କ ମାମୁଘର ବାଲିକଣି । ଦୁଇଟି ଯାକ ମାମୁଘର ମହାନଦୀର ଆରପାରିରେ । ଜେଜେମା' ବାପଘର ବାଲିକଣି । ମା'ର ଗେହ୍ଲା ନାତୁଣୀ ହୋଇଥିବାରୁ ସେ ଯେତେବେଳେ ବାଲିକଣି ଯାଉଥିଲା,

Digital Copy from the Author

ମୋତେ ସାଙ୍ଗରେ ନେଉଥିଲା । ନାଳ ନଈ ପାରି ହୋଇ ଯାଉଥିଲୁ । ଗଲାବେଳେ ମା'କୁ ପଚାରି ପଚାରିଯାଏ, ଆଉ କେତେ ବାଟ ? ଯେତେବେଳେ ମହାନଦୀ ପାରିହୋଇ ଡଙ୍ଗାରେ ଯାଉ ନଈପଠାରେ ଚାଲୁ, ଦୂର ତାଳବଣ ଦେଖାଯାଏ । ମା' କହେ ଏଇ ମାମୁଘର ଗାଁ' ଦିଶିଲାଣି । ସତକଥା ନଈ ପାରିହେଲେ ମାମୁଘର ଗାଁ' ଦିଶେ । କି ଆକର୍ଷଣ ଥାଏ ସେଠି !

ବାଲିକଣି ମୋ' ଜେଜେ ମା'ର ବାପଘର । ଆମ ଘରଠୁ ପ୍ରାୟ ସାତଆଠ କିଲୋମିଟର ବାଟ । ସେତେବେଳେ ଗାଡ଼ିମଟର ସୁବିଧା ନଥିଲା । ପୁଣି ନଈନାଳ ପାରିହେବାକୁ ପଡୁଥିଲା ଡଙ୍ଗାରେ । ବାଲିକଣି ମୁଁ ବହୁତ ଥର ଯାଇଛି । ତା'ର ପ୍ରାକୃତିକ ପରିବେଶ ନଈ ମୋତେ ବହୁତ ଆକର୍ଷିତ କରିଥିଲା । ଜୁଆରଭଟ୍ଟା ମୋର ଅଭୁଲା ଅନୁଭୂତି । ସମୁଦ୍ର ମୁହାଣ ପାଖ ମହାନଦୀର ନିମ୍ନଶଯ୍ୟା କୂଳରେ ବାଲିକଣି ଅବସ୍ଥିତ । ମା', ମୁ ଓ ତା' ସାଙ୍ଗରେ ଜଣେ ଲୋକକୁ ନେଇଥାଏ । ସେ ମୋତେ କାନ୍ଧେଇ ନିଏ । ଅଳ୍ପ ଅଳ୍ପ ଚାଲିକରି ବି ଯାଏ ।

ଆମ ଗାଁ'ରୁ ନାଳିଆପାଳ, ବିବଛପୁର ଦେଇ ଜହ୍ନାପାଳ ଅତିକ୍ରମ କରି ପଙ୍କପାଳରେ ପହଁଞ୍ଚୁ । ପଙ୍କପାଳରେ ବେଳେବେଳେ ବାପାଙ୍କୁ ଦେଖାକରୁ । ବାପା ମିଠା କିଣିଦିଅନ୍ତି । ତାଳଦଣ୍ଡା କେନାଲ ଦେଇ ବଡ଼ପାଳ ଗଡ଼ାକୁ ଯାଉ । ସେ ଗଡ଼ାରୁ ହୁଳିରେ ତାଳଦଣ୍ଡା କେନାଲ ପାରିହେଉ । ଡଙ୍ଗାରେ ଯିବାକୁ ଭଲଲାଗେ । ମହାନଦୀର ଗୋଟିଏ ଶାଖା ବଡ଼ ନଈ ଭିତରେ ପଶି ଯାଉ । ବେଶି ପାଣିଥିଲେ ଡଙ୍ଗାରେ ପାରିହେଉ । ତା'ପରେ ପଡ଼େ ନଈପଠା । ତାକୁ ଡିଆ କହନ୍ତି ।

ଶୀତଦିନେ ଗଲେ ଡିଆର ଭୂଇଁ ବରକୋଳି ସବୁଠୁ ମୋତେ ଆକର୍ଷିତ କରେ । ଛୋଟଛୋଟ ବୁଦାବରକୋଳି ଗଛ ଆମ ଗାଁ'ରେ ନାହିଁ । ଏତେ ଟିକେ ଗଛରେ ବରକକୋଳି ଦେଖି ଖୁସିହୁଏ ଓ ଛିଣ୍ଡାଇ ନିଏ । ଟମାଟୋ, ଧନିଆଁପତ୍ର, କଞ୍ଚାଲଙ୍କା, କେତେ କ'ଣ ପରିବା ଚାଷ ହୋଇଥାଏ । ଦେଖି ଦେଖି ଯାଉ । ଖୁସିଲାଗେ ଭାରି । ପଠା ପାରିହେଲେ ଛୋଟ ନଈ ପଡ଼େ । ମହାନଦୀର ଛୋଟ ଧାର । ସେଠି ପଶି ଯାଉ । ଡଙ୍ଗା ନଥାଏ । ଦିନେଦିନେ ଗଲାବେଳକୁ ପାଦେପାଦେ କି ଆଣ୍ଠୁଏ ପାଣିଥାଏ । ଆଉ ଫେରିଲା ବେଳକୁ ବେକେ ପାଣି ହୋଇଯାଏ । ମା' ମୋତେ

Digital Copy from the Author

କାନ୍ଧ ଉପରେ ବସାଏ । ଏତେ ପାଣି ଆସେ କେଉଁଠୁ ? ସମସ୍ତେ କହନ୍ତି ଜୁଆର ଆସେ । ସେମାନେ ଅଭ୍ୟସ୍ତ । ଜାଣିଥାନ୍ତି କେତେବେଳେ ଜୁଆର ସମୟ । ସେମାନେ ମା'ଙ୍କୁ କହନ୍ତି ଜୁଆରିଆ ବେଳେ ଯାଉଛୁ କାହିଁକି ? ଏମିତି ଜୁଆର ଆସିବା ଭଙ୍ଗା ପଡ଼ିବା ମୁଁ ଏ ପର୍ଯ୍ୟନ୍ତ ଦେଖିନି । ସେ ମୋର ଅନନ୍ୟ ଅନୁଭୂତି ।

ନଈକୂଳକୁ ଲାଗି ବାପାଙ୍କ ମାମୁଘର । ଭଗୀଜେଜେଙ୍କ ଘର । ମା'ର ବୋଉ, ଭାଉଜ, ଝିଆରୀ କମଳାଅପା, ହେମଅପା, ସଳିଅପା, ଅବିଅପା ଆସନ୍ତି । ଆମେ ଖିଆପିଆ କରି ରହୁ । ଜହ୍ନ ରାତିରେ ନଈକୂଳକୁ ଝାଡ଼ାଯାଆନ୍ତି ସ୍ତ୍ରୀ ଲୋକମାନେ । ମୁଁ ତାଙ୍କ ସାଙ୍ଗରେ ଯାଏ । ବାଲି ଉପରେ ନଈକୂଳରେ ବସି ଜହ୍ନକୁ ଉପଭୋଗ କରେ । ମୋ' ସାଙ୍ଗ ହେମଅପା, ପ୍ରସନ୍ନ, ଶ୍ୟାମ, ରିଲୁ ମୋ' ସଂଗାତ ଇତ୍ୟାଦି ଥାଆନ୍ତି । ଆମେ ଖେଳୁ । ମା' ଆସିଲା ବେଳେ ବିରି, ମୁଗ, ପରିବାପତ୍ର ଧରି ଆସେ । ବାଲିକଣି ରହଣି ଖୁବ୍ ସୁଖକର ହୋଇଥାଏ ।

ପିଲାଦିନେ ମାମୁଘର ଗାଁ'କୁ ଯାଇଛି । ଅବଶ୍ୟ କମ୍‌ଥର । କିନ୍ତୁ ଏମିତି ସମୟ ଆସିଲା ଯେ ମୋର ପ୍ରଥମ ଚାକିରି ହଂସୁରା ହାଇସ୍କୁଲରେ କଲି । ମହାନଦୀ ପାରିହେଲେ ମୋ' ମାମୁଘର ହଂସୁରା । ନଈବନ୍ଧ ବଡ଼ବଡ଼ ବାଲି ସ୍ତୂପ (ତାହାକୁ ବାଲିଧକା କହନ୍ତି) ତଳେ ମୋ' ମାମୁଘର ଗାଁ' । ମୁଁ ସାତ ବର୍ଷ ହୋଇଥିଲା ବେଳେ ଅହଲ୍ୟା ମାଉସୀ ଆସି ମୋତେ ନେଇଯାଇଥିଲା ମାମୁଘର । ସବୁ ଯତ୍ନ ସେ ମୋର ନେଇଥିଲା । ଭାରି ସ୍ନେହୀ । ବହୁତ ଉପକାର କରିଛି ଆମର ।

ପଞ୍ଚମ ଶ୍ରେଣୀରେ ପଢ଼ିଲା ବେଳକୁ ହେମନ୍ତ ମାମୁଙ୍କ ବାହାଘର ହେଲା । ସନ୍ତୋଷ ମାମୁ ଆମକୁ ନବାକୁ ଆସିଥିଲେ । ଭାଇଭଉଣୀ ବୋଉ ସମସ୍ତେ ତାଟି ଶଗଡ଼ ଗାଡ଼ିରେ ବସି ଗଲୁ ମାମୁଘରକୁ । ଯେମିତି ମାମୁଘର ପାଖ ହୋଇଛି, ଗାଡ଼ି ବାଲିଧକା ତଳକୁ ଗଡୁଛି ବୋଉର ବାହୁନା ଆରମ୍ଭ ହୋଇଗଲା । ମୋତେ କାନ୍ଦ ବାହୁନା ଭାରି ଖରାପ ଲାଗେ । ପରେ ଜାଣିଲି ବାପଘରକୁ ଆସିଲେ ବାହୁନି କାନ୍ଦିବା ଗୋଟେ ପ୍ରଥା ଥିଲା । ବଡ଼ ମାଇଁ ମାଉସୀମାନେ ଗାଁ'ର ସ୍ତ୍ରୀ ଲୋକମାନେ ଗଦା ହୋଇପଡ଼ିଲେ । ବୋଉକୁ ବନ୍ଦାପନା କରି ଘରକୁ ନେଲେ । ଆମେ ସବୁ ଯାଇ ଖିଆପିଆ କଲୁ । ବାହାଘରରେ ସବୁ ମାଉସୀ, ହୀରାଅପା, ନୀର ଅପା, ଅହଲ୍ୟାଅପା,

Digital Copy from the Author

ସମସ୍ତେ, ସମସ୍ତଙ୍କ ପିଲାମାନେ ଆସିଥିଲେ । ସମସ୍ତେ ମିଶି ମଜାକଲୁ । କଲିଆ (ହୀରାଅପା ଝିଅ) ଆମକୁ ଖାଲି କହୁଥାଏ, ମୋ' ମାମୁଘରକୁ ତମେ କାହିଁକି ଆସିଛ ? ଆମେ କହୁ ଏଇଟା ତ ଆମ ମାମୁଘର ।

ଗ୍ରାଜୁଏସନ୍ ପରେ ରେଜଲଟ୍ ବାହାରିବାର ଦୁଇତିନି ଦିନ ଥାଏ । ଗୋଟିଏ ବିଜ୍ଞାପନ ଦେଖିଲି ଶିକ୍ଷକ ପଦବୀ ଖାଲିଅଛି । ମୁଁ ଦରଖାସ୍ତ କଲି । ସେଠି ମୋତେ ଶିକ୍ଷକତା ଚାକିରି ମିଳିଗଲା । ମୁଁ ତିନି ବର୍ଷ ରହଣି ମଧ୍ୟରେ ମାମୁ ମାଈଁଙ୍କ ପାଖରେ ଋଣୀ ରହିଗଲି । ମୋର ବହୁତ ଯତ୍ନ ନେଇଥିଲେ । ମୁଁ ସ୍କୁଲକୁ ବାହାରିଲା ବେଳକୁ ମୋ' ମାଈଁ ଖାଇବା ପ୍ରସ୍ତୁତ କରୁଥିଲେ । ଦୁଇ ମାଈଁ ଜଗି ବସିଥିବେ । ଟଇନା (ମାମୁଝିଅ) ମୋର ଛାତ୍ରୀ । ମୋର ସବୁ ଖବର ବୁଝେ । ମିରା ଅପା ମୁଁ ଏକାଠି ଶୋଉ । ମିରା ଅପା ବଢ଼ିଆ ପିଠାକରି ଖୁଆଏ ।

ବୋଉର ଦାଦା ଗଦାଧର ସାମନ୍ତରାୟ ବୋଉକୁ ଝିଅ କରିଥିଲେ । ମୋ' ସାନଆଈ ଓ ତାଙ୍କ ଝିଅ ମିରା ଅପା ମୋର ବହୁତ ଖାଇବା ପିଇବା ବୁଝନ୍ତି । ମାମୁଘର ଓ ଅନ୍ୟ ପଡ଼ିଶା ମାମୁ ମାଈଁ ଅଜା ଆଈଙ୍କ ସ୍ନେହ ପାଖରେ ଋଣୀ । ଅହଲ୍ୟା ମାଉସୀ ପାଖ ଗାଁ'ରେ ବିବାହ କରିଥିଲା । ତା' ଝିଆରୀ ବିଜନାଅପା ମୋର ଭାରି ସାଙ୍ଗ । ବାବୁଲି, ନିର୍ମଳ ଏମାନେ ମୋର ସାଙ୍ଗ ହେଉଥିଲେ । ବଢ଼ିଆ ଅନୁଭୂତି ଥିଲା ହଂସୁରାରେ ।

ନଈ ବଢ଼ିଥାଏ ପାଣି ଉବୁଟୁବୁ । ସବୁ ଝିଅ ପୁଅ ମିଶି ଡଙ୍ଗା ଖେଳିବାକୁ ବାହାରିଲେ । ମୋତେ ଡାକିଲେ । ମୁଁ ଭାବିଲି ଜୀବନରେ ଏମିତି ଅନୁଭୂତି ପାଇବି କି ନା । ଗଲି । ଗୀତ ଓ ବାଜା ବଜା ହେଉଥାଏ । ଆମେ ସବୁ ଭରାନଈରେ ରାତିରେ ଲାଇଟ୍ ଥୋଇ ବୁଲୁଥାଉ । ଜହ୍ନ ପଡ଼ିଥାଏ । ବହୁତ ଭଲ ଲାଗୁଥାଏ । ମଜା ଲାଗୁଥାଏ । ଡର ବି ଲାଗୁଥାଏ । ବିଜନା ଅପାକୁ ଧରି ମୁଁ ବସିଥାଏ । ଠାକୁରଙ୍କ କରୁଣାରୁ ଭଲରେ ପହଁଞ୍ଚି ଗଲୁ ।

ଧବଳେଶ୍ୱର ଉଚ୍ଚବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ଗୋଟିଏ ଅନନ୍ୟ ଅନୁଭୂତି ମୋତେ ମିଳିଥିଲା । ବଡ଼ ଡଙ୍ଗାରେ ଏକାଦଶ ଶ୍ରେଣୀ ପିଲା ଓ ଶିକ୍ଷକମାନେ ମିଶି ବଣଭୋଜି କରିବା ପାଇଁ ପାରାଦ୍ୱୀପ ବତୀଘର ଯାଇଥିଲୁ । ଡଙ୍ଗାରେ ଯିବା

Digital Copy from the Author

ଆସିବା । ବାଟରେ ଡଙ୍ଗା ଅଟକାଇ ପଡ଼ିଆ ଦେଖି ଖିଆପିଆ ହୁଏ । ଯିଏ ଚାହାନ୍ତି ଝାଡ଼ା ଝପଟ ଯାଆନ୍ତି । ତିନି ଦିନ ଡଙ୍ଗାରେ କଟିଲା । ଡଙ୍ଗାରେ ବସି ଖୋଲା ସୀମାହୀନ ଆକାଶର ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତ ଓ ଚନ୍ଦ୍ରୋଦୟ ଓ ଚନ୍ଦ୍ରର ଅସ୍ତ ଦେଖୁଥାଏ । ଜ୍ୟୋସ୍ନା ବିଧୌତ ରଜନୀକୁ ଉପଭୋଗ କରୁଥାଏ । ମୁଁ ସେଇ ବର୍ଷ ଦଶମଶ୍ରେଣୀରେ 'ମହାନଦୀରେ ଜ୍ୟୋସ୍ନାବିହାର' ପଢ଼ାଉଥାଏ । ପିଲାମାନେ ବହୁତ ଭଲ ଭାବରେ ଉପଭୋଗ କଲେ । ଆକାଶର ଛାଇ ଜଳରାଶି ଉପରେ ପଡ଼ି ଅପୂର୍ବ ଶୋଭା ଧାରଣ କରିଥାଏ । ସେ ଦୃଶ୍ୟ ଦେଖି ମୁଁ ଏକଦମ୍ ମୋହିତ ହୋଇଯାଇଥିଲି ।

ମନେପଡୁଥିଲା ମାନସିଂଙ୍କ ମହାନଦୀରେ ଜ୍ୟୋସ୍ନାବିହାର କବିତାର କିଛି ଅଂଶ –

'ଏ ମହାନୀରବ କ୍ଷଣେ, ଏ ଜ୍ୟୋଛନା ତଳେ
ମୁଗ୍ଧ ମୁଁ ଅନାଇ ଏହି ବିପୁଳ ଶୋଭାରେ
ଅନୁଭବେ ଆହା କାର ସ୍ପର୍ଶ ଏ ଅନ୍ତରେ
ବଚନୁ ଅତୀତ୍, ମୁହିଁ ପ୍ରଣମେ ତାହାରେ ।'

ମୁଁ ଯାଇଛି ମୋ' ବାପାଙ୍କ ପିଉସୀ ଘର ବସନ୍ତପୁର । ଢଇତଳଙ୍ଗ ଯଜ୍ଞ ହେଉଥିଲା । ମା' ସାଙ୍ଗରେ ମୁଁ ଯାଇଥିଲି । ସେ ନଈପାରି ଗାଁ' । ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ । ସେଇଠି କେତେ ଆନ୍ତରିକତା, କେତେ ଶ୍ରଦ୍ଧା ପାଇ ମୁଁ ଖୁସିଥିଲି । ମୋ' ସଇଘର ପାଇକସାହିରେ ଧୀର ଅପା ବାହାଘରକୁ ଯାଇ ରହିଥିଲି । ମାଉସୀର ଏତେ ସ୍ନେହ ପାଇଛି ଭୁଲି ପାରିବିନି । ଅଞ୍ଜୁ ସଇଘର ଭରାଲୋ ଯାଇ ରହୁ । ଭରାଲୋ ଶରତ ମାମୁଁଙ୍କ ଘରକୁ ଯାଏ ସେ ମୋତେ ପୋଢୁଆ କରନ୍ତି ମାଇଁ ବହୁତ ଆଦର କରନ୍ତି । ମଞ୍ଜୁ, ସକୁନି ସହ ଖେଳେ । ଖୁବ୍ ଆନ୍ତରିକତା ତାଙ୍କର । ନଖିଆ ଜେଜେ, ଚନିଅପା, ଲୋକନାଥଭାଇଙ୍କ ଘରକୁ ଯାଇଛି । ପାଇଛି କେତେ ଶ୍ରଦ୍ଧା, କେତେ ସ୍ନେହ । ଖୋଜିଲେ ବି ସେ ସ୍ନେହ ଆଉ ମିଳେନି । ହଜିଯାଇଛି ସେ ସବୁ । ଆଜିର ହାଏ ବାଏ ଯୁଗରେ ସେ ସବୁ ସ୍ୱପ୍ନ ।

□□□

Digital Copy from the Author

ଉଡ଼ିଉଡ଼ି ଯିବୁ ପତ୍ର ମୋହର

ସ୍ନେହ ସମ୍ପର୍କ ବନ୍ଧୁତାର ଆଉ ଏକ ମାଧ୍ୟମ ହେଉଛି ଚିଠି । ଚିଠି ମାଧ୍ୟମରେ ମନର କଥା ପ୍ରକାଶ କରିହୁଏ । ଚିଠି ଲେଖିବା ଗୋଟେ କଳା । ଆଜିର ମୋବାଇଲ୍ ଯୁଗର ପିଲା ଚିଠି ଲେଖିବାର ମହତ୍ତ୍ୱ ବୁଝିପାରିବେନି । ଝିଅଟି ଶାଶୂଘରକୁ ଆସିଲେ ତା' ମନର କଥା ଲେଖି ବାପ ଘରକୁ ଦିଏ । ତା' ଚିଠିରୁ ହିଁ ବାପାମା' ଝିଅ ବିଷୟରେ ଜାଣନ୍ତି । ପୁଅଟି ବିଦେଶ ଗଲେ ତା' ଖବର ଜଣାଇ ଚିଠି ଲେଖେ ।

Digital Copy from the Author

ଚିଠିଟି ପାଇବା ପାଇଁ ବାପାମା' ଚାତକ ପରି ଅନାଇ ବସିଥାନ୍ତି । ସ୍ତ୍ରୀଟିଏ ବିଦେଶରେ ଥିବା ସ୍ୱାମୀଙ୍କଠାରୁ ଚିଠିଖଣ୍ଡେ ପାଇଁ ଆକୁଳ ଅନ୍ତରରେ ଅପେକ୍ଷା କରିଥାଏ । ଚିଠିଟି ଆସିଲେ କେତେ ଖୁସି ହୋଇଯାଏ । ଚିଠିର ମୂଲ୍ୟ ବହୁତ ଥିଲା ।

ମୁଁ ଚିଠି ଲେଖିବାକୁ ଭଲପାଏ । ପିଲାଦିନେ ପ୍ରାଥମିକ ସ୍କୁଲରେ ପତ୍ରଲିଖନ ଲେଖିବା ସହ ସାଙ୍ଗମାନଙ୍କ ପାଖକୁ ଚିଠି ଲେଖେ । ଗୀତ ମାଧ୍ୟମରେ ଭଲଭଲ ଭାଷାରେ ଚିଠି ଲେଖୁ । ଏମିତି କେତକ ଉଦାହରଣ :

'ଉଡ଼ି ଉଡ଼ି ଯିବୁ ପତ୍ର ମୋହର
ଯାଇ ପହଁଞ୍ଚିବୁ ସାଙ୍ଗ ପାଶର
ସାଙ୍ଗ ବସିଥିବ ଚୌକି ଉପର
ତାକୁ ଜଣାଇବୁ ମୋ' ଖବର ।'

'ଟେବୁଲ ଉପରେ ବହି ପତର
ପତ୍ର ପାଇ ଦେବୁ ଶୀଘ୍ର ଉତ୍ତର ।'

'ବାଗି ପଛପଟେ ମନ୍ଦାର ଗଛ
ଚିଠିରେ ଲେଖିବ କିପରି ଅଛ ।'

'ଆକାଶେ ଚନ୍ଦ୍ରମା ଡାଳରେ କଇଁ
ମନେ ରଖିଥିବ ଭୁଲିବ ନାହିଁ ।'

'ଚକ୍‌ଚକ୍ କରୁଥାଏ ଟେଲଲିନ୍ କନା
ଆଉ କେହି ପଢ଼ିବେନି ତୁମରି ବିନା ।'

'ଟେରେଲିନ୍ କନା ସାଇତି ରଖିଲେ ଦିନେ ହେଲେ ଚିରିଯିବ
ସ୍ନେହ ମମତାକୁ ସାଇତି ରଖିଲେ ଚିରଦିନ ରହିଥିବ।'

ପୁଣି ଚିଠିର ଆରମ୍ଭରେ ଆମେ ଲେଖୁ (୧) ଦୂର ଦିଗ୍‌ବଳୟରେ ଉଙ୍କି ମାରୁଥିବା ବାଳସୂର୍ଯ୍ୟଙ୍କର ସୁନେଲି କିରଣ ମଧ୍ୟରୁ ତୋଳିନେବୁ ତୋ'ର ସାଥୀର ହୃଦୟରୁ ମୁଠାଏ ଶୁଭେଚ୍ଛା । (୨) ପ୍ରକୃତି ରାଣୀ କୋଳରେ ଝାଉଁଳି ପଡ଼ିଥିବା ରୂପବତୀ କାମିନୀର ଫିକ୍‌ଫିକ୍ ହସ ହସି ତୋଳିନେବୁ ଆନ୍ତରିକ ସ୍ନେହ ଓ ଶୁଭେଚ୍ଛା,

Digital Copy from the Author

(ଗ) ରୁଷିଆର ରକେଟ୍ ଭଳି ଛୁଟି ଯାଉଛି ମୋର ସପ୍ରେମ ନମସ୍କାର ସାଦରେ ଗ୍ରହଣ କରିବୁ ବୋଲି ମୋ' ମନରେ ଗଢ଼ିଉଠେ ଆଶାର ତାଜମହଲ । ମୋ' ହାଇସ୍କୁଲ ସାଙ୍ଗ ପିଲାଦିନର ସାଙ୍ଗ ମକର (ନିବେଦିତା) ସଇ, ସୁଷମା, ରେଣୁ, ପ୍ରଭାବତୀ, ପ୍ରଭା (ପରେ ଖୁଡ଼ୀ ହେଲା), ଜିତୁ, ଉମା, ଆଶା ଇତ୍ୟାଦିଙ୍କ ପାଖକୁ ଚିଠି ଦିଏ । ବିଭୁ, ଗୌରାଙ୍ଗ, ଗୌର (ପତ୍ରଭାଇ), ସମ୍ଭୁ, ବାବୁଲି ମୋ' ପାଖକୁ ଚିଠି ଲେଖନ୍ତି । ଜ୍ୟୋତ୍ସ୍ନା ଅପା ଉପଦେଶ, କେତେ କବିତା ଲେଖି ଚିଠି ଦିଅନ୍ତି । ଚିଠିରୁ ମୋର ପ୍ରେମ ଆରମ୍ଭ ହୋଇଥିଲା । ମୋ' ପ୍ରେମିକ ପାଖକୁ ଶହ ଶହ ସଂଖ୍ୟାରେ ଚିଠି ଦେଇଛି ଓ ପାଇଛି । ସେତେବେଳେ କେଉଁଠି କିଏ ପ୍ରେମ ଚିଠି ଲେଖିଲେ ଧରାପଡ଼ିଲେ ବହୁ ସମାଲୋଚନା ଓ ଚର୍ଚ୍ଚା ହେଉଥିଲା । ଗୋଟିଏ ବଡ଼ ଅପରାଧ ଥିଲା । ମୋ' ପ୍ରେମ ଚିଠିର ବାହକ ଥିଲେ ମୋ' ସବା ସାନ ଭଉଣୀ ଜିନୁ ଓ ମୋ' ଜେଜେମା' ।

ମୋର ଚିଠି ଲେଖିବା ଯେମିତି ସଉକ ମୋ' ବାପାଙ୍କର ବି ବହୁତ ସଉକ ଥିଲା । ପ୍ରତିଦିନ ସେ ୧୦ଟି ଇନ୍‌ଲ୍ୟାଣ୍ଡ ଲେଟରରେ ଚିଠି ଲେଖି ପକାନ୍ତି । ତାଙ୍କ ବନ୍ଧୁବାନ୍ଧବ ଓ ଛାତ୍ରମାନଙ୍କ ପାଖକୁ । ମୁଁ କଲେଜରେ ପଢ଼ିଲା ବେଳକୁ ୮ ଦିନରେ ଦୁଇ ଖଣ୍ଡ ଚିଠି ଲେଖନ୍ତି । ଚିଠିକୁ ନେଇ ଏମିତି ପରିସ୍ଥିତି ହେଲା ଯେ ମୁଁ ଚିଠି ଲେଖା ବନ୍ଦ କରିଦେଲି । ୨୦୦୪ ମସିହାରେ ନୂଆବର୍ଷର ପ୍ରଣାମ ଜଣାଇ ମୁଁ ଚିଠି ଲେଖିଥାଏ ବାପା, ଯୁଧିଷ୍ଠିର ମଉସା ଓ ବଡ଼ମାଷ୍ଟ୍ରେଙ୍କ ପାଖରୁ । ବାପା ବି ମୋ' ପାଖକୁ ଲେଖିଥିଲେ । ମୁଁ ଯେତେବେଳେ ନୂଆବର୍ଷର ଚିଠି ପାଇଲି ବାପା ଆଉ ଇହଧାମରେ ନଥିଲେ । ତାଙ୍କୁ ଦେଇଥିବା ଚିଠିଟି ଡାକ ପିଅନ ଠାରୁ ମୋତେ ଗ୍ରହଣ କରିବାକୁ ପଡ଼ିଥିଲା । ୧ ତାରିଖରେ ସେ ଚିଠି ଲେଖିଥିଲି । ୨ ତାରିଖରେ ତାଙ୍କ heart attack ହେଲା । ବାପାଙ୍କ ଠିକଣାରେ ଲେଖିଥିବା ମୋ' ହାତ ଲେଖା ଚିଠି ଡାକ ପିଅନ ମୋତେ ହିଁ ଆଣିଦେଲା ସେ ଚିଠି ଗ୍ରହଣ କରିବାକୁ ମୋ' ବାପା ନଥିଲେ । ମୁଁ ଦେଇଥିବା ଚିଠି ମୋତେ ଗ୍ରହଣ କରିବାକୁ ପଡ଼ିଲା । ଲୁହରେ ଭିଜିଗଲା ଚିଠିଟି । ତାହାହିଁ ଥିଲା ମୋ' ଜୀବନର ଶେଷଚିଠି ।

❑❑❑

Digital Copy from the Author

ଆଇଲା ଧୂମାଳ, ବୁଢ଼ୀକୁ ସମାଳ...

ବେଳେବେଳେ ପଶ୍ଚିମ ଆକାଶରେ କଳାହାଣ୍ଡିଆ ମେଘ ଘୋଟିଆସେ । ଧଳା ବଗ ପଲପଲ ହୋଇ ଉଡ଼ିଯାଆନ୍ତି । ପବନ ଖୁବ୍ ଜୋର୍‌ରେ ବହି ଧୂଳିବାଲି ଉଡ଼ାଇ ନିଏ । ଆମେ କହୁ ତାକୁ 'ଧୂମାଳ' । ମଜା ଲାଗେ । ନାଚିନାଚି ଗୀତ ବୋଲୁ, "ଆଇଲା ଧୂମାଳ, ବୁଢ଼ୀକୁ ସମାଳ ।" ସେତେବେଳେ ଧୂମାଳ ଆସିଲେ ଆମକୁ ମଜାଲାଗେ । ଚକ୍ରଭଳି ପବନ ହଠାତ୍ ଧୂଳିବାଲି ଉଡ଼ାଇ ଉପରକୁ ଉଠିଯାଏ । ଆମେ କହୁ ଖଣ୍ଡିଆଭୂତ । ଖଣ୍ଡିଆଭୂତ ଓ ଧୂମାଳ ଯଦି ଟିକେ ବର୍ଷା ସହ ଜୋର୍‌ରେ ହୁଏ, ଆମେ କହୁ ବତାସ ବା ବାତ୍ୟା ।

ପିଲାଦିନେ ଅନେକ ସମୟରେ ବର୍ଷାଦିନେ ଛୋଟମୋଟ ବାତ୍ୟା ଦେଖିଛି । ବର୍ଷା ପବନ ଟିକେ ହେଲେ ସଜନା ଗଛ, ଅମୃତଭଣ୍ଡା ଓ ଛୋଟ ଛୋଟ ହାଲୁକାଗଛ ଭାଙ୍ଗିଯାଏ । କିନ୍ତୁ ୧୯୬୭ ମସିହା ଅକ୍ଟୋବର ୨ ତାରିଖ ମହାଷ୍ଟମୀ ଦିନ ଯେଉଁ ପ୍ରଳୟଙ୍କରୀ ଘୂର୍ଣ୍ଣିବାତ୍ୟା ହେଲା, ତାହା ବର୍ଣ୍ଣନାତୀତ ।

୧୯୬୭ ମସିହାରେ ମୁଁ ସପ୍ତମ ଶ୍ରେଣୀରେ ପଢୁଥାଏ । ଦଶହରା ଛୁଟି ଚାଲିଥାଏ । ଅକ୍ଟୋବର ଦୁଇ ତାରିଖ ସକାଳୁ ଆରମ୍ଭ ହୋଇଗଲା ହଠାତ୍ ଘୂର୍ଣ୍ଣିବାତ୍ୟା । ଗୋଟିଏଗୋଟିଏ ଘୁନ୍ଦୁଳା ଆସିଲା ଯେ ଗଛ ସବୁ ଭାଙ୍ଗିଗଲା । ଛାତ ଉପର ଉଡ଼ିଗଲା । ଆମ ଘର ପାଖପଡ଼ିଶା ଆମ ଘରକୁ ଚାଲିଆସିଲେ । ଆସ୍ତେଆସ୍ତେ ବଢ଼ିଲା ପବନର ବେଗ । ବଡ଼ବଡ଼ ଗଛ ଏମିତିକି ବରଗଛ ବି ଉପୁଡ଼ି ଗଲା । ପ୍ରାଣ ବଞ୍ଚାଇବାକୁ ଆସୁଥିବା କେତେଲୋକ ଗଛ ପଡ଼ି ମରିଗଲେ । ଘରର କାନ୍ଥପଡ଼ି କେତେ ମଣିଷ ଗାଈଗୋରୁ ପ୍ରାଣ ହରାଇଲେ । ଆଜି ସମୟ ଥିଲେ ଲୋକଙ୍କୁ ସତର୍କ କରାଇ ପାରିଥାନ୍ତେ । ସେତେବେଳେ ଗଣମାଧ୍ୟମ କି ପାଣିପାଗ ବିଭାଗ ଏତେ ଶକ୍ତିଶାଳୀ ନଥିଲା । ଏତେ ପବନ ହେଲା ଯେ ଆଜବେଷ୍ଟସ୍ ମଧ୍ୟ ଉଡ଼ିଗଲା । ଗାଈଗୋରୁଙ୍କୁ ଉଡ଼ାଇ ନେଲା ।

Digital Copy from the Author

ଆମ ଘରେ ଅନେକ ଲୋକ ରହିଲେ । ବୋଉ ଡାଲମା ଭାତ କଲା । ସମସ୍ତେ ଖାଇଲେ । ରାତିକୁ ଆହୁରି ଡର ଲାଗିଲା । ତା'ପରଦିନ ସକାଳେ ପବନ ବନ୍ଦ ହୋଇଗଲା । ବର୍ଷା ବି କୁଆଡ଼େ ଉଡ଼ିଗଲା । ଖରାପଡ଼ିଲା । ଘୂର୍ଣ୍ଣିବାତ୍ୟା ଅଳ୍ପ ସମୟ ପାଇଁ ଅଳ୍ପ ଅଞ୍ଚଳରେ ବିଶେଷକରି ଡିର୍ତ୍ତୋଲ, ପାରାଦ୍ୱୀପ ମଧ୍ୟରେ ସାମୁଦ୍ରିକ ଝଡ଼ ହୋଇଥିଲା । ଝଡ଼ର ବେଗ ବହୁତ ବେଶି ଥିଲା । ଘରଦ୍ୱାର ଗଛବୃକ୍ଷକୁ ମାଟିରେ ମିଶାଇ ଚାଲିଗଲା ।

ସକାଳୁ ଆମେ ସବୁ ବୁଲିବୁଲି ପଇଡ଼, କମଳା ଗୋଟାଇଲୁ । ଆମକୁ ମଜା ଲାଗୁଥାଏ । ବାପା ପଙ୍କପାଳରେ ଥାଆନ୍ତି । ଚାରିଟା ବେଳକୁ ଲୁଙ୍ଗି ପିନ୍ଧି, ଓଡା ଖଣ୍ଡେ ପକାଇ ପଙ୍କପାଳରୁ ଚାଲିଚାଲି ଆସି ପହଞ୍ଚିଲେ । ବାପାଙ୍କୁ ଦେଖି ଆମେ ଆଶ୍ଚର୍ଯ୍ୟ ହେଲୁ । ତାଙ୍କ ବିଷୟରେ ଜାଣି ନପାରି ଆମେ ବ୍ୟସ୍ତ ହେଉଥିଲୁ । ଲୋକମାନଙ୍କର ଘରଭାଙ୍ଗି ଯାଇଥିଲା । ଚୁଲିଚାଳ କିଛି ନଥିଲା । ଘର ସଜାଡ଼ି ରହିବାକୁ ପ୍ରାୟ ଏକ ମାସ ଲାଗିଥିଲା । ରିଲିଫ୍ ମିଳିଲା । କିନ୍ତୁ ସେତେବେଳେ ଏତେ ରିଲିଫ୍ ପହଞ୍ଚି ପାରୁନଥିଲା । ବାତ୍ୟାର ଭୟଙ୍କର ରୂପ ମନରୁ ଏବେ ବି ଲିଭିନି ।

୧୯୭୧ ମସିହାରେ ସେଇ ଅକ୍ଟୋବର ମାସରେ ପୁଣି ଗୋଟେ ବାତ୍ୟା ହେଲା । ଏହା ତିନିଦିନ ଧରି ହେଲା । ଜଗତ୍‌ସିଂହପୁର ଜିଲ୍ଲା ଓ କେନ୍ଦ୍ରାପଡ଼ା ବ୍ୟାପକ ଅଞ୍ଚଳକୁ ହେଲା । ଏଥର ଲୋକମାନେ ଟିକେ ସତର୍କ ହୋଇଯାଇଥିଲେ ୧୯୬୭ ମସିହାରୁ ଶିକ୍ଷା ପାଇ । ଗଛ, ଘରଦ୍ୱାର ଭାଙ୍ଗିଗଲା । ବାତ୍ୟା ହେଉଥାଏ ବାତ୍ୟା ଦେଖି ମୁଁ ଗୋଟିଏ କବିତା ଲେଖିଥିଲି, "ବତାସୀ ଗୋ ତୁମେ ଯାଅ ଫେରି" । ପ୍ରଜାତନ୍ତ୍ରରେ ପ୍ରକାଶିତ ହୋଇଥିଲା କବିତାଟି । ମୁଁ ସେତେବେଳେ ଦଶମ ଶ୍ରେଣୀ ଛାତ୍ରୀ । ମୋ' ସାଙ୍ଗ, ସାର୍‌ମାନେ ପଢ଼ି ଖୁସିହୋଇ ମୋତେ ଉତ୍ସାହିତ କରିଥିଲେ । ପିଲାବେଳେ କେତେ ଛୋଟଛୋଟ ଝଡ଼ିପବନ ହୋଇଛି । କିନ୍ତୁ ଦୁଇଦୁଇଟି ବାତ୍ୟାର ଭୟଙ୍କର ରୂପ ମନରୁ ଲିଭିନି ।

❑❑❑

Digital Copy from the Author

ଘରପୋଡ଼ିଠାରୁ ବିପତ୍ତି ନାହିଁ

ପ୍ରାଥମିକ ବିଦ୍ୟାଳୟରେ ପଢ଼ିଲାବେଳେ ଆମେ ଲେଖୁଥିଲୁ ରଚନା "ଦେଖିଥିବା ଘରପୋଡ଼ିର ଦୃଶ୍ୟ" । ସେତେବେଳେ ସମସ୍ତଙ୍କର ପ୍ରାୟ ଚାଳଘର ଥିଲା । ଚୁଲି ଜାଳରେ ରୋଷେଇ ହେଉଥିଲା । କେତେବେଳେ ଚୁଲିରୁ ନିଆଁ ଯାଇ ଚାଳରେ ଲାଗିଯାଉଥିଲା, କିମ୍ବା ପାଉଁଶ ଗଦାରୁ ପବନରେ ନିଆଁ ଝୁଲ ଉଡ଼ି ନିଆଁ ଲାଗୁଥିଲା । ଚାଳରୁ ଚାଳକୁ ନିଆଁ ଡେଇଁ ଗାଁ'ଟା ପୋଡ଼ି ଜାଳି ଛାରଖାର ହୋଇ ଯାଉଥିଲା ।

ମୋ' ପିଲାବେଳେ ରତ୍ନାକର ଜେଜେଙ୍କ ଚାଳରେ କିଏ ଶତ୍ରୁତା କରି ନିଆଁ ଲଗାଇ ଦେଇଥିଲା । ଆମ ଘର ଚାଳ ତାଙ୍କ ଚାଳକୁ ଲାଗିଛି । ଆମେ ରାତିରେ ଶୋଇଛୁ । ମା' ଚିତ୍କାର କଲା ଘରପୋଡ଼ିଗଲା ଶୀଘ୍ର ଉଠ । ଆମେ ଉଠି ପଳାଇଲୁ । ବୋଉ ଦରକାରୀ ଜିନିଷ ନେଇଆସିଲା । ଡକାଡକି ହୋଇ ଆଖପାଖ ଗାଁ'ରୁ ଲୋକ ପଳାଇ ଆସି ପିଢ଼ା ଉପରେ ଚଢ଼ି ଚାଳ ଓଲାରି ପକାଇ ପାଣି ଢାଳି ନିଆଁ ଲିଭାଇଲେ । ସମସ୍ତେ କାନ୍ଦୁଥାନ୍ତି । ନିଆଁକୁ ଓଳଗି ହେଉଥାନ୍ତି । ଭଗବାନଙ୍କ ଅସୀମ କୃପାରୁ ବିପତ୍ତିରୁ ରକ୍ଷା ପାଇଗଲୁ ।

ଆଉ ଗୋଟେ ଘରପୋଡ଼ି ଦୂରରୁ ଦେଖିଥିଲି । ଆମ ପଡ଼ୋଶୀ ପାଟଣା ଗାଁ'ରେ । ପିଲା ହୋଇଥାଏ । ହଠାତ୍ ଚହଳ ପଡ଼ିଗଲା ପାଟଣାରେ ନିଆଁ ଲାଗିଛି । ଭୟଙ୍କର ଅଗ୍ନିକାଣ୍ଡ । ନିଆଁ କଅଁଳା ବାଛୁରୀ ପରି ଡେଉଁଥାଏ । ତା'ର ଲେନିହାନ ଶିଖା ଆମ ଗାଁ'କୁ ସ୍ପଷ୍ଟ ଦିଶୁଥାଏ । ଆମ ଗାଁ'ରୁ ସବୁଲୋକ ପ୍ରାୟ ପଳାଇଥିଲେ । ବୋଉ ବାଡ଼ିପଟେ ମୋତେ ନେଇଗଲା । ଲାଲ୍ ନିଆଁ ହୁତୁହୁତୁ ଜଳିବାର ମୁଁ ଦେଖିଛି । ବୋଉ ମୁଣ୍ଡିଆ ମାରିଲା । ମୁଁ ବି ଓଳଗି ହେଲି । ଗାଁ'ସାରା ଜଳିପୋଡ଼ି ପାଉଁଶ ହୋଇଗଲା । ଶହଶହ ଲୋକ ଗୃହଶୂନ୍ୟ ହୋଇଗଲେ । କେତେ ଧନ ସଂପତ୍ତି ମାଟିରେ ମିଶିଗଲା । ସତରେ ମୁଁ ଅନୁଭବ କଲି, "ଘରପୋଡ଼ିଠାରୁ ବିପତ୍ତି ନାହିଁ" ।

❑❑❑

Digital Copy from the Author

ଜଳ ବିହୁନେ ଜୀବନ

ମୋ' ପିଲାଦିନେ ଆମେ ଜଳ କଷ୍ଟ ବହୁତ ସହିଛୁ । ଲୋକେ କହନ୍ତି ଆମ ଗାଁ'ରେ ପାଣି ଝର ନାହିଁ । କୂଅ ଖୋଳିଲେ ପାଣି ପଡ଼େନି । ଗୋଟିଏ ଗୋଟିଏ କୂଅ ଖୋଳିଲେ ବି ହଳଦିଆ ପାଣି । ପିଇବା ପାଇଁ ଉପଯୁକ୍ତ ନୁହେଁ । ଆମ ଆର ବାଡ଼ିରେ ବଡ଼ପୋଖରୀ ଥିଲା । ସେଥିରେ କେହି ଗାଧୁଆପାଧୁଆ କରନ୍ତିନି । କେବଳ ପିଇବା ପାଇଁ ବ୍ୟବହୃତ ହୁଏ । ବୋଉ, ମା' ଅନ୍ୟ ଲୋକମାନେ ପାଣି ମାଠିଆରେ ଗରାରେ କାଖେଇ ଆଣନ୍ତି । ତାକୁ ସିଝାନ୍ତି । ଥଣ୍ଡା ହେଲେ ସକାଳୁ ଆମେ ପିଉ । କଲେଜ ପଢ଼ିବା ପର୍ଯ୍ୟନ୍ତ ମୁଁ ସିଝାପାଣିହିଁ ପିଉଥିଲି । ଟିକେ କଞ୍ଚା ପାଣି ପିଇଲେ ଥଣ୍ଡା ଧରେ । ଲୋକମାନେ ଗାଧୁଆପାଧୁଆ, ବାସନଧୁଆ, ସଫାସଫି ସବୁ କାମ ପୋଖରୀ ପାଣିରେ କରନ୍ତି । ସମସ୍ତଙ୍କ ବାଡ଼ିପଟେ ପୋଖରୀ ଗୋଟେଗୋଟେ ଥାଏ ।

ଖରାଦିନେ ପୋଖରୀ ପାଣି ଶୁଖିଯାଏ । ଆମେ ସବୁ ହଇରାଣ ହେଉ । କେନାଲ ଖୋଲା ହେଲା ପରେ କେନାଲରେ ପାଣି ଆସିଲେ ପୋଖରୀରେ ଭର୍ତ୍ତି କରିଦିଅନ୍ତି । ବେଳେବେଳେ କେନାଲରେ ପାଣି ଆସେନି । ପୋଖରୀ ବି ଶୁଖିଯାଏ । ନାହିଁ ନଥିବା ହଇରାଣ । ଆମେ ଦେଢ଼ କିଲୋମିଟର ବାଟ ଯାଉ ଲୁଣି ନଈକୁ ଗାଧୋଇବା ପାଇଁ । ସାଙ୍ଗ ହୋଇ ଚାଲିଚାଲି ଯାଉ । ଗାଧୋଇ ଆସୁ । ଆମେ ଅସୁବିଧା କ'ଣ ବୁଝୁ । ଆମକୁ ଗପସପ ଥଟ୍ଟାମଜା ହୋଇ ଯାଇ ଲୁଣିନଈରେ ଗାଧୋଇ ଆସିବାକୁ ମଜା ଲାଗେ । ବାଇ ଚଢ଼େଇର କି ଯାଏ ନା ବାଆ କଲେ ବସା ଦୋହଲୁ ଥାଏ ।

ଏବେ ବାପାଙ୍କ ଉଦ୍ୟମରେ ନଳକୂଅ ହୋଇ ଜଳ ସମସ୍ୟା ଦୂର ହୋଇଛି ।

❑❑❑

Digital Copy from the Author

ଆସ ଲୋ ! ପୋଖରୀପାଣି ଯିବା

ଆମେ ଗାଁ'ରେ ମୋ' ପିଲାଦିନେ ଲୋକମାନେ ଝାଡ଼ା ଯିବାକୁ ପୋଖରୀପାଣି ଯିବା କହୁଥିଲେ । କାହାଘରେ ପାଇଖାନା ନଥିଲା । ଏଇଟା ଗାଁ'ର ସେତେବେଳେ ବଡ଼ ସମସ୍ୟା ଥିଲା । ଅବଶ୍ୟ ମୁଁ ଷଷ୍ଠ ଶ୍ରେଣୀରେ ପଢୁଥିଲା ବେଳେ ବାପା ବରପାଲି ପାଇଖାନାଟିଏ ବସାଇଲେ । ଆମେ ବେଳେବେଳେ ଯାଉ ।

କିନ୍ତୁ ସାଙ୍ଗସାଥୀ ହୋଇ ଗପସପ ହୋଇ ପଡ଼ିଆକୁ, ନାଳବନ୍ଧକୁ ପୋଖରୀପାଣି ଯିବାକୁ ଭଲ ଲାଗୁଥିଲା । ଝିଅମାନେ, ସ୍ତ୍ରୀ ଲୋକମାନେ ଅନ୍ଧାରୁଆ ହୋଇଆସିଲେ ଡକାଡକି ହୋଇ ମେଳିକରି ଦୁଃଖସୁଖ ହୋଇ ପୋଖରୀପାଣି ଯାଆନ୍ତି । ସେଥିପାଇଁ ସ୍ୱତନ୍ତ୍ର ଲୁଗା ଥାଏ । ତାକୁ କହନ୍ତି "ପୋଖରୀପାଣିବସା" । ବୋହୂ ମଧ୍ୟ ବାପଘରୁ ସ୍ୱତନ୍ତ୍ର ପୋଖରୀପାଣିବସା ଆଣିଥାଏ ।

ଆମ ଗାଁ'ରେ ଝାଡ଼ା ବସିବା ପାଇଁ ଗୋଟିଏ ପଡ଼ିଆ ଥିଲା । ହଗୁରି ପଡ଼ିଆ । ତାହା ଏବେ ଚାଷଜମିରେ ପରିଣତ ହେଲାଣି । ହଗୁରି ପଡ଼ିଆରେ ଆମେ ଝାଡ଼ାବସୁ । ଭଇଁଚକୋଳି, କ୍ଷୀରିକୋଳି ତୋଳୁଥିଲୁ । ରାତିବିକାଳି ଭୂତପ୍ରେତ ଭୟ ଯୋଗୁଁ ରାତିରେ ଝାଡ଼ା ଲାଗିଲେ ଲୋକେ କେତେ ହଇରାଣ ହେଉଥିଲେ ।

❑❑❑

Digital Copy from the Author

ଆମର ଅପଢ଼ ପଢ଼ିଛି

ଆମେ ଗାଁ' ଛୋଟ ଗାଁ'ଟିଏ । ଗୋଟିଏ ପରିବାର ପରି ସମସ୍ତେ ଚଳନ୍ତି । ଅନ୍ୟ ଗାଁ'ପରି ଆମ ଗାଁ'ରେ କେବେ ମାଡ଼ପିଟ୍ ହଣାହଣି, ମରାମରି ହେବା ମୁଁ ଦେଖିନି ।

କଳିକଜିଆ ହୁଏ । ଭାଇଭାଇ ମଧ୍ୟରେ ମନୋମାଳିନ୍ୟ ହେଲେ ଭିନେ ଘର ହୁଏ । ଗାଁ'ର ମାମଲତାକାର ଯାଇ ନିଶାପ କରନ୍ତି । ମୀମାଂସା ହୁଏ । ଜିନିଷପତ୍ର ଘରଦ୍ୱାର ସବୁ ବଣ୍ଟାବଣ୍ଟି ହୁଏ ।

Digital Copy from the Author

ଆମ ପିଲାମାନେ ବେଳେବେଳେ କଳି ହେଉ । ଜିଭ ଦେଖେଇ ଖଟେଇ ହେଉ । ଏକୁଟିଆ ବାଆଁରା ମୁଣ୍ଡି ମୁଣ୍ଡି ସାଆରା କହୁ । ଦୁଇ ଆଙ୍ଗୁଠି ମୋଡ଼ି କଟିସ୍ ପକାଉ । ଅପଡ଼ ପଡ଼େ ।

ବେଳେବେଳେ ପିଲାମାନଙ୍କ କଳିକୁ ନେଇ ଘର କଳିହୁଏ । କଜିଆ ଲାଗେ । ଅପଡ଼ ପଡ଼ିଯାଏ । କଥାବାର୍ତ୍ତା ବନ୍ଦ ହୁଏ । ସେଇଟା ମୋତେ ଏତେ କଷ୍ଟ ଲାଗେ ଯେ ମୁଁ କାହା ସାଙ୍ଗରେ କଳି କରେ ନାହିଁ । କୌଣସି କାରଣରୁ ବଡ଼ମାନଙ୍କ ଭିତରେ କଳି ହେଲେ ଘରକୁ ଯିବାଆସିବା କଥାବାର୍ତ୍ତା ବନ୍ଦ ହୁଏ । ସାଙ୍ଗ ହୋଇ ଖେଳିବାକୁ ମନା କରିଦିଅନ୍ତି । ସେ ଯେଉଁ କଷ୍ଟ ଦୁଃଖ ଲାଗେ ମୋ ମନ ହିଁ ଜାଣେ ।

ବେଳେବେଳେ କିଏ ବେଶୀ ଭୁଲ କଲେ ଗାଁ'ଲୋକ ମିଶି ତାକୁ ଏକଘରିଆ କରିଦିଅନ୍ତି । ତା' ପାଇଁ ନିଆଁ ପାଣି ଅଟକ ହୁଏ । ନିଆଁ ମାନେ ଆଗେ ସମସ୍ତଙ୍କ ଘରେ ଦିଆସିଲି ନଥିଲା । କାହାଘରେ ଚୁଲି ଲାଗି ଧୂଆଁ ଉଠିବା ଦେଖିଲେ ଅନ୍ୟମାନେ ନୁଣ୍ଡା କରି ସେଥିରେ ନିଆଁ ଖଣ୍ଡେ ନେଇ ହଲେଇ ହଲେଇ ନିଆଁ କରନ୍ତି । ତାକୁ କେହି ନିଆଁ ପାଣି ଦେଉନଥିଲେ କି କଥାବାର୍ତ୍ତା କି ସହଯୋଗ କରୁନଥିଲେ । ପ୍ରକୃତରେ ସେଇଟା ବି ମୋତେ କଷ୍ଟ ଦିଏ ।

ଥରେ ଆମ ଗାଁ' ଦୋ'ପାଟି ହୋଇଥିଲା । ଦୁଇ ଦଳ ହୋଇଥିଲେ । ଗୋଟିଏ ଦଳ ଆର ଦଳ ସହ ସମ୍ପର୍କ ରଖୁନଥିଲେ । ଡଲି (ମୋ' ପ୍ରିୟ ସାଙ୍ଗ) ଘର ଗୋଟିଏ ଦଳର, ଆମ ଘର ଆଉ ଗୋଟେ ଦଳରେ ଥିଲୁ । ସେ ଦିନଗୁଡ଼ାକ ମହା କଷ୍ଟ ହୋଇଛି । ଆମେ ଲୁଚିଲୁଚି କଥା ହେଉ । ସ୍କୁଲରେ କଥାହେଉ ।

ଟିକେ କଳିକଜିଆ ହେଲେ ଅପଡ଼ ପଡ଼ିଯାଏ । ପୁଣି ଅପଡ଼ କେବେ ଫିଟିଲେ ଆମେ ଖୁସିରେ ନାଚୁ । ସୁଖର କଥା ଗାଁ'ରେ ଆଉ ସେମିତି କଳିକଜିଆ ଦୋ'ପାଟି କି ଅପଡ଼ ପଡୁନି । ଯେଝା ଘରେ ଯିଏ । ଆଗେ ସମ୍ପର୍କ ଯେମିତି ଥିଲା ସ୍ନେହ ମମତା ଥିଲା, ପରସ୍ପର ଉପରେ ନିର୍ଭର କରୁଥିଲେ, ଏବେ ସ୍ନେହମମତା ନାହିଁ, କି କଳିକଜିଆ ନାହିଁ । ମଣିଷ ଆତ୍ମକୈନ୍ଦ୍ରିକ ହୋଇଯାଇଛି ।

❑❑❑

Digital Copy from the Author

ମଲ୍ଲ, ବଇଦ, ହୁକୁମ ଓ ବିଶ୍ୱାସ

ମୋ ପିଲାବେଳେ ସମସ୍ତେ ଥଣ୍ଡା ଜର, ଟାଇଫଏଡ, ମେଲେରିଆ ଜର, ମିଳିମିଳା, ହାଡ଼ଫୁଟି, କାଛୁ, କୁଣ୍ଡିଆ, ବଥ, ବଡ଼ା, କାନପଚା, ଦାନ୍ତ ବିନ୍ଧା ଆଦି ଭୋଗୁଥିଲେ । ଦୂଷିତ ପରିବେଶ, ଅଶିକ୍ଷା, ଅନ୍ଧ ବିଶ୍ୱାସ, ଚିକିତ୍ସାର ଅଭାବ ପାଇଁ ବହୁଲୋକ ରୋଗରେ ଆକ୍ରାନ୍ତ ହୋଇ ହଇରାଣ ହରକତ ହେଉଥିଲେ । ପିଲାବେଳେ ମୋତେ ଦୁଇଥର ଟାଏଫଏଡ଼, ଥରେ ମେଲେରିଆ ଓ ହାଡ଼ଫୁଟି ହୋଇଥିଲା । ଜର, କାନବିନ୍ଧା, ଦାନ୍ତବିନ୍ଧା, କିଛି ଅଳ୍ପ ସମୟ ପାଇଁ କାଛୁ ହୋଇଥିଲା । ମଶା ମାଛି ଥିଲେ ବହୁତ । ବେଶି ଥିଲେ ଛାର ପୋକ । ମସିଣା, ସପ, ଖଟ କନ୍ଦିର ତକିଆ ଭିତରେ ଛାରପୋକ ଭର୍ତ୍ତି ହୋଇ ଲୁଚି ରହୁଥିଲେ । ରାତିରେ କାମୁଡ଼ନ୍ତି । ଥରେ ବୋଉ ଅଞ୍ଜୁ ଓ ମୁଁ ଏକାବେଳକେ ଟାଇଫଏଡ଼ରେ ପଡ଼ିଗଲୁ ।

ଆମକୁ ଚିକିତ୍ସା କରିବାକୁ ଜଣେ ହୋମିଓ ପାଥିକ ଡାକ୍ତର ଆସନ୍ତି । ତାଙ୍କ ନାଁ ଆଲେଖବାବୁ । ସେ ଯାହା ଔଷଧ ଦରକାର ଦିଅନ୍ତି । ଗୋଟିଏ ବାକ୍ସରେ ଔଷଧ ରଖି ସାଇକେଲରେ ଆସନ୍ତି । ଧଳାଗୁଣ୍ଡ ଓ ଚିକିଟିକି ଗୁଳି ଔଷଧ କାଗଜରେ ପୁଡ଼ିଆ କରି ଦିଅନ୍ତି । ମାଆ ମୋ' ଶୋଇବା ତକିଆ ତଳେ ରଖିଥାଏ । ସମୟ ଅନୁସାରେ ଦିଏ । ଗୁଳି ଔଷଧ ଖାଇବାକୁ ଭଲ ଲାଗେ । ଅଲେଖ ଡାକ୍ତର ବାପାଙ୍କ ସାଙ୍ଗ । ତାଙ୍କ ବ୍ୟତୀତ ବାଲୁବାବୁ, ନିରବାବୁ, ରବିବାବୁ ଏମାନେ ସାଇକେଲ ଧରି ଗାଁ' ଗାଁ' ବୁଲି ଔଷଧ ଦେଉଥିଲେ ।

ମ୍ୟାଲେରିଆ ଡାକ୍ତର ଘରେଘରେ ବୁଲି କାନ୍ଥରେ କ'ଣ ଲେଖୁଥିଲେ । ଟିପ ଫୁଟାଇ ରକ୍ତ ଆଣି ପରୀକ୍ଷା କରୁଥିଲେ । ଅଭି ଭାଇ ମ୍ୟାଲେରିଆ ଡାକ୍ତର ଥିଲେ । ସବୁଲୋକଙ୍କର ଦେହମୁଣ୍ଡ ହେଲେ ସାଧାରଣ ଔଷଧ ଦେଉଥିଲେ । ଆମ ଗାଁ ଓ ପାଖ ଗାଁ' ଲୋକଙ୍କ ଖୁବ୍ ସେବା କରୁଥିଲେ । ମଶା ହେବେନି ବୋଲି ସରକାରଙ୍କ ତରଫରୁ ଡିଡିଟି ପଡୁଥିଲା । ଜର ବେଳେ ଆମେ ସାଗୁ, ବାର୍ଲି, ବେଦନା ରସ,

Digital Copy from the Author

ଚୁଡ଼ାଭଜା ଖଇ ଖାଉ । ମା' ସବୁବେଳେ ନୃସିଂହ ନନାଙ୍କୁ ଡାକି ଝଡ଼ାଫୁଙ୍କା କରିଦିଏ । ମନ୍ତୁରା ଲୁଣ ଖାଇବାକୁ ଦିଏ ।

ପିଲାଦିନେ ଝାଡ଼ା ରୋଗ ମୋର ପ୍ରାୟ ନଥିଲା । ଟିକେ ପେଟ କ'ଣ ହେଲେ ମନ୍ତୁରା ଲୁଣ ଟିକେ କି ପୋଦିନା ଅର୍କ, ଜୁଆଣି ଅର୍କ ଟିକେ ଖାଇଦେଲେ ଭଲ ହୋଇଯାଏ । ଜର ଭଲ ହୋଇଗଲେ ମା' କୁହୁଳା ପକାଇ ଠେକି ଭାତ କରେ । ଜିରା ପାଣିରେ କଉ, ମାଗୁର ମାଛ ତରକାରି କି ଆଳୁଝୋଳ, ପୋଟଳ ଭଜା, ନହେଲେ ଆଳୁଭଜା କରି ଖୁଆଇ ଦିଏ । ହାତ କଟିଗଲେ, କି ପୋଡ଼ିଗଲେ ଘରୋଇ ଚିକିତ୍ସା ଚେରମୂଳି କରି ଭଲ ହୁଏ । ପିଜୁଳି ପତ୍ର, ପୋଦିନା ପତ୍ର, ଡାଳିମ୍ବ କଢ଼, ଘିକୁଆଁରୀ ଆଦି କେତେକ ପ୍ରକାର ଚେରମୂଳିରେ ରୋଗ ଭଲ ହେଉଥିଲା । କାନବିନ୍ଧିଲେ କୁସୁମ ଫୁଲ ଗଛର ପତ୍ର ରସ କରି କାନରେ ପକାଉ । ମୁଣ୍ଡ ବିନ୍ଧିଲେ ଅମୃତାଞ୍ଜନ, ପଞ୍ଚଗୁଣା ଲଗାଉ । ଅତିଶୟ ରୋଗୀକୁ ସବାରି, କି ବଳଦଗାଡ଼ି କି ବେତା (ଟୋକେଇ)ରେ ପୂରାଇ ମଣିଜଙ୍ଘା ନେଉଥିଲେ । ବେଶି ସାଙ୍ଘାତିକ ରୋଗୀକୁ କଟକ ବଡ଼ ଡାକ୍ତରଖାନାକୁ ନିଅନ୍ତି । ମୋ' ବୋଉ ଶେଷ ପିଲା ଜନ୍ମ ବେଳକୁ କଟକ ମେଡ଼ିକାଲ ଯାଇ ଅପରେସନ୍ ହୋଇ ଆସିଲା ।

ମୋର ସବୁଠୁ ବଡ଼ ସମସ୍ୟା ଥିଲା ଦାନ୍ତ । ଦାନ୍ତ ଉଠିବା ଡେରିହେଲା । ଦାନ୍ତ ପଡ଼ିଲେ ଦାନ୍ତ ନେଇ ମୂଷା ଗାତରେ ପକାଉ । ମୋ' ଦାନ୍ତ ନେ, ତୋ' ଦାନ୍ତ ଦେ' କହେ । କାଉ ଅଣ୍ଟରେ ନେଉଥିବା ଧାନକୁ ପକେଇ ଦେଲେ ସେ ଧାନ ଆଣି ଦାନ୍ତରେ ମାରିଲେ ଦାନ୍ତ ଉଠେ ବୋଲି କହନ୍ତି । ତାକୁ ବି କରିଛି । ଦାନ୍ତ ଉଠିଲା ଯେ ସରସା ଦାନ୍ତ । ରକ୍ତ ବାହାରେ ଟିକେ କଥା କହିଲେ କି ହସିଲେ । ସେଥିପାଇଁ ରବିବାବୁଙ୍କଠୁ ପାଞ୍ଚଟି ଇଞ୍ଜେକ୍‌ସନ୍ ନେଲି । ସେହି ଦାନ୍ତ ଅସୁବିଧା ମୋର ଏପର୍ଯ୍ୟନ୍ତ ରହିଛି ଯେ ମୁଁ ଯମଯନ୍ତ୍ରଣା ଭୋଗିଲେଣି ।

ଡାକ୍ତରୀ ଔଷଧ ଅପେକ୍ଷା ଲୋକମାନେ ଝଡ଼ାଫୁଙ୍କା, ଚେରମୂଳ ଓ ହୁକୁମ ଉପରେ ନିର୍ଭର କରୁଥିଲେ । ବିଶ୍ୱାସ ତାଙ୍କ ପ୍ରଗାଢ଼ ଥିବାରୁ ବହୁତ ରୋଗ ମଧ୍ୟ ଭଲ ହେଉଥିଲା । ଗାହାମା ନିକଟରେ ତେରମାଣପୁର ଗାଁ'ରେ ନରି ବାବାଜୀ ହୁକୁମ ଦେଉଥିଲେ । ନୃସିଂହ ଠାକୁରଙ୍କୁ ଉପାସନା କରି ସେ କାଟପାଣି, ତେଲ, ଲୁଣ ଇତ୍ୟାଦି ମନ୍ତୁରେଇ ଦିଅନ୍ତି, ଯାହାକୁ ଯାହା ଦରକାର । ଚେରମୂଳି ଔଷଧ ବରାଦ କରନ୍ତି । ରୋଗୀ ଭଲ ହୁଏ । ବଡ଼ ବଡ଼ ରୋଗୀ ହୁକୁମ ପାଖରେ ପରେହି ପଡ଼ନ୍ତି ମାସ ମାସ

Digital Copy from the Author

ଧରି । ଡେରମାଣପୁର ହୁକୁମ ବହୁତ ରୋଗୀ ଭଲ ହୁଅନ୍ତି । ଏହା ଓଡ଼ିଶା ପ୍ରସିଦ୍ଧ । ବହୁ ଅଞ୍ଚଳରୁ ରୋଗୀ ଆସି ଭଲ ହୁଅନ୍ତି ।

ମୋ' ପିଲାଦିନେ ପାଟଣା (ଚନ୍ଦ୍ରଧ୍ୱଜପୁର)ରେ ହୁକୁମ ଆରମ୍ଭ ହେଲା । କୃଷ୍ଣ ବାବାଜୀଙ୍କୁ ଠାକୁର ଲାଗନ୍ତି । ବଉଳ ଗଛମୂଳେ ସୂର୍ଯ୍ୟ ଠାକୁରଙ୍କୁ ଉପାସନା କରନ୍ତି । ସେତେବେଳେ ପାଟଣାରେ ବହୁତ ଚଣ୍ଡୀ, ମଶାଣୀଚଣ୍ଡୀ ଲାଗନ୍ତି, ବାହାରନ୍ତି । କୃଷ୍ଣ ବାବାଜୀ ବେତ ଖଣ୍ଡେ ଧରି ବାଡ଼ାନ୍ତି । ମୋ' ମନେଅଛି ଲତାକୁ ଚଣ୍ଡୀ ଲାଗେ । କୃଷ୍ଣ ବାବାଜୀଙ୍କ ବେତ ପାହାର ବାଜିଲେ ଚଣ୍ଡୀ ପଳାନ୍ତି । ଥରେ ଏମିତି ତାକୁ ଠାକୁର ଲାଗିଲେ ଯେ ଲୋକ ଭଜନ କୀର୍ତ୍ତନ କରି ଗାଁ' ଗାଁ' ବୁଲାଇଲେ । ତାଙ୍କୁ ଅନ୍ୟବେଳେ ଦେଖିଲେ ବି ମୋତେ ଡର ଲାଗେ । ସେ ଚୋର ବି ଧରନ୍ତି । ସେଠି ଚବିଶି ପ୍ରହର ନାମ ଯଜ୍ଞ ବି କରୁଥିଲେ ।

ସେତେବେଳେ ସାପ କାମୁଡ଼ାରେ ବହୁତ ଲୋକ ମରୁଥିଲେ । ମୋ' ପିଲାଦିନ ସାଙ୍ଗ ଜାନୁ ବି ଦନ୍ତାଘାତରେ ଚାଲିଗଲା । ସେଥିପାଇଁ ସିଉନ୍ଦି ଗାଦି ପାଖରେ ଲୋକ ଭଲ ହେଉଥିଲେ । ମୋ' ସାଙ୍ଗ ପ୍ରତିଭାର ବଡ଼ବୋଉ ହୁକୁମ ଦେଉଥିଲେ । ବଡ଼ପାଳରେ ପିର ଠାକୁର ଥିଲେ । ହିନ୍ଦୁ ମୁସଲମାନ ମିଶି ପୂଜା କରୁଥିଲେ । ଫକୀର (ମୁସଲମାନ)ମାନେ ପୂଜା କରୁଥିଲେ । ପିରଙ୍କ ବିଭୂତି ଆଣି ଘରେ ରଖିଲେ ସାପ ଆସନ୍ତିନି । ବିଭିନ୍ନ ରୋଗବୈରାଗରେ ପିରଙ୍କୁ ନଡ଼ିଆ ଯାଚନ୍ତି । କୁକୁଡ଼ା ଉଡ଼ାନ୍ତି ମୁଣ୍ଡରେ । ଆମେ କେତେ ଥର ଚାଲିଚାଲି ସାଙ୍ଗ ହୋଇ ପିରଙ୍କ ପାଖକୁ ଯାଇଛୁ । ଦେହ ଟିକେ ଇସ୍‌କିନା ହେଲେ, କୌଣସି ଜିନିଷ ହଜିଗଲେ ମା' ଓ ଅନ୍ୟମାନେ କ୍ଷେତ୍ରପାଳଙ୍କୁ ଗଞ୍ଜେଇ ଓ ଭାଙ୍ଗ ଯାଚନ୍ତି । ମା' ମଙ୍ଗଳାକୁ ଗାଧୋଇ ଦେବା ପାଇଁ ଓ ଶାରଳାଙ୍କୁ କଳା ଶାଢ଼ୀ ଦେବା ପାଇଁ ମାନସିକ କରନ୍ତି । ରୋଗ ଭଲ ହୁଏ । ହଜିଲା ଜିନିଷ ମିଳେ ।

ଗାଈଗୋରୁଙ୍କ ଦେହମୁଣ୍ଡ ରୋଗ ବୈରାଗ ପାଇଁ ଗୋରଖନାଥଙ୍କ ପୀଠରୁ ବିଭୂତି କାଟପାଣି ନିଅନ୍ତି । ଗୋରୁଙ୍କ ରୋଗ ଭଲ ହୁଏ । ଏବେ ଗୋରଖନାଥପୀଠ ବହୁତ ବଡ଼ ଆକାର ହୋଇ ତୀର୍ଥସ୍ଥାନରେ ପରିଣତ ହୋଇଛି । ବିଶ୍ୱାସ ତ ବଡ଼ କଥା । ଏସବୁରେ ବିଶ୍ୱାସ କରି ପ୍ରଭୁଙ୍କ ଉପରେ ସମର୍ପଣ କରି ଲୋକ ଆରୋଗ୍ୟ ଲାଭ କରୁଥିଲେ । ବାସ୍ତବରେ ବିଶ୍ୱାସେ ମିଳନ୍ତି ହରି, ତର୍କେ ବହୁ ଦୂର ।

❑❑❑

Digital Copy from the Author

କାଟ କାଟ ବୋଲି କାହାର ଆଜ୍ଞା...

ଓଡ଼ିଶାରେ ତନ୍ତ୍ର ପରମ୍ପରାର ଚଳଣି ବହୁ ଯୁଗରୁ ରହିଛି । ମନ୍ତ୍ର, ତନ୍ତ୍ର, ଯନ୍ତ୍ର । ପ୍ରଥମେ ମୁନିଋଷିମାନେ ମନ୍ତ୍ରବଳରେ ଅସାଧ ସାଧନ କରୁଥିଲେ । ମଝି ସମୟ ତନ୍ତ୍ର ଦ୍ୱାରା ଅନେକ କାର୍ଯ୍ୟ ସଫଳ ହେଉଥିଲା । ବର୍ତ୍ତମାନ ଯନ୍ତ୍ରରେ ପୃଥିବୀ ହାତମୁଠାରେ । ମୋ' ପିଲାବେଳେ ତନ୍ତ୍ରର ପ୍ରଭାବ ଥିଲା ଆମ ଗାଁ'ରେ । ଗୁଣିଆ ସବୁ ଥିଲେ । ଗାଁ'ରେ ବହୁତ ସ୍ତ୍ରୀ ଲୋକଙ୍କୁ ବିଶେଷକରି ବାଉଟି ଲାଗେ, ଡାହାଣୀ ଲାଗେ । ପୁରୁଷ ଲୋକଙ୍କୁ ଭୂତ ଲାଗେ ।

ମୁଁ ଶୁଣିଛି ଭୂତ ଆସି ଲୋକଙ୍କୁ ସାଙ୍ଗରେ ଡାକି ନିଏ । ପାଣି ବୁହାଏ । ଧାନ କାଟେ । ଡାହାଣୀ ଲାଗିଲେ ବହୁ ଗୋପନ କଥା, ଅଜଣା କଥା ଗପନ୍ତି । ଗୁଣିଆ ଆସି କ'ଣ ସବୁ ପୂଜା ତନ୍ତ୍ର କରେ । ସେ ପ୍ରେତ ଛଟପଟ ହୋଇ ପଳାଏ । ପଳାଇଲା ବେଳେ କ'ଣ ଗୋଟାଏ ନେଇ ଯାଇ ପଡ଼ି ଚେତାଶୂନ୍ୟ ହୁଏ । ତା'ପରେ ସେ ସାଧାରଣ ଅବସ୍ଥାକୁ ଆସେ ।

ମା' କହେ ଆମ ଗାଁ'ରେ ବିକବେହେରା ଗୁଣିଆ ଥିଲା । ଆଉ ସବୁ ଗୁଣିଆମାନେ କ'ଣ ମନ୍ତ୍ର କରୁଥିଲେ । ସ୍ତ୍ରୀ ଲୋକମାନେ ମାଠିଆ କାଖେଇ ପାଣି ଆଣିବାକୁ ଯାଉଥିବେ, ମାଠିଆ ଭାଙ୍ଗି ତଳେ ପଡୁଥିଲା । ମାଛ ତରକାରି ଯଦି ସେମାନେ ଦେଖିଦେବେ, ମାଛ ବଞ୍ଚି ତରକାରିରେ ଖେଳିବେ । ପିଠା ଅଥାର ଯଦି ଦେଖିବେ, ପିଠା ସିଝିବନି । ଏପାରି ଗଛକୁ ସେପାରି କରି ଦିଅନ୍ତି । ବାଣ ମାରନ୍ତି । ଔଷଧ କରନ୍ତି । ସେଥିପାଇଁ ସେମାନେ ବହୁ ସାଧନା କରନ୍ତି । ଚନ୍ଦ୍ରଗ୍ରହଣ ରାତିରେ ଔଷଧ ସଂଗ୍ରହ କରନ୍ତି । ସେମାନେ ବି ଚୋର ଧରୁଥିଲେ । ନଖଦର୍ପଣ କରି, ଖଟ, କୁଲା ବୁଲେଇ ଆଉ କ'ଣ କେତେ ଉପାୟରେ ଚୋର ଧରୁଥିଲେ ।

ମୁଁ ମଧ୍ୟ ଗୋଟେ ଖାତା ପାଇଥିଲି, କେଉଁ ଅମଳର ଖାତା । ସେଥିରେ ବିଭିନ୍ନ ପ୍ରକାର ମନ୍ତ୍ର ଲେଖାଥିଲା । ରକା ମନ୍ତଟା ମୁଁ ଟିପି କରି ରଖିଥିଲି; କାରଣ ମୋର ସବୁବେଳେ ରକା ପଶେ । କେତେ ପିଲାଙ୍କୁ ସେ ମନ୍ତ୍ର ପଢ଼ି ରକା ଝାଡୁଥିଲି । ମା' କହିଲା ସେ ଖାତା ପାଣିକୁ ଫୋପାଡ଼ି ଦେ । ମୁଁ ଫୋପାଡ଼ି ଦେଲି । ଏସବୁ ସତ କି ଅନ୍ଧ ବିଶ୍ୱାସ ଏ ପର୍ଯ୍ୟନ୍ତ ମୁଁ ସନ୍ଦେହରେ ଅଛି ।

□□□

Digital Copy from the Author

ମାଛଗାଁ କେନାଲରେ କଲେଜ ଛାତ୍ରୀର ଶବ

ବଡ଼ ଦୁଃଖଦ ଦୁର୍ଘଟଣା ଆମ ଗାଁ' ପାଖ ଭରାଳୋ ଗାଁ'ରେ ଘଟିଥିଲା, ଯାହା ସାରା ଓଡ଼ିଶାରେ ଚହଳ ପକାଇଥିଲା । ଆଗେ ତ ଗଣମାଧ୍ୟମର ପ୍ରସାର ଏତେ ନଥିଲା । କୌଣସି ରୋମାଞ୍ଚକର ଘଟଣା ଘଟିଲେ କେତେକ ଲୋକ ଗୀତ ଲେଖି

Digital Copy from the Author

ସୁର ଦେଇ ହାରମୋନିୟମ୍ ଧରି ଗାଁ' ଗାଁ' ବୁଲି ଚଟିବହି ଛପାଇ ବିକୁଥିଲେ । ଆମ ଗାଁ'କୁ ସେମିତିକା ଗୀତବହିବାଲା ଆସି ଗୀତ ବହି ବିକୁଥିଲେ । ସେ ବହି ମୁଁ କିଣିଥିଲି । ସେ ବହି ନା' "ମାଛଗାଁ କେନାଲରେ କଲେଜ ଛାତ୍ରୀର ଶବ" ।

ଆମ ପାଖ ଗାଁ' ଭରାଳୋରେ ଝିଅ ନାଁ ସୌଦାମିନୀ । ମୋ' ବାପାଙ୍କ ଛାତ୍ରୀ । ଖୁବ୍ ସୁନ୍ଦରୀ । ଶିକ୍ଷିତା । ପିଲାଦିନୁ ବାପା ମା' ମରି ଯାଇଥିଲେ । ଆମ ଅଞ୍ଚଳର ପ୍ରଥମ କଲେଜପଢୁଆ ଝିଅ । ଜଗତ୍‌ସିଂହପୁର କଲେଜରେ ପଢୁଥିଲା । ସେ ଚାଲିଗଲେ ଆମେ ଦୌଡୁ ଦେଖିବାକୁ । କଲେଜରେ କ'ଣ ହେଲା, ଗୁଣ୍ଡାମାନେ ମିଶି ତାକୁ ମାରି ମାଛଗାଁ କେନାଲରେ ଭସାଇ ଦେଲେ । ଏହି ମର୍ମନ୍ତୁଦ ଘଟଣା ଆମ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା । କେତେ ଝିଅବୋହୂଙ୍କ ସୌଦାମିନୀ ଲାଗେ ଓ ଗପେ ଇଂରେଜୀ ପଢ଼ିପାରେ ବୋଲି ଲୋକ କହନ୍ତି ।

ଆଉ ଗୋଟିଏ ମର୍ମନ୍ତୁଦ ଘଟଣା ଘଟିଥିଲା । ମୋ' ସାଙ୍ଗ ଟୁନି (ସ୍ୱର୍ଣ୍ଣଲତା) ଭାଗ୍ୟରେ । ସେ ଗୋଟିଏ ବୋଲି ଅଲିଅଳି ଝିଅ ତା' ବାପା ମା'ଙ୍କର । ରାଜକୁମାରୀ ଭଳି ରୂପ । ଭାରି ମେଳାପୀ । ସବୁବେଳେ ହସହସ । ମୋତେ ସ୍କୁଲକୁ ଡାକିବାକୁ ଆସେ । ସ୍କୁଲ ସମୟର ଦୁଇ ଘଣ୍ଟା ପୂର୍ବରୁ ଆସେ । ଆମ ଘରେ ବସେ । ସେ ଆମର ବନ୍ଧୁଘର । ଅଧିକାଂଶ ସମୟ ଆମେ ଏକାଠି ଖାଉ । ଆମେ ଏକାଠି ସ୍କୁଲ ଯାଉ । ସେ କହେ 'ହାଇସ୍କୁଲ ପରେ ଆମେ ସୌଦାମିନୀ କଲେଜରେ ନାମ ଲେଖାଇବା' । ଆଗେ ଆମ ଗାଁ'ରେ ସବୁ ଡାଲୁଅ ଚାଷ ହେଉଥିଲା । ଏଣ୍ଡ୍ରିନ୍ ପଡୁଥିଲା । ସ୍କୁଲ ଗଲାବେଳେ ସେ କହେ 'ଏଇଟା ବଢ଼ିଆ ବାସୁଛି' । ଏମିତି ଦୁଃଖଦ ପରିସ୍ଥିତି ହେଲା ଏଣ୍ଡ୍ରିନ୍ ଖାଇ ସେ ଆତ୍ମହତ୍ୟା କଲା । ସୌଦାମିନୀ କଲେଜରେ ନାମ ଲେଖାଇଲା । ଆମକୁ ଛାଡ଼ି ସବୁଦିନ ପାଇଁ ଚାଲିଗଲା ସୌଦାମିନୀ ପାଖକୁ । ତା'ପାଇଁ ଗଛପତ୍ର ବି କାନ୍ଦିଲେ । ସମସ୍ତେ କୁହନ୍ତି ସ୍ୱର୍ଗ ଅପସରୀ ଅଭିଶାପ ପାଇ ଜନ୍ମ ହୋଇଥିଲା । ଶୋହଳ ବର୍ଷ ବୟସରେ ସେ ମୁକ୍ତି ହୋଇ ସ୍ୱର୍ଗକୁ ଚାଲିଗଲା । ସେ ଦୁଇଟି ଝିଅଙ୍କ ଅକାଳ ବିୟୋଗ ମୋ' ମନରେ ଗଭୀର କ୍ଷତ ସୃଷ୍ଟି କରିଥିଲା । ଯାହା ଏ ପର୍ଯ୍ୟନ୍ତ ଭୁଲି ହୁଏନି ।

❑❑❑

Digital Copy from the Author

ଝିଅଟିଏ ବୋଲି ସିନା

ମୁଁ ଝିଅଟିଏ ବୋଲି କି ଆମେ ଚାରିଝିଅ ବୋଲି ବାପା ଓ ବୋଉ ମନରେ ଦୁଃଖ ନଥିଲା ବରଂ ସେ କୁହନ୍ତି ଝିଅ ହୋଇଛି ଆମେ ଖୁସି । ଝିଅଙ୍କୁ ଏତେ ଭଲ ପାଆନ୍ତି ଯେ ଆମେ ଚାରିଝିଅ ଥାଇ ବି ଧର୍ମଝିଅ ଦୁଇ ତିନି ଜଣ କରିଥିଲେ ।

କିନ୍ତୁ ଲୋକଙ୍କ କଥା ଟିପ୍‌ପଣୀ ଶୁଣି ମୋ' ମନଦୁଃଖ ହୁଏ । ସମାଜର ନୀତିନିୟମ କାଇଦା କଟକଣା ପାଇଁ ମନ ବିଦ୍ରୋହ କରିଉଠେ । ମୁଁ ଶୁଣିଥିଲି – 'ଗାଁ' ପାରିହେଲେ ଝିଅ ନାଁ ତୋ'ର ଲୁଚିବ, ଏରୁଣ୍ଡି ବନ୍ଧ ଡେଇଁଲେ ତୋ' ମୁହଁ କି ଦିଶିବ ?' ଆମ ପିଲାବେଳେ ଗୋଟାଏ ଲୋକପ୍ରିୟ ଗୀତ –

"ସବାରୀ ଚାଲେରେ ଧୀରେ ଧୀରେ...
ଝିଅ ଜନମ ପର ଘରକୁ..."

କିଏ କହେ, "ଝିଅ ଜନମ ଚୁଲି ମୁଣ୍ଡକୁ" । କିଏ କହନ୍ତି ଝିଅଟାକୁ ଏତେ ଗେହ୍ଲାରେ କାହିଁ ବଢ଼ାଉଛ, ସେ କ'ଣ କରିବ ? କିଏ କହନ୍ତି, "ଝିଅଟାକୁ ଏତେ

Digital Copy from the Author

ପଢ଼ାଉଛ କାହିଁକି ? ସେ କ'ଣ ତୁମକୁ ପୋଷିବ ?" କିଏ ମନଦୁଃଖ କରି କହନ୍ତି, "ହରିବାବୁଙ୍କର ମଞ୍ଜୁଟା ପୁଅ ନ ହୋଇ ଝିଅଟିଏ ହେଲା କାହିଁକି ?" ଏମିତି କେତେଲୋକଙ୍କ ଟିପ୍ପଣୀ ମୋ' ମନରେ ଭାରି ଆଘାତ ଲାଗେ ।

ପିଲାଦିନେ ମା' ବର୍ଷବର୍ଷ ଧରି ଆଶା ଦେଇଥାଏ ନିରଦାଦାଙ୍କ ବାହାଘରକୁ ତୁ ମାର୍କୁଣ୍ଡି ହୋଇଯିବୁ । ମୁଁ ମାର୍କୁଣ୍ଡି ହୋଇଯିବି ବୋଲି ପ୍ରସ୍ତୁତ ହୋଇଥାଏ । ପୁଅ ପିଲା ପୋଷାକ ପିନ୍ଧେ । ମନରେ କେତେ ଆଶା । ନିରଦାଦାଙ୍କ ବାହାଘର ଟିକେ ଡେରିରେ ହେଲା । କେଳୁ ବଡ଼ବାପାଙ୍କ ପୁଅ ବାବୁ ଟିକେ ବଡ଼ ହୋଇଗଲାଣି । ତେଣୁ ନିଷ୍ପତ୍ତି ହେଲା ଝିଅଟା କ'ଣ ଯିବ ? ବାବୁ ଯାଉ । ବାବୁ ଗଲା । ସେଦିନ ମୋର ଆଶାର ଅଟ୍ଟାଳିକା ଯେମିତି ଭାଙ୍ଗିରୁଜି ଗଲା । ବହୁତ କାନ୍ଦିଲି । ମୋତେ ବରଯାତ୍ରୀରେ ନେଲେ । ଡଲି ଓ ମୁଁ ଧୂଆଁସାହି ବରଯାତ୍ରୀରେ ଗଲୁ । ମୋ' ମନରେ ବହୁତ କଷ୍ଟ ହେଲା ଯେ ମୁଁ ଝିଅଟିଏ ବୋଲି ଏମିତି ହେଲା । ସେଦିନଠୁ ଅବଚେତନ ମନରେ ରହିଲା ମୁଁ ଝିଅ ହେଲେ ବି ପୁଅଭଳି କାମ ଦେଖାଇବି । ବାହା ହେବିନି । ଶାଢ଼ୀ ପିନ୍ଧିବିନି । ଶାଶୂଘରକୁ ଯାଇ ଗଞ୍ଜଣା ସହିବିନି । ପାଠପଢ଼ିବି । ଚାକିରି କରିବି । ସେଥିପାଇଁ ମନେମନେ ଗୀତ ଗାଏ – "ମୁଁ ଯେ ହେବି ନାହିଁ କାହା ବୋହୂରେ, ଉଜେଇଁ ଦେବାକୁ କୁଆଁରୀ ଜୀବନ ମନ ମୋର ବଳୁ ନାହିଁରେ ।"

ପିଲାଦିନୁ ମୁଁ ପୁଅପିଲା ପୋଷାକ ପିନ୍ଧେ । ସ୍କୁଲ ଖାତାରେ ଯେଉଁଠି ମୋ' ନାଁ ଲେଖେ – "ଶ୍ରୀ ମଞ୍ଜୁବାଳା ଦାସ" ଲେଖେ । କୁମାରୀ ଶ୍ରୀମତୀ ଲେଖିବାକୁ ଭଲଲାଗେ ନାହିଁ । ଆମ ଗାଁ'କୁ ନାଁ ଲେଖିଲାବାଲା ଆସିଥିଲା । ତାଳ, ଛୋଟ ଗଡ୍ଡରେ ମୋ' ନାଁ ଶ୍ରୀ ମଞ୍ଜୁବାଳା ଦାସ ଲେଖାଅଛି । ମୁଁ ଦେଖୁଛି ଗାଁ'ରେ ଝିଅମାନଙ୍କର ବିବାହ ବୟସ ହୋଇଗଲେ ସେମାନେ କାମ ଶିଖନ୍ତି । ମାଟିହାଣ୍ଡି ଧୋଇବା, ଚୁଲି ଲଗାଇବା, ଭାତ ଗାଳିବା, ରୋଷେଇ ଶିଖିବା, ବୁଣାବୁଣି କରିବା ଆଦି କାମରେ ଲାଗିଯାଆନ୍ତି । ସେମାନଙ୍କୁ ଏମିତି ସବୁ କାମ କରୁଥିବା ଦେଖି ଯମପୁରରୁ (ମାନେ ଶାଶୂଘରୁ) ଡାକରା ଆସିଲାଣି ବୋଲି ନକଲିଆ ଲୋକେ କୁହନ୍ତି ।

ଏସବୁ କାମ କରିବାକୁ ମୋର ଭାରି ଭୟ ଥିଲା । ତେଣୁ ଶାଶୂଘରକୁ ଯିବା, ବାହାହେବା ପାଇଁ ବିତୃଷ୍ଣା ଆସିଗଲା । ମୋ' ମନରେ ସବୁବେଳେ ପ୍ରଶ୍ନବାଚୀ

Digital Copy from the Author

ଉଠେ – ପୁଅଟିଏ କାହିଁକି ଅନ୍ୟ ଘରକୁ (ଶାଶୂଘରକୁ) ଯିବନି ? ସେ ନିଜ ଘରେ ରହିବ, ଅଥଚ ଝିଅଟି କ'ଣ ଦୋଷକଲା ଯେ ସେ ଶାଶୂଘରକୁ ଯିବ ? ନିଜ ଜନ୍ମିତ ଘରେ ବାପା ମା'ଙ୍କ ପାଖରେ ରହିପାରିବନି ? ମନ ବିଦ୍ରୋହ କରି ଉଠେ ।

ମୁଁ ମୋ' ଘରେ ରହିବି । ମୋ' ଜେଜେମା', ବାପା, ବୋଉ, ଭାଇଭଉଣୀଙ୍କୁ ଛାଡ଼ି କୁଆଡ଼େ ଯିବିନି ବୋଲି ଜିଦ୍‌କଲି ପାଠ ପଢ଼ିବାକୁ । କିଛି କାମ ଶିଖେନି କି କରେନି । ବହି ପାଖରେ ସବୁବେଳେ ବସେ । ପାଠ ପଢ଼ିବାକୁ ଗଲି ରେଭେନ୍‌ସା କଲେଜ । ହଷ୍ଟେଲ୍‌ରେ ରହିଲି । ବାପା ବୋଉଙ୍କ ସହଯୋଗ ଓ ପ୍ରେରଣା ଥିଲା । ସେତେବେଳେ ଝିଅଙ୍କୁ ଏକୁଟିଆ ବାହାରକୁ ଛାଡୁ ନଥିଲେ । ମୁଁ ଆମ ଗାଁ' ଓ ପାଖ ଗାଁ'ର ପ୍ରଥମ ଝିଅ ବାହାରକୁ ପଢ଼ିବାକୁ ଗଲି । ଅବଶ୍ୟ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା । ଝିଅଟାକୁ ଏକୁଟିଆ କୁଆଡ଼େ ଛାଡ଼ି ଦେଇଛନ୍ତି । ପାଠ କ'ଣ ସ୍ୱର୍ଗ ନେବ ଇତ୍ୟାଦି । ପରବର୍ତ୍ତୀ ସମୟରେ ସମସ୍ତେ ମୋତେ ଅନୁକରଣ କଲେ । ବାହାରକୁ ଯାଇ ପାଠପଢ଼ିଲେ । ଆମ ଗାଁ'ରେ ନାରୀଶିକ୍ଷାର ବିକାଶ ହେବାକୁ ଲାଗିଲା । ମୁଁ ଶାଢ଼ୀ ପିନ୍ଧିଲିନି । ସେଥିପାଇଁ ଖୁବ୍ ସମାଲୋଚନା ଶୁଣିଥିଲି । ଶିକ୍ଷକତା କରିବାରୁ ବାଧ ହୋଇ ଶାଢ଼ୀ ପିନ୍ଧିଲି ।

ଡ୍ରାମା କଲୁ ଝିଅମାନେ । "ନଳଦମୟନ୍ତୀ" ଓ "ପଞ୍ଚଶାୟକ" । ମୁଁ ନାୟକ ଭୂମିକାରେ । ପୁଅପୋଷାକ ପିନ୍ଧି ଅଭିନୟ କଲି । ପଛରେ ବହୁତ ସମାଲୋଚନା ହେଲେ ବି ଆମ ଅଞ୍ଚଳରେ ଝିଅପିଲାଙ୍କ ଡ୍ରାମା ଏକ ଇତିହାସ ସୃଷ୍ଟିକଲା ।

ସବୁ ଗର୍ବ, ସବୁ ବିଦ୍ରୋହ ମୋର ପାଣିଫୋଟକା ପରି ଉଭେଇଗଲା । ଝିଅଟିଏ ବୋଲି ମୋତେ ବାହାହେବାକୁ ପଡ଼ିଲା । ଅବଶ୍ୟ ମୋ' ଚାକିରି ସ୍ଥାନରେ ସ୍ୱାଧୀନ ଭାବରେ ମୋ' ଜେଜେମା', ଭାଇଭଉଣୀ ସାଙ୍ଗରେ ରହିବାର ସୁଯୋଗ ମୋତେ ଭଗବାନ ଦେଲେ । ମୋ' ବାପା ଦେଇଥିବା ଡାଏରୀରେ ଚତୁର୍ଥ ଶ୍ରେଣୀରୁ ହିଁ ମୋ' ମନରେ ରହିଛି ମୁଁ ପାଠ ପଢ଼ିବି ଚାକିରି କରିବି । ମୋ' ଭାଇଭଉଣୀଙ୍କ ପ୍ରତି ମୋର କର୍ତ୍ତବ୍ୟ କରିବି । ପୁଅଟିଏ ହୋଇଥିଲେ ଯାହା କରିଥାନ୍ତି ମୁଁ ଝିଅଟିଏ ହୋଇ ବି ମୋ' କର୍ତ୍ତବ୍ୟ କରିଚି ।

❑❑❑

Digital Copy from the Author

ମନେପଡ଼େ ସେଇ ହଳଦୀକାଠୁଆ

ପିଲାବେଳେ ବିଭିନ୍ନ ପ୍ରକାର ସଜବାଜ ହୋଇ ରଙ୍ଗିନ୍ ପ୍ରଜାପତି ପରି ଉଡ଼ି ବୁଲୁଥିଲୁ ଆମେ ଗାଁ' ଦାଣ୍ଡରେ । ଛୋଟ ବେଳେ ଫ୍ରକ୍ ପିନ୍ଧୁଥିଲି । କେତେ ପ୍ରକାର ଫ୍ରକ୍, ସିଲ୍‌କ, ନାଇଲନ୍, ଟେରେଲିନ୍, ଡେକ୍ରୋନ୍, ଚୁଇଁକ୍ଲ, ଫୁଲ୍ ହାତ ତ ହାତକଟା, ଫୁଲ୍‌ପ୍ୟାଣ୍ଟ, ଫୁଲପକା ପୋଷାକ ବେଶି ପିନ୍ଧୁଥିଲି । ଯେତେବେଳେ ଯେଉଁ ଷ୍ଟାଇଲ୍ ବାହାରେ ମୋର ସବୁଆସେ । ବିନ୍ଦୁ ବିନ୍ଦୁ କାଚ ଲାଗିଥିବା ଉତ୍ତରୀ ବେକରେ ପକାଉଥିଲି । ବଡ଼ ହେଲା ପରେ ଦର୍ଜି ପାଖରୁ ତିଆରି ଫ୍ରକ୍ ପିନ୍ଧିଲି । ଗୋଟିଏ ଗୋଟିଏ ଫ୍ରକ୍ ମନରେ ଏମିତି ଲାଖି ରହିଯାଇଛି ଯେ ମନେହେଉଛି ଟିକେ ସେ ଫ୍ରକ୍ ପିନ୍ଧିବାର ସୁଯୋଗ ମିଳନ୍ତା କି କେତେ ଭଲ ଲାଗନ୍ତା ।

ଝିଅବେଳେ ମୁଣ୍ଡ ବନ୍ଧା ଗୋଟେ ବଡ଼ କାମଥିଲା । ଇଏ ବି ଏକ କଳା । କେତେ ପ୍ରକାର ବେଣୀ କରି ମୁଣ୍ଡ ବନ୍ଧାଯାଏ । ମୋତେ ମୁଣ୍ଡ ଧୋଇ ଆସେନି । କୁଣ୍ଡାଇ ଆସେନି କି ବାନ୍ଧି ଆସେନି । ମା' ମୁଣ୍ଡ ଧୋଇଦିଏ । ମନ୍ଦାରପତ୍ର, ଓଉପତ୍ର, ବନମାଟି ଓ ପରେ ସାମ୍ପୋରେ ମୁଣ୍ଡ ସଫା କରିଦିଏ । କୁଣ୍ଡାଇଦିଏ । ମୋ' ବାଳ ଭାରି ଗହଳ । ଟିକେ କୁଞ୍ଚୁକୁଞ୍ଚୁଆ । ଭାରି ରକଟା ହୁଏ । ମୁଣ୍ଡ କୁଣ୍ଡାଇ ଦେଲାବେଳେ କାଟେ । ମାଆ ହୁସିଆରି ଆସ୍ତେଆସ୍ତେ କୁଣ୍ଡାଇଦିଏ । ବୋଉ ବେଣୀ ପକାଇଦିଏ । ତିନିଟିକିଆ, ଚାରିଟିକିଆ, ପାଞ୍ଚଟିକିଆ କେତେବେଳେ ଖଜୁରୀ ବେଣୀ ପକାଇଦିଏ । କେତେବେଳେ ଦୁଇଟିକିଆ ବେଣୀ ମୋଡ଼ି ଧରି ବାନ୍ଧୁ । କେତେବେଳେ ଛନ୍ଦାଛନ୍ଦି ତ କେତେବେଳେ ମଝି । ରିବନ୍ ଫୁଲ କରୁ । ବାପା ବଣ୍ଡଲ ବଣ୍ଡଲ ରିବନ ଆଣନ୍ତି ବିଭିନ୍ନ ରଙ୍ଗର । ମୋତେ ଆକାଶୀ ରଙ୍ଗର ରିବନ୍ ଭାରି ଭଲ ଲାଗେ । ପିଲାବେଳେ

Digital Copy from the Author

ରଙ୍ଗବେରଙ୍ଗ ରିବନ୍ ଭଲ ଲାଗୁଥିଲା । ପରେ ଖାଲି କଳା ରଙ୍ଗର ରିବନ୍ ବାନ୍ଧିଲି । ତା'ପରେ ଲଭ୍ ଇନ୍ ଟୋକିଓ ଲଗାଉଥିଲି ବେଣୀ ଆଗରେ । ମୁହଁରେ ବସନ୍ତ ମାଳତୀ କ୍ରିମ୍ ପାଉଡ଼ର ଲଗାଉଥିଲି ।

ପିଲାବେଳେ ଆଖିରେ କଜଳ ଲଗାଉଥିଲୁ । ଲାଞ୍ଜି ଟାଣୁଥିଲୁ । ମା' କଲିକତାରୁ ଭୀମସେନ କର୍ପୂର କଳା ମଗାଏ । ଆମେ ଲଗାଉ । ବୋଉ ପୁଣି ସିଜୁପତ୍ରରେ ଥାଳିଆରେ କଳା ପକାଏ । ମୁଣ୍ଡରେ କୁଙ୍କୁମ ଲଗାଏ । ପେନସିଲ୍ କଙ୍କୁମ ଲଗାଏ । ଗୋଲ୍‌ଟିପା ଅପେକ୍ଷା ଲମ୍ବା ଟିପା ଲଗାଏ । ନଖ ପାଲିସି ଲଗାଉ । ଅଳତା ଲଗାଉ । ବିଭିନ୍ନ ପ୍ରକାରର ଚୁଡ଼ି ପିନ୍ଧୁ । କାନରେ ରିଙ୍ଗ୍, ବେକରେ ଚେନ୍, ପାଦରେ ପାଉଁଜି । ଶଙ୍କରସାର୍ ଷଷ୍ଠ ଶ୍ରେଣୀରେ ପଢ଼ିଲା ବେଳେ ସଜବାଜ ହେଲେ ଚିଡ଼ାନ୍ତି । ସେଦିନଠୁ ମୁଁ ଅଳତା ଲଗାଇବା ଛାଡ଼ି ଦେଇଥିଲି । ସାଧାସିଧା ବେଶ ଭଲ ଲାଗେ ।

ଆଗେ ମୁଣ୍ଡରେ ଉକୁଣି ହେଉଥିଲା । ଆମ ଘରକୁ ଜଣେ କୁଣିଆ ଆସିଥିଲେ । ତାଙ୍କ ମୁଣ୍ଡରେ ଉକୁଣି ପ୍ରଥମେ ଦେଖି ଆଶ୍ଚର୍ଯ୍ୟ ହୋଇଥିଲି । ଏଡ଼େଏଡ଼େ ପୋକ ମୁଣ୍ଡରେ ରହୁଛନ୍ତି କେମିତି ? ତା'ପରେ ମୋ' ମୁଣ୍ଡରେ ଉକୁଣି ହେଲା । ବୋଉ ପାଟି କରେ । କହେ ସ୍କୁଲ୍‌ରୁ ଉକୁଣି ଆଣୁଛୁ । ଉକୁଣି ଦେଖା ସ୍ତ୍ରୀ ଲୋକମାନଙ୍କର ଗୋଟିଏ କାମ ଥିଲା । ଅବସର ସମୟରେ ଉକୁଣି ଦେଖାଦେଖି ହୁଅନ୍ତି । ଜଣେ ଜଣେ ଉକୁଣି ଦେଖା ଏକ୍ସପର୍ଟ୍ ଥାଆନ୍ତି । ନଥିଲା ଜାଗାରୁ ଉକୁଣି ଆଣନ୍ତି । ମୁଁ କେଉଁଠି ଖୋଜି ପାଏନି ଉକୁଣି ।

ଆମ ଗାଁ'କୁ ଇଲେକ୍‌ଟ୍ରିକ୍ ଲାଇନ୍ ଆସିନଥିଲା । ଫ୍ୟାନ୍ ନଥିଲା । ମାଆ ହଳଦୀ ବାଟି କାଠୁଆରେ ରଖିଥାଏ । ଶୋଇବାକୁ ଯିବା ପୂର୍ବରୁ ହଳଦୀ ଦେହ ହାତ ଲଗାଇଦିଏ । ଶୁଖିଗଲେ ଛଡ଼େଇ ଦିଏ । ମଳୁଖ ଗଳିପଡ଼େ । ଦେହ ଝଡ଼ାଝଡ଼ି କରିଦିଏ । ଶାନ୍ତିରେ ଶୋଉ । ଥଣ୍ଡା ଲାଗେ । ମଶା ବି କାମୁଡ଼ନ୍ତିନି । କବିତାଟି ମନେପଡ଼େ –

'ସହର ବଜାରୁ ପ୍ରସାଧନ କିଣି ଯେତେ ହେଉ ଦେହେ ବୋଳି,
ମନେପଡ଼େ ସେଇ ହଳଦୀ କାଠୁଆ ଛିଣ୍ଡା ହେଁସଟି କି ଦୋଳି ।'

❑❑❑

Digital Copy from the Author

ନୂଆବୋହୂଟି ! ନଈକି ଗାଧୋଇ ଯିବୁନାହିଁଟି...

ଝିଅଟି ଯେତେବେଳେ ବୋହୂ ସାଜି ମୁଣ୍ଡରେ ଓଢ଼ଣି ଟାଣି ଶାଶୂଘରକୁ ଆସେ, ତା' ମନରେ କେତେ ସ୍ୱପ୍ନ, କେତେ ଆଶା, କେତେ ଆଶଙ୍କା ଭରି ରହିଥାଏ । ଆଜିର ମୋବାଇଲ୍ ଯୁଗର ଝିଅବୋହୂ ବୁଝିପାରିବେନି ସେତେବେଳ ସମୟର କଥା । ମୋ' ପିଲାଦିନେ ଦେଖିଛି କେତେ ନୂଆବୋହୂ ନୂଆ ଅପରିଚିତ ଘରକୁ ଆସିଥାନ୍ତି । ଯୌଥ ପରିବାର । ଶାଶୂ ଶଶୁର, ନଣନ୍ଦ, ଯାଆ, ଝିଅାରୀ ପୁତୁରାଙ୍କୁ ନେଇ ଚଳିବେ ।

Digital Copy from the Author

କେତେ ଲୋକଙ୍କ ମନନେଇ ଚଳିବାକୁ ପଡ଼ିବ । ଯିଏ ତା' ଜୀବନର ସୁଖଦୁଃଖର ସାଥୀ ତାକୁ ତ ଆଗରୁ ଦେଖି ନଥାଏ । ତା' କଥାକୁ ଶୁଣି ନଥାଏ । ପୁଣି ଦିନରେ ସ୍ୱାମୀ ସହ ଦେଖାହେବା, କଥାହେବା ଯେମିତି ଗୋଟେ ବଡ଼ ଅପରାଧ ଥିଲା ।

ଯେତେ ଛୋଟ ଝିଅଟା ହୋଇଥାଉ ପଛେ ବୋହୂଟିଏ ହୋଇଗଲେ ତା' ଉପରେ ସବୁ ଦାୟିତ୍ୱ ପଡ଼ିଯାଏ । କେତେଲୋକ ତା'ଠୁ କେତେ ଆଚାର ବ୍ୟବହାର ଆଶା କରିଥାନ୍ତି । ଟିକେ ଭୁଲ୍‌କଲେ ତାହା ଶହେ ଗୁଣ ହୋଇ ପ୍ରଚାର ହୁଏ । କେତେ ଥଟ୍ଟା ପରିହାସ ବୁଲେଇ ବଙ୍କେଇ ସମାଲୋଚନା କରାଯାଏ । କେତେ ନୀତିନିୟମ କାନୁନ୍ । ଫାସରେ ବନ୍ଧାହୋଇ ପଡ଼ିଥାଏ ବୋହୂଟିର ଗୋଡ଼ଦୁଇଟି ।

ଯାହା ଘରକୁ ନୂଆବୋହୂଟିଏ ଆସିଲେ ମୁଁ ମା' ସାଙ୍ଗରେ ନହେଲେ ସାଙ୍ଗସାଥୀଙ୍କ ସାଙ୍ଗରେ ବୋହୂ ଦେଖିବାକୁ ଯାଏ । ବୋହୂ ସବାରୀ ନହେଲେ ତାଟି ବଳଦଗାଡ଼ିରୁ ଓହ୍ଲାଏ । ମୁଣ୍ଡରେ ହାତେ ଓଢ଼ଣା । ନଇଁ ନଇଁ ଚାଲେ । ବାମପାଦ ଆଗକୁ ପ୍ରଥମେ ପକାଏ । ବନ୍ଦାପନା କରି ହୁଳହୁଳି ପକାଇ ବରକନ୍ୟାଙ୍କୁ ନିଅନ୍ତି । ଦେଇପିଣ୍ଡି ପାଖରେ ଶିଉଳି ଲେଖିବା ପରେ ତାକୁ ନେଇ କବାଟ କଣରେ ବସାଇ ଦିଅନ୍ତି । ଯିଏ ଦେଖିବାକୁ ଚାହାଁନ୍ତି, ହାତେ ଓଢ଼ଣା ଆଡ଼େଇ ମୁହଁ ଦେଖାନ୍ତି । ବୋହୂ ସେତେବେଳେ ଆଖି ବୁଜିଦିଏ । ଆମେ ବୋହୂଟିକୁ ଦେଖୁ । ବୋହୂ କାହାକୁ ଦେଖିପାରେନି ।

ନୂଆବୋହୂ ସମୟରେ କେତେ ନୀତିନିୟମ, କେତେ କାଇଦା କଟକଣା ବୋହୂ ପାଇଁ ଥାଏ । ବୋହୂମାନେ ଫସରଫାଟିବା ବେଳକୁ ଶେଯରୁ ଉଠି ଗାଧୋଇପାଧୋଇ ଆସିଥାନ୍ତି । ସାଇପଡ଼ିଶାର ଗୁରୁଜନ ଶଶୁରଙ୍କ ପାଇଁ ଚନ୍ଦନ ଘୋରି ଚନ୍ଦନ ପେଡ଼ିରେ ଚନ୍ଦନରେ ଝୋଟି କୁଟକମ କରି ଲୁଗା ଭାଙ୍ଗି ପଠାନ୍ତି । ଶାଶୂ ଶଶୁରଙ୍କ ଗୋଡ଼ଧୋଇ ମୁଣ୍ଡିଆ ମାରନ୍ତି । ପାଦଧୁଆ ପାଣି ପିଅନ୍ତି । କାଚ ଥାଳିଆରେ ବିଭିନ୍ନ ପ୍ରକାର ପାନଭାଙ୍ଗି ପଠାନ୍ତି ।

ବୋହୂ ହାତରନ୍ଧା ତରକାରି ସାଇପଡ଼ିଶାରେ ବଣ୍ଟା ଯାଉଥିଲା । କାହାକୁ କାହାକୁ ବୋହୂପରଶା ଖାଇବାକୁ ଡକାଯାଉଥିଲା । ଶଶୁର, ଦେଢ଼ଶୁରଙ୍କ ଠା ସଜାଡ଼ି ରଖୁଥିଲେ । ଝିଅମାନଙ୍କ ମୁଣ୍ଡ ବାନ୍ଧି, ଅଳତା ଚନ୍ଦନ, କୁଙ୍କୁମ ଲଗାଇ ଦେଉଥିଲେ । ବୟସ୍କା ସ୍ତ୍ରୀଲୋକ ଆସିଲେ ଘରକୁ ମୁଣ୍ଡ ଲଗାଇ ଓଳଗି ହେଉଥିଲେ । ଦେହ ହାତ

Digital Copy from the Author

ଘଷି ଦେଉଥିଲେ । ପାନଭାଙ୍ଗି ଦେଉଥିଲେ । ଯିଏ ଘରକୁ ଆସିଲେ ପାନଖଣ୍ଡେ ନିଶ୍ଚୟ ଦେଉଥିଲେ । କଥା କଥାରେ ଲୋକେ କହନ୍ତି ତାଙ୍କ ଘରକୁ ଯାଇଥିଲି ଯେ ପାନଖଣ୍ଡେ ଦେଲେନି ।

ବୋହୂଟିଏ ପାଇଁ କେତେ କଟକଣା ଥିଲା । ଦିନରେ ସ୍ୱାମୀ ସାଙ୍ଗରେ କଥା ହେବେନି । ଦେଢ଼ଶୁର ଶଶୁର ଗୁରୁଜନମାନଙ୍କ ପାଖରେ ଓଢ଼ଣା ପକାଇଥିବେ । କଥା କହିବେନି । ଯେତେବେଳେ କଥା ହେବ ଚୁପି ଚୁପି କଥାହେବ । ଥିରି ଥିରି ହୋଇ ଚାଲିବ । ବଡ଼ପାଟିରେ ହସିବନି । ଦାଣ୍ଡବାରଣ୍ଡା ଉପରକୁ ଯିବନି । ଯୋଗୀଭିକାରୀ କାହାକୁ ଭିକ ଦେବନି । ତା' ଇଚ୍ଛା ଅନୁସାରେ କାହାକୁ କିଛି ଦେବନି । ରୋଷେଇବାସ, ହାଣ୍ଡିଧୁଆ, ବାସନମଜା, ଘରଓଳା ଘରର ଯାବତୀୟ କାମ କରିବ । ସମସ୍ତେ ଖାଇ ସାରିବା ପରେ ଖାଇବ । ଶାଶୂ ଶଶୁରଙ୍କୁ ଘଷାମୋଡ଼ା କରି ଶୋଇବାକୁ ଯିବ । ସମସ୍ତେ ଶୋଇ ସାରିବା ପରେ ଖଞ୍ଜା ଶୂନ୍‌ଶାନ୍ ହେଲା ପରେ ଶୋଇବାକୁ ଯିବ । ମୋ' ପିଲାବେଳେ ଆମ ଗାଁ'କୁ ବୋହୂହୋଇ ଆସିଥିଲେ ରୁକୁଣା ଖୁଡ଼ୀ, ସତୀ ଖୁଡ଼ୀ, ତଇନା ଭାଉଜ, ସଞ୍ଜୁ ଭାଉଜ, ଶ୍ୱେତ ଭାଉଜ, ରେଖି ଭାଉଜ, କଞ୍ଚନା ଭାଉଜ, ସୁଷମା ଭାଉଜ, ଧନୀ ଭାଉଜ । ଏମାନଙ୍କ ପାଖରେ ଆମେ ପିଲାମାନେ ଭିଡ଼ ଜମାଉ । ସେମାନେ ସବୁ ରୀତିନୀତି ମାନୁଥିଲେ । ଏ ପର୍ଯ୍ୟନ୍ତ ବି ତାଙ୍କ ମୁଣ୍ଡରେ ହାତେ ଓଢ଼ଣା ଅଛି ।

ବୋହୂଟିକୁ ସହଯୋଗ କରିବା ପରିବର୍ତ୍ତେ ବିଭିନ୍ନ କଥାରେ ସମସ୍ତେ ବୋହୂକୁ ପରୀକ୍ଷା କରୁଥିଲେ । ସେ ତା' ବାପଘରୁ କ'ଣ ଶିଖିଆସିଛି । ଚାଲିଚଳଣି, ସଣ୍ଟୁଣା ଶିଖିଛି କି ନା । ଯଦି କେଉଁଠି ଭୁଲ୍ ହୋଇଗଲା, କେତେ ଟିପ୍‌ପଣୀ ଶୁଣିବାକୁ ପଡୁଥିଲା । 'ତୋ' ବାପା ମା' ଏଇଆ ଶିଖେଇ ପଠେଇଛନ୍ତି' ଇତ୍ୟାଦି । ନଣନ୍ଦର ମର୍ଜିଜଗି ଚଳିବାକୁ ପଡୁଥିଲା । ବୋହୂର ଟିକେ ଭୁଲ୍‌କୁ ପାଞ୍ଚ ମାଇପିରେ ଆଲୋଚନା ହେଉଥିଲା । ଶାଶୂଘର ଗଞ୍ଜଣା ସହି ନପାରି କେତେ ବୋହୂ ଆତ୍ମହତ୍ୟା କରୁଥିଲେ । ଏବେ ସେକାଳ ପଖାଳ ଆଉ ନାହିଁ । ବଦଳି ଯାଇଛି ଆମ ରୀତିନୀତି, ଚଳଣି ।

❑❑❑

Digital Copy from the Author

ଆମ ବେଳର ପୁନିଅପରବ

ସମୟ ସହ ତାଳ ଦେଇ ପର୍ବପର୍ବାଣି ରୀତିନୀତିର ପରିବର୍ତ୍ତନ ହୋଇଚାଲିଛି । ବିଦେଶୀ ସଭ୍ୟତାର ପ୍ରଭାବରେ ପାରମ୍ପରିକ ପର୍ବ ଲୋପ ହୋଇ କେତେ ସବୁ Day' ପାଳନ ହେଲାଣି । Mother's day, Father's day, Valentine day, ଇତ୍ୟାଦି ଇତ୍ୟାଦି । ମୋ' ପିଲାବେଳେ ଯେଉଁ ପର୍ବ ଯେମିତି ପାଳନ କରାଯାଉଥିଲା, ବର୍ତ୍ତମାନ ସେ ପର୍ବ ପାଳନ ହେଉଛି କିନ୍ତୁ ସେମିତି ହେଉନି ।

ପହିଲି ଆଷାଢ଼ର ମୌସୁମୀ ଆଗମନ ସହିତ ରଜପର୍ବ ଆସେ । ଆମ ପିଲାମାନଙ୍କର ସବୁଠୁ ପ୍ରିୟ ପର୍ବ, ମାଟି ମା' ରଜସ୍ୱଳା ହୋଇଥିବାରୁ କୁମାରୀ

Digital Copy from the Author

କନ୍ୟମାନେ ମାଟିକୁ ସ୍ପର୍ଶ କରନ୍ତି ନାହିଁ । ତିନି ଦିନ ଧରି ଏ ପର୍ବ ପାଳନ ହୁଏ । ଚତୁର୍ଥ ଦିନ ବସୁମତୀ ମା'କୁ ସ୍ନାନକରାଇ ପ୍ରଥମେ ସଜବାଜ ଦିନ ଆମେ ଝିଅମାନେ ମୁଣ୍ଡଧୋଇ ହଳଦୀ ଲଗାଇ ଗାଧାଉ । ଅଳତା ବି ଲଗାଉ । ଆମ ବୋଉ, ଖୁଡ଼ୀ, ବଡ଼ ବୋଉମାନେ ବଟାବଟି, କୁଟାକୁଟି, କଟାକଟି ସବୁ କାମ ସାରିଦିଅନ୍ତି । ଶିଳ, ଚକି, ପନିକିକୁ ବିଶ୍ରାମ ଦିଅନ୍ତି । ରାତିରେ ପୋଡ଼ପିଠା କରି ରଖନ୍ତି ।

ଆମର ରଜ ଘର ଥାଏ । ରଜ ଘରେ ବଡ଼ ହେଁସ ପଡ଼େ । ବାରିକିଆଣୀ ଆସି ଚାଉଳ, ପଇସା, ଶିଳପୁଆ ରଖି ହେଁସ ପକାଇ ଯାଏ । ରାତିରୁ ଉଠି ଆମେ ଗାଧୁଆପାଧୁଆ ସାରି ସଜବାଜ ହେଉ । ଆଉ ତିନିଦିନ ଗାଧୁଆ ହେବନି । ରାତି ନ ପାହୁଣୁ ସଜବାଜ ସରେ । ନୂଆବୋହୂ କି ଭାଉଜ ଖୁଡ଼ୀମାନେ ଚନ୍ଦନ ଟିପିଟିପି ଲଗାଇ ସୁନ୍ଦର କରି ମୁଣ୍ଡ ବାନ୍ଧି ଦିଅନ୍ତି । ଅଳତା ଲଗାଇ ଦିଅନ୍ତି । ନୂଆଜାମା ପ୍ୟାଣ୍ଟ ପିନ୍ଧି ଆମେ ସମସ୍ତେ ଗାଁ'ର ସବୁଝିଅ ରଜ ଘରକୁ ଆସୁ ।

ସେଠି ବିଭିନ୍ନ ଖେଳ ଖେଳୁ । ରେଡ଼ିଓ ଲଗାଇ, ଗ୍ରାମଫୋନ୍ ଲଗାଇ ଗୀତ ଶୁଣୁ । ସମସ୍ତଙ୍କ ଘରୁ ରଜ ଘରକୁ ପିଠାପଣା, ଉଖୁଡ଼ା, ମିଠେଇ ଇତ୍ୟାଦି ଆସେ । ସମସ୍ତେ ସାଙ୍ଗ ହୋଇ ମଜା କରି ଖାଉ । ଦୋଳି ଲଗା ହୋଇଥାଏ । ଖେଳୁ । ଗାଁ' ବୁଲିଯାଉ । ଚପଲ ପିନ୍ଧି ଯାଉ । ତଳେ ଗୋଡ଼ ଟିକେ ବି ପଡ଼ିବନି । ଥଟ୍ଟାରେ କେତେକ ଚପଲ ଲୁଚାଇ ଦେଇ ଟାଣିଆଣି ତଳେ ଚଲାଇ ଦିଅନ୍ତି । ଯିଏ ତଳେ ଟିକେ ଚାଲିଲା, ତାକୁ ସମସ୍ତେ ଚିଡ଼ାନ୍ତି । ଖାଇବାକୁ ବସିଲାବେଳେ ବି ଆସନ ପାଖରେ ଚପଲ ଥୋଉ । ତଳେ ନ ଚାଲିବା ବା ମାଟିକୁ ନ ଛୁଇଁବା ନିୟମ ଥିଲା । ରଜକୁ ପ୍ରତିବର୍ଷ ମୋର ଓ ଭଉଣୀମାନଙ୍କର ନୂଆ ନୂଆ ଚପଲ ଆସେ । ବଢ଼ିଆ ଲାଗେ ନୂଆ ଚପଲ ପିନ୍ଧିବାକୁ । ଆମ ପୂର୍ବପିଢ଼ିର ଝିଅମାନେ ଗୁଆଖୋଳପା ପିନ୍ଧୁଥିଲେ । ପହିଲି ରଜ, ରଜ ସଂକ୍ରାନ୍ତି ଓ ଭୂଇଁ ନହଣ ତିନିଦିନ ଧରି ରଜ ପାଳୁ । ମାଟିରେ ପାଦ ରଖୁନାହିଁ ।

ରାତିରେ ରଜଘରେ ସାଙ୍ଗ ହୋଇ ଶୋଇ ଗୀତ ଗପରେ ସମୟ ବିତାଉ । ଦିନରୁ ଖାଇ ଦେଇଥିବୁ । ବିଲୁଆ ଭୁକିଲେ ଖାଇବା ବନ୍ଦ । ସନ୍ଧ୍ୟାରୁ ଖେଳ, ଗୀତ, ନାଚରେ ମାତିଯାଉ । ପ୍ରଥମଦିନ ଟିପାଚନ୍ଦନ, ଦ୍ୱିତୀୟ ଦିନ ପାଟି ଚନ୍ଦନ, ତୃତୀୟ

Digital Copy from the Author

ଦିନ ଫୁଲଚନ୍ଦନ ଲଗାଉ । ସବୁଦିନେ ଅଲଗା ଅଲଗା ପୋଷାକ ପିନ୍ଧୁ । ଗାଁ'ର ସମସ୍ତେ ଝିଅମାନଙ୍କୁ ଖାଇବାକୁ ଡାକନ୍ତି । ସମସ୍ତେ ସାଙ୍ଗହୋଇ ବୁଲିବୁଲି ଖାଉ । ମାଛ, ମାଂସ, ପିଠାପଣା, ଫଳମୂଳ, ଉଖୁଡ଼ା, ମିଠେଇ ଖାଇ ପେଟ ପୂରିଯାଏ ।

ସମସ୍ତଙ୍କ ଘରେ ଭଲ ଭଲ ଜିନିଷ କରି ଖାଆନ୍ତି ଓ ଖୁଆନ୍ତି । ଘରେଘରେ ପାନ ବଣ୍ଟାହୁଏ । ବୋଉ ବିଭିନ୍ନ ଷ୍ଟାଇଲ୍‌ରେ ପାନଭାଙ୍ଗି ଦିଏ । ମୁଁ ଘରେ ଘରେ ବାଣ୍ଟିଆସେ । ଆମେ ବି ରଜ ପାନ ଖଣ୍ଡେଖଣ୍ଡେ ପାଟିରେ ଜାକିଦେଉ । ପୁଅମାନେ ବାଗୁଡ଼ି, ତାସ୍, ପଶା ଇତ୍ୟାଦି ଖେଳନ୍ତି । ଆମେ ଲୁଡୁ, କ୍ୟାରମ୍, କଉଡ଼ି, ତାସ୍ ଆଦି ଖେଳୁ । ତିନିଦିନ ମଜାରେ କଟିଯାଏ । ଯେଉଁଦିନ ସରେ, ଖାଲିପାଦରେ ଚାଲିବାକୁ ଅକଳିଆ ଲାଗେ । ଭାରି ମନଦୁଃଖ ହୁଏ ।

ଆମ କୁଆଁରୀମାନଙ୍କର ଆଉ ଗୋଟିଏ ବଡ଼ ପର୍ବ କୁଆଁର ପୁନେଇଁ । ମୋ' ମା' କହେ ଚନ୍ଦ୍ରଉଦିଆ ବରଟିଏ ପାଇବା ପାଇଁ କୁଆଁରୀମାନେ ଏ ଓଷା କରନ୍ତି । ପଢ଼ାବହିରୁ ଶୁଣିଲୁ କୁମାର ହେଉଛନ୍ତି କାର୍ତ୍ତିକ । କାର୍ତ୍ତିକ ଭଳି ସୁନ୍ଦର ବରଟିଏ ପାଇବା ପାଇଁ ଓଷା କରନ୍ତି । ଯାହାର ବର ପାଇବାକୁ ଇଚ୍ଛା ଥାଉ ବା ନଥାଉ ସୁନ୍ଦର ଚାହାନ୍ତୁ ବା ନ ଚାହାନ୍ତୁ ଓଷା କରିବାକୁ ପଡ଼େ । ଇନ୍ଦ୍ର ପୂର୍ଣ୍ଣିମାଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ଗୋଟିଏ ମାସ ଏ ପର୍ବ ପାଳନ କରାଯାଏ ।

ଇନ୍ଦ୍ରପୂର୍ଣ୍ଣିମା ଦିନ ଚଉରାମୂଳେ ଜହ୍ନି କୋଠି କରି ପୂଜାହୁଏ । ନଡ଼ିଆ ମୁଢ଼ି କରି ଖାଉ । ସେଦିନଠୁ କୁଆଁର ପୁନେଇ ଯାଏ ସବୁଦିନେ ଚଉରାମୂଳେ ଜହ୍ନି ଫୁଲ ତୋଳି କୋଠି କରୁ । ଫୁଲ ବଉଳବେଣୀ ଖେଳୁ, ଗୀତ ଗାଉ । ଜହ୍ନ ଆସିଲେ ଶୁକ୍ଳପକ୍ଷରେ ଖେଳ ବେଶି ଜମେ । କୁଆଁର ପୁନେଇ ପୂର୍ବଦିନ ରାତିରେ ଭୋଜିକରି ଖାଉ । ରାତିସାରା ଖେଳୁ । କାନ୍ଧରେ ହାତ ଛନ୍ଦି ଦାଣ୍ଡରେ କୁଆଁର ପୁନେଇ ଜହ୍ନଗୋ, ଫୁଲ ବଉଳବେଣୀ, ପୁଚି, ଠିଆପୁଚି, ଚୁଭାଇ, ଛଦ୍ମବେଶ ହେଉ, ପୁଅମାନେ ପାଳଭୂତ ହୁଅନ୍ତି ।

ଗୁକୁଣା ଖୁଡ଼ୀର କୁଆଁର ପୁନେଇ ଗୀତ ଖାତାରୁ ପୁନେଇ ଗୀତ ଗାଉ । ବୋଉର ଗୀତ ଖାତାରୁ କେତେ ଗୀତ ଦାଣ୍ଡପିଣ୍ଡାରେ ବସି ବୋଲୁ । ସୀତା ବିବାହ, ରୁକ୍ମିଣୀ ହରଣ, କେଦାର ଗୌରୀ, ଅହିଂସା ପରମ ଧର୍ମ ଏମିତି କେତେ ଗୀତ ।

Digital Copy from the Author

ମାଆ, ନିରଦାଦା, କମଳା ଅପା, ରୁକୁଣା ଖୁଡ଼ୀ, ମିନା ବଡ଼ବୋଉ, ବସନ୍ତ ବଡ଼ବୋଉ ଶୁଣନ୍ତି । ଡଲି, ଅଞ୍ଜୁ, ଲିଲି, ଟୁନି, କାଳି, କାଞ୍ଚନ, କାନନ, ଗୀତା, ଟିକି, ବିନି, ଜିନୁ, ବାଟେଇ, ଘୁଘୁନା, ଟୁନି, ବଜି, ସୁଲିଆ, କାଳି, ଶୁକୁନି, ହେମ ଇତ୍ୟାଦି ଖେଳୁ ଓ ଗୀତ ବୋଲୁ ।

କୁଆଁର ପୂନେଇ ଦିନ ରାତିରୁ ଉଠି ମୁଣ୍ଡଧୋଇ ସଜବାଜ ହେଉ । ବୋଉ ଦୁଆରେ ଲିପାଲିପି କରି କୁଲାରେ ଅଛଡ଼ା ଖଇ, କଞ୍ଚାଗୁଆ ନଡ଼ିଆ, କଷିକାକୁଡ଼ି, ଜହ୍ନି, ଆଖୁ ଇତ୍ୟାଦି ରଖିଥାଏ । ଦୀପ, ଧୂପ ଇତ୍ୟାଦି ଧରି ଖୁଡ଼ୀ ଆସି ଆମକୁ ଆଞ୍ଜୁଳି ଦିଏ । ବାଳସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଆମେ ଆଞ୍ଜୁଳି ଟେକୁ । ଦିନସାରା ସୁଜି, ପୁରୀ ତରକାରି ଇତ୍ୟାଦି ଖାଇ ରହୁ । ସନ୍ଧ୍ୟାବେଳକୁ ଚନ୍ଦ୍ର ଉଦୟ ହୋଇଆସିଲେ ନନା ଚଉରାମୂଳେ ପୂଜା କରନ୍ତି । ଆମେ ଛିଡ଼ାହୋଇ ଅର୍ଘ୍ୟ ଦେଉ ।

ସକାଳ ପଣା ଖଇରେ ନଡ଼ିଆ, କଦଳୀ ଦହି ଗୁଡ଼ ପକାଇ ଚକଟି ଚାନ୍ଦ ଚକଟା କରିଥାଏ । କାକୁଡ଼ି ପତ୍ରରେ ରଖଯାଏ । ଚଉରା ପଣାସାରି ଚାନ୍ଦ ଚକଟା ନେଇ, କଷି, କାକୁଡ଼ି, ଜହ୍ନି ନେଇ ପୋଖରୀ କୂଳକୁ ସବୁ ଝିଅମାନେ ସାଙ୍ଗହୋଇ ଯାଉ । ଜହ୍ନକୁ ଦେଖୁ । ନମସ୍କାର ହେଉ । କାକୁଡ଼ି, ଜହ୍ନିରେ ଦାନ୍ତଘଷୁ । ଚାନ୍ଦଚକଟା ଖୁଆଖୋଇ ହେଉ ଚାନ୍ଦ ବସୁ । ଡଲି, କାଞ୍ଚନ ଓ ମୋର ସବୁ ବର୍ଷ ଚାନ୍ଦ ବସୁ । ମୋ ସାଙ୍ଗର ଆଉ କେହି ନଥାନ୍ତି । ହସରେ ପୋଖରୀ ତୁଠ ଫାଟିପଡ଼େ ।

ଭାଉଜ, ଜେଜେମା'ମାନେ ଟିପ୍ପଣୀ ଦିଅନ୍ତି କଅଁଳିଆ ଜହ୍ନକୁ ପୂଜା କରିଦିଅ, ଡେରି କରନା । ଚାନ୍ଦ ବୁଢ଼ା ହୋଇଗଲେ, ବୁଢ଼ାବର ପାଇବ । ଉଦିଆ କଅଁଳା ଚାନ୍ଦକୁ ପୂଜିଲେ କଅଁଳିଆ ବର ପାଇବ । ଆମ ଗାଁ'ର ସବୁ ଝିଅ ପ୍ରାୟ କଅଁଳିଆ ବର ପାଇଛନ୍ତି । ସେଠୁ ଆସି କୁଆଁର ପୁନେଇ ଖେଳ, ଗୀତ ବୋଲି, ପୁଚି ଖେଳରେ ରାତି ପାହିଯାଏ । ଆମ ପିଲାବେଳେ ବିଜୁଳି ଆଲୁଅ ନଥିଲା । ଦାଣ୍ଡରେ ରଣି ଫୁଲପରି ଜହ୍ନ ବିଛେଇ ହୋଇ ପଡ଼ିଥାଏ । କେତେ ମଜା ଲାଗେ ହସି ଖେଳି ନାଚି ଗୀତଗାଇବାକୁ । ଇଚ୍ଛାହୁଏ ଏ ରାତି ନ ପାହାନ୍ତା କି ?

ଆମ ଝିଅ ପିଲାଙ୍କର ଆଉ ଗୋଟିଏ ମଜା ଓଷା ହେଉଛି ଖୁଦୁରୁକୁଣୀ ଓଷା । ଏହି ଓଷା ଭାଦ୍ରବ ମାସର ପ୍ରତି ରବିବାର ଦିନ ପାଳନ କରୁଥିଲୁ । ରାତିରୁ ଉଠି

Digital Copy from the Author

ଝିଅମାନେ କିଛି ପୁଅମାନଙ୍କୁ ଡାକି ଫୁଲ ତୋଳିବାକୁ ଯାଉ । ଚାଲୁଣି ନେଇଥାଉ, ପାଛିଆ ବି ନେଇଥାଉ । ଆମ ପାଖ ପଡ଼ିଶା ଓ ନିଶ୍ଚିନ୍ତକୋଇଲି ଭରାଳୋ ଗାଁ' ପିଲାମାନେ କାଳେ ଫୁଲ ନେଇଯିବେ ଆଗରୁ ଯାଇ ସମସ୍ତଙ୍କ ବାଡ଼ିରୁ, ସ୍କୁଲ୍ ବାଡ଼ିରୁ, ଠାକୁର ବାଡ଼ିରୁ ଫୁଲ ତୋଳୁ । ବର୍ଷା ଝିପିଝିପି ହେଉଥାଏ । ଓଦା ଫୁଲ ଗଛରୁ ଟଗର, ମାଳତୀ, ରଂଗଣୀ, ହରଗୌରା, ପାଣିକେନ୍ଦୁ, ଅରଖ ଫୁଲ ତୋଳିବାକୁ ଭାରି ଭଲ ଲାଗେ ମୋତେ । ପୋଖରୀ ନଈରୁ କଇଁଫୁଲ ଆମକୁ ଜାନୁ, ବାଳା, ହେମ ଇତ୍ୟାଦି ତୋଳି ଦିଅନ୍ତି । ଚାରି ପାଞ୍ଚ ଚାଲୁଣି, ଚାରି ପାଞ୍ଚ ପାଛିଆ ଫୁଲ ହୁଏ । ଏତେ ଫୁଲ ଦେଖିଲେ ଖୁସିଲାଗେ ।

ଢିଙ୍କିଶାଳ ଲିପାପୋଛା କରୁ । ତା'ପରେ ସାଙ୍ଗହୋଇ ପୋଖରୀକୁ ଗାଧୋଇ ଯାଉ । ହଳଦୀ ତେଲ ନେଇ ଯାଇଥାଉ । ଗାଧୋଇ ପୋଖରୀ କୂଳରେ, କାଦୁଆ ଆଣି ବାଲୁଙ୍କା କରୁ । ସେଥିରେ ଫୁଲ ଭୋଗ ଅପମାରଙ୍ଗ କାଠି ମାରି ପୂଜାକରି ହୁଳହୁଳି ପକାଉ । ଗାଧୋଇଲା ବେଳେ କି ମଜା ! ପାଣି ଫୋପଡ଼ାଫୋପଡ଼ି କରି ଅଚ୍ଛା ମଜାରେ ପୋଖରୀ କମ୍ପୁଥାଏ । ଘରକୁ ଆସି ଅଲଣା ଭାତତୋରାଣି ଅଢ଼େଇ ଗୁଣ୍ଡା ଅଢ଼େଇ ଢୋକ ପିଉ ଓ ତା'ପରେ ଲୁଣ ପକାଇ ଖାଉ । ସଜବାଜ ହୋଇ ଫୁଲ ଗୁନ୍ଥିବାକୁ ଯାଉ । ଢିଙ୍କିଶାଳରେ ଚିତା ଲେଖୁ ।

ପ୍ରତିମା ଅପା ଭଲ ଚିତା ଲେଖୁଥିଲେ । ମାଳଗୁନ୍ଥି, ଗଜରା ହାର ବଡ଼ିଆ କରୁଥିଲେ । ଆମର ଆଗରୁ ଅଲଗା ପ୍ରକାର ମାଳଗୁନ୍ଥା ହେଉଥିଲା । ରୁକୁଣା ଖୁଡ଼ୀ ଭଲ ମାଳଗୁନ୍ଥି ଶିଖାଇଦେଲେ । ସେଦିନଠୁ ସେମିତି ଚାଲିଲା । କରଣ ଘରେ ଭାଲୁକୁଣି ପୂଜା ହୁଏନି । ସାରୁପତ୍ର, ବାସଙ୍ଗ ପତ୍ରକୁ ବାନ୍ଧି ସାଇଜ୍ କରି କାଟି ମାଳଚୂଳ କରାଯାଏ । କଦଳୀ ପଟୁକାରେ ବନ୍ଧାଯାଏ । ଗଜରା ହାର, ଟଗର ଓ ରଙ୍ଗଣୀ ଫୁଲରେ ତୋଡ଼ାକରି ସଜାଯାଏ । ଅନ୍ୟ ଜାତିର ଲୋକ କି କିଏ ଭାଲୁକୁଣି ମାନସିକ ଥିଲେ ଦିଅନ୍ତି, ଆମେ ପୂଜା କରୁ ।

ସନ୍ଧ୍ୟାବେଳକୁ ଖଟୁଲି, ଢିଙ୍କିରେ, କୋଠି ଲେଖୁ । ସମସ୍ତେ ଭୋଗ ଆଣନ୍ତି । ପ୍ରଥମ ପାଳି ଅରୁଆ ଚାଉଳ, ତା'ପରେ ମୁଢ଼ି, ଚୁଡ଼ା, ଶେଷପାଳିରେ ମଣ୍ଡାପିଠା ଭୋଗ ହୁଏ । ତଅପୋଇ ବହି ଦୁଇଜଣ ମିଶି ବୋଲୁ । ହୁଳହୁଳି ଶଙ୍ଖଧ୍ୱନିରେ ଗାଁ'

Digital Copy from the Author

କମ୍ପିଉଠେ । ଭୋଗ ଖାଇ ମଜା କରୁ । ଶେଷପାଳି ମେଢ଼ ତିଆରି କରି ତେଲିଙ୍ଗି ବାଜା, କେଳାକେଳୁଣୀ, ଫଡ଼ି ଖେଳ, ଘୋଡ଼ା ନାଚପାର୍ଟି ନେଇ ଭସାଣିଯାତ୍ରାରେ ଠାକୁରାଣୀଙ୍କୁ ବିସର୍ଜନ କରୁ । ବହୁତ ମଜାଲାଗେ ଖୁଦୁରୁକୁଣୀ ଓଷା । ଏ ପର୍ଯ୍ୟନ୍ତ ବି ମୁଁ ଯେଉଁଠି ଖୁଦୁରୁକୁଣୀ ପୂଜା ହୁଏ ଭୋଗ ଦିଏ । ଦେଖିବାକୁ ଯାଏ ।

କାର୍ତ୍ତିକ ମାସର ପଞ୍ଚୁକ (ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ) ଆମେ ଝିଅମାନେ ରାତିରେ ଡକାଡକି ହୋଇ ଉଠୁ । ବଜ୍ରମୂଳିରେ ଝାଡୁ କରିଥାଉ । ଗାଁ' ଦାଣ୍ଡ ମଙ୍ଗଳାଙ୍କ ଆଗ, କ୍ଷେତ୍ରପାଳଙ୍କ ଆଗ, ବଜ୍ରବିହାରିଙ୍କ ଆଗ ଓଳାଉ । ହୁଳହୁଳିରେ ଗାଁ'ଦାଣ୍ଡ କମ୍ପୁଥାଏ । ଗାଧୋଇ ଆସି ସମସ୍ତଙ୍କ ଚଉରା, ଗୋବରମାଟି ପାଣିରେ ଲିପୁ । ପନ୍ଦର ଦିନ ଆଗରୁ ବିଭିନ୍ନ ପ୍ରକାର ମୁରୁଜ କରି ରଖିଥାଉ । ଜଇନ୍ତପତ୍ର ଶୁଖାଇ ସବୁଜ ମୁରୁଜ, ଇଟା ଘୋରି ନାଲି, ପଥରଚୁନା କରି ଧଳା, ହଳଦୀ ଶୁଖାଇ ଚୁରି ହଳଦୀ ଓ ଅଙ୍ଗାର ଚୁରି କଳା ମୁରୁଜ କରି ପକାଉ । ଆଜି ଭଳି କିଣା ମୁରୁଜ ନଥିଲା । ମୁରୁଜ କରିବାରେ ବୋଉ, ମା' ସାହାଯ୍ୟ କରୁଥିଲେ ।

ମଙ୍ଗଳାଙ୍କ ପାଖରେ ସମସ୍ତେ ମିଶି ମାଟିଆଣି ନୂଆ ଗମ୍ଭରା କିଣି ପଞ୍ଚକ ଆଗରୁ ବାଲୁଙ୍କା (ଚଉରା) କରିଥାଉ । ବାସୁଆ ବଳଦ ବି କରିଥାଉ । ଲିପାପୋଛା କରି ମୁରୁଜ ପକାଉ । ତା'ପରେ ସମସ୍ତେ ଅରୁଆ ଚାଉଳ, କ୍ଷୀର, କଦଳୀ, ନଡ଼ିଆ ଭୋଗ ଆଣିଥାନ୍ତି । ଯିଏ ସବୁଠାରୁ ବଡ଼ ତାକୁ ବଡ଼ପଣ୍ଡା ଡାକନ୍ତି । ସେ ଭୋଗକରେ । ବହୁତ ଦିନ ମୁଁ ବଡ଼ପଣ୍ଡା ଥିଲି । ଡଲି (ଚାନ୍ଦ) ମୁଁ ମିଶି ପୂଜା କରୁ । ଘଣ୍ଟ, ଶଙ୍ଖ, ହୁଳହୁଳି ଧ୍ୱନିରେ କମ୍ପୁଥାଏ ମଙ୍ଗଳାଙ୍କ ପୀଠ । ଭୋଗ ଖାଇ ଘରକୁ ଆସୁ । ସନ୍ଧ୍ୟାବେଳକୁ ଆକାଶ ବସେ । ଠେକି କଣା ହୋଇଥାଏ, ତା' ତଳେ ବାଲି ଦିଆଯାଇ ଦୀପ ଥୁଆ ହୁଏ । ବାଉଁଶ ପୋତା ହୋଇ ରସି ଲାଗିଥାଏ ଓ ସିକାରେ ଆକାଶ ଘଡ଼ି ଥୁଆହୋଇ ଉପରକୁ ଉଠାଯାଏ । ଘରେ ସମସ୍ତେ ଆକାଶ ବସାଇ ଥାଆନ୍ତି ।

ପୂର୍ଣ୍ଣିମାଦିନ ରାତିରେ ଡଙ୍ଗା ଭସାଉ କଦଳୀ ବାହୁଙ୍ଗା ଡଙ୍ଗାକରି । ମାଟିରେ ଆ'କା'ମା ତିଆରି କରୁ । ପାନ, ପରିବା, ଡାଲି, ଚାଉଳ, ଆ'କା'ମା, ମାଟିରେ ଛୋଟ ଶିଳ, ଚକି ହାଣ୍ଡି କରିଥାଉ । ଡଙ୍ଗାରେ ଦେଇ ବତୀ ଲଗାଉ । "ଆକାମାବୈ ଗୁଆ ପାନ ଥୋଇ, ଗୁଆପାନ ତୋର ମାସକ ଧର୍ମ ମୋର" କହି ଡଙ୍ଗା ଭସାଉ ।

Digital Copy from the Author

ଡଙ୍ଗା ଭସାଇ ସାରି ପଣ୍ଡିମେଶ୍ୱର, ଗୁଣ୍ଡେଶ୍ୱରଙ୍କ ପାଖକୁ ମହାଦେବ ଦର୍ଶନକୁ ଯାଉ । ଅରୁଆ ଅନ୍ନ, ଓଉ, ସାରୁ, କଦଳୀ, ମୁଗର ଡାଲମା ପତ୍ରରେ ମହାଦେବଙ୍କ ଉଦ୍ଦେଶ୍ୟରେ ପାଣି ଛଡ଼ାଉ । ଖାଉ । ବହୁତ ସୁସ୍ୱାଦୁ ଲାଗେ । ବୁଢ଼ୀମାମାନେ ତ ହବିଷ କରିଥାନ୍ତି । ରାତିରେ ରାହାସ ହୁଏ । ଦେଖୁ । ତା'ପରଦିନ ଛାଡ଼ଖାଇ ହୁଏ । ଯେଉଁ ବ୍ରଜମୂଳିରେ ପାଞ୍ଚଦିନ ଧରି ଦାଣ୍ଡ ପହଁରିଥାଉ ସେଥିରେ ପିତା ଶୁଖୁଆ ପୋଇ, ସାରୁ, ଥୋଇ ପାଣିରେ ଭସାଉ । ଏହି ଓଷାକୁ ଦାଣ୍ଡପହଁରା ପଞ୍ଚୁକ କୁହାଯାଉଥିଲା ।

ଆମେ ପିଲାବେଳେ ଯେମିତି ପରମ୍ପରା ଅନୁସାରେ ପାଳନ କରୁଥିଲୁ ଏବେ ଆଉ କରୁନାହାନ୍ତି । କେବଳ ନୂଆ ପୋଷାକ ଓ ଭଲ ଖାଇବାକୁ ନେଇ ପୂଜା । ଗାଁ'ରେ ପ୍ରାୟ ଏହା ଲୋପ ହୋଇଗଲାଣି ।

ଏସବୁ ଛଡ଼ା ଆମେ ସ୍କୁଲରେ ସରସ୍ୱତୀ ପୂଜା, ଗଣେଶ ପୂଜା କରୁ ।

ବଡ଼ ଝିଅ ଭାବରେ ମୋ' ପାଇଁ ସ୍ୱତନ୍ତ୍ର ଭାବରେ ପ୍ରଥମାଷ୍ଟମୀ ପର୍ବ ହୁଏ । ଚାରିହଳ ଜାମାପ୍ୟାଣ୍ଟ ଆସିଥାଏ । ମୋ' ମାମୁଘରୁ ଆସେ । ବୋଉ ଧର୍ମ ବାପା ପାଟଣାର ନଖିଆ ଜେଜେ ସବୁଠାରୁ ଦାମିକା ଫ୍ରକ୍ ଦେଇଥାନ୍ତି । ବୋଉର ଧର୍ମ ଭାଇ ଶରଣ ମାମୁ (ପଙ୍କପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ) ସେ ଭଲ ଫ୍ରକ୍ ଦିଅନ୍ତି । ମୋ' ବାପା ମଧ୍ୟ ଆଣିଥାନ୍ତି । ସକାଳୁ ସନ୍ଧ୍ୟାବେଳ ଯାଏ ଗୋଟିଏ ପରେ ଗୋଟିଏ ଫ୍ରକ୍ ପିନ୍ଧି ଡଲି (ଚାନ୍ଦ) ଓ ମୁଁ ପ୍ରଜାପତି ଭଳି ଦାଣ୍ଡରେ ଡେଉଁଥାଉ । ମାଛ, ମାଂସ ତରକାରି ଏଣ୍ଡୁରୀ ପିଠାର ସ୍ୱାଦ ଏବେ ବି ଅଭୁଲା ।

ବୋଉ ମା'ଙ୍କ ଘରୋଇ ପାରମ୍ପରିକ ପର୍ବରେ ମୁଁ ଯାଇ ଯୋଗଦେଉଥିଲି । ବୋଉ ସାଙ୍ଗର ମାଣବସା ଦଶହରାରେ ଚିତା ଲେଖେ ଓ ଶିଖେ । ଚିତାଲାଗି ଅମାବାସ୍ୟାରେ ବୋଉ ଚିତୋଉ କରି ଦିଏ ନେଇ ପୋଖରୀରେ ଗେଣ୍ଡାକୁ ଖାଇବାକୁ ଦିଏ ଓ କହେ, ବାପାଙ୍କ ଗୋଡ଼ କାଟିବୁନି । ଟିକିଏ ଦିଏ । ପୁଣି ଟିକିଏ ଦେଇ କହେ ମା' ଗୋଡ଼ କାଟିବୁନି । ତା'ପରେ ବୋଉ, ଭାଇଭଉଣୀ ଶେଷରେ ମୋ' ଗୋଡ଼ କାଟିବୁନି କହି ସବୁପିଠା ଦେଇଦେଇଆସେ । ଟିପିଟିପି ବରଷାରେ ଭିଜିଭିଜି ଗେଣ୍ଡାକୁ ଖାଇବାକୁ ଦେବାକୁ ଭଲ ଲାଗେ ।

Digital Copy from the Author

ଶ୍ରାବଣ ମାସରେ ଗହ୍ମାପୂର୍ଣ୍ଣିମାରେ ଗୁହାଳରେ ବୋଉ ଚିତା ଲେଖେ । ବଳଦ, ଗାଈ, ଜୁଆଳି, ଲଙ୍ଗଳ, ମଈ ଇତ୍ୟାଦିର ଚିତ୍ର କରେ । ମୁଁ ତାକୁ ସବୁ ସଜାଏ । ଜନ୍ମାଷ୍ଟମୀରେ କୋଠୀ ପୂଜା ହୁଏ । ହରିବଂଶ ପଢ଼ା ହୁଏ । ଦୀପାବଳୀ ତ ଆମର ଆନନ୍ଦର ପର୍ବ । ବାଣଫୁଟାଇ ଦୀପଜାଳି ମଜା କରୁ । କାହାର କେତେ ବାଣ ଫୁଟାହେଲା ପ୍ରତିଯୋଗିତା ଚାଲେ । ମୁଁ ଫୁଲଝରି ଓ ଶୂନଫୋଟକା ଫୁଟାଏ । ମୋ' ଭାଇ ବହୁତ ବାଣ ଫୁଟାଏ । ଚକ୍ରି, ଲଙ୍କାବାଣ, ରକେଟ ବାଣ, ଘଡ଼ିବାଣ, ତାଳଫୋଟକା, ବସ୍ ବାଣ, ସାପବାଣ ଇତ୍ୟାଦି । ବହୁତ ମଜା ଲାଗେ । ବୋଉର ରବିନାରାୟଣ ବ୍ରତ, ଚାନ୍ଦଓଷା ପୂଜା ଦେଖିବାକୁ ଭଲଲାଗେ ।

ବାଟଓଷା ବୋଉ କରେ । ଦାଣ୍ଡରେ କୋଠି ଖୋଳି ସମସ୍ତେ ମିଶି ପୂଜା କରନ୍ତି । ଆମେ ଦେଖୁ । ବୋଉ ମୋ' ମୁଣ୍ଡରେ ଓ ଭାଇଭଉଣୀଙ୍କ ମୁଣ୍ଡରେ ବଜ୍ରମୂଳି ବାଡ଼ାଏ ଆମେ ବେଶିଦିନ ବଞ୍ଚିବୁ ବୋଲି । ଶାମ୍ବଦଶମୀରେ ବଡ଼ିଭୋରୁ ବାଇଗଣ ପତ୍ରରେ ବିଭିନ୍ନ ପ୍ରକାର ପିଠା, ମିଠା ବଢ଼ାହୋଇ ବାଳସୂର୍ଯ୍ୟଙ୍କର ଉପାସନା କରାଯାଏ । ସାତଟି ପତ୍ରକୁ ପିଲାମାନଙ୍କୁ ବଣ୍ଟାଯାଏ । ଆମେ ଘରଘର ବୁଲି ବାଇଗଣ ପତ୍ର ଆଣି ବିଭିନ୍ନ ଘରର ବିଭିନ୍ନ ପ୍ରକାର ପିଠା ଖାଉ । ମଙ୍ଗଳବାର ଓଷା ଦେଖୁ । ଦାଣ୍ଡରେ ପୁନେଇ ପଣା ହୁଏ । ବଉଳ ଅମାବାସ୍ୟା ବହୁତ ମଜା ଲାଗେ । ଆମ୍ବଗଛ ମୂଳ ଓଳାହୁଏ । ଗଛରେ ଚିତାପଡ଼ି ସିନ୍ଦୂର ଲଗାଯାଏ । ଗଇଁଠା ଭୋଗ ହୋଇ ଗଛକୁ ଫୋପଡ଼ାଯାଏ । ମୁଁ ଗଛକୁ ପିଠା ଫୋପାଡ଼େ । ଭଲ ଆମ୍ବ ହେବ ବୋଲି ଫୋପଡ଼ାଯାଏ । ସନ୍ଧ୍ୟାବେଳେ ଦାଣ୍ଡଭୋଗ ଦାଣ୍ଡରେ ହେଲେ ମୁଁ ଯାଇ ଦେଖେ ଓଳଗି ହୁଏ ସୂର୍ଯ୍ୟଦେବତାଙ୍କୁ । ଉଖୁଡ଼ା ଭୋଗ ଧରିଆସେ ।

ସତ୍ୟନାରାୟଣ ପୂଜାହେଲେ ପାଲା ଶୁଣିବାକୁ ଭଲ ଲାଗେ । ପାଲା ଶୁଣି ଶିରିଣି ଖାଏ । ଶନିମେଳାରେ କୀର୍ତ୍ତନ, ମେଳା ବହି ଶୁଣେ ଓ ଖଇଭୋଗ ଖାଏ । ଶେଷଦିନ ଭୋଜି ହୁଏ । ଶାରଳାଙ୍କ ମେଳା ବୋଉ କରେ । ପ୍ରାୟ ସବୁ ପୂଜା, ପର୍ବପର୍ବାଣି, ମେଳା ଆମ ଘରେ ବୋଉ କରିଥାଏ । ପୂଜାପୂଜି କରିବା ପରମ୍ପରା ବିଧି ବିଧାନକୁ ମାନିବା ମୋର ରକ୍ତରେ ଜଡ଼ିତ । ସମସ୍ତଙ୍କଠାରୁ ବିରୋଧ ଶୁଣିଲେ ବି ଛାଡ଼ିପାରୁନି । ପର୍ବପର୍ବାଣି ବିଧିବିଧାନ ମାନିବାକୁ ଭଲ ଲାଗେ । ବଞ୍ଚିଥିବା ପର୍ଯ୍ୟନ୍ତ ଯେତିକି ସମ୍ଭବ କରିବି ।

Digital Copy from the Author

ଗାଁ'ର ପାରମ୍ପରିକ ପୁନିଅ ପରବକୁ ଛାଡ଼ି ଠାକୁର ବାଡ଼ି, ବ୍ରଜବିହାରୀଙ୍କ ପାଖରେ ହେଉଥିବା ପର୍ବଗୁଡ଼ିକୁ ମୁଁ ଖୁବ୍ ଉପଭୋଗ କରେ । ଦେବସ୍ନାନ ପୂର୍ଣ୍ଣିମାରେ ଠାକୁରଙ୍କ ପହଣ୍ଡି ବଜେହୁଏ । ଭାରି ଭଲ ଲାଗେ । ଚନ୍ଦନ ଯାତ୍ରାରେ ଠାକୁର ଚାପ ଖେଳିବାକୁ ଗଲେ ମୁଁ ଆଲଟ ଧରି ଠାକୁରଙ୍କ ଆଗରେ ପଙ୍ଖାକରି ଯାଏ । ଡଲି ଓ ମୁଁ ଡଙ୍ଗାରେ ବସି ଚାପ ଖେଳ୍ । ରାତିରେ ଡଙ୍ଗାରେ ବସି ବୁଲେ । ମା' ଓ ଅନ୍ୟ ଲୋକମାନେ ହୁଡ଼ା ଉପରେ ବସି ଦେଖୁଥାନ୍ତି । ସାତଘେରା ବୁଲିଆସୁ । ପାଣିରେ ଆଲୁଅ ପଡ଼ିଥାଏ । ହରିବୋଲ ହୁଳହୁଳି ଧ୍ୱନିରେ ଠାକୁର ବାଡ଼ି କମ୍ପଉଠେ ।

ଅଷ୍ଟପ୍ରହରୀରେ କୀର୍ତ୍ତନ ସାଙ୍ଗରେ ବୁଲି ନଗର କୀର୍ତ୍ତନରେ ହରିଲୁଟ୍ ନଡ଼ିଆ ବାଦାମ ମାଲସାଭୋଗ ଖାଇବାକୁ ମଜା ଲାଗୁଥିଲା । ମୋର ଓ ଭାଇଭଉଣୀଙ୍କ ଜନ୍ମଦିନ ପାଳନ ହୋଇଥାଏ ନକ୍ଷତ୍ର ଅନୁସାରେ । ନୂଆ ପୋଷାକ ପିନ୍ଧୁ ଓ ଭଲଭଲ ତରକାରୀ ଖାଉ । ଝିଅମାନେ ବଡ଼ହେଲେ କ୍ଷୀର, ଭୋଜି ଭାତ ହୋଇଥାଏ । ଆମେ ସାତଦିନେ ଘରେ ଲୁଚି ରହୁଥିଲୁ । ସେଇଟା ହିଁ ଭାରି ଖରାପ ଲାଗୁଥିଲା । ଭୟ, ଲାଜ ସଂକୋଚରେ ଦେହ ଥରୁଥିଲା ।

ଆମ ପିଲାଦିନେ ଗୋଟିଏ ଦିଟା ଘର ଛାଡ଼ିଦେଲେ ଆଜି ଭଳି ଏତେ ଠାକୁର ପୂଜା କେହି କରୁନଥିଲେ । ଫଟୋ କି ମୂର୍ତ୍ତି ଘରେ ନଥିଲା । ପର୍ବପର୍ବାଣିରେ ଘରର ମଝିଖୁମ୍ବ ପାଖରେ ପୂଜା ହୁଏ । ଦେଇପିଣ୍ଡିରେ ଭୋଗରାଗ ଦିଆଯାଏ । ବାଡ଼ିଆଡ଼େ ଦିଆହୁଏ । ଠାକୁରଘର ନଥିଲେ ବି ସମସ୍ତଙ୍କର ଦାଣ୍ଡ ଦୁଆରେ ଡାହାଣପଟେ ବୃନ୍ଦାବତୀ ଥିଲେ । ସକାଳେ ପାଣି ଦିଆହୁଏ ତୁଳସୀମୂଳେ । ସନ୍ଧ୍ୟାରେ ସଞ୍ଜବତୀ ଲଗାଯାଏ । ସବୁ ଘରଣୀ ବୃନ୍ଦାବତୀଙ୍କୁ ପ୍ରତିଦିନ ପୂଜା କରୁଥିଲେ ।

ପିଲାଦିନେ ପର୍ବପର୍ବାଣି ଦେଖିବାକୁ ଭଲ ଲାଗୁଥିଲା । ଏବେ ବି ବହୁତ ଭଲଲାଗେ । ଦୁଃଖଲାଗେ ସେ ପରମ୍ପରା ଆଉ ନାହିଁ । ଖାଲି ଭଲ ପିନ୍ଧିବା ଭଲ ଖାଇବାରେ ପର୍ବ ସୀମିତ ହୋଇଯାଇଛି । ମୋ' ପିଲାଦିନର ପୁନିଅ ପରବ ରୀତିନୀତି ଖୋଜିଲେ ମିଳେ ନାହିଁ ।

❑❑❑

Digital Copy from the Author

ସକାଳୁ ସଞ୍ଜଯାଏ ବାରପାଇଟି

ପୂରୁବ ଆକାଶରେ ସିନ୍ଦୂରା ଫାଟିଲେ ଚଢ଼େଇମାନଙ୍କର କିଚିରିମିଚିରି ରାବରେ ମୋ' ଗାଁ'ର ନିଦ ଭାଙ୍ଗେ । କୁକୁଡ଼ା ଡାକ ଛାଡ଼ିଥାଏ କ୍‌କକ୍‌ଅ... କକ୍ । ତା'ର ଅର୍ଥ କରୁ – ଚକ୍ରଧର ରଖ୍ । ଘରଘର ବୁଲି କାଉ କା' କା' ଡାକ ଛାଡ଼ି ସମସ୍ତଙ୍କୁ ଉଠାଏ । ବୋହୂ ଭୁଆସୁଣୀମାନେ ଗୋବର ପାଣି (ପବିତ୍ର ପାଣି) ପକାଇ ଘରବାଡ଼ି ଦାଣ୍ଡ ଓଳାନ୍ତି । ବାସି ବାସନ ନେଇ ପୋଖରୀ କୂଳରେ ମାଜିବସନ୍ତି । ନୂଆବୋହୂ ଭୁଆସୁଣୀ ସିନ୍ଦୂରା ଫାଟିବା ପୂର୍ବରୁ ପୋଖରୀରେ ବୁଡ଼ଟିଏ ଦେଇ ତରତର କରି ଘରକୁ ଚାଲଆସନ୍ତି କାଳେ କିଏ ଦେଖିଦେବ ବୋଲି ।

ପୁରୁଷମାନେ ବା ଯାହାଘରେ ଚାକରବାକର ଗୁହାଳରୁ ଗାଈଗୋରୁ ଆଣି ଦାଣ୍ଡରେ ବାନ୍ଧି ତାଙ୍କ ଆଗରେ କୁଟା ପକାନ୍ତି । ଗୁହାଳ ପୋଛି ସଫା କରିଦିଅନ୍ତି । ବୋହୂମାନେ ବାସନ ମାଜିସାରି ସୁନ୍ଦରକରି ଘର ଦୁଆର ଗୋବର ପାଣିରେ ଲିପାପୋଛା

Digital Copy from the Author

କରିଥାଆନ୍ତି । କେତେ କମଦମ ବି କରିଥାନ୍ତି ସେ ଲିପା ଜାଗାରେ । ଚାଷୀମାନେ ହଳଯୋଚି ବିଲକୁ ବାହାରି ଯାଆନ୍ତି ତ ଆଉ କେଉଁ ଋତୁରେ ଫସଲ କାଟିବାକୁ ଯାଆନ୍ତି । ଗାଈଆଳ ପିଲା ଗୋରୁ ନେଇ ଚରାଇବାକୁ ଯାଏ ।

ବୋଉ ଓ ମା' ଡାକିଲେ ମୁଁ ଉଠେ । ଭାରି ଅଳସୁଆ ମୁଁ । ନିଜ ନିତ୍ୟକର୍ମ ସାରି ଟିଉସନ ଯାଏ । ନଅଟା ବେଳେ ଆସି ଖାଇପିଇ ସ୍କୁଲ୍ ଯାଏ । ସକାଳ ଓଳା ଚୁଡ଼ା, ମୁଢ଼ି, ଖଇ, ଛତୁଆ ନ ହେଲେ ପଖାଳ ଖାଇ ସ୍କୁଲ୍ ଯାଏ । ଖାଇବା ଛୁଟିରେ ଖାଇବାକୁ ଆସେ । ବୋଉ ରୋଷେଇ ସାରିଥାଏ ।

ମୋ' ଜେଜେ ମା'ର ଚା' ଖାଇବାଟା ସ୍ୱତନ୍ତ୍ର ଥିଲା । ବହୁତ ଚା' ପିଏ । ସେଥିରେ ରୁଟି, ମୁଢ଼ି, କି ଚୁଡ଼ା ପକାଇ ଖାଏ । ମୋ' ଛଡ଼ା ଅନ୍ୟମାନେ ଚା' ପିଅନ୍ତି ମା' ସାଙ୍ଗରେ । କେବେ ଚା' ରୁଟି ମୁଁ ଖାଏନି । ଯିଏ ଯୁଆଡ଼େ କାମକୁ ଗଲାପରେ ପିଲାମାନେ ସ୍କୁଲ ଯିବାପରେ, ଖିଆପିଆ ସରିଲେ ଖରାବେଳେ ମା', ସୁଲଅପା, କମଳା ଅପା ଇତ୍ୟାଦି ବସି ତାସ୍ ଖେଳନ୍ତି ।

ଝିଅବୋହୂ ମିଶି ବୁଣାବୁଣି କରନ୍ତି । ଫଟୋ, ରୁମାଲ, ବ୍ୟାଗ୍, ମାଳିରେ ବ୍ୟାଗ୍, ଘର ସଜାଇବା ଜିନିଷ, ବିଭିନ୍ନ ଫୁଲଦାନୀ, ତାଳପତ୍ର କାଇଁଚରେ କେତେ ପ୍ରକାର ଜିନିଷ କରନ୍ତି । କିଏ ମୁଣ୍ଡ ବନ୍ଧାବନ୍ଧି, ଉକୁଣି ଦେଖାଦେଖି ହୁଅନ୍ତି । କେଉଁଦିନ ଯଦି ପିଠା କରିବାର ଥାଏ ବଟାବଟି, କୁଟାକୁଟି, ଚୂରାଚୂରି କରନ୍ତି ତ ବଡ଼ି ପକାଇବାର ଥିଲେ କି ଆଚାର କରିବାର ଥିଲେ କରନ୍ତି ।

ପୁରୁଷମାନେ ଯିଏ ଚାକିରି କରନ୍ତି ବିଶେଷକରି ଯାଆନ୍ତି । ଆମ ଗାଁ'ର ଅଧିକାଂଶ ଶିକ୍ଷକ । ବାପା, ଦାଦା, ବଡ଼ବାପା ଇତ୍ୟାଦି ଶିକ୍ଷକତା କରୁଥିବାରୁ ସ୍କୁଲ ଯାଆନ୍ତି । ଯିଏ ଯେଉଁ ଚାକିରି କରିଥାନ୍ତି ସେମାନେ କର୍ମକ୍ଷେତ୍ରକୁ ଯାଆନ୍ତି । ଚାଷୀମାନେ ଚାଷ ସମୟରେ ଚାଷକାମ କରନ୍ତି । ଚାଷବାସ ନଥିବା ଋତୁରେ ଜାଲ ବୁଣନ୍ତି । ବାଣିକାଟି ମସିଣା, ହେଁସ ବୁଣନ୍ତି । ପିଣ୍ଡାରେ ବିଅଁ ଲଗାଇ ବାଣିରେ ଡେଣୁଆ ପକାଇ ମସିଣା ବୁଣନ୍ତି । ମୁଁ ମଧ୍ୟ ଟିକେଟିକେ ତାକୁ ଦେଖି ବୁଣିଦିଏ । ବିଶିଜେଜେ, ନଟଦାଦା, ଦିଜବଡ଼ବାପା ବିଶେଷକରି ଏସବୁ ବୁଣନ୍ତି । ନଡ଼ିଆ ବାହୁଙ୍ଗାରେ ନଡ଼ିଆ ଛପା ତିଆରି କରନ୍ତି । ପିଣ୍ଡାରେ ପକାଇ ବସନ୍ତି ।

Digital Copy from the Author

ରାହାମା ହାଟ ସୋମବାର ଓ ଶୁକ୍ରବାର । ଲୋକମାନେ ହାଟକୁ ସଉଦାପତ୍ର ଆଣିବାକୁ ଯାଆନ୍ତି । ଯେତେବେଳେ ବାପା ପୂରା ପଙ୍କପାଳରେ ରହୁଥିଲେ, ମା' କାହା ହାତରେ ପରିବାପତ୍ର ମଗାଏ । ବିଶିଜେଜେ ଆମ ପାଇଁ ବିସ୍କୁଟ, ଖୁଡୁମା ଆଣନ୍ତି । ବାପା ଯେତେବେଳେ ସବୁଦିନେ ସ୍କୁଲ ଯିବା ଆସିବା କଲେ, ସବୁ ପାଳି ହାଟରୁ ଯେତେପ୍ରକାର ନୂଆ ନୂଆ ପରିବା ଆଣନ୍ତି । ପରିବା କିଣିବା ତାଙ୍କର ସଉକ ।

ଚାରିଟାରେ ସ୍କୁଲ ଛୁଟିହୁଏ । ଆମେ ଘରକୁ ଫେରିବାକୁ ବ୍ୟସ୍ତ ହୋଇପଡୁ । ଛୁଟି ଘଣ୍ଟା ବାଜିଲେ ଯେଉଁ ଖୁସି ମିଳେ ତାହା ଆଉ କେଉଁଠି ମିଳିବନି । ଖାଇଦେଇ ଖେଳାଖେଳି କରୁ ଗାଁ'ଦାଣ୍ଡରେ । ସନ୍ଧ୍ୟା ଆସିବା ପୂର୍ବରୁ ଗୋଧୂଳି ସମୟରେ ବିଭିନ୍ନ ରଙ୍ଗବେରଙ୍ଗ ଛବିରେ ଝଲସିଉଠେ ପଶ୍ଚିମ ଆକାଶ । ସୂର୍ଯ୍ୟ ବୁଡ଼ିଯାଆନ୍ତି ପଶ୍ଚିମ ଆକାଶର ଦୂର ଚକ୍ରବାଳ ଆଢୁଆଳରେ । ସୂର୍ଯ୍ୟାସ୍ତ ସମୟର ଦୃଶ୍ୟରେ ମୁଁ ଆତ୍ମହରା ହୋଇଉଠେ । ଏଇ ଦୃଶ୍ୟ ଦେଖିବାକୁ ମୁଁ ଖୋଲା ପଡ଼ିଆରେ ବସେ । ଗାଈଆଳ ପିଲା ଗୋରୁପଲ ନେଇ ଫେରନ୍ତି । ଯିଏ ଯୁଆଡ଼େ ଜୀବିକା ପାଇଁ ଯାଇଥାଆନ୍ତି ଫେରିଆସନ୍ତି ଅନ୍ଧାର ପୂର୍ବରୁ ।

ବୋହୂ, ଭୂଆସୁଣୀମାନେ ବୃନ୍ଦାବତୀଙ୍କ ପାଖରେ ସଞ୍ଜବତୀ ଜାଳି ଶୁଭ ମନାସନ୍ତି । ସଞ୍ଜବତୀର କ୍ଷୀଣ ଆଲୋକରେ ଅନ୍ଧକାର ଦୂର କରିବାର ଚେଷ୍ଟା ଦେଖି ମୁଁ ଉତ୍ସାହିତ ହୁଏ । କିଛି କର୍ମ କରିବା ପାଇଁ ସଦ୍ୟ ଲିଭି ଯାଉଥିବା ସଞ୍ଜବତୀ ବାସ୍ନାରେ ମହକିଉଠେ ଅଗଣା । ଦାଣ୍ଡପିଣ୍ଡାରେ ଭାଇ ଭଉଣୀ ପ୍ରାର୍ଥନା ବୋଲୁ – ଆହେ ନୀଳଶଇଳ... ଆହେ ଦୟାମୟ... ଗାଉ । ଧୀରେଧୀରେ ଅନ୍ଧାର ଗାଁ'ରେ ଘୋଟିଯାଏ । ନିରଦାଦାଙ୍କ ଦାଣ୍ଡପିଣ୍ଡାରେ ଅଧିକାଂଶ ସମୟ ବସୁ । ବିଲ ସେପଟୁ ଦେଖାଯାଏ କଣ୍ଡରା ମରାଖାଇ ।

ମନେଅଛି କେମିତି ଦେଖାଯାଏ ତିନିଚାରିଟା ଦିକ୍ ଦିକ୍ ଆଲୁଅ । ମାଆ କହେ ଡାଆଣୀ ଆଲୁଅ କରୁଛି । ପରେ ପଢ଼ି ଜାଣିଲି ସେ ଡାଆଣୀ ଆଲୁଅ ନୁହେଁ । ଖରାଦିନେ ବିଲୁଆ ପାଟିରୁ ନିଆଁ ବାହାରେ । ସନ୍ଧ୍ୟାହେଲେ ଆମ ଗାଁ' ବିଲଆଡୁ ବିଲୁଆ ହୁକେ ହୋ ଡାକ ଛାଡ଼ନ୍ତି । ବୋଉ ଚନ୍ଦ୍ରକ୍ଷୟ, ଅମାବାସ୍ୟା, ସଂକ୍ରାନ୍ତି,

Digital Copy from the Author

ଗୁରୁବାର ଆଦି ଦିନରେ ରାତିରେ ଖାଏନି । ଦିନରୁ ରୋଷେଇ କରିଦିଏ । ବିଲୁଆ ବୋବେଇବା ପୂର୍ବରୁ ଆମେ ଖାଇଦେଉ ।

ନିରଦାଦାଙ୍କ ପିଣ୍ଡାରେ ଜେନାଘର ପିଣ୍ଡାରେ ପୁରାଣ ପଢ଼ାହୁଏ । ରାମ ସ୍ୱାଇଁ ଭଲ ପୁରାଣ ପଢନ୍ତି । ଆମେ ବସି ଶୁଣୁ । ଜେନାଘର ପିଣ୍ଡାରେ କୈଳାସ ମାମୁ, ଚକ୍ରଧର ଭାଇ ଇତ୍ୟାଦି ପୁରାଣ ପଢ଼ନ୍ତି । ରାମାୟଣ, ମହାଭାରତ, ହରିବଂଶ, ମାର୍କଣ୍ଡେୟ ପୁରାଣ, ପଦ୍ମପୁରାଣ ଆଦି କେତେ ପୁରାଣ ପଢ଼ାହୁଏ । କେଉଁଦିନ କାହାଘରେ ଶନିମେଳା ଥାଏ ତ କେଉଁଦିନ ଶାରଳା ମେଳା, କେଉଁଦିନ ପାଲା ତ କେଉଁଠି କୀର୍ତ୍ତନ ହୁଏ । ମା' ସାଙ୍ଗରେ ମୁଁ ଯାଇ ସବୁଥିରେ ଯୋଗଦେଇ ଶୁଣେ । ଠାକୁରଙ୍କୁ ମୁଣ୍ଡିଆ ମାରି ପ୍ରସାଦ ଆଣି ଖାଉ । ପ୍ରାୟ ସମସ୍ତେ ପୁଅମାନଙ୍କ ପାଇଁ ସତ୍ୟନାରାୟଣ ପୂଜା ଯାଚିଥାନ୍ତି । ବର୍ଷ ସାରା ଆମ ଗାଁ'ରେ ସତ୍ୟନାରାୟଣ ପୂଜା ଚାଲିଥାଏ । ପୂଜାର ଶିରିଣି ମୋର ଭାରି ପ୍ରିୟ ।

ଅନ୍ଧାର ରାତିରେ ଦୁଆରେ ଶୋଇ ତାରା ଗଣେ । ଜୁଳୁଜୁଳିଆ ପୋକ କେମିତି ଆଲୁଅ କରି ଉଡ଼ିବୁଲନ୍ତି ଦେଖେ । ଆଲୋକଠାରୁ ଆମ ଗାଁ'ର ଅନ୍ଧାର ବି ଭାରି ସୁନ୍ଦର । ବିଜୁଳି ଆଲୁଅ ନଥାଏ । ଡିବି, ଲଣ୍ଠନରେ ବୋଉ ଘର କାମ କରେ । ଆମେ ଲଣ୍ଠନ ଲଗାଇ ପଢୁ । ଲଣ୍ଠନରେ ପଢ଼ିଲେ ପାଠ ମୋର ବେଶି ମନେରହୁଥିଲା । ଜହ୍ନ ରାତିର ଆକାଶରେ ବାଦଲ କୋଳରେ ଜହ୍ନର ଲୁଚକାଳି ଖେଳ ଦେଖି ଆତ୍ମହରା ହୁଏ । ଜହ୍ନ ଆଲୁଅରେ ଗାଁ'ଦାଣ୍ଡ ଆଲୋକିତ ହୋଇଥାଏ । ସାଙ୍ଗମାନେ ଡକାଡକି ହୋଇ ଖେଳୁ ।

ଆଜିକାଲି ପାଠକୁ ଯେତେ ଗୁରୁତ୍ୱ ଦିଆଯାଇ ପିଲାଙ୍କ ଉପରେ ବୋଝ ଲଦି ଦିଆଯାଉଛି, ସେତେବେଳେ ପାଠ ଆମେ ମନଖୁସିରେ, ସ୍ୱାଧୀନ ଭାବରେ ପଢୁଥିଲୁ । ପାଠକୁ ବୋଝ ରୂପେ ଲଦି ଦିଆଯାଉନଥିଲା । ବୋଉ ରୋଷେଇ କରି ଖାଇବାକୁ ଦେଲେ ଖାଇସାରି ମାଁ' ପକାଇଥିବା ସୁନ୍ଦର ବିଛଣାରେ ତା'କୋଳରେ ମୁହଁଗୁଞ୍ଜି ଶୁଏ । ତା'ଠୁ ଶୁଣୁ କେତେ ନୂଆନୂଆ ଗପ, ରାଜାରାଣୀ, କୁହୁକ ରାଇଜ, ବୁଢ଼ୀ ଅସୁରୁଣୀ, ପକ୍ଷୀରାଜ ଘୋଡ଼ା ଆଦି କେତେ କାହାଣୀ । ଏସବୁ ଶୁଣିଲା ପରେ ମୁଁ ସ୍ୱପ୍ନ ରାଇଜରେ ଘୂରିବୁଲେ । ନିଦ ମାଉସୀ ଆସି ନିଦ ଘାରିଦିଏ ।

□□□

Digital Copy from the Author

ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମୋତେ

ପିଲାଦିନୁ ପ୍ରାର୍ଥନା ବୋଲିବାକୁ ମୋତେ ଭଲ ଲାଗେ । ଭକ୍ତି ସଂଗୀତ ଗାଇଲେ କି ବୋଲିଲେ ମୋ' ଭିତରେ ଭକ୍ତିଭାବ ସୃଷ୍ଟି ହୁଏ । ବହୁତ ଆତ୍ମ ଶାନ୍ତି ପାଏ ମୁଁ । ପିଲାବେଳେ ସ୍କୁଲରେ ଠିଆ ହୋଇ ହାତଯୋଡ଼ି ପ୍ରାର୍ଥନା କରୁଥିଲି । ତୃତୀୟ, ଚତୁର୍ଥ ଶ୍ରେଣୀରେ ବୋଲା ହେଉଥିଲା –

'ଭବ ସାଗର ତାରଣ କାରଣ ହେ...
ଗୁରୁଦେବ ଦୟାକର ଦୀନ ଜନେ... ।'

ଏହାର ସ୍ୱର ହୃଦୟରେ ଦିବ୍ୟ ଭାବ ଭରି ଦେଉଥିଲା । ପଞ୍ଚମ, ଷଷ୍ଠ ଶ୍ରେଣୀ ହେଲା ବେଳକୁ ଆହେ ନୀଳ ଶଇଳ... ବହୁତ ଭଲ ଲାଗେ । ପ୍ରଭାବିତ କରେ । ଗୋଟିଏ ଧାଡ଼ି – ନୀଳାଚଳେ ବିଜେ କରି ବୌଦ୍ଧ ଅବତାରେଣ ବେନିଭୁଜ ଟେକି ପ୍ରଭୁ ଯାଚୁଅଛ ଶରଣ... ଆହେ ନୀଳ ଶଇଳ... । ଭାରି ଭଲ ଲାଗେ । ସପ୍ତମ ଶ୍ରେଣୀରେ 'ଜୟ ଜଗଦୀଶ ଜୟ ରମାଈଶ' ବୋଲାହୁଏ । ହାଇସ୍କୁଲରେ 'କୋଟି ବ୍ରହ୍ମାଣ୍ଡ... ଈଶ୍ୱର ବିଶ୍ୱପତି...' ପ୍ରାର୍ଥନା ଗାଉଥିଲୁ । ଘରେ ସନ୍ଧ୍ୟାବେଳେ 'ଆହେ ଦୟାମୟ ବିଶ୍ୱ ବିହାରୀ...', 'ନମୋ ନିରଞ୍ଜନ....' 'ଜଗତ ଜୀବନ ଜୟ ଜଳଜନ...' ପ୍ରାର୍ଥନା ସବୁ ଗାଏ । ଭଲ ଲାଗେ । ହୃଦୟକୁ ଛୁଏଁ ଓ ମୋ' ମନରେ ଭକ୍ତି ଭାବ ସୃଷ୍ଟି ହୁଏ ।

ଏ ପର୍ଯ୍ୟନ୍ତ ମୋତେ ପ୍ରଭାବିତ କରି ଆଧାତ୍ମିକ ମାର୍ଗରେ ଟାଣି ଆଣିଛି ବର୍ଣ୍ଣବୋଧର କବିତାଟିଏ । ମଧୁସୂଦନଙ୍କ କବିତାଟି –

Digital Copy from the Author

'ଯାହା ମୁଁ କରଇ ଯାହା ମୁଁ କହଇ
ଯାହା ମୁଁ ଚିନ୍ତଇ ମନେ
ଜଗତର କର୍ତ୍ତା ପରମ ଈଶ୍ୱର
ଜାଣୁଛନ୍ତି ପ୍ରତିକ୍ଷଣେ ।
ମୋ' ପାଶେ ଅଛନ୍ତି ଦିବସ ରଜନୀ
ମହାପ୍ରଭୁ ପରାତ୍ପର,
ଏକଥା ସୁମରି ହୃଦରେ ତାହାଙ୍କୁ
ପୂଜିବି ମୁଁ ନିରନ୍ତର ।'

ଏହି କବିତାଟିର ଭାବାର୍ଥ ବୁଝି ଯଦି କାର୍ଯ୍ୟରେ ଲଗାଇବା, ତେବେ ଆମର ଲକ୍ଷ୍ୟ ପୂରଣ ହେବ । ଏତେ ଗୀତା ଭାଗବତ, ପଢ଼ିବାଠାରୁ ପଢ଼ାଇବା ସବୁର ଉର୍ଦ୍ଧ୍ୱରେ ଯଦି ଆମେ ଅଭ୍ୟାସ କରି କାମରେ ଲଗାଉ ।

ପିଲାଦିନର ଆଉ ଏକ ପ୍ରାର୍ଥନା ଯାହା ଏ ପର୍ଯ୍ୟନ୍ତ ଭଗବାନଙ୍କୁ ପ୍ରାର୍ଥନା କରି କହେ ଓ ଡାଏରୀର ପ୍ରଥମ ପୃଷ୍ଠାରେ ଲେଖେ –

'ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମୋତେ
ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ
ପ୍ରଭୁ ପରମ କାରଣ,
ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ
ପ୍ରଭୁ ! ପରମ ଶରଣ ।'

ଏହି ପ୍ରାର୍ଥନା ତିନିଟି ଏ ପର୍ଯ୍ୟନ୍ତ ମୋ' ହୃଦୟରେ ପ୍ରତିଧ୍ୱନିତ ହୋଇ ଆଲୋକ ଦେଖାଇ ଚାଲିଛି । ଯେତେ ଓଷା, ବ୍ରତ, ପୂଜା, ଭାଗବତ, ଗୀତା ପାଠ କଲେ ବି ମୁଁ ଯେତିକି ପ୍ରଭାବିତ ହୋଇଛି ଏଇ ପ୍ରାର୍ଥନା ମୋତେ ସବୁଠୁ ଅଧିକ ପ୍ରଭାବିତ କରି ଦିଗ୍‌ଦର୍ଶନ ଦେଇ ଚାଲିଛି ।

ଏହା ବ୍ୟତୀତ ମୋ' ଜେଜେ ମାଁ'ର ଗୀତ, ରାମାୟଣ, ମହାଭାରତ, ଭକ୍ତିମୂଳକ କାହାଣୀ, ଧ୍ରୁବ, ପ୍ରହଲ୍ଲାଦ, ହରିଶ୍ଚନ୍ଦ୍ର କାହାଣୀ, ମୋ' ବୋଉର ଓଷାବ୍ରତ, ଉପବାସ ଇତ୍ୟାଦିରେ ନିଷ୍ଠା ମୋ' ହୃଦୟରେ ଭକ୍ତିଭାବ ଜାଗ୍ରତ କରିଛି । ବାପାଙ୍କର

Digital Copy from the Author

ଶ୍ରୀ ଅରବିନ୍ଦ ଦର୍ଶନ ପ୍ରତି ଅନୁରକ୍ତି ଓ ସେ ମୋ' ପାଇଁ ଆଣୁଥିବା ଆଧ୍ୟାତ୍ମିକ ପତ୍ରିକା ଓ ପୁସ୍ତକ ଛାତ୍ର ଜୀବନର ଉନ୍ନତି ମାର୍ଗ, ପିଲାଙ୍କ ସାଧନା, ଦିବ୍ୟଯୁଗ ସ୍ଥାପନାରେ ନାରୀ, ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ଆଦି ପୁସ୍ତକରୁ ମୋ' ମନରେ ଉଠୁଥିବା ସନ୍ଦେହ ଓ ପ୍ରଶ୍ନର ଉତ୍ତର ମୁଁ ଖୋଜି ପାଏ । ଏହି ପୁସ୍ତକ ମୋତେ ସମୟାନୁବର୍ତ୍ତୀ ଓ କର୍ତ୍ତବ୍ୟପରାୟଣ କରିବାର ସୁଯୋଗ ଦେଇଛି ।

ମୁଁ ପିଲାବେଳେ ପୂଜା କରୁନଥିଲି । କ୍ଷେତ୍ରପାଳଙ୍କ ପାଖରେ ସ୍କୁଲରେ ଗଲାବେଳେ ମୁଣ୍ଡିଆ ମାରେ । ବିପଦ ଆପଦ ପରୀକ୍ଷା ବେଳେ କ୍ଷେତ୍ରପାଳଙ୍କୁ ଡାକେ । ମା' ଶାରଳାଙ୍କୁ ସ୍ମରଣ କରେ । ପଞ୍ଚମ ଶ୍ରେଣୀରେ ପରୀକ୍ଷା ଦେବାକୁ ଗଲାବେଳକୁ ସନ୍ତୋଷ ଦାଦା କହିଥିଲେ ଶ୍ରୀମାଙ୍କ ପାଦପଦ୍ମରେ ଧୂପଦେବାକୁ । ମୁଁ ପ୍ରଥମେ ସେହି ମା'ଙ୍କ ପାଦପଦ୍ମରେ ପ୍ରଥମେ ଧୂପଦେଇ ମୋର ପୂଜା ଆରମ୍ଭ କରିଥିଲି । ସେଦିନୁ ମା'ଙ୍କ ଶୁଭ ଦୃଷ୍ଟି ମୋ' ଉପରେ ପଡ଼ିଛି । ଏ ପର୍ଯ୍ୟନ୍ତ ପିଲାଦିନୁ ହିଁ ପାଠଚକ୍ର କରିବାର ସୁଯୋଗ ମିଳିଛି । ଏବେ ସବୁଦିନେ ପାଞ୍ଚଟାରୁ ଛଅଟା ଆମେ କେତେଜଣ ମିଶି ପାଠଚକ୍ର କରୁଛୁ ।

ବ୍ରଜବିହାରୀଙ୍କ ମନ୍ଦିର ଓ ସେଠି ହେଉଥିବା ପର୍ବପର୍ବାଣି ମୋ' ମନରେ ଭକ୍ତିଭାବ ସୃଷ୍ଟି କରିଛି । ଠାକୁରବାଡ଼ିରେ ପୋଖରୀରେ ଗାଧୋଇ ଆସି ମନ୍ଦିର ଭିତରକୁ ଯାଇ ଠାକୁରଙ୍କୁ ଦର୍ଶନ କରି ପାଦୁକ ପାଇ ଆସେ । ଦେବସ୍ନାନ ପୂର୍ଣ୍ଣିମାରେ ଠାକୁରଙ୍କ ପହଣ୍ଡି ବିଜେ । ଚନ୍ଦନ ଯାତ୍ରାର ରାଧାକୃଷ୍ଣଙ୍କ ଚାପଖେଳ । ଡଙ୍ଗାରେ ବସି ଠାକୁରଙ୍କ ସାଙ୍ଗରେ ବୁଲିବା । ଅଷ୍ଟ ପ୍ରହରୀର ଭାବପୂର୍ଣ୍ଣ କୀର୍ତ୍ତନ ଶୁଣି, ଦେଖି ପ୍ରଭାବିତ ହୁଏ । ରତ୍ନାକର ଜେଜେ ଅଷ୍ଟପ୍ରହରୀରେ ଭାବପୂର୍ଣ୍ଣ ଗୀତ ଗାଇବା ଓ ନାଚିବା ମୋ' ହୃଦୟକୁ ଭକ୍ତି ରସରେ ପରିପୂର୍ଣ୍ଣ କରିଦିଏ । ପିଲାବେଳେ କୃଷ୍ଣ ଜେଜେ ଘରେ ଲେଖାଥିବା ବାଣୀ ପଢ଼ି ମୋତେ ଆନନ୍ଦ ଲାଗେ । ମୁଁ ଖାତା କରି ବିଭିନ୍ନ ବହିରୁ ମହାପୁରୁଷମାନଙ୍କ ଅମୃତବାଣୀ ଟିପି ରଖେ । ପିଲାଦିନର ଆଧ୍ୟାତ୍ମିକ ପରିବେଶ ଓ ଭଗବତ କରୁଣା ମୋ' ମନରେ ଭକ୍ତିଭାବ ସୃଷ୍ଟି କରିବାର ସୁଯୋଗ ଦେଇଛି । ପ୍ରଭୁ ଏଇ ସୁଯୋଗ ଦେଇ ମୋତେ ଗୋଟିଏ ସୁନ୍ଦର ମୃତ୍ୟୁ ଦିଅନ୍ତୁ, ଏତିକି କାମନା ।

□□□

Digital Copy from the Author

ବାଲ୍ୟୁତ ବେଳର ହେ ମୋର ସାଥୀ ଅୟୁତ ଦଣ୍ଡବତ

ମୋ' ଗାଁ' ଦାଣ୍ଡ ମୋ' ପିଲାଦିନର ସାଥୀ । ଜନ୍ମଠାରୁ ସବୁ ଘଟଣାର ମୁକ ସାକ୍ଷୀ ସିଏ । ତା' ଛାତିରେ ପାଦଦେଇ ମୁଁ ଚାଲି ଶିଖିଛି । ତା' ଧୂଳି ବାଲିରେ କେତେ ଖେଳ ଖେଳିଛି । ବାଲିଘର ତୋଳେ, ବୋହୂଚୋରି, ପୁଞ୍ଜି, ରୁମାଲଚୋରି କେତେ କ'ଣ ଖେଳ ଖେଳେ । ଜହ୍ନ ରାତିର ଜୋଛନାଧୁଆ ଦାଣ୍ଡ ମୋତେ ପାଗଳ କରିଛି । କୁଆଁରପୁନେଇ ଗୀତ, ଟୁ'ଭାଇ, ପୁଚି ଖେଳରେ ମୁଖରିତ କରିଛୁ ଗାଁ' ଦାଣ୍ଡ । ରଜ, ପ୍ରଥମାଷ୍ଟମୀ, କୁଆଁରପୁନେଇରେ ଭଳିକିଭଳି ଫ୍ରକ୍ ପିନ୍ଧି ପ୍ରଜାପତି ଭଳି ଉଡ଼ି ବୁଲିଛୁ । ଗାଁ' ଦାଣ୍ଡ ଦେଇ ବହି ବସ୍ତାନି ଧରି ଯାଇଛି । ବର୍ଷାଦିନେ ପାଣି ସୁଅରେ କେତେ କାଗଜ ଡଙ୍ଗା ଭସାଇଅଛି ।

ମୋ' ଗାଁ' ଦାଣ୍ଡରେ ମୁଁ ଦେଖିଛି କେତେ ନାଚ, ଡ୍ରାମା, ଦକ୍ଷିଣିନାଚ,ପାଲା, ରାମନାମୀ, ରାହାସ, କଣ୍ଢେଇ ନାଚ । ନିଜେ ଅଭିନେତା ହୋଇ ଡ୍ରାମା କରିଛି । ମୁଁ ଦେଖି ଉପଭୋଗ କରିଛି ବାଉଁଶରାଣୀ ଖେଳ, ସାପୁଆକେଳା, ସଖୀ କଣ୍ଢେଇ ଖେଳ, ମେଜିକ୍ ବାଲା, ବାଇସସ୍କୋପବାଲାଙ୍କ ଖେଳ, କେତେ ଯୋଗୀ ଭିକାରୀ, ଚକୁଳିଆ ପଣ୍ଡାଙ୍କ ଗୀତ । ମାଙ୍କଡ଼ ନାଚ, କେଳାକେଳୁଣୀ ନାଚ, ଘୋଡ଼ାନାଚ, ଘଣ୍ଟୁଆଙ୍କ ଘଣ୍ଟ, କେତେ ପ୍ରକାର ଫଡ଼ିଖେଳ, ରାତିରେ ପଟୁଆରରେ ଆସନ୍ତି ଖୁଦୁରୁକୁଣୀ ମେଢ଼, ଗଜଲକ୍ଷ୍ମୀ ମେଢ଼ର ପଟୁଆର । ତା' ସହ ଷଣ୍ଢନାଚ, କେଳାକେଳୁଣୀ ନାଚ, କାଳିକା ନାଚ ଇତ୍ୟାଦି । ଶୋଇ ପଡ଼ିଥିଲେ ବୋଉ, ମା' ଉଠାଇ ଦିଅନ୍ତି । ଆଖି ମଳିମଳି ଉଠି ଦାଣ୍ଡରେ ହାଜର ହୋଇଯାଉ । ପଟୁଆର ଆଲୋକ ରୋଶଣି, ବାଜା ନାଚ ସବୁ ଦେଖି ମନ ଖୁସିକରୁ । ଫଗୁଣ ମାସରେ ଆସି ରାଧାକୃଷ୍ଣ ଦୋଳବିମାନରେ ବସି ଘରଘର ବୁଲି ଭୋଗ ଖାଆନ୍ତି । ଜହ୍ନରାତିରେ ଗଉଡ଼ ମାନେ ଗୀତ ଗାଇ ଲଉଡ଼ି ଖେଳନ୍ତି । ଗାଁ' ଦାଣ୍ଡ ପୂରି ଉଠେ ଫଗୁଣ ମାସର ମହକରେ ।

ଆମ ଗାଁ'ଦାଣ୍ଡରେ ଅଷ୍ଟପ୍ରହରୀ ହୁଏ । କୀର୍ତ୍ତନିଆଙ୍କ ସାଙ୍ଗରେ ଠାକୁରଙ୍କ ଚାରିପଟ ବୁଲିଛୁ । ମାଲସାଭୋଗ ଖାଇଛୁ । ଦହିହାଣ୍ଡି ଭଙ୍ଗା ଦେଖିଛୁ । ନଗର କୀର୍ତ୍ତନରେ ବୁଲି ହରିଲୁଟ୍ ବାଦାମ ଓ ନଡ଼ିଆ ଗୋଟେଇ ଖାଇଛୁ । ବାଟଓଷା

Digital Copy from the Author

ମଙ୍ଗଳବାର ପୂଜା ଗାଁ'ଦାଣ୍ଡରେ କୋଠି ଖୋଲା ହୋଇ ହୁଏ । ଭୋଗ ଖାଇଛୁ ବୁଲିବୁଲି । ସଞ୍ଜବେଳେ ଅସ୍ତଗାମୀ ସୂର୍ଯ୍ୟଙ୍କ ପାଇଁ ଦାଣ୍ଡ ଲିପାହୋଇ ଦାଣ୍ଡରେ ଭୋଗ ହୁଏ । ଖାଇଛି । ଅଣ୍ଟିରେ ଆଣିଛି ଉଖୁଡ଼ାଭୋଗ । ପଞ୍ଚୁକରେ ରାତିରୁ ଉଠି ଦାଣ୍ଡପହଁରି ସଫା କରିଛି । ଗୋଧୂଳିବୋଲା ଗୋରୁପଲ ଫେରିବା ଦୃଶ୍ୟ ଓ ଗାଈଆଳ ପିଲାର ଡାକ ମୋତେ ଆନନ୍ଦ ଦେଇଛି । ଗାଁ' ଦାଣ୍ଡ ବାଲିରେ ସଜନାଫୁଲ ଆଉ ଗଙ୍ଗଶିଉଳି ଫୁଲ ଝଡ଼ି ଯେଉଁ ଅପୂର୍ବ ଦୃଶ୍ୟ ସୃଷ୍ଟିକରେ ତାହା ମନରୁ ଲିଭିନି ।

ମୋ' ଗାଁ' ଦାଣ୍ଡଦେଇ ବୋହୂ ଆସିଛି ଅନ୍ୟ ଗାଁ'ରୁ । ଏଇ ଗାଁ'ର ଝିଅ ସବୁ ଲୀଳାଖେଳା ସାରି ଶାଶୂଘରକୁ ଯାଇଛି । ବୋହୂଟିଏ ଆଜଣା ଅଶୁଣା ଗାଁ'ରୁ ବୋହୂ ହୋଇ ଏ ଗାଁ'ଦାଣ୍ଡ ଦେଇ ଆସେ । ସବୁ ସାଂସାରିକ କର୍ତ୍ତବ୍ୟ କରି ଚାଲିଯାଏ ଆରପୁରକୁ । ସବୁର ସାକ୍ଷୀ ଏଇ ଗାଁ'ଦାଣ୍ଡ । ଏଠୁ ଚାଲି ଶିଖି, ବଢ଼ି, ଶିଶୁ ମଣିଷ ହୋଇଯାଏ, ବିଦେଶ ଯାଏ ତା'ର ପେଟପୋଷିବା ପାଇଁ । ସବୁର ସାକ୍ଷୀ ଏଇ ଗ୍ରାମପଥ । କବି ବିନୋଦ ନାୟକଙ୍କ ଭାଷାରେ –

'ଏ ପଥରେ ଗ୍ରାମେ ପ୍ରବେଶ ହୁଅଇ ବଧୂ
ବିତରି ବୁକୁର ମମତା ମୁଖର ମଧୁ
ପୁଅଝିଅ ନାତି ନାତୁଣୀରେ ରଖି
ମଶାଣି ଏ ପଥେ ଫେରେ
ଆସିବା ନେଇ ସାକ୍ଷୀ ଏଇ ପଥ
ଫେରିବା ଜନର ବନ୍ଧୁ ।'

ଝିଅଟି ବୋଲି ମନରେ ଭାରି ଦୁଃଖ ଏଇଥି ପାଇଁ ବିଶେଷ କରି ଥିଲା, ମୋତେ ଗାଁ' ଛାଡ଼ିବାକୁ ପଡ଼ିବ । ମୋ' ବାପା ବୋଉ, ଭାଇଭଉଣୀ, ମୋ' ଜେଜେମା'ଙ୍କୁ ଛାଡ଼ିବାକୁ ପଡ଼ିବ । ସେଥିପାଇଁ ମୁଁ ବାହାହେବିନି ବୋଲି ଠିକ୍ କରିଥିଲି । ମୋ' ଗାଁ' ଛାଡ଼ି କୁଆଡ଼େ ଯିବିନି ବୋଲି ଜିଦ୍ କରୁଥିଲି । ପୁଅମାନେ କାହିଁକି ଶାଶୂଘରକୁ ଯିବେନି ଝିଅ କାହିଁକି ଯିବେ ? ମନ ବିଦ୍ରୋହ କରିଉଠେ । ସେଥିପାଇଁ ପାଠ ପଢ଼ିଲି । ଚାକିରି କଲି । ତଥାପି ମୋତେ ଶାଶୂଘରକୁ ଯିବାକୁ ପଡ଼ିଲା । ଏ କୁଆଡ଼େ ବିଧିର ବିଧାନ । ସବୁ ସମ୍ପର୍କ ସବୁ ମମତା ଛଡ଼େଇ ଝିଅଟିଏ ଯିବ କାହା ଛାତି ଫାଟି ନଯିବ ? କବି ବିନୋଦ ନାୟକ ମୋ' ମନ କଥାକୁ ତାଙ୍କ କବିତାରେ ରୂପ ଦେଇଛନ୍ତି –

Digital Copy from the Author

'ଧୂଳିଘର ଛାଡ଼ି ଏ ପଥେ ଚଳଇ ଶାଶୂଘର ଗାଆଁ ଝୁଅ,
ମାଆର ପଣତେ ବନ୍ୟା ରଚଇ ଅମାନିଆ ଆଖି ଲୁହ ।
ଏ ପଥର ସ୍ମୃତି ଚେତନା ଲେଖଇ ସେ କେଉଁ ଜନମ କଥା
ଛାତି ଫାଟିଯାଏ କ୍ରନ୍ଦନେ ତା'ର ବିଧାତା କିମ୍ପାଇ ଏ ବିଧାନ କଲା କୁହ ?'

ବିଧିର ବିଧାନକୁ ମାନିନେଇ ଜୀବନର ସବୁ ସୁଖକୁ ଉଜେଁଇ ଦେଇ ମୋ' ବାପା, ବୋଉ, ଜେଜେମା' ଭାଇ ଭଉଣୀଙ୍କ ବନ୍ଧନକୁ ଛିଡ଼େଇ ସେମାନଙ୍କୁ ଆଖି ଲୁହରେ ଭସେଇ ମୁଁ ଶାଶୂଘରକୁ ଗଲି । ମୋ' ପିଲାଦିନର ସାଥୀ ଏଇ ଗାଁ'ଦାଣ୍ଡ ଦେଇ ସବାରିରେ ବସି ଛାତିରେ ଛାତିଏ କୋହ, ଆଖିରେ ଧାରା ଶ୍ରାବଣରେ ଭିଜି ଭିଜି ଗାଁ'ରୁ ବିଦାୟନେଇ ମୋ' ସବାରି ଧରିଧରି ଗାଁ' ଶେଷମୁଣ୍ଡ ପର୍ଯ୍ୟନ୍ତ ଯାଉଥିଲେ ମୋର ଦିଗଦର୍ଶକ, ମୋର ଗୁରୁ ମୋ' ନିରଦାଦା । ଗାଁ'ଦାଣ୍ଡ ଦେଇ ଗଲାବେଳେ ମୋତେ ଶୁଭୁଥିଲା ମୋ' ବାପା, ବୋଉ, ଜେଜେମା'ଙ୍କର କାନ୍ଦର ପ୍ରତିଧ୍ୱନି । ଶାଶୂଘରକୁ ଯିବା ପର୍ଯ୍ୟନ୍ତ ମୋ' ମନରେ ପ୍ରତିଧ୍ୱନିତ ହେଲା ମୋ' ବାପାଙ୍କର ଓ ମୋର ପ୍ରିୟ ଗୀତ –

'ମମତା ମଧୁର ପ୍ରିୟ ଜନ ସ୍ନେହ ପ୍ରୀତି
ତେଜି ପିତାମାତା କୋଳ ଶଇଶବ ସାଥୀ
ସ୍ୱାମୀ ସାଥେ ନେଇ ସତୀ ସିନ୍ଦୂର ମଥାରେ
କିଶୋରୀ... ବଧୁବେଶେ ଆନଗାଏ ଚଳେ... ।

ସବୁଜ ବନର ଶିରି ନଈ ତୋଟାମାଳ
କୁଆଁର ପୁନେଇ ପୁଚି ରଜଦୋଳି ଖେଳ
ମନେ ଭାସିଯାଏ ବିଦାୟ ବେଳାରେ
ନୟନୁ - ନୀର ଧାର ଝରଝର ଝରେ... ।

ବାଟଘାଟ ପୂଜାପୀଠ ଦେବତା ମନ୍ଦିରେ
ସୁନେଲି ସପନଭରା ଦିନ ଅତୀତର
ସାଥୀ ତେଜି ସାଥୀ ବରିଯାଏ ଶାଶୂଘରେ
ଜୀବନେ-ଲୀଳା ଖେଳା ସାରିବା ପରେ... ।'

□□□

Digital Copy from the Author

ବର୍ତ୍ତମାନ ଯେମିତି ଅତୀତର, ସନ୍ଧ୍ୟା ଯେମିତି ସକାଳର ସ୍ମୃତିକୁ ଖୋଜିହୁଏ, ଜୀବନର ଅପରାହ୍ଣରେ ମଣିଷ ସେମିତି ଆପଣାର ପିଲାଦିନକୁ ମନେପକେଇ ଆତ୍ମବିଭୋର ହୋଇଉଠେ - 'ଆଃ କାହିଁ ଗଲା ସେ ମଧୁମୟ ଅତୀତ !' ପିଲାଦିନର ସେହି ସ୍ମୃତିସଜଳ ଅତୀତକୁ ସାଉଁଟି ସାଉଁଟି ଅକ୍ଷରରେ ସଜେଇଛନ୍ତି ଶ୍ରୀମତୀ ମଞ୍ଜୁବାଳା ଦାସ । ସ୍କୁଲ୍ ଜୀବନରୁ ଗଳ୍ପ,କବିତା ଓ ପ୍ରବନ୍ଧ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ଆସୁଛନ୍ତି । ପ୍ରଜାତନ୍ତ୍ର, ଆସନ୍ତାକାଲିଠାରୁ ଆରମ୍ଭ କରି ଅମୃତାୟନ, ନବରବି ଆଦି ସାଂପ୍ରତିକ ଅଗ୍ରଣୀ ପତ୍ରପତ୍ରିକାରେ ତାଙ୍କ ଲେଖା ପ୍ରକାଶିତ ହୋଇଆସୁଛି । ତାଙ୍କ କବିତା ପୁସ୍ତକ 'ବାଲିଘର' ଓ 'ମନ ନିର୍ଝର' ପାଠକୀୟ ଆଦୃତି ଲାଭ କରିଛି ।

ତାଙ୍କ ବୋଉ ଶ୍ରୀମତୀ ଧୀରପ୍ରିୟା ଦାସ ଜଣେ ଅନନ୍ୟା ପାଠିକା; ବାପା ଶ୍ରୀ ହରମୋହନ ଦାସ ଥିଲେ ଜଣେ ଆଦର୍ଶ ଶିକ୍ଷକ । ବାପାଙ୍କ ବୃତ୍ତିକୁ ଆପଣେଇ ଜୀବନର ଦୀର୍ଘ ଚାଳିଶି ବର୍ଷ ବିଭିନ୍ନ ହାଇସ୍କୁଲ୍‌ରେ ଶିକ୍ଷକତା କରି ପିଲାଙ୍କ ସହ ଓତପ୍ରୋତ ମିଶି ରହିଥିବାରୁ ହୁଏତ ମଞ୍ଜୁବାଳାଙ୍କ ଶୈଶବର ସ୍ମୃତି ଅତୁଟ, ଅକ୍ଷତ,ଏବଂ ଜୀବନ୍ତ ରହିଛି । ଶ୍ରୀମତୀ ମଞ୍ଜୁବାଳା ଦାସଙ୍କ ଜନ୍ମ ଏପ୍ରିଲ୍ ୧୩ ତାରିଖ ୧୯୫୭, ଜଗତସିଂହପୁର ଜିଲ୍ଲା ରାହାମା ନିକଟବର୍ତ୍ତୀ ମୁଥାପଦା ଗ୍ରାମରେ ଏବଂ ବର୍ତ୍ତମାନର ଆବାସ ଭୁବନେଶ୍ୱର, ମୈତ୍ରୀଜନପଦ, ନହରକଣ୍ଟାର 'ଆମଘର' ।

ପାଠିକା

Digital Copy from the Author